# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୫/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, September 25/2024 Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 302 | ମୂଲ୍ୟ ₹୭/-




### ଅକ୍ଟୋବର ୬ରୁ ବିଗ୍‌ବସ୍‌ ୧୮

ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍‌ ୧୮ ଆସନ୍ତା ଅକ୍ଟୋବର ୬ରୁ ଆରମ୍ଭ ହେବାକୁ ଯାଉଥିବା ନେଇ ଏହାର ପ୍ରୋମୋ ଜାରି ହୋଇଛି।

୧୧

୧୨

### ବିଜୟ ସୁନ୍ଦରଙ୍କୁ ପ୍ରଥମ ଏଟିପି ଟାଇଟଲ

ହାଙ୍ଗଝୋ ପୁରୁଷ ଡବଲ୍ସ ଇଭେଣ୍ଟ ଜିତି କ୍ୟାରିୟର ପ୍ରଥମ ଏଟିପି ଟାଇଟଲ ହାସଲ କରିଛନ୍ତି ଭାରତର ବିଜୟ ସୁନ୍ଦର ପ୍ରଶାନ୍ତ।



# ନାବାଳିକାଙ୍କୁ ହତ୍ୟାକଲେ ପ୍ରିନ୍ସିପାଲ

## ବଳାତ୍କାରକୁ ବିରୋଧ କରିବାରୁ ବର୍ବରତା

**ଅହମଦାବାଦ,୨୪।୯**

ଦେଶରେ ଗତ କିଛିଦିନ ହେଲା ମହିଳା ବିରୋଧୀ ଯୌନ ଅପରାଧ ବଢ଼ିବାରେ ଲାଗିଛି। ବଳାତ୍କାରର ପ୍ରତିରୋଧ କରିବାରୁ ପୀଡ଼ିତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ଗୁଜରାଟର ଦାହୋଡ଼ ଜିଲାରେ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ପ୍ରଥମ ଶ୍ରେଣୀରେ ପଢୁଥିବା ୬ ବର୍ଷର ବାଳିକାଙ୍କୁ ସ୍କୁଲ୍ ପ୍ରିନ୍ସିପାଲ ବଳାତ୍କାର ଉଦ୍ୟମ କରିଥିଲେ। ସେ ପ୍ରତିରୋଧ କରିବାରୁ ପ୍ରିନ୍ସିପାଲ ତାଙ୍କ ଗଳା ଦବାଇ ହତ୍ୟା କରିଛନ୍ତି। ଏହା ପରେ ସେ ନାବାଳିକାଙ୍କ ମୃତଦେହକୁ ସ୍କୁଲ ହତାରେ ଫିଙ୍ଗିଦେଇଥିଲେ। ପୋଲିସ ୫୫ ବର୍ଷୀୟ ଅଭିଯୁକ୍ତ ଗୋବିନ୍ଦ ନାଟଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ସ୍କୁଲ୍ ପରିସରରୁ ନାବାଳିକାଙ୍କ ମୃତଦେହ ମିଳିବା ପରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପୋଲିସ ମାମଲା ରୁଜୁକରି ମାମଲାର ତଦନ୍ତ ପାଇଁ ୧୦ ଜଣିଆ ଟିମ୍ ଗଠନ କରିଥିଲା। ନାବାଳିକାଙ୍କ ମାଆଙ୍କ କହିବା ଅନୁଯାୟୀ ଝିଅ ସବୁଦିନ ଭଳି ସେଦିନ ପ୍ରିନ୍ସିପାଲ ଗୋବିନ୍ଦଙ୍କ ☞ପୃଷ୍ଠା-୨

## ବଢ଼ୁଛି ମହିଳା ବିରୋଧୀ ଯୌନ ଅପରାଧ



## ୬ ବର୍ଷୀୟାଙ୍କୁ ବଳାତ୍କାରରୁ ରକ୍ଷାକଲେ ମାଙ୍କଡ଼

**ଲକ୍ଷ୍ନୌ,୨୪।୯**

ଉତ୍ତରପ୍ରଦେଶର ବାଗପତ୍ ଜିଲାରେ ୬ ବର୍ଷର ଝିଅଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରୁଥିବାବେଳେ ମାଙ୍କଡ଼ ପଲ ଯୋଗୁ ନାବାଳିକା ଜଣକ ବର୍ତ୍ତିଯାଇଛନ୍ତି। ଗତ ଶନିବାର ନାବାଳିକା ନିଜ ଘର ବାହାରେ ଖେଳୁଥିବାବେଳେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଘରକୁ ନେଇଯାଇଥିଲେ। ନାବାଳିକାଙ୍କ ପୋଷାକ ଖୋଲି ବଳାତ୍କାର ଉଦ୍ୟମ କରୁଥିବାବେଳେ ମାଙ୍କଡ଼ପଲ ଆକ୍ରମଣ କରିବାରୁ ସେ ସେଠାରୁ ପଳାଇଯାଇଥିଲେ। ଯୁକେଜି ଛାତ୍ରୀଜଣକ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ମାଙ୍କଡ଼ମାନେ କିପରି ତାଙ୍କୁ ରକ୍ଷାକଲେ ତାହା କହିଥିଲେ। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ସାଙ୍ଗରେ ନେଇ ଏକ ସଂକୀର୍ଣ୍ଣ ଗଳିରେ ଚାଲିଚାଲି ଯାଉଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ସେ ଶିଶୁକୁ ମାରିଦେବା ପାଇଁ ଧମକ ଦେଇଛି। ମାଙ୍କଡ଼ ପଲ ପହଞ୍ଚି ନ ଥିଲେ ଅଭିଯୁକ୍ତ ମୋ ଝିଅକୁ ମାରିଦେଇଥାନ୍ତା ବୋଲି ଶିଶୁର ବାପା କହିଛନ୍ତି।

## ମହିଳା ଭଡ଼ାଟିଆଙ୍କ ପାଇଖାନା, ବେଡ୍‌ରୁମ୍‌ରେ ଗୁପ୍ତ କ୍ୟାମେରା

**ନୂଆଦିଲ୍ଲୀ,୨୪।୯**

ମହିଳା ଭଡ଼ାଟିଆଙ୍କ ଭିଡିଓ ପ୍ରସ୍ତୁତ କରିବାକୁ ତାଙ୍କ ବେଡ୍‌ରୁମ୍ ଓ ପାଇଖାନାରେ ଦିଲ୍ଲୀ ଶାକରପୁର ଅଞ୍ଚଳର ଜଣେ ୩୦ ବର୍ଷୀୟ ଯୁବକ ଗୋପନରେ ସ୍ପାଏ କ୍ୟାମେରା ଲଗାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ ମହିଳା ଜଣକ ଶାକରପୁରରେ ଏକ ଭଡ଼ାଘରେ ଏକୁଟିଆ ରହି ସିଭିଲ୍ ସର୍ଭିସ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଘର ମାଲିକଙ୍କ ପୁଅ ଅଭିଯୁକ୍ତ କରନ ବିଷ୍ଟ୍‌ର ଅନ୍ୟ ମହଲାରେ ରହୁଥିବାରୁ ମହିଳା ଜଣକ ଘରର ଚାବି ତାଙ୍କୁ ଦେଇ ନିଜ ଗାଁକୁ ଯାଉଥିଲେ। ମହିଳା ନିଜ ହ୍ୱାଟ୍ସଆପ୍ ଆକାଉଣ୍ଟରେ କେତେକ ଅଜବ ଘଟଣା ଦେଖିଥିଲେ। ହ୍ୱାଟ୍ସଆପ୍ ସହ ଏକ ଅଜଣା ଲାପ୍‌ଟପ୍ ଲିଙ୍କ୍ ହୋଇଥିବା ଜାଣିବା ପରେ ସେ ଏହାକୁ ତୁରନ୍ତ ଲଗ୍‌ଆଉଟ୍ କରିଦେଇଥିଲେ। ତାଙ୍କ ଉପରେ କେହି ଗୁପ୍ତଚରଗିରି କରୁଥିବା ମହିଳା ସନ୍ଦେହ କରି ଆପାର୍ଟମେଣ୍ଟରେ ଖୋଜାଖୋଜି କରିବାରୁ ବାଥ୍‌ରୁମ୍‌ରେ ଲାଗିଥିବା ☞ପୃଷ୍ଠା-୨

## ୧୦ ମାସର ଶିଶୁକୁ ବଳାତ୍କାର

**ଭାରୁଚ,୨୪।୯**

ଗୁଜରାଟର ଭାରୁଚ୍ ଜିଲାରେ ରବିବାର ଆଉ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜିଲାର ପାନୋଲି ଗ୍ରାମରେ ଏକ ୧୦ମାସର ଶିଶୁଙ୍କୁ ବଳାତ୍କାର କରାଯାଇଛି। ପିଲାଟି ଘର ଅଗଣାରେ ଖେଳୁଥିବାବେଳେ ଅଭିଯୁକ୍ତ ଦୀପକ କୁମାର ଲାଲବାବୁ ସିଂ ତାଙ୍କୁ ନିଜ ଘରକୁ ନେଇଯାଇ ବଳାତ୍କାର କରିଥିଲେ।

ପୋଲିସ କହିବା ଅନୁଯାୟୀ ଶିଶୁଟିର ମାଆ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି। ଅଭିଯୁକ୍ତ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ ଓ ଶିଶୁଟି ସହ ଖେଳୁଥିଲେ। ☞ପୃଷ୍ଠା-୨

## ଥାନାବାବୁଙ୍କୁ ତୀରମାଡ଼

**ବଣାଇଁ,୨୪।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ବଡ଼ଜଲ ଗାଁରେ ଜଣେ ଯୁବକଙ୍କ ତୀର ମାଡ଼ରେ ଥାନା ଆଇଆଇସି ସୁରେଶ ଚନ୍ଦ୍ର ପ୍ରଧାନ ଆହତ ହୋଇଛନ୍ତି। ଯୁବକଙ୍କ ନାମ ସୁଦନ ମୁଣ୍ଡା ଓ ତାଙ୍କ ଘର ବଡଜଲ ଗ୍ରାମର ପିଣ୍ଡିକା ସାହି ବୋଲି ଜଣାପଡିଛି। ପ୍ରେମ ପ୍ରତାରଣା ନେଇ ଯୁବକଙ୍କ ମସ୍ତିଷ୍କ ଖରାପ ଥିବା ଓ ଏଥିନେଇ ସେ ଏକ ଅଭିଯୋଗ ପତ୍ର ମହୁଲପଦା ଥାନାରେ ପୂର୍ବରୁ ଦେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସୁଦନ ସୋମବାରଠାରୁ ବଡ଼ଜଲ ସ୍କୁଲକୁ ଅକ୍ତିଆର କରି ନିଜର ବୋଲି ଦାବି କରି ଆସୁଛନ୍ତି। କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ଆକ୍ରମଣ କରିବା ପରେ ମଙ୍ଗଳବାର ସ୍କୁଲ ଛାତ ଉପରେ ବସିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ମହୁଲପଦା ଆଇଆଇସି ପ୍ରଧାନ ସଦଳବଳ ପହଞ୍ଚି ଯୁବକଙ୍କୁ କାବୁ କରିବାକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅସ୍ପଷ୍ଟ କୂଟନୀତି**








କୋଲକାତାସ୍ଥିତ ଆଲିପୁର ପ୍ରାଣୀ ଉଦ୍ୟାନକୁ ମଙ୍ଗଳବାର ୧୫୦ ବର୍ଷ ପୂରିଥିବାବେଳେ ଏନ୍‌କ୍ଲୋଜରରେ ପଞ୍ଝା ଲଢ଼ାଉଛନ୍ତି ୨ ସିମ୍ପାଞ୍ଜି।

# ନକଲି ତେଲ, ନାମୀ ବ୍ରାଣ୍ଡ

**ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)**

## କାରଖାନା ସିଲ୍

ଦକ୍ଷିଣ ଓଡ଼ିଶାର ବାଣିଜ୍ୟିକ ପେଣ୍ଠସ୍ଥଳ ବ୍ରହ୍ମପୁରରେ ନକଲି ଖାଦ୍ୟ ସାମଗ୍ରୀ ଚିନ୍ତା ବଢ଼ାଇଛି। ଗୋଟିଏ ପରେ ଗୋଟିଏ ନକଲି କାରଖାନା ଠାବ ହେଉଥିବାରୁ ଯେକୌଣସି ଜିନିଷ କିଣିବା ବେଳେ ଗ୍ରାହକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ସହରରେ ପୂର୍ବରୁ ନକଲି ଚା'ପତି, ଅମୁଲ, ଘିଅ, ହଳଦୀଗୁଣ୍ଡ, ମସଲାଗୁଣ୍ଡ, ଟମାଟୋ ସସ୍, ଚିଲିସସ୍, ମୃଦୁପାନୀୟ ଓ ପାଣି ବୋତଲ କାରଖାନା ସିଲ୍ ହୋଇଥିବାବେଳେ ମଙ୍ଗଳବାର ଅପମିଶ୍ରିତ ଖାଇବା ତେଲ କାରଖାନା ଠାବ ହୋଇଛି। ବଡ଼ବଜାର ଅଞ୍ଚଳର ଏହି କାରଖାନା ଉପରେ ପୋଲିସ ଚଢ଼ାଉ କରି ବିପୁଳ ଅପମିଶ୍ରିତ ପାମୋଲିନ ତେଲ, ସୋରିଷ ତେଲ, ରାଶି ତେଲ ଜବତ କରିଛି। ଏହି ମାମଲାରେ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ବ୍ୟବସାୟୀ ଜଣକ ୬ ବର୍ଷ ହେଲା ଭେଜାଲ ତେଲ ପ୍ରସ୍ତୁତ କରି ନାମୀଦାମୀ ବ୍ରାଣ୍ଡ ଲଗାଇ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ବିକ୍ରି କରୁଥିବା ତାଙ୍କୁ ଜେରାବେଳେ ଜଣାପଡ଼ିଛି। ପୋଲିସ ପ୍ରଶାସନ ଚଢ଼ାଉ ପରେ ଚୁପ୍ ବସିଯାଉଥିବାବେଳେ ନକଲି ସାମଗ୍ରୀ କାରବାରରେ ଗିରଫ ବ୍ୟକ୍ତିମାନେ ଜାମିନରେ ମୁକୁଳି ପୁଣି ଜାଲିଆତିରେ ଲିପ୍ତ ରହୁଥିବା କୁହାଯାଉଛି। ବ୍ରହ୍ମପୁର ବଡ଼ବଜାର ପୋଲିସ ସପ୍ତାହକ ମଧ୍ୟରେ ପୃଥକ୍ ପୃଥକ୍ ୩ ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରିଥିଲା। ଗତ ୧୬ ତାରିଖରେ ☞ପୃଷ୍ଠା-୨

# ସିଦ୍ଧି ବିନାୟକଙ୍କ ପ୍ରସାଦରେ ମୂଷା

**ମୁମ୍ବାଇ, ୨୪।୯**

ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରରେ ଭକ୍ତଙ୍କୁ ଦିଆଯାଉଥିବା ଲଡୁରେ ଗୋରୁ ଚର୍ବି ଓ ମାଛ ତେଲ ମିଶିଥିବାକୁ ନେଇ ବିବାଦ ଥମି ନ ଥିବା ବେଳେ ଦେଶର ବହୁ କୋଟି ଗଣେଶ ଭକ୍ତଙ୍କ ଆସ୍ଥା କେନ୍ଦ୍ର ଭାବେ ପରିଚିତ ମୁମ୍ବାଇର ସିଦ୍ଧି ବିନାୟକ ଗଣପତି ମନ୍ଦିରର ପ୍ରସାଦ ପ୍ୟାକେଟରେ ମୂଷା ଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଏକ ନୀଳ ରଙ୍ଗର ଟ୍ରେରେ ଲଡୁ ଥିବା ଅନେକ ପ୍ୟାକେଟ ରଖାଯାଇଛି। ଉକ୍ତ ଲଡୁ ପ୍ୟାକେଟଗୁଡ଼ିକ ମଧ୍ୟରେ ମୂଷା ଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ସିଦ୍ଧି ବିନାୟକ ମନ୍ଦିରରେ ମିଳୁଥିବା ପ୍ରସାଦର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓକୁ ଶ୍ରୀ ସିଦ୍ଧି ବିନାୟକ ଗଣପତି ☞ପୃଷ୍ଠା-୨






## ସଂକ୍ଷେପରେ

### ହରିନୀ ଅମରସୂର୍ଯ୍ୟା ଶ୍ରୀଲଙ୍କାର ନୂତନ ପ୍ରଧାନମନ୍ତ୍ରୀ



**କଲୋମ୍ବୋ, ୨୪।୯**

ଶ୍ରୀଲଙ୍କାରେ ଅନୁରା କୁମାର ଦିସାନାୟକେ ରାଷ୍ଟ୍ରପତି ହେବା ପରେ ମଙ୍ଗଳବାର ନ୍ୟାଶନାଲ ପିପୁଲ୍ସ ପାୱାର(ଏନ୍‌ପିପି) ନେତା ହରିନୀ ଅମରସୂର୍ଯ୍ୟା ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କୁ ରାଷ୍ଟ୍ରପତି ଦିସାନାୟକେ ଶପଥପାଠ କରାଇଛନ୍ତି। ଅମରସୂର୍ଯ୍ୟାଙ୍କୁ ଆଇନ, ଶିକ୍ଷା, ଶ୍ରମ, ଉଦ୍ୟୋଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ ଆଦି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ଅମରସୂର୍ଯ୍ୟା ପୂର୍ବତନ ପ୍ରଧାନମନ୍ତ୍ରୀ ଦୀନେଶ ଗୁଣବର୍ଦ୍ଧନେଙ୍କ ସ୍ଥାନ ନେଇଛନ୍ତି। ରାଷ୍ଟ୍ରପତି ନିର୍ବାଚନର ଫଳ ଆସିବା ପରେ ଗୁଣବର୍ଦ୍ଧନେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଅମରସୂର୍ଯ୍ୟା ହେଉଛନ୍ତି ଶ୍ରୀଲଙ୍କା ଇତିହାସର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ।

# ଟ୍ରେନ୍ ଦୁର୍ଘଟଣା ପାଇଁ ଷଡ଼ଯନ୍ତ୍ର

- ୩ ରେଳ କର୍ମଚାରୀ ଗିରଫ
- ରେଳ ଲାଇନ୍‌ରୁ ୭୧ ଲକ୍ ଖୋଲି ୨ ଫିସ୍‌ପ୍ଲେଟ୍ କାଢ଼ିଥିଲେ

**ଅହମଦାବାଦ,୨୪।୯**



ଗିରଫ ହୋଇଥିବା ୩ ରେଳ କର୍ମଚାରୀ।

ଗୁଜରାଟରେ ଟ୍ରେନ୍ ଦୁର୍ଘଟଣା ପାଇଁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। ଏହି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ ରେଳୱେର ୩ ଜଣ କର୍ମଚାରୀ। ଗୁଜରାଟର କିମ୍ ଏବଂ କୋସାମ୍ବା ରେଳଷ୍ଟେଶନ ମଧ୍ୟବର୍ତ୍ତୀ ରେଳଲାଇନ୍‌ରୁ୭୦ରୁଊର୍ଦ୍ଧ୍ୱଲକ୍‌ଖୋଲାଯିବା ସହ ୨ଟି ଫିସ୍‌ପ୍ଲେଟ୍ କାଢ଼ିନିଆଯାଇଥିଲା। ଶନିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ସମୟରେ ଟ୍ରେନ୍ ଆସିଥିଲେ ଦୁର୍ଘଟଣା ହେବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ଟ୍ରେନ୍ ଆସିବା ପୂର୍ବରୁ ଏହା ଧରାପଡ଼ିଯିବାରୁ ବଡ଼ ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥିଲା। ଏହି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଜଣେ ଟ୍ରାକ୍‌ମ୍ୟାନ ଏବଂ ଅନ୍ୟ ୨ ଜଣ ରେଳ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପଦୋନ୍ନତି ଏବଂ ଅଧିକ ଅଫ୍ ଡେ' ପାଇବା ପାଇଁ ସେମାନେ ଅନେକ ଶହ ଜୀବନକୁ ବିପଦ ମୁହଁକୁ ଠେଲିଦେବାକୁ ଉଦ୍ୟମ କରିଥିଲେ।

ଶନିବାର ଭୋର ୫ଟା ୨୫ ମିନିଟ୍ ସମୟରେ ଟ୍ରାକ୍‌ମ୍ୟାନ୍ ସୁଭାଷ ପୋଦାର କିମ୍ ଏବଂ କୋସାମ୍ବା ଷ୍ଟେଶନ ମଧ୍ୟବର୍ତ୍ତୀ ରେଳଲାଇନରୁ ଅନେକ ଲକ୍ ଖୋଲାଯିବା ସହ ୨ଟି ଫିସ୍‌ପ୍ଲେଟ୍ କଢ଼ାଯାଇଥିବା ଦେଖି ରେଳୱେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେଗୁଡ଼ିକୁ ପାଖ ରେଳଲାଇନରେ ରଖାଯାଇଥିଲା। ପୋଦାର ପାଟ୍ରୋଲ ଡ୍ୟୁଟିରେ ଥିଲେ। ତାଙ୍କୁ ଦେଖି ଟ୍ରାକ୍ ନିକଟରେ ଥିବା ୩ ଜଣ ଦୌଡ଼ି ପଳାଇଥିଲେ ବୋଲି ସେ କହିଥିଲେ। ଏହି ଷଡ଼ଯନ୍ତ୍ର ଧରାପଡ଼ିବାର କିଛି ସମୟ ପୂର୍ବରୁ ଉକ୍ତ ଲାଇନରେ ଦିଲ୍ଲୀ-ମୁମ୍ବାଇ ରାଜଧାନୀ ଏକ୍ସପ୍ରେସ୍ ସମେତ ୨ଟି ଟ୍ରେନ୍ ଯାଇଥିଲା। ଅନ୍ୟ ଏକ ଟ୍ରେନ୍ ଉକ୍ତ ଲାଇନ୍ ଦେଇ ଅତିକ୍ରମ କରିବାକୁ ଥିବାବେଳେ ତାହାକୁ କୋସାମ୍ବା ଷ୍ଟେଶନରେ ଅଟକାଇ ଦିଆଯାଇଥିଲା। ତୁରନ୍ତ ରେଳଲାଇନକୁ ମରାମତି କରାଯିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଷଡ଼ଯନ୍ତ୍ରରେ ପୋଦାର ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା। କାରଣ ସେ ଯେଉଁ ସମୟରେ ଘଟଣା ସମ୍ପର୍କରେ ରେଳ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, ତାହାର ବହୁ ପୂର୍ବରୁ ଉକ୍ତ ଘଟଣାର ଫଟୋ ନିଜ ମୋବାଇଲ ଫୋନ୍‌ରେ ଉତ୍ତୋଳନ କରିଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ୩ ଜଣଙ୍କୁ ମୁହାଁମୁହିଁ ଜେରା କରିବା ପରେ ସେମାନେ ଅପରାଧ ସ୍ୱୀକାର କରିଛନ୍ତି।

# ସିଦ୍ଧାରାମାୟାଙ୍କ ବିରୋଧରେ ତଦନ୍ତ ହେବ

**ବେଙ୍ଗାଲୁରୁ,୨୪।୯(ପି.ଟି.)**

### ଏମ୍‌ୟୁଡିଏ ଦୁର୍ନୀତି: ରାଜ୍ୟପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ ପିଟିଶନ ଖାରଜ



ମହୀଶୂର ଅର୍ବାନ ଡେଭେଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଜମି ଦୁର୍ନୀତି ମାମଲାରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ତଦନ୍ତ ପାଇଁ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ଅନୁମୋଦନକୁ ସିଦ୍ଧାରାମାୟା କର୍ନାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମଙ୍ଗଳବାର ଉକ୍ତ ପିଟିଶନକୁ ଖାରଜ କରିଦେଇଥିବାରୁ ସିଦ୍ଧାରାମାୟାଙ୍କୁ ଶକ୍ତ ଝଟକା ଲାଗିଛି।

ଜଷ୍ଟିସ୍ ନାଗପ୍ରସନ୍ନ କହିଛନ୍ତି, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ମୋକଦ୍ଦମା ଚଳାଇବା ପାଇଁ ଅନୁମୋଦନ କରିବାରେ ରାଜ୍ୟପାଳ ନିଜ ମସ୍ତିଷ୍କର ସର୍ବାଧିକ ଉପଯୋଗ କରିଛନ୍ତି। ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନରେ କୌଣସି ତ୍ରୁଟି ନାହିଁ। ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିବା ସହ ପିଟିଶନକୁ ଖାରଜ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘ୍‌ଭି ଉପସ୍ଥିତ ରହି ରାଜ୍ୟପାଳଙ୍କ ନିର୍ଦ୍ଦେଶ ଉପରେ ୨ ସପ୍ତାହ ସ୍ଥଗିତାଦେଶ ଲଗାଇବାକୁ କରିଥିବା ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ରାୟ ଫଳରେ ସିଦ୍ଧାରାମାୟାଙ୍କ ବିରୋଧରେ ଏତଲା ଦାଏର ସମେତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଥ ପରିଷ୍କାର ହୋଇଯାଇଛି।

ମହୀଶୂର ଅର୍ବାନ ଡେଭେଲପ୍‌ମେଣ୍ଟ ଅଥରିଟି ଏହାର ପ୍ରମୁଖ ସ୍ଥାନରେ ଥିବା ୧୪ଟି ଜମିକୁ ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କୁ ଆବଣ୍ଟନ କରିବାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଦୁର୍ନୀତି ନିବାରଣ ଆଇନର ଧାରା ୧୭ଏ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୨୧୮ ଅନୁଯାୟୀ ଅଗଷ୍ଟ ୧୬ରେ ରାଜ୍ୟପାଳ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାୟ ଉପରେ ପ୍ରତିକ୍ରିୟା ଦେଇ ସିଦ୍ଧାରାମାୟା କହିଛନ୍ତି, ନ୍ୟାୟପାଳିକା ଉପରେ ତାଙ୍କର ଆସ୍ଥା ରହିଛି। ଭାଜପାର ପ୍ରତିଶୋଧ ରାଜନୀତିକୁ ସେ ନିନ୍ଦା କରିଛନ୍ତି।

### ଏନ୍‌ଆର୍‌ଆଇ କୋଟା: ହାଇକୋର୍ଟଙ୍କ ରାୟ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୨୪।୯**

ପଞ୍ଜାବରେ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ ଏବଂ ଡେଣ୍ଟାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ରାଜ୍ୟ ସରକାର 'ଏନ୍‌ଆର୍‌ଆଇ କୋଟା' ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଖାରଜ କରିଦେବା ପରେ ପଞ୍ଜାବ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ପଞ୍ଜାବ ସରକାରଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଏଭଳି ଜାଲିଆତି ଏବେ ବନ୍ଦ ହେବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି। ମେଡିକାଲ ପାଠ୍ୟକ୍ରମରେ ଏନ୍‌ଆର୍‌ଆଇମାନଙ୍କ ଦୂର ସମ୍ପର୍କୀଙ୍କୁ ଏନ୍‌ଆର୍‌ଆଇ ସଂରକ୍ଷଣ ପରିସରଭୁକ୍ତ କରିବା ପାଇଁ ପଞ୍ଜାବ ସରକାର ଅଗଷ୍ଟ ୨୦ରେ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ପାଇଁ ନାମଲେଖାରେ ୧୫% ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ସେପ୍ଟେମ୍ବର ୧୦ରେ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଖାରଜ କରିଦେଇଥିଲେ।

# ଇସ୍ରାଏଲ୍ ଆକ୍ରମଣ ମୃତ୍ୟୁସଂଖ୍ୟା ୫୫୮

## ୨୦୦ ରକେଟ ମାଡ଼କଲା ହେଜ୍‌ବୋଲ୍ଲା



ଇସ୍ରାଏଲ୍ ବୋମାମାଡ଼ରେ ବେରୁଟ୍‌ରେ ଧ୍ୱଂସପ୍ରାପ୍ତ ଏକ ବିଲ୍ଡିଂରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

**ବେରୁଟ୍,୨୪।୯**

ଲେବାନନ୍‌ରେ ଇସ୍ରାଏଲ୍ ସେନାର ଏୟାରଷ୍ଟ୍ରାଇକ୍‌ରେ ମୃତ୍ୟୁସଂଖ୍ୟା ୫୫୮ରେ ପହଞ୍ଚିଥିବାବେଳେ ୧୬୪୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫୦ ଜଣ ପିଲା ଓ ୯୪ ମହିଳା ରହିଛନ୍ତି। ୨୦୦୬ ଯୁଦ୍ଧ ପରେ ଲେବାନନ୍‌ରେ ଏହା ଇସ୍ରାଏଲ୍‌ର ସବୁଠୁ ବଡ଼ ଘାତକ ଆକ୍ରମଣ। ଏହାର ଜବାବରେ ହେଜ୍‌ବୋଲ୍ଲା ଉତ୍ତର ଇସ୍ରାଏଲ୍‌କୁ ଟାର୍ଗେଟ କରି ୨୦୦ ରକେଟ୍ ମାଡ଼ କରିଛି।

ସୋମବାର ରାତିରେ ଉତ୍ତର ଇସ୍ରାଏଲ୍‌ର ହାଇଫା, ଅଫୁଲା, ନାଜାରେଥ୍ ଓ ଅନ୍ୟାନ୍ୟ ସହରରେ ଥିବା ଇସ୍ରାଏଲୀ ସେନା ଘାଟି ଓ ଏୟାରଫିଲ୍ଡକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଗତବର୍ଷ ଅକ୍ଟୋବର ୭ରୁ ଗାଜାରେ ଇସ୍ରାଏଲ୍ ହମାସ୍ ଆତଙ୍କବାଦୀ ସଂଗଠନ ବିରୋଧରେ ଯୁଦ୍ଧ ଚଳାଇଥିବାବେଳେ ଲେବାନନରେ ଆକ୍ରମଣ ଯୋଗୁ ଉକ୍ତ ଅଞ୍ଚଳରେ ବଡ଼ ଧରଣର ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ସଂଯମତା ଅବଲମ୍ବନ କରିବା ପାଇଁ ବିଭିନ୍ନ ଦେଶ ଆହ୍ୱାନ ଦେଇଛନ୍ତି।

ହେଜ୍‌ବୋଲ୍ଲାର ୧,୬୦୦ଟି ସ୍ଥାନକୁ ଟାର୍ଗେଟ କରି ଇସ୍ରାଏଲ୍ ସେନା ବୋମାମାଡ଼ କରିବା ସହ ଦକ୍ଷିଣ ଲେବାନନ୍‌ର ଲୋକମାନଙ୍କୁ ଘରଦ୍ୱାର ଛାଡ଼ି ପଳାଇଯିବାକୁ ପରାମର୍ଶ ଦେଇଥିଲା। ଲକ୍ଷାଧିକ ଲୋକ ସେମାନଙ୍କ ଗାଁ ଓ ସହର ଛାଡ଼ି ପଳାୟନ କଲେଣି।

### ହେଜ୍‌ବୋଲ୍ଲା କମାଣ୍ଡର ନିହତ

ବେରୁଟ୍‌ର ଦକ୍ଷିଣ ଭାଗରେ ମଙ୍ଗଳବାର ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା କମାଣ୍ଡର ନିହତ ହୋଇଛନ୍ତି। ମୃତ କମାଣ୍ଡର ଇବ୍ରାହିମ୍ କୁବାଇସି ଆତଙ୍କବାଦୀ ସଂଗଠନ ରକେଟ ବିଭାଗର ନେତୃତ୍ୱ ନେଉଥିଲେ। ଆକ୍ରମଣରେ କମାଣ୍ଡରଙ୍କ ସମେତ ୬ ଜଣ ନିହତ ହୋଇଥିବାବେଳେ ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନକୁ ଆଉ ଏକ ଶକ୍ତ ଧକ୍କା ହୋଇଛି।

### କୋରାନ୍ ପୋଡ଼ିର ପ୍ରତିଶୋଧ ପାଇଁ ବାର୍ତ୍ତା ପଠାଇଥିଲା ଇରାନ

**କୋପେନହାଗେନ୍,୨୪।୯**

୨୦୨୩ରେ ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନ ପୋଡ଼ି ଘଟଣାର ପ୍ରତିଶୋଧ ନେବା ପାଇଁ ସ୍କାଣ୍ଡିନେଭିଆନ୍ ଦେଶର ଲୋକମାନଙ୍କୁ ଅନେକ ହଜାର ଟେକ୍ସଟ୍ ମେସେଜ୍ ପଠାଇବା ପଛରେ ଇରାନ ସମ୍ପୃକ୍ତ ଥିବା ସୁଇଡେନ୍ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଇରାନର ଅର୍ଦ୍ଧସାମରିକ ବାହିନୀ ରିଭଲ୍ୟୁଶନାରି ଗାର୍ଡ ଦ୍ୱାରା ଏହି ସାଇବର ଆକ୍ରମଣ ହୋଇଥିଲା ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଏସ୍‌ଏମ୍‌ଏସ୍ ସେବାକୁ ହ୍ୟାକ୍ କରାଯାଇ ସୁଇଡିସ୍ ଭାଷାରେ ୧୫ ହଜାର ଟେକ୍ସଟ୍ ମେସେଜ୍ ପଠାଯାଇଥିଲା। ଗତବର୍ଷ ଅଗଷ୍ଟରେ ସୁଇଡେନ୍ ଜନସାଧାରଣ ଏଭଳି ବାର୍ତ୍ତା ପାଇଥିଲେ। କୋରାନ ପୋଡ଼ି ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ଏଥିରେ କୁହାଯାଇଥିଲା। ଅଞ୍ଜୁ ଟିମ୍ ବୋଲି ନିଜକୁ ପରିଚିତ କରାଉଥିବା ଏକ ସଂଗଠନ ଏହି ବାର୍ତ୍ତା ପଠାଇଥିବା ଜଣାପଡ଼ିଛି।

# ୟୁକ୍ରେନରେ ଶାନ୍ତି ପାଇଁ ସହଯୋଗ କରିବ ଭାରତ

**ନ୍ୟୁୟର୍କ, ୨୪।୯**

### ଜେଲେନ୍‌ସ୍କିଙ୍କୁ ଭେଟିଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆମେରିକା ଗସ୍ତର ଶେଷ ଦିନରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ନ୍ୟୁୟର୍କରେ ଜାତିସଂଘ ଦ୍ୱାରା ଆୟୋଜିତ 'ଲାଣ୍ଡମାର୍କ ସମିଟ୍ ଅଫ୍ ଦି ଫ୍ୟୁଚର୍' ଅବସରରେ ଏହି ଆଲୋଚନା ହୋଇଥିଲା। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ତଥା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ଓ ୟୁକ୍ରେନ୍‌ରେ ଶାନ୍ତି, ସ୍ଥିରତା ଫେରାଇ ଆଣିବାରେ ଭାରତ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ଆଲୋଚନା ହୋଇଥିବା ନେଇ ଜେଲେନ୍‌ସ୍କି ଏକ୍ସ'ରେ କହିଛନ୍ତି। ମୋଦି ଏବଂ ଜେଲେନସ୍କିଙ୍କ ମଧ୍ୟରେ ମାସକରେ ଏହା ଦ୍ୱିତୀୟ ଆଲୋଚନା। ଅଗଷ୍ଟ ୨୩ରେ ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ଗସ୍ତରେ ଯାଇ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ବାଦଲପୁର ଏନ୍‌କାଉଣ୍ଟରକୁ ନେଇ ବିବାଦ

## ତଦନ୍ତ କରିବ ସିଆଇଡି

**ଠାଣେ,୨୪।୯**



ଅକ୍ଷୟ ସିନ୍ଦେ

ମହାରାଷ୍ଟ୍ରର ବାଦଲପୁର ସ୍କୁଲରେ ୨ ନର୍ସରି ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ମାମଲାର ଅଭିଯୁକ୍ତ ଅକ୍ଷୟ ସିନ୍ଦେ ପୋଲିସ ଗୁଳିରେ ନିହତ ହେବା ଘଟଣାକୁ ନେଇ ଶାସକ ଓ ବିରୋଧୀ ମେଣ୍ଟ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଜୋର୍‌ଦାର ହୋଇଛି। ସ୍କୁଲ ଜଣେ ଭାଜପା ନେତାଙ୍କ ମାଲିକାନାରେ ଥିବାରୁ ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତଙ୍କୁ ପୋଲିସ ମାରିଦେଇଥିବା ବିରୋଧୀ ଦଳ ଅଭିଯୋଗ କରିଛି। ସୋମବାର ପୋଲିସ ଅଭିଯୁକ୍ତ ଅକ୍ଷୟଙ୍କୁ ତଦନ୍ତ ପାଇଁ ଜେଲରୁ ଅପରାଧ ସ୍ଥଳକୁ ନେଉଥିବାବେଳେ ସେ ଜଣେ ଅଫିସରଙ୍କ ବନ୍ଧୁକ ଛଡ଼ାଇନେଇ ଗୁଳି ଚଳାଇବାରୁ ପୋଲିସ ଏନ୍‌କାଉଣ୍ଟର କରିଥିବା କୁହାଯାଉଛି। ତେବେ ହାତକଡ଼ିରେ ଥିବା ଅଭିଯୁକ୍ତ କିପରି ବନ୍ଧୁକ ଛଡ଼ାଇ ଗୁଳି ଚଳାଇଲା ବୋଲି ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ପ୍ରଶ୍ନ କରିଛନ୍ତି। ମହାରାଷ୍ଟ୍ରରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଘଟଣା ରାଜନୈତିକ ଉଷ୍ମତା ବଢ଼ାଇଛି। ରାଜ୍ୟରେ ଆଇନ ପ୍ରବର୍ତ୍ତନ ଓ ନ୍ୟାୟିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଏନ୍‌ସିପି (ଏସ୍‌ପି) ନେତ୍ରୀ ସୁପ୍ରିୟା ସୁଲେ କହିଛନ୍ତି। ମହାରାଷ୍ଟ୍ର ପୋଲିସ ପାଇଁ ଏହା ଏକ କଳାଦିବସ ବୋଲି କଂଗ୍ରେସ ନେତା ପୃଥ୍ୱୀରାଜ ଚଭନ କହିଛନ୍ତି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ। ଏନ୍‌କାଉଣ୍ଟ ବୋଲି ଏହାକୁ କେହି ବିଶ୍ୱାସ କରିବେ ନାହିଁ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଘଟଣାର ତଦନ୍ତ କରନ୍ତୁ ବୋଲି ଚଭନ ଦାବି କରିଛନ୍ତି।

ପୋଲିସ ଆତ୍ମରକ୍ଷା ପାଇଁ ଅଭିଯୁକ୍ତଙ୍କୁ ଗୁଳିକଲା ବୋଲି କହୁଥିବାବେଳେ ଅକ୍ଷୟଙ୍କ ପରିବାର ଲୋକେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି। ଯୌନ ନିର୍ଯାତନା ଅଭିଯୋଗ ମାନିନେବାକୁ ପୋଲିସ ଅକ୍ଷୟଙ୍କ ଉପରେ ଚାପ ପକାଉଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଅକ୍ଷୟଙ୍କ ମୃତ୍ୟୁର ତଦନ୍ତ ଦାୟିତ୍ୱ ମହାରାଷ୍ଟ୍ର କ୍ରାଇମ୍ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ (ସିଆଇଡି)କୁ ଦିଆଯାଇଛି।

# ଅଙ୍ଗଦାନରେ ମହିଳା ଆଗରେ

### ୨୦୨୩ରେ ୧୮,୩୭୮ ଅଙ୍ଗ ପ୍ରତିରୋପଣ

**ନୂଆଦିଲ୍ଲୀ, ୨୪।୯**




ଭାରତରେ ଗତବର୍ଷ ସମୁଦାୟ ୧୮,୩୭୮ ଅଙ୍ଗ ପ୍ରତିରୋପଣ କରାଯାଇଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ଜୀବନ୍ତ ଅଙ୍ଗଦାତାଙ୍କ କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ମହିଳା ଥିବା ଏହି ରିପୋର୍ଟ କହିଛି। ଯେତେବେଳେ ଜଣେ ଜୀବନ୍ତ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିଜର ଅଙ୍ଗ କିମ୍ବା ଅଙ୍ଗର ଏକ ଅଂଶ ଦାନ କରିଥାନ୍ତି, ତାଙ୍କୁ ଜୀବନ୍ତ ଅଙ୍ଗଦାତା କୁହାଯାଇଥାଏ। ଗତ ବର୍ଷ ଜୀବନ୍ତ ଅଙ୍ଗଦାତାଙ୍କ ଦ୍ୱାରା ବୃକକ୍ ଏବଂ ଯକୃତର କିଛି ଅଂଶକୁ ସର୍ବାଧକ ପ୍ରତିରୋପଣ କରାଯାଇଥିବା ନେଇ ରିପୋର୍ଟ କହିଛି। ଏହି ରିପୋର୍ଟ ଅନୁଯାୟୀ, ଗତ ବର୍ଷ ୯,୭୮୪ ମହିଳା ଅଙ୍ଗଦାନ କରିଥିବା ବେଳେ ପୁରୁଷଙ୍କଠାରେ ଏହି ସଂଖ୍ୟା ୫,୬୫୧ ରହିଛି। ସେହିପରି ଗତବର୍ଷ ଜଣେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ମଧ୍ୟ ଅଙ୍ଗଦାନ କରିଛନ୍ତି। ୨୦୨୩ରେ ସମୁଦାୟ ୧୫,୪୩୬ ଜଣ ଜୀବନ୍ତ ବ୍ୟକ୍ତି ଅଙ୍ଗଦାନ କରିଥିବା ଏହି ରିପୋର୍ଟ କହିଛି। ଅନ୍ୟପକ୍ଷରେ, ମୃତ ଅଙ୍ଗ ଦାତାମାନଙ୍କ ମଧ୍ୟରେ ୮୪୪ ଜଣ ପୁରୁଷ ରହିଥିବାବେଳେ ୨୫୫ ଜଣ ମହିଳା ରହିଛନ୍ତି।

ତେବେ ଗତ ବର୍ଷ ସମୁଦାୟ ୧୩, ୪୨୬ କିଡ୍‌ନୀ ପ୍ରତିରୋପଣ କରାଯାଇଥିବାବେଳେ ୪,୪୯୧ ଯକୃତ ଏବଂ ୨୨୧ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ମୃତ ଅଙ୍ଗଦାତାଙ୍କ ଦ୍ୱାରା ତେଲଙ୍ଗାନାରେ ସର୍ବାଧିକ ଅଙ୍ଗଦାନ କରାଯାଇଛି। ରାଜ୍ୟରେ ୨୫୨ ମୃତବ୍ୟକ୍ତିଙ୍କ ଦ୍ୱାରା ଅଙ୍ଗଦାନ କରାଯାଇଥିବା ଏହି ରିପୋର୍ଟ କହିଛି। ମୃତ ଅଙ୍ଗଦାତାଙ୍କ ମାମଲାରେ ତାମିଲନାଡୁ ଓ କର୍ନାଟକ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି କିଡ୍‌ନୀ ପ୍ରତିରୋପଣ ମାମଲାରେ ଦିଲ୍ଲୀ ସର୍ବାଗ୍ରେ ରହିଛି। ଗତବର୍ଷ ଦିଲ୍ଲୀରେ ୨,୫୭୬ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ତାମିଲନାଡୁ ଏବଂ ମହାରାଷ୍ଟ୍ର ଏହି ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ତାମିଲନାଡୁ ଓ ମହାରାଷ୍ଟ୍ରରେ ଯଥାକ୍ରମେ ୧,୬୩୩ ଓ ୧,୩୦୫ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ସେହିପରି ହାର୍ଟ ଟ୍ରାନ୍ସପ୍ଲାଣ୍ଟ ମାମଲାରେ ତାମିଲନାଡୁ ସର୍ବାଗ୍ରେ ରହିଛି। ତାମିଲନାଡୁରେ ଗତ ବର୍ଷ ୭୦ଟି ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରାଯାଇଛି।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୫/୨୦୨୪ | Bhubaneswar, Wednesday, September 25/2024





## ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି

# ଭିମ୍ସାରକୁ ୧୧. ୨୨ ଲକ୍ଷ ଟଙ୍କା ଜରିମାନା

ସମ୍ବଲପୁର,୨୪।୯
(ପ୍ରମୋଦ ବହିଦାର)

ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ପାଇଁ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)କୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜରିମାନା କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହୋଇ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ହେଉଥିବା ଦର୍ଶାଇ ପ୍ରଦୂଷଣ ବୋର୍ଡ ଭିମ୍ସାରକୁ ୧୧ ଲକ୍ଷ ୨୨ ହଜାର ଟଙ୍କା ଅର୍ଥଦଣ୍ଡାଦେଶ ଦେଇଛନ୍ତି। ଏନେଇ ଗତ ସେପ୍ଟେମ୍ବର ୧୦ରେ ବୋର୍ଡ ପକ୍ଷରୁ ଭିମ୍ସାରକୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ବର୍ଜ୍ୟବସ୍ତୁ ପରିଚାଳନାର ଠିକ ବ୍ୟବସ୍ଥା କରିବାକୁ ଭିମସାର କର୍ତ୍ତୃପକ୍ଷ ପ୍ରଦୂଷଣ ବୋର୍ଡଙ୍କୁ ୧୫ ଦିନ ସମୟ ମାଗିଥିଲେ। ଉକ୍ତ ୧୫ ଦିନ ମଧ୍ୟରେ କୌଣସି ପ୍ରତିକାର ବ୍ୟବସ୍ଥା କରିବାରେ ବିଫଳ ହେବା କଥାକୁ ସ୍ୱୀକାର କରିଛନ୍ତି ଭିମସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ। ତେବେ ତାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀଙ୍କ ବୈଠକ ବସି ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅନେକ ବିଚାର ବିମର୍ଷ ପରେ ଭିମ୍ସାରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଆଉ କିଛି ସମୟ ମାଗିବା ସହ ଜରିମାନା କ୍ଷମା ପାଇଁ ଭିମ୍ସାର କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଚିଠି ଲେଖି ନିବେଦନ କରିଛନ୍ତି ବୋଲି ନିର୍ଦ୍ଦେଶକ ଡା. ରଥ କହିଛନ୍ତି।

ଭିମ୍ସାରର ବିଭିନ୍ନ ୱାର୍ଡରୁ ନିର୍ଗତ ବର୍ଜ୍ୟବସ୍ତୁକୁ ପରିଚାଳନା ପାଇଁ ରହିଥିବା ଇନ୍‌ସିରେଟର୍ ମେଶିନ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏହା ଦୀର୍ଘ ଦିନ ହେଲା ଖରାପ ହୋଇଥିଲେ ମଧ୍ୟ ଏହାକୁ ବଦଳା ଯାଇନାହିଁ। ସେହିପରି ବର୍ଜ୍ୟବସ୍ତୁ ପରିଚାଳନା କିଭଳି ହେଉଛି ତାହା ସିସିଟିଭି ମାଧ୍ୟମରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହ ଯୋଗାଯୋଗରେ ରହିବା ନିୟମ ଥିବାବେଳେ ଏଥିରେ ବ୍ୟତିକ୍ରମ ରହିଛି। ଏହି ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ସମୟ ସାପେକ୍ଷ ହୋଇଥିବାରୁ ଏଥିପାଇଁ ପ୍ରଦୂଷଣ ବୋର୍ଡକୁ ସମୟ ମଗାଯାଇଛି ବୋଲି ନିର୍ଦ୍ଦେଶକ ଡା. ରଥ କହିଛନ୍ତି।

ସମ୍ବଲପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ କହିଛନ୍ତି ଯେ, ଏସମ୍ପର୍କରେ ବାରମ୍ବାର ଚିଠି ଲେଖାଯିବା ସତ୍ତ୍ୱେ ଭିମସାର କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ନାହିଁ। ଗତବର୍ଷ ୨୦୨୩ ଅଗଷ୍ଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଶେଷଜ୍ଞଙ୍କ ଏକ ପ୍ରତିନିଧି ଭିମସାର ଗସ୍ତ କରି ବର୍ଜ୍ୟବସ୍ତୁ ପରିଚାଳନାର ଅନୁଧ୍ୟାନ କରିଥିଲେ। ଏହାବାଦ ଗତ ୨୦୨୪ ଏପ୍ରିଲ ୧ରେ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏହାର ରିପୋର୍ଟ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିଲା। ଉକ୍ତ ରିପୋର୍ଟରେ ଭିମସାରରେ ହେଉଥିବା ବର୍ଜ୍ୟବସ୍ତୁ ପରିଚାଳନାରେ ଅନେକ ତ୍ରୁଟି ରହିଛି। ଯଦ୍ୱାରା ପ୍ରଦୂଷଣ ବୃଦ୍ଧି ହେଉଛି ବୋଲି ଦର୍ଶାଇ ଯଥାଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପତ୍ର ମାଧ୍ୟମରେ ଭିମ୍ସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କର୍ତ୍ତୃପକ୍ଷ ଏହାର ଉତ୍ତର ନ ଦେବାରୁ ଗତ ସେପ୍ଟେମ୍ବର ୧୦ରେ ବୋର୍ଡ ପକ୍ଷରୁ ଭିମ୍ସାରକୁ ଜରିମାନା କରି ୧୫ ଦିନ ମଧ୍ୟରେ ପଇଠ କରିବାକୁ ନୋଟିସ ଜାରି କରାଯାଇଥିଲା ବୋଲି ଡ. ନନ୍ଦ କହିଛନ୍ତି।

# ୟୁଜର୍ସ ଫି’ କେଳେଙ୍କାରୀରେ ବଡ଼ବଡ଼ିଆ

- ପୌରାଧ୍ୟକ୍ଷାଙ୍କ ଦାବି ପରେ କାର୍ଯ୍ୟାନୁଷ୍ଠାନ
- କ୍ୟାଶିୟରଙ୍କୁ ନିଲମ୍ବନ କଲେ ଜିଲାପାଳ
- ୨ କର୍ମଚାରୀଙ୍କୁ ବାହାର କରି ଦିଆଗଲା
- ଥାନାରେ ଏତଲା ପରେ ମାମଲା ରୁଜୁ

ବରଗଡ଼ ପୌର ପରିଷଦ




ବରଗଡ଼,୨୪।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦରେ ୟୁଜର୍ସ ଫି’ କେଳେଙ୍କାରୀ ହଇଚଇ ସୃଷ୍ଟି କରିଛି। ବିଭାଗୀୟ କର୍ମଚାରୀମାନେ ୟୁଜର୍ସ ଫି’ ଅସୁଲି ପାଇଁ ଉଦ୍ଦିଷ୍ଟ ରସିଦ୍ ବହିକୁ ଟାମ୍ପରିଂ କରି ବ୍ୟାପକ ଅନିୟମିତତା କରିଛନ୍ତି। ଅସୁଲି ହୋଇଥିବା ୟୁଜର୍ସ ଫି’ର ସମୁଦାୟ ଟଙ୍କାରୁ ୯୦ ପ୍ରତିଶତ ଆତ୍ମସାତ୍ କରି ବାକି ୧୦ ପ୍ରତିଶତ ପୌର ପରିଷଦରେ ଜମା କରିବା ଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କାର୍ଯ୍ୟରତ ୨ କର୍ମଚାରୀ (ସାନିଟାରୀ) ଏକ୍ସପର୍ଟ ସୁଶାନ୍ତ ପ୍ରଧାନ ଏବଂ ପାର୍ଥସାରଥୀ ସେଠୀଙ୍କୁ ପୌର ପରିଷଦରୁ ବାହାର (ଡିସ୍‌ଏନ୍‌ଗେଜମେଣ୍ଟ) କରି ଦିଆଯାଇଛି। ସେହିପରି ପୌର ପରିଷଦର କ୍ୟାଶିୟର ଦେବାନନ୍ଦ ରଣାଙ୍କୁ ଜିଲାପାଳ ଆଦିତ୍ୟ ଗୋୟଲ ନିଲମ୍ବନ କରିଛନ୍ତି। ଏହା ସହିତ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ ଏହି କେଳେଙ୍କାରୀ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଦଫା ୪୦୯, ୩୪ ବିଏନଏସ୍‌ରେ ଏକ ମାମଲା (ନଂ.୫୩୬/୨୪) ରୁଜୁ କରିଛି। ଏତଲା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ତନାଘନା ଚଳାଇଛି। ଅନ୍ୟପଟେ ଉକ୍ତ କେଳେଙ୍କାରୀରେ ଆହୁରି ଲୋକଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। ୟୁଜର୍ସ ଫି’ରେ ଏଭଳି ଅନିୟମିତତା ବର୍ଷେ କିମ୍ବା ୨ ବର୍ଷରୁ ନୁହେଁ, ଦୀର୍ଘବର୍ଷରୁ ଏହା ଚାଲି ଆସୁଥିଲା ବୋଲି ସାଧାରଣରେ ଆଲୋଚିତ ହେଉଛି। ତେବେ କେଳେଙ୍କାରୀ ଧରାପଡ଼ିବା ପରେ ତଥାକଥିତ କିଛି ବଡ଼ବଡ଼ିଆ ଲୋକେ ଏଥିରେ ପ୍ୟାଚଅପ୍ ମାରିବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଖୋଦ୍ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝିଙ୍କ ସମେତ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ଏବଂ ଅନ୍ୟ କାଉନସିଲରବୃନ୍ଦ ଗତ ୧୮ତାରିଖ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଜିଲାପାଳ ଗୋୟଲଙ୍କୁ ଫେରାଦ ହେବା ପରେ କେଳେଙ୍କାରୀକୁ ଚାପିଦେବା ଘଟଣା ଫସର ଫାଟି ଯାଇଥିଲା। କିନ୍ତୁ ଏବେ ମଧ୍ୟ ଏଭଳି ଏକ ବଡ଼ କେଳେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କୁ ଖସାଇ ଦେବା ପାଇଁ କିଛି ଲୋକ ପ୍ରୟାସ ଜାରି କରୁଥିବା ଯୋଗୁ କେଉଁ ସ୍ୱାର୍ଥରେ ସେମାନେ ସେଭଳି ହୀନ ଉଦ୍ୟମ କରୁଛନ୍ତି, ତାକୁ ନେଇ ସହରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବରଗଡ଼ ପୌର ପରିଷଦ ଅଞ୍ଚଳରେ ରହିଥିବା ଘର, ଦୋକାନ, ମଲ୍ ଆଦିରୁ ପ୍ରତିମାସ ୟୁଜର୍ସ ଫି’ ସଂଗ୍ରହ କରି ଆସୁଛି। ପୌର ପରିଷଦର ସାନିଟାରୀ ଏକ୍ସପର୍ଟଙ୍କ ତତ୍ତ୍ୱାବଧାନରେ ତାହା ସଂଗ୍ରହ ହେଉଥିବାବେଳେ କ୍ୟାଶିୟରଙ୍କ ପାଖରେ ସଂଗୃହୀତ ରାଶି ଜମା ହୋଇଥାଏ। କିନ୍ତୁ ଉପରୋକ୍ତ କର୍ମଚାରୀମାନେ ସେଥିରେ ବ୍ୟାପକ ଅନିୟମିତତା କରିଛନ୍ତି। ଲୋକେ ୟୁଜର୍ସ ଫି’ ଦେବାବେଳେ ସେମାନଙ୍କୁ ଦିଆଯାଉଥିବା ରସିଦ୍‌ରେ ସଂଗୃହୀତ ରାଶିର ଠିକ୍ ପରିମାଣ ଲେଖାଯାଉ ଥିବାବେଳେ ପୌର ପରିଷଦର ଟଙ୍କା ଜମା କରିବା ସମୟରେ ରସିଦ କପିରେ ଟାମ୍ପରିଂ କରାଯାଇ ୯୦ ପ୍ରତିଶତ ସଂଗୃହୀତ ୟୁଜର୍ସ ଫି’ ଆତ୍ମସାତ୍ କରାଯାଉଥିଲା। ଦୃଷ୍ଟାନ୍ତ ସ୍ୱରୂପ ୟୁଜର୍ସ ଫି’ ରସିଦ ବୁକ୍-୨୩, ରସିଦ କ୍ରମାଙ୍କ-୧୭ରେ ୨୦୨୩ ଜୁନ ୯ରେ ୨ ହଜାର ଟଙ୍କା ୟୁଜର୍ସ ଫି’ ଅସୁଲି ହୋଇଛି। ୟୁଜର୍ସ ଫି’ ଦେଇଥିବା ଲୋକଙ୍କୁ ସେହି ପରିମାଣର ଠିକ୍ ରସିଦ ମଧ୍ୟ ଦିଆଯାଇଛି। କିନ୍ତୁ ପୌର ପରିଷଦରେ ଜମା ହୋଇଥିବା ୟୁଜର୍ସ ଫି’ ଖାତାର ସେହି ରସିଦ୍ କପିରେ ତାକୁ ୨ ଶହ ଟଙ୍କା ଭାବେ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ୨୦୦୦ ଟଙ୍କାରୁ ଗୋଟିଏ ଶୂନକୁ ଚତୁରତାର ସହିତ ନିଭାଇ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଇସ୍ୟୁ ହୋଇଥିବା ୭୮ ରସିଦ ବହି ମଧ୍ୟରୁ ୫୦ଟି ରସିଦ୍ ବହିରେ ସେଭଳି ଟାମ୍ପରିଂ ହୋଇଥିବାବେଳେ ଏପର୍ଯ୍ୟନ୍ତ ୧୦ଟି ରସିଦ୍ ବହିର ଥଳକୂଳ ମିଳୁନାହିଁ। ତେବେ ଅନ୍ୟ ୧୮ଟି ରସିଦ୍ ବୁକ୍ ଠିକ୍ ରହିଥିବା ଜଣାପଡ଼ିଛି। ତେବେ ଗୋଟିଏ ଆର୍ଥିକ ବର୍ଷର ରସିଦ ବୁକ୍‌କୁ ନେଇ ଏହି ତଦନ୍ତ ଚାଲୁଛି। କିନ୍ତୁ ଦୀର୍ଘ ବର୍ଷତଳୁ ପୌର ପରିଷଦରେ ଏଭଳି ଅନିୟମିତତା ଚାଲି ଆସୁଥିଲା ଏବଂ ବ୍ୟାପକ ୟୁଜର୍ସ ଫି’ ଆତ୍ମସାତ୍ ହୋଇଥିବା ଚର୍ଚ୍ଚା ଚାଲିଛି। ଫଳରେ ଅନିୟମିତତା ଧରାପଡ଼ିବା ପରେ କିଛିଲୋକ ନିଜ ଭାବମୂର୍ତ୍ତି ରକ୍ଷା ପାଇଁ ଏଭଳି ଏକ ବଡ଼ କେଳେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିବା ସାଧାରଣରେ ଆଲୋଚିତ ହେଉଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଏସ୍‌ଏସିଏସ୍ ପକ୍ଷରୁ ରାଜ୍ୟସ୍ତରୀୟ ମାରାଥନ, ସ୍ଥାନ: ଚନ୍ଦକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୭ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ୧୦୧ତମ ଜୟନ୍ତୀ ପାଳନ, ସ୍ଥାନ: ଆଇଆର୍‌ସି ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଡାକ୍ତରଖାନାରୁ ପରୀକ୍ଷାଗାର ବନ୍ଦ ହେଉଥିବାରୁ ଭିଏସ୍‌ଏସ୍ ନଗରବାସୀଙ୍କ ଗଣଧାରଣା, ସ୍ଥାନ: ଭିଏସ୍‌ଏସ୍ ନଗର ଡାକ୍ତରଖାନା ସମ୍ମୁଖ, ସମୟ: ସକାଳ ୯ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ରକ୍ତଦାନ ଶିବିର ଉଦ୍‌ଘାଟନ, ସ୍ଥାନ: ପର୍ଯ୍ୟଟନ ବିଭାଗ ପରିସର, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍‌ଶା ହେରିଟେଜ୍ ଫୋରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏପିଆଇଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ଗ୍ରାଣ୍ଡ, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବିବେକାନନ୍ଦ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ୍ରିମ୍‌ସର ସ୍ୱପ୍ନଦ୍ରଷ୍ଟା ଧନେଶ୍ୱର ରଥଙ୍କ ତ୍ରିଂଶତମ ବାର୍ଷିକୀ ଅବସରରେ ପୂଜ୍ୟପୂଜା ସମାରୋହ, ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୧ଟା
- ସିପିଆଇ(ଏମ୍) ନେତା ସୀତାରାମ ୟେଚୁରୀଙ୍କ ସ୍ମରଣ ସଭା, ସ୍ଥାନ: କଟକ ଟାଉନ୍ ହଲ୍, ସମୟ: ସନ୍ଧ୍ୟା ୫ଟା।
- ବାଲିସାହି ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ପ୍ରତିଷ୍ଠା ଦିବସ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣ, ବାଲିସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସତ୍ୟବାଦୀ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ କ୍ରେତା ଓ ବିକ୍ରେତା ସମ୍ମିଳନୀ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ଏଡ଼ିଏମ୍ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'କଳାକାର' ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ମଞ୍ଚ, ପତୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏମଜିଏନଆରଇଜିଏସ କାର୍ଯ୍ୟର ଜନ ଶୁଣାଣି ଶିବିର, ସ୍ଥାନ: ଖଇରା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଧାୟକ ମାନସ କୁମାର ଦତ୍ତଙ୍କ ଦ୍ୱାରା ସାର୍ଥା ପଞ୍ଚାୟତ ର ବାଙ୍କସିରି ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବାଙ୍କସିରି ଠାରୁ ରଣସରପୁର ଡିଆ ରାସ୍ତାର ଶୁଭ ଶିଳାନ୍ୟାସ, ସ୍ଥାନ: ବାଙ୍କସିରି, ସମୟ: ସକାଳ ୧୦ଟା୪୫। – ଛାନୁଆ ପଞ୍ଚାୟତର ଫିସାରୀ ରାସ୍ତା ଠାରୁ ଭଦ୍ରସିଆ ଏବଂ ଆର୍‌ଡି ରାସ୍ତା ଠାରୁ ନଳକୂଳି ରାସ୍ତାର ଶୁଭ ଶିଳାନ୍ୟାସ, ସ୍ଥାନ : ଭଦ୍ରସିଆ, ସମୟ : ସକାଳ ୧୧ଟା୪୫ ।– ଗ୍ରାମ୍ୟ ଜଳ ଯୋଗାଣ ତରଫରୁ ଜଳଉତ୍ସର ଶିଳାନ୍ୟାସ, ସ୍ଥାନ : ଏଣ୍ଡରାଇ, ନୂଆଗାଁ, ସମୟ: ସକାଳ ୧୨ଟା୧୫।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଗତ ଓ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରଘୁନାରାୟଣ ବିଦ୍ୟାଳୟ, ମାର୍କୋଣା, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଭଦ୍ରକ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ପଦଯାତ୍ରା, ସ୍ଥାନ: ବନ୍ତଛକଠାରୁ ମଣିସାହି, ଭଦ୍ରକ, ସମୟ: ସକାଳ ୮ଟା।
- ସେବା ପକ୍ଷରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର ପୌରପାଳିକା ୨୧ ନଂ. ୱାର୍ଡର ହନୁମାନ ବାଟିକା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସେବାପକ୍ଷ ଉପଲକ୍ଷେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଦିଲ୍‌ଦାର କ୍ଲବର ଗଣେଶ ମେଢ଼ ଭସାଣି, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୀମାନ୍ତ ମହାବିଦ୍ୟାଳୟ ପରିସର, ଝାରପୋଖରିଆ, ସାରସକଣା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଘରେ ଘରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା
- ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା, ସମୟ:ମଧ୍ୟାହ୍ନ ୧୨ଟା। ବୌଦ୍ଧ–ଅନୁଗୋଳ ଏବଂ ମୟୂରଭଞ୍ଜ–ଭଦ୍ରକ ମଧ୍ୟରେ ପ୍ରତିଯୋଗିତା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୯ଟା।

## ଗଞ୍ଜାମ

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍‌ଏସି, ନୂଆଁସାହି, ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ପାତ୍ରପୁର ବ୍ଲକ ଗୁଣ୍ଠୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଗଞ୍ଜାମ ଏନଏସିରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା ।

## ଜଗତସିଂହପୁର

- କୋଷ୍ଟଗାର୍ଡ ଓ ସମସ୍ତ ସୁରକ୍ଷା ବିଭାଗ ପକ୍ଷରୁ ଉପକୂଳ ମିଳିତ ସମରାଭ୍ୟାସ, ସ୍ଥାନ: ନେହେରୁ ବଙ୍ଗଳା, ମାଛଧରା ବନ୍ଦର, ପାରାଦୀପ, ସମୟ: ସକାଳ ୬ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଏମ୍‌ଏସ୍ ଏକାଡେମୀ, ତିର୍ତ୍ତୋଲ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ପକ୍ଷରୁ ଗଣଧାରଣା, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଷୋଡ଼ଶ ଦିବସୀୟ ପୂଜାର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା। ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ନିଶା ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ଈଶ୍ୱରୀୟ ବ୍ରହ୍ମକୁମାର ବିଶ୍ୱ ବିଦ୍ୟାଳୟ, ସମୟ:ସକାଳ ୮ଟା।
- ଅଭିଭାବକ ବୈଠକ, ସ୍ଥାନ:ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ଅପରାହ୍ନ ୩ଟା
- ଷୋଡଶ ଦିବସୀୟ ପୂଜାର ୨ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସରକାରୀ ବିଦ୍ୟାଳୟ, ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ପୂର୍ଣ୍ଣପାଣି ଗ୍ରାମ, ବିଷମ କଟକ, ସମୟ: ସକାଳ ୯ଟା ୩୦ ।
- ଗଣଶିକ୍ଷା ବିଭାଗ ସଚିବଙ୍କ ବିଭିନ୍ନ ସରକାରୀ ପ୍ରକଳ୍ପ ପରିଦର୍ଶନ, ସ୍ଥାନ: ମୁନିଗୁଡା ସିଏର୍‌ସି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟେଲରିଂ ୟୁନିଟ ଗୋବର୍ଦ୍ଧନ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୧୦ରୁ ୧୧ଟା ୫ ।

## ନବରଙ୍ଗପୁର

- ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଆଶ୍ରମ ବିଦ୍ୟାଳୟ ବୋରିପଦର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସ୍ୱାସ୍ଥ୍ୟମେଳା, ସ୍ଥାନ: କୁନ୍ଦୁରା ବ୍ଲକ ଭୁସାଙ୍ଗଗୁଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣ ପଥ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- କେରଙ୍ଗା ପ୍ରକଳ୍ପର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଭର୍ଚୁଆଲ ମୋଡରେ ଜିଲା ଭୂଅର୍ଜନ ବିଭାଗ କାର୍ଯ୍ୟର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ସମଲେଶ୍ୱରୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା, ସ୍ଥାନ: ସମଲେଇ ମନ୍ଦିର, ସମୟ: ସକାଳ ୬ଟା।
- ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା, ସ୍ଥାନ: ଦାନୀପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର, ସମୟ: ସକାଳ ୮ଟା।
- ରଙ୍ଗଫରୁଆ ପକ୍ଷରୁ ନୂଆଁଖାଇ ଜୁହାର ଭେଟ, ସ୍ଥାନ: ମାଝୀପାଲି ସ୍ଥିତ ହୋମିଓପାଥୀ କଲେଜ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୀତାରାମ ୟେଚୁରୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ।
- ଲିଟିଲ ମିସ ଏବଂ ଲିଟିଲ ମାଷ୍ଟର ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମେଲାନୀ ସ୍ଥିତ ସାଇ ଶିକ୍ଷା ପରିଷଦ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ସ୍ଥାନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ଓ ଭାଜପା ସଦସ୍ୟତା ଗ୍ରହଣ କାର୍ଯକ୍ରମ, ସ୍ଥାନ : ଆଗଲପୁର ବ୍ଲକ ନଅଗାଁ (ଖ), ସମୟ: ସକାଳ ୯ଟା। ସ୍ଥାନ: ଆଗଲପୁର ବ୍ଲକ ଲଖନପୁର, ସମୟ : ପୂର୍ବାହ୍ନ ୧୦ ଟା। ସ୍ଥାନ: ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା।
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନଟ।

## ସୁବର୍ଣ୍ଣପୁର

- ତରଭା ଏନ୍‌ଏସି ପକ୍ଷରୁ ବଡଖାନା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରରେ ନୂଆଁଖାଇ ଭେଟ୍‌ଘାଟ୍‌ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଝୁପୁଡ଼ିପଡା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଦଶହରା ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଆଞ୍ଚଳିକ କଳାକେନ୍ଦ୍ରର ନୂଆଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା କ୍ଲବ ଘର, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ହାଇସ୍କୁଲ ପଡ଼ିଆ, ଝାରବନ୍ଧ, ସମୟ: ସକାଳ ୯ଟା।
- ଗୋଡ଼ଭଗା ନାଗରିକ କମିଟିର ନୂଆଁଖାଇ ଭେଟଘାଟ୍, ସ୍ଥାନ: ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ, ଗୋଡ଼ଭଗା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ସାହାଣି କପ୍‌ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ ଭଗବତ ସପ୍ତାହ ଭକ୍ତି ଜ୍ଞାନଯଜ୍ଞ, କଥାମୃତ, ସ୍ଥାନ: ଶ୍ରୀ ଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧ ପଡ଼ା, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ରାଉରକେଲା

- ରାଉରକେଲା କଲେଜରେ ଜାତୀୟ ସେବା କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କଲେଜ, ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ରୋଟାରୀ କ୍ଲବ ପକ୍ଷରୁ ଉତ୍କର୍ଷତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ପୂର୍ବାହ୍ନ ୧୨ଟା।

## ଦେବଗଡ଼

- ଜଗତ ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ତିନି ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ପୁରୁକୁଣ୍ଡା ଖେଳ ପଡିଆ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଆର୍‌ସି ସଦସ୍ୟଙ୍କ ପାଇଁ ଅଭିମୁଖୀକରଣ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିମନ୍ତେ ମୋଡ୍ୟୁଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁରୁଡ଼ା ଏବଂ ଜଗନ୍ନାଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଭାସୁଣି, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଚାକୋଟିଆ ଭୁଞ୍ଜିଆ ସମାଜର ଜିଲାସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ ସୁନଦେଈ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ପକ୍ଷରୁ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ, ସ୍ଥାନ: କୋମନା ଓ ବୋଡ଼େନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ନିଯୁକ୍ତି ମେଳା, ସ୍ଥାନ:ଟାଉନ ହଲ, ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ତୁଳସୀ କଲ୍ୟାଣମଣ୍ଡପ, ଗୁରୁପାଲି, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତିକୁ ନେଇ ବିତିବ। ଜମିଜମା, ଗାଡ଼ିମୋଟର, ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଆପଣଙ୍କ ନିକଟରୁ ଦୂରେଇ ଯାଇପାରନ୍ତି।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ସହିତ ସମ୍ପର୍କୀୟଙ୍କ ସହାନୁଭୂତିରୁ ଆଶ୍ୱସ୍ତି ଅନୁଭବ କରିବେ। ହିତୈଷୀଙ୍କ ସହଯୋଗରେ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ମନକୁ ବିଷାଦିତ କରିବ। ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ଆଜି କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିହେତୁ ମନ ଅସ୍ଥିର ରହିବ। ସାମୟିକ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ** ମାନସିକ ଶିଥିଳତାଜନିତ କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜ୍‌ଭୁତ ରହିବ। ଆଜି ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** ଭଲ ସମ୍ପର୍କ ନ ଥିବା ସହକର୍ମୀଟି ଆପଣଙ୍କୁ ଅପଦସ୍ଥ କରାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ ଓ ଅଧ୍ୟାପନାରେ ଉନ୍ନତି ହେବ।

**କନ୍ୟା** ସେବା ଓ ପରୋପକାର ମନୋବୃତ୍ତିଜନିତ ସାମାଜିକ ସମ୍ମାନ ଓ ପ୍ରତିଷ୍ଠା ଲାଭକରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ତୁଳା** ଆଶା ଓ ଅଭିଳାଷକୁ ପୂରଣ କରିବାରେ ଆଜି କୌଣସି ଅସୁବିଧା ରହିବ ନାହିଁ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପାରିବାରିକ ବିବାଦଜନିତ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କାମରେ ନିଜକୁ ସାମିଲ କରି ମାନସିକ ଶାନ୍ତି ଲାଭ କରିପାରନ୍ତି।

**ବିଛା** ବନ୍ଧୁ ଓ ପ୍ରିୟ ପରିଜନଙ୍କ ସହିତ ଆଜି ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ।

**ଧନୁ** ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଖବର ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ। କିଛିଟା ସ୍ୱାର୍ଥତ୍ୟାଗ କରିବା ଦ୍ୱାରା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।

**କୁମ୍ଭ** କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁମାନେ ସମସ୍ୟା ସମାଧାନ ବଦଳରେ ସମସ୍ୟାକୁ ବଢ଼ାଇଦେଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୨୫ ତାରିଖ, ଆଶ୍ୱିନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ରାଶିନକ୍ଷତ୍ର–ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ, ସକାଳ ୦୫।୩୯ ଗତେ, ଘ.୦୮।୦୩ ମଧ୍ୟେ, ଘ.୧୦।୨୬ ଗତେ, ଘ.୧୧।୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୩୮ ଗତେ, ଘ.୦୧।୦୭ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ନାବାଳିକାଙ୍କୁ ହତ୍ୟାକଲେ...

ସହ ସ୍କୁଲ ଯାଇଥିଲେ। ପ୍ରିନ୍ସିପାଲଙ୍କୁ ଏନେଇ ପୋଲିସ ପଚାରିବାରୁ ସେ ନାବାଳିକାଙ୍କୁ ସ୍କୁଲରେ ଛାଡ଼ି ଅନ୍ୟ କାମରେ ଯାଇଥିବା କହିଥିଲେ। ତେବେ ଫୋନ୍ ଲୋକେଶନ ବିବରଣୀ ଯାଞ୍ଚରୁ ପ୍ରିନ୍ସିପାଲ ସେଦିନ ବିଳମ୍ବରେ ସ୍କୁଲରେ ପହଞ୍ଚିଥିବା ଜଣାପଡ଼ିଥିଲା। ପୋଲିସ ଜେରା କରିବା ପରେ ସେ ଅପରାଧ ସ୍ୱୀକାର କରିଥିଲେ। ସ୍କୁଲ୍ ପିଲା ଓ ଶିକ୍ଷକଙ୍କ କହିବା ଅନୁଯାୟୀ ସେଦିନ ପ୍ରିନ୍ସିପାଲ ସ୍କୁଲ୍‌କୁ ଆସି ନ ଥିଲେ। ସେ ନାବାଳିକାଙ୍କୁ ନିଜ କାରରେ ନେଇ ଅଧାବାଟରେ ତାଙ୍କୁ ଯୌନ ନିର୍ଯାତନା ଦେବାକୁ ଉଦ୍ୟମ କରିଥିଲେ। ପିଲାଟି ଚିତ୍କାର କରିବାରୁ ପ୍ରିନ୍ସିପାଲ ତାଙ୍କ ପାଟି ବନ୍ଦ କରିବା ପାଇଁ ଗଳା ଦବାଇଦେଇଥିଲେ। ସ୍କୁଲରେ ପହଞ୍ଚି ସେ ମୃତଦେହକୁ କାରରେ ରଖି ଡୋର ଲକ୍ କରିଦେଇଥିଲେ। ଅପରାହ୍ନ ୫ଟାରେ ପ୍ରିନ୍ସିପାଲ ନାବାଳିକାଙ୍କ ମୃତଦେହକୁ ସ୍କୁଲ ବିଲ୍ଡିଂ ପଛପଟେ ପକାଇଦେବା ସହ ତାଙ୍କ ସ୍କୁଲବ୍ୟାଗ୍ ଏବଂ ଜୋତାକୁ କ୍ଲାସ୍‌ରୁମ୍‌ରେ ରଖିଦେଇଥିଲେ। ଗୋବିନ୍ଦଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତ ଏବଂ ଶିଶୁ ଯୌନ ଅପରାଧରୁ ସୁରକ୍ଷା (ପୋକ୍‌ସୋ) ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଏହା ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ କୁବେର ଡିଣ୍ଡୋର କହିବା ସହ ଘଟଣାର ନିନ୍ଦା କରିଛନ୍ତି। ଏଭଳି ଅପରାଧର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ମହିଳା ଭଡ଼ାଟିଆଙ୍କ ପାଇଖାନା...

ବଲ୍‌ବ ହୋଲ୍ଡରରେ ଏକ କ୍ୟାମେରା ଇନ୍‌ଷ୍ଟାଲ ହୋଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ପିସିଆର୍‌କୁ କଲ୍ କରି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପହଞ୍ଚି ତଲାସି ନେବା ପରେ ମହିଳାଙ୍କ ବେଡ୍‌ରୁମ୍‌ରେ ଏକ ବଲ୍‌ବହୋଲ୍ଡରେ ଆଉ ଏକ କ୍ୟାମେରା ଲାଗିଥିବା ଜଣାପଡ଼ିଥିଲା। ଅନ୍ୟ କେହି ତାଙ୍କ ରୁମ୍‌କୁ ଆସୁଥିଲେ କି ବୋଲି ପୋଲିସ ପଚାରିବାରୁ ମହିଳା ଜଣଙ୍କ କରନ୍‌ଙ୍କୁ ଚାବି ଦେଇଯାଉଥିବା କହିଥିଲେ। କରନ ଇଲେକ୍ଟ୍ରୋନିକ୍ସ ବଜାରରୁ ୩ଟି ସ୍ପାଏ କ୍ୟାମେରା କିଣି ୨ଟିକୁ ମହିଳାଙ୍କ ବେଡ୍‌ରୁମ୍ ଓ ବାଥ୍‌ରୁମ୍‌ରେ ଲଗାଇଥିବା ସ୍ୱୀକାର କରିଛନ୍ତି। ଉକ୍ତ କ୍ୟାମେରାକୁ ଅନ୍‌ଲାଇନ ଅପରେଟ କରାଯାଇ ପାରୁ ନ ଥିବାରୁ ଫଟୋ ମେମୋରି କାର୍ଡରେ ଷ୍ଟୋର ହୋଇ ରହୁଥିଲା। ସେଥିପାଇଁ କରନ ମହିଳାଙ୍କ ରୁମ୍‌ର ବିଦ୍ୟୁତ୍ ରିପେୟାରିଂ କରିବା ବାହାନାରେ ବାରମ୍ବାର ଚାବି ମାଗି ଭିଡିଓଗୁଡ଼ିକୁ ନିଜ ଲାପ୍‌ଟପ୍‌କୁ ଟ୍ରାନ୍ସଫର କରୁଥିଲେ ବୋଲି କହିଛନ୍ତି।

## ୧୦ ମାସର ଶିଶୁକୁ...

ରବିବାର ଶିଶୁର କାନ୍ଦ ଶୁଣି ତାଙ୍କ ଜେଜେମା' ଧାଇଁଯାଇଥିଲେ। ଶିଶୁଟି ରକ୍ତାକ୍ତ ହେବା ସହ ଗୁରୁତର ଆହତ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଗୁରୁତର ଅବସ୍ଥାରେ ଶିଶୁକୁ ତାଙ୍କ ମାଆ ଭାରୁଚ୍ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ପୋକ୍‌ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ନକଲି ତେଲ...

ଶାସ୍ତ୍ରୀନଗର ୪ର୍ଥ ଲାଇନସ୍ଥିତ ନକଲି ନଡ଼ିଆ ତେଲ କାରଖାନାରେ ଚଢ଼ାଉ ହୋଇଥିଲା। କାରଖାନା ମାଲିକ ଏ. ରଞ୍ଜନ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରଞ୍ଜନ ସାଲିମାର ନଡ଼ିଆ ତେଲ ବୋତଲ ଓ ପାଉଚ ନକଲ କରି ଶିବାନୀ କୋକାନଟ ଅଏଲ ବ୍ରାଣ୍ଡ ଲେଖି ସ୍ଥାନୀୟ ବଜାରରେ ବିକ୍ରି କରୁଥିଲେ। ଏ ନେଇ ସାଲିମାର କମ୍ପାନୀର ସହକାରୀ ମ୍ୟାନେଜର ସୋମନାଥ ବାନାର୍ଜୀ ଅଭିଯୋଗ କରିଥିଲେ। ସେହିପରି ଗତ ୨୦ ତାରିଖରେ ପ୍ରହଲ୍ଲାଦନଗର ଅଞ୍ଚଳରେ ଚାଲିଥିବା ନକଲି ହଳଦୀଗୁଣ୍ଡ କାରଖାନାରେ ଚଢାଉ କରାଯାଇଥିଲା। ମଙ୍ଗଳବାର ନକଲି ଖାଇବା ତେଲ କାରଖାନାରେ ଚଢ଼ାଉ ଜାରି ରହିଛି। ଏ ନେଇ ବଡ଼ବଜାର ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କିଛିଦିନ ହେବ ସହରରେ ଖାଦ୍ୟ ଅପମିଶ୍ରଣ କାରବାର ଉପରେ ଜୋରଦାର ଚଢ଼ାଉ କରାଯାଉଛି। ଅଭିଯୁକ୍ତଙ୍କ ବିରୋଧରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ, ପ୍ରୋହିବିସନ ଅଫ ଆଡ୍‌ଭର୍ଟାଇଜମେଣ୍ଟ ଆଣ୍ଡ ରେଗୁଲେଶନ ଅଫ ଟ୍ରେଡ୍ ଆଣ୍ଡ କମର୍ସ, ପ୍ରଡକ୍ସନ ସପ୍ଲାଇ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ଆକ୍ଟ, ଲିଗାଲ ମେଟ୍ରୋଲୋଜି ପ୍ୟାକେଟିଂ ଅଫ କମୋଡିଟି ଆକ୍ଟ, ଟ୍ରେଡ୍ ମାର୍କସ ଆକ୍ଟ ଆଦିରେ କେସ୍ କରାଯାଉଛି। ଲୋକେ ଏଭଳି ନକଲି କାରବାର ସମ୍ପର୍କରେ ପୋଲିସକୁ ଜଣାନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନକଲି ତେଲ, ହଳଦୀଗୁଣ୍ଡ ଭଳି ଭେଜାଲ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କାରଖାନା ସିଲ୍ ହୋଇଛି। ମାଲିକ ଓ କର୍ମଚାରୀ ଗିରଫ ହୋଇଛନ୍ତି। ହେଲେ



ବଜାରକୁ କେତେ ପରିମାଣର ଭେଜାଲ ସାମଗ୍ରୀ ଯାଇଛି, ସେ ସବୁ କେଉଁ ସ୍ଥାନରେ ବିକ୍ରି ହୋଇଛି, କେଉଁଠାରେ କେତେ କଞ୍ଚାମାଲ ଗଚ୍ଛିତ ରହିଛି ତାହା ଜଣାପଡୁନାହିଁ। ନକଲି ସାମଗ୍ରୀ କାରବାରରେ ଗିରଫ ହୋଇଥିବା କେତେଜଣ ମାଲିକ ଓ କର୍ମଚାରୀ ଏବେ ଜାମିନରେ ମୁକୁଳି ସାରିଲେଣି। କାରଖାନା ଚଢ଼ାଉ ଅଭିଯାନ ପରେ ଉଭୟ ପୋଲିସ ଓ ପ୍ରଶାସନ ଚୁପ୍ ବସିଯାଉଛନ୍ତି ବୋଲି ଆଇନଜୀବୀ ସୁରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ଖାଡଙ୍ଗା କହିଛନ୍ତି, ବଡ଼ବଜାର ଅଞ୍ଚଳର କେତେକ ସାହିରେ ଛୋଟଛୋଟ କୁଟୀରଶିଳ୍ପ ରହିଛି। ସେମାନେ ଏଥିପାଇଁ ବିଏମ୍‌ସିରୁ ଲାଇସେନ୍ସ ନେଇଛନ୍ତି। ବର୍ତ୍ତମାନ ତେଲ, ହଳଦୀଗୁଣ୍ଡ ସହ ଖାଦ୍ୟ ସାମଗ୍ରୀ ନକଲି ହେଉଥିବା ଅଭିଯୋଗ ପରେ ଉକ୍ତ ଶିଳ୍ପଗୁଡ଼ିକରେ ଚଢ଼ାଉ କରାଯାଉଛି। ସେମାନେ ଯେଉଁଥିପାଇଁ ଲାଇସେନ୍ସ ନେଉଛନ୍ତି ତାହାକୁ ଅବମାନନା କରି ସେହି ଖାଦ୍ୟ ସାମଗ୍ରୀ ଅପମିଶ୍ରଣ କରୁଥିବା ନଜରକୁ ଆସିଛି। ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ମିଳିବା ପରେ ସେମାନଙ୍କ ଲାଇସେନ୍ସ ବାତିଲ କରାଯିବ। ପୁଣି ସେମାନେ ଯେଭଳି ଲାଇସେନ୍ସ ନ ପାଇବେ ସେଥିପାଇଁ ପଦକ୍ଷେପ ନିଆଯିବ। ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ବ୍ୟବସାୟୀମାନଙ୍କୁ ଅପମିଶ୍ରଣ ନ କରିବା ପାଇଁ ସଚେତନତା ନୋଟିସ ଦିଆଯିବ ବୋଲି କହିଛନ୍ତି। କେଉଁଠି ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଚାଲିଥିବା ସମ୍ପର୍କରେ କେହି ଖବର ଦେଲେ ସେମାନଙ୍କ ନାମ ଗୋପନ ରଖାଯିବ ବୋଲି ସେ କହିଛନ୍ତି।

## ଥାନାବାବୁଙ୍କୁ ତୀରମାଡ଼...

ଚେଷ୍ଟା କରିଥିଲେ। ଛାତ ଉପରେ ବସିଥିବା ଯୁବକ ଧନୁ ତୀରରେ ଆକ୍ରମଣ କରିବା ଫଳରେ ତୀରଟି ଆଇଆଇସିଙ୍କ ଡାହାଣ ହାତରେ ବାଜିଥିଲା। ଏବେ ସୁଦନ ସ୍କୁଲରେ ରହି ଥିବାବେଳେ ଘଟଣା। ସ୍ଥଳରେ



ଆହତ ମହୁଲପଦା ଆଇଆଇସି ସୁରେଶ ଚନ୍ଦ୍ର ପ୍ରଧାନ।

ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତାଙ୍କ ନେତୃତ୍ୱରେ ଏକ ଟିମ ଘେରି ରହିଛନ୍ତି। ରାଉରକେଲାରୁ ଏକ ଡିଭିଏଫ ଟିମ ଆସୁଥିବା ସୂଚନା ରହିଛି। ରାତିରେ ଉନ୍ମତ୍ତ ଯୁବକ ପୁଣି କିଛି ଘଟାଇବା ସନ୍ଦେହ ଥିବାରୁ ରାତି ସାରା ଘେରି ରହିବା ପରେ ସକାଳେ ଯୁବକଙ୍କୁ କାବୁ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସିଦ୍ଧି ବିନାୟକଙ୍କ...

ମନ୍ଦିର ଟ୍ରଷ୍ଟ(ଏସ୍‌ଏସ୍‌ଜିଟି) ପକ୍ଷରୁ ଖଣ୍ଡନ କରାଯାଇଛି। ଉକ୍ତ ଭିଡିଓ ସିଦ୍ଧି ବିନାୟକ ମନ୍ଦିରର ହୋଇ ନ ଥିବା ଟ୍ରଷ୍ଟ କହିଛି। ଘଟଣାକୁ ନେଇ ଏସ୍‌ଏସ୍‌ଜିଟି ଅଧ୍ୟକ୍ଷ ସଦା ସର୍ବନକର କହିଛନ୍ତି, ମନ୍ଦିରରେ ପ୍ରତିଦିନ ଲକ୍ଷାଧିକ ଲଡ୍ଡୁ ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ। ସେଗୁଡ଼ିକୁ ପ୍ରସ୍ତୁତ କରାଯାଉଥିବା ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଇଥାଏ। ଭାଇରାଲ ହେଉଥିବା ଭିଡିଓ କୌଣସି ଅପରିଷ୍କାର ସ୍ଥାନର ହୋଇଥିବା ପରି ଜଣାପଡୁଛି। ସିଦ୍ଧି ବିନାୟକ ମନ୍ଦିରରେ ଏପରି କୌଣସି ସ୍ଥାନ ନ ଥିବା ସେ କହିଛନ୍ତି। ଭିଡିଓରେ ଦେଖାଯାଉଥିବା ପ୍ୟାକେଟ ଓ ପ୍ରସାଦ ଅନ୍ୟ କୌଣସି ସ୍ଥାନର ହୋଇଥିବା ପରି ଜଣାପଡୁଛି। ଘଟଣାର ତଦନ୍ତ ଆରମ୍ଭ ହୋଇ ସାରିଛି। ତଦନ୍ତରେ ମନ୍ଦିରରେ ଲାଗିଥିବା ସମସ୍ତ ସିସିଟିଭିକୁ ଯାଞ୍ଚ କରାଯିବ ବୋଲି ସର୍ବନକର କହିଛନ୍ତି। ତଦନ୍ତ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଡିସିପି ର୍‍ୟାଙ୍କ୍‌ର ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯିବ ବୋଲି ସେ ସୂଚନା ଦେଇଛି। ଯଦି କେହି ଦୋଷୀ ମିଳିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ଭିଡିଓ କ୍ଲିପ୍ କେବେର ତାହା ତଦନ୍ତରୁ ସ୍ପଷ୍ଟ ହେବ। ତେବେ କେହିଜଣେ ଲଡ୍ଡୁ ଥିବା ପ୍ଲାଷ୍ଟିକ ବ୍ୟାଗ୍‌ଗୁଡ଼ିକ ମଧ୍ୟରେ ମୂଷା ଛାଡ଼ିଦେଇଥିବା ନେଇ ମଧ୍ୟ ସର୍ବନକର ସନ୍ଦେହ ପ୍ରକାଶ କରିଛନ୍ତି। ମନ୍ଦିର ଟ୍ରଷ୍ଟ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ମଧ୍ୟ ହୋଇପାରେ। ପୂର୍ବରୁ ମଧ୍ୟ ବିଭିନ୍ନ ଅସାମାଜିକ ତତ୍ତ୍ୱଙ୍କ ପକ୍ଷରୁ ଏପରି ପ୍ରୟାସ କରାଯାଇଛି। ହିନ୍ଦୁ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବା ଉଦ୍ଦେଶ୍ୟରେ ଏହି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ସର୍ବନକର କହିଛନ୍ତି। ସିଦ୍ଧି ବିନାୟକ ମନ୍ଦିରରେ ଭକ୍ତମାନଙ୍କୁ ଦିଆଯାଉଥିବା ଲଡ୍ଡୁରେ ବ୍ୟବହୃତ ଘିଅ, କାଜୁ ଏବଂ ଅନ୍ୟ ସାମଗ୍ରୀ ପ୍ରଥମେ ବ୍ରିହନ୍ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେଶନ୍(ବିଏମ୍‌ସି)ର ଲାବୋରେଟୋରିକୁ ପଠାଯାଇଥାଏ। ସେଠାରୁ ଅନୁମୋଦନ ମିଳିବା ପରେ ହିଁ ସେଗୁଡ଼ିକୁ ବ୍ୟବହାର କରାଯାଇ ଭକ୍ତଙ୍କ ପାଇଁ ଲଡ୍ଡୁ ପ୍ରସ୍ତୁତ ହୋଇଥାଏ। ସିଦ୍ଧି ବିନାୟକ ମନ୍ଦିରରେ ଭକ୍ତଙ୍କୁ ଦିଆଯାଉଥିବା ପ୍ରସାଦ ସମ୍ପୂର୍ଣ୍ଣ ଶୁଦ୍ଧ ହୋଇଥିବା ସର୍ବନକର କହିଛନ୍ତି।

# ବିଶ୍ୱ ଦକ୍ଷତା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪।୯
(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଥିବା ଅମରେଶ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ପୁରସ୍କାର ଦେଇଛନ୍ତି। ସେହିପରି ମେଡାଲିଅନ ଫର ଏକ୍ସିଲେନ୍ସ ପାଇଥିବା ଗେଡେଲା ଅଖିଲଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପିଲାମାନଙ୍କ ଦକ୍ଷତା ବର୍ତ୍ତମାନ ବିଶ୍ୱର ଦୃଷ୍ଟିକୁ ଆସିପାରିଛି। ଆଗାମୀ ଦିନରେ ଓଡ଼ିଶାରେ ଦକ୍ଷତା ବିକାଶକୁ ଏକ ଆନ୍ଦୋଳନରେ ପରିଣତ କରାଯିବ। ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଆମର କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଛି। ଦକ୍ଷ ଯୁବଶକ୍ତି ହେବେ ବିକଶିତ ଓଡ଼ିଶାର ପ୍ରକୃତ ସାରଥି। ଆମ ଯୁବ ଶକ୍ତି ହିଁ ଆମ ପରିଚୟ। ସେମାନେ ଆମ ପାଇଁ ନୂଆ କ୍ରାନ୍ତି ଓ ଅଖଣ୍ଡ ବିଶ୍ୱାସର ଆଧାର। ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ତରରେ ଦକ୍ଷତା ବିକାଶ ପାଇଁ ଆମର ଉଦ୍ୟମ ଜାରି ରହିବ। ସାରା ଦେଶର ୬୦ ପ୍ରତିଯୋଗୀଙ୍କ ମଧ୍ୟରୁ କେବଳ ଓଡ଼ିଶାରୁ ୧୫ ଭାଗ ନେବା ଏକ ବହୁତ ବଡ଼ ସଫଳତା। ଓଡ଼ିଶା ପିଲାମାନଙ୍କର ଦକ୍ଷତା ଉପରେ ଥିବା ଭରସାର ଏହା ହେଉଛି ଜ୍ୱଳନ୍ତ ପ୍ରମାଣ। ଏହା ଆମ ଦକ୍ଷତାର ନୂଆ ମାନଦଣ୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ପିଲାମାନଙ୍କ ଦକ୍ଷତା ବର୍ତ୍ତମାନ ସାରା ବିଶ୍ୱର ଦୃଷ୍ଟିକୁ ଆସି ଗଲାଣି। ଗ୍ଲୋବାଲ ଷ୍ଟେଜରେ ଓଡ଼ିଶା ପିଲାମାନେ ପୁରସ୍କାର ପାଇବା ଏକ ରୁଟିନ୍ ହୋଇ ଗଲାଣି। ଏହି ଛାତ୍ରୀଛାତ୍ରମାନେ ହେଉଛନ୍ତି ଆମର ଗର୍ବ। ଏହିଭଳି ଦକ୍ଷ ଯୁବତୀ ଯୁବକମାନେ ହିଁ ଓଡ଼ିଶା ପାଇଁ ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିପାରିବେ। ଏହିଭଳି ଦକ୍ଷ ଯୁବତୀ ଯୁବକମାନଙ୍କ କାନ୍ଧରେ ହିଁ ଅଛି ଏକ ନୂତନ ଓଡ଼ିଶା ଗଠନର ଗୁରୁ ଦାୟିତ୍ୱ। ଓଡ଼ିଶାରେ ଦକ୍ଷତା ବିକାଶ ପାଇଁ ଆମେ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛୁ। ଚଳିତବର୍ଷ ବଜେଟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ କେବଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପାଇଁ ୧୦୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଦକ୍ଷତା କ୍ଷେତ୍ରରେ ସି.ଏମ. ଆସ୍ପାୟାର ଯୋଜନା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାର ଲକ୍ଷ୍ୟ ହେଉଛି ଶିଳ୍ପ କ୍ଷେତ୍ରରେ ପିଲାଙ୍କୁ ନିଯୁକ୍ତି ଯୋଗ୍ୟ କରିବା। ଆଧୁନିକ ଶିଳ୍ପର ଚାହିଦା ଅନୁଯାୟୀ ପିଲାଙ୍କ ଦକ୍ଷତାର ବିକାଶ କରିବା। ଏବେ ନିକଟରେ ୪୫ ହଜାର କୋଟି ଟଙ୍କାର ୨୬ ଶିଳ୍ପ ସ୍ଥାପନ ପାଇଁ ମଞ୍ଜୁରି ଦେଇଛୁ। ସେଥିରେ ୩୬ ହଜାର ନିଯୁକ୍ତି ସୃଷ୍ଟି ହେବ। ଏହି ସବୁ କ୍ଷେତ୍ରରେ ନିଯୁକ୍ତି ପାଇଁ ଉପଯୁକ୍ତ ଦକ୍ଷତା ଦରକାର। ସେଥିପାଇଁ ପିଲାମାନଙ୍କୁ ଇଣ୍ଡଷ୍ଟ୍ରି ରେଡି କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ କରାଯାଇ ଜିଲା ସ୍ତରରେ 'ନୂଆ ଓଡ଼ିଶା ଜିଲା ଦକ୍ଷତା କେନ୍ଦ୍ର' ଖୋଲା ଯାଉଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଯୁବକମାନେ ଦକ୍ଷତା ଅର୍ଜନ କରିବା ସହିତ ସ୍ଥାନୀୟ ଶିଳ୍ପର ଚାହିଦା ମଧ୍ୟ ପୂରଣ କରିପାରିବେ ବୋଲି ସେ କହିଛନ୍ତି। ପୁରସ୍କାର ପାଇଥିବା ପ୍ରତିଯୋଗୀ ଅମରେଶ ଓ ଅଖିଲ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ପ୍ରଶିକ୍ଷଣ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦେଶରୁ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ କେବଳ ୨୫ ପ୍ରତିଶତ ପ୍ରତିଯୋଗୀ ଓଡ଼ିଶାରୁ ହିଁ ଥିଲେ। ଓଡ଼ିଶାର ପିଲାମାନଙ୍କର ଦକ୍ଷତା ରହିଛି। ଏହାକୁ ତୃଣମୂଳସ୍ତରକୁ ପ୍ରସାରିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଦ୍ୟମ ଆରମ୍ଭ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶାର ଦକ୍ଷତାବିକାଶ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ମାନଦଣ୍ଡ ରହିଛି। ବିଶ୍ୱ ସ୍ତରରେ ଓଡ଼ିଶା ପିଲାମାନଙ୍କର ଦକ୍ଷତାକୁ ପରିଚୟ ମିଳିପାରିଛି। ଶିଳ୍ପର ଚାହିଦା ଅନୁଯାୟୀ ଆମ ପିଲାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ସେମାନେ ବିଶ୍ୱସ୍ତରରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ହୋଇପାରିବେ ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ. ରାଜପୁତ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଫ୍ରାନ୍ସର ଲିଅନଠାରେ ସେପ୍ଟେମ୍ବର ୧୦ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତାରେ ଦେଶର ୬୦ ଜଣ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ କେବଳ ଓଡ଼ିଶାରୁ ୧୫ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଦେବଗଡ଼ ଜିଲାର ଅମରେଶ ସାହୁ ଅକ୍ଷୟ ଶକ୍ତି କ୍ଷେତ୍ରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଗଜପତି ଜିଲାର ଗେଡେଲା ଅଖିଲ ୱାଟର ଟେକ୍ନୋଲୋଜିରେ ମେଡାଲିଅନ ଫର ଏକ୍ସିଲେନ୍ସ ପାଇଛନ୍ତି।







## ■ ଅମରେଶଙ୍କୁ ୨୫ ଲକ୍ଷ, ଅଖିଲଙ୍କୁ ୫ ଲକ୍ଷ ପୁରସ୍କାର

# ବାଲେଶ୍ୱର ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା

ଭୁବନେଶ୍ୱର,୨୪।୯(ଅନିଲ ଦାସ)

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ■ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ମିଳିବ ୧.୨୦ ଲକ୍ଷ ଟଙ୍କା
- ■ ଅଣଜଳସେଚିତ ଚାଷ ଜମି ପାଇଁ ହେକ୍ଟର ପିଛା ୮,୫୦୦, ଜଳସେଚିତ ଲାଗି ୧୭,୦୦୦
- ■ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା
- ■ ଚାଷୀ, ଗୃହପାଳିତ ପ୍ରାଣୀ ମାଲିକ, ମତ୍ସ୍ୟଜୀବୀ, ହସ୍ତଶିଳ୍ପୀଙ୍କୁ ମିଳିବ ସହାୟତା

ଚଳିତ ସେପ୍ଟେମ୍ବରରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତମାସ ୧୮ ତାରିଖରେ ବାଲେଶ୍ୱର ଗସ୍ତକରି କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ବାଲେଶ୍ୱର ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ଘୋଷଣା କରାଯାଇଛି। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହ ନିମନ୍ତେ ୧,୨୦,୦୦୦ ଟଙ୍କା, ଆଂଶିକ ଭାବେ କ୍ଷତିଗ୍ରସ୍ତ ପକ୍କା ଗୃହ ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପିଛା ୮୦୦୦ ଟଙ୍କା ଓ ଭାଙ୍ଗିଯାଇଥିବା ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ବାସଗୃହ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲେ କିମ୍ବା ୨ ଦିନ ଧରି ବନ୍ୟାଜଳରେ ବୁଡ଼ି ରହିଥିଲେ ଲୁଗାପଟା ପାଇଁ ୨୫୦୦ ଟଙ୍କା ଓ ବାସନ କୁସନ ପାଇଁ ୨୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଫସଲ/ଉଦ୍ୟାନ କୃଷି କ୍ଷୟକ୍ଷତିର ଭରଣା ନିମନ୍ତେ ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭,୦୦୦ ଓ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହି ସହାୟତା ସର୍ବାଧିକ ୨ ହେକ୍ଟର ପାଇଁ ଯୋଗାଇ ଦିଆଯିବ। ସେହିଭଳି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାଲିଚର ସହାୟତା (ଯଦି ୩ ଇଞ୍ଚରୁ ଉର୍ଦ୍ଧ୍ୱ ବାଲିଚର ହୋଇଥାଏ) ହେକ୍ଟର ପିଛା ୧୮,୦୦୦ ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା, ମାଛଚାଷ ପୋଖରୀର ମରାମତି ଓ ପଙ୍କ ଉଦ୍ଧାର ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା, ଯଦି ଚାଷ ଜମିର ଅନେକାଂଶ ଭୂସ୍ଖଳନ ଯୋଗୁ, ନଦୀର ଗତିପଥ ପରିବର୍ତ୍ତନ ଯୋଗୁ କ୍ଷୟ ହୋଇଥାଏ ତେବେ ହେକ୍ଟର ପିଛା ୪୭,୦୦୦ ଟଙ୍କା। ଏଥିପାଇଁ ଚାଷୀ ପିଛା ସର୍ବନିମ୍ନ ୫୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ସେହିପରି ମତ୍ସ୍ୟଜୀବୀମାନଙ୍କ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬,୦୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ଜାଲ ପାଇଁ ୩୦୦୦ ଟଙ୍କା, ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପାଇଁ ୧୫,୦୦୦ ଟଙ୍କା, ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜାଲ ପାଇଁ ୪,୦୦୦ ଟଙ୍କା ଓ ମତ୍ସ୍ୟ ଯାଆଁଳ ଚାଷର କ୍ଷତି ପାଇଁ ହେକ୍ଟର ପିଛା ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ମୃତ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ଦୁଧିଆଳୀ ପ୍ରାଣୀ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪୦୦୦ ଟଙ୍କା, ଭାରବାହୀ ପ୍ରାଣୀ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରି, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହି ସହାୟତା ରାଶି ଗୋଟିଏ ପରିବାରର ୩ଟି ବଡ଼ ଦୁଗ୍ଧ ପ୍ରଦାନକାରୀ ପ୍ରାଣୀ ବା ୩୦ଟି ଛୋଟ ଦୁଗ୍ଧ ପ୍ରଦାନକାରୀ ପ୍ରାଣୀ କିମ୍ବା ୩ଟି ବୃହତ ଭାରବାହୀ ପ୍ରାଣୀ ବା ୬ଟି ଛୋଟ ଭାରବାହୀ ପ୍ରାଣୀଙ୍କ ପର୍ଯ୍ୟନ୍ତ ସୀମିତ ରହିବ। ହସ୍ତଶିଳ୍ପ, ହସ୍ତତନ୍ତ କାରିଗରମାନଙ୍କୁ ଯନ୍ତ୍ରାଂଶ ନଷ୍ଟ ବା ପ୍ରତିସ୍ଥାପନ ପାଇଁ ଗ୍ରାମୀଣ କାରିଗର ପିଛା ୫୦୦୦ ଟଙ୍କା ଓ ବିଭିନ୍ନ ଆନୁଷଙ୍ଗିକ ଦ୍ରବ୍ୟ ପାଇଁ ଗ୍ରାମୀଣ କାରିଗର ପିଛା ୫୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ସର୍ବସାଧାରଣ ସମ୍ପତ୍ତି ଯଥା– ରାସ୍ତାଘାଟ, ପୋଲ, ବିଦ୍ୟାଳୟ, ପ୍ରାଥମିକ/ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୧ କେଭି ଏଲ୍‌ଟି ଲାଇନ, ପାନୀୟଜଳ ଯୋଗାଣ ବ୍ୟବସ୍ଥା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମହିଳା ମଣ୍ଡଳ, ଯୁବ କେନ୍ଦ୍ର, ପଞ୍ଚାୟତ ଘର ଓ ଅଙ୍ଗନୱାଡ଼ି ଗୃହ ଆଦିର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକଠାରୁ ସବିଶେଷ କ୍ଷୟକ୍ଷତିର ତଥ୍ୟ ହସ୍ତଗତ ହେଲାପରେ ଆର୍ଥିକ ସହାୟତା ଉକ୍ତ ବିଭାଗଗୁଡ଼ିକୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ବନ୍ୟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିପନ୍ନଙ୍କ ତ୍ୱରିତ ଉଦ୍ଧାର କାର୍ଯ୍ୟ ନିମନ୍ତେ ୮ଟି ଅଗ୍ନିଶମ ବାହିନୀ, ୩ଟି ଓଡ୍ରାଫ ଟିମ୍ ଓ ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଥିଲା। ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କୁ ବନ୍ୟା ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭାବିତ ଲୋକଙ୍କୁ ଜଳ ଜନିତ ରୋଗରୁ ସୁରକ୍ଷା ଦେବା ପାଇଁ ଜିଲା ସ୍ତରରେ ସ୍ୱାସ୍ଥ୍ୟସେବା ଟିମ୍ ଗଠନ କରାଯାଇଥିଲା।

# ଛାତ୍ରୀଙ୍କୁ ନିର୍ଯାତନା, ଶିକ୍ଷକ ଗିରଫ

ରାଉରକେଲା,୨୪।୯
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ରେଳଷ୍ଟେଶନ ରୋଡ୍ ନିକଟରେ ଥିବା ଏକ ଅର୍ଦ୍ଧ ଅନୁଦାନପ୍ରାପ୍ତ ସ୍କୁଲରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ପ୍ଲାଣ୍ଟ ସାଇଟ୍ ଥାନା ପୋଲିସ ଖେଳ ଶିକ୍ଷକଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଯଶବୀର ସିଂ(୫୧)। ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ପୋଲିସ କେସ୍ ନଂ. ୭୪୫/୨୪ରେ ଏକ ଆପରାଧିକ ମାମଲା ରୁଜୁ କରିଛି। ସ୍କୁଲ ପରିଚାଳନା କମିଟି ପକ୍ଷରୁ ମଙ୍ଗଳବାର ଶିକ୍ଷକଙ୍କୁ ବହିଷ୍କୃତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଶନିବାର ସ୍କୁଲ ଛୁଟି ପରେ ଶିକ୍ଷକ ଯଶବୀର ଛାତ୍ରୀଙ୍କୁ ରହିବା ପାଇଁ କହିଥିଲେ। ପରେ ଏକ କୋଠରିକୁ ନେଇ ତାଙ୍କୁ ଔଷଧ ଖାଇବାକୁ କହିଥିଲେ। ଛାତ୍ରୀ ଜଣକ ଖାଇବାକୁ ମନା କରିଥିଲେ ମଧ ବାରମ୍ବାର ଶିକ୍ଷକଙ୍କ ତାଗିଦ୍ ଯୋଗୁ ଭୟରେ ଔଷଧ ଖାଇଥିଲେ। ପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରଲୋକେ ସୋମବାର ପ୍ଲାଣ୍ଟ ସାଇଟ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମଙ୍ଗଳବାର ସ୍କୁଲକୁ ଯାଇ ଘଟଣାର ଛାନ୍‌ଭିନ୍ନ କରିବା ସହ ଶିକ୍ଷକଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ରାଉରକେଲା ଜୋନ୍–୨ ଡିଏସ୍‌ପି ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହେଉଛି। ଆଗକୁ ସ୍କୁଲ ସିସିଟିଭି ଫୁଟେଜ, ଛାତ୍ରୀଙ୍କ ବୟାନର ଅଡିଓ ରେକର୍ଡିଂ ହେବ। ଏହାପରେ ସମସ୍ତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାପାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ମଙ୍ଗଳବାର ସୂଚନା ଦେଇଛନ୍ତି। ମଙ୍ଗଳବାର ସ୍ଥାନୀୟ ଲୋକେ ସ୍କୁଲ ଆଗରେ ହୋହଲ୍ଲା କରିଥିଲେ। ପୋଲିସ କଷ୍ଟଡିରେ ଅଭିଯୁକ୍ତଙ୍କୁ ନ ରଖି ଜନତାଙ୍କ କଷ୍ଟଡିକୁ ଛାଡି ଦିଆଯାଉ ବୋଲି ଗର୍ଜି ଥିଲେ। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିଲ ପ୍ରଜାପତିଙ୍କୁ ପଚାରିବାରୁ, ଖେଳ ଶିକ୍ଷକ ଏଭଳି କାର୍ଯ୍ୟ କରିଥିବା ବିଶ୍ୱାସ ହେଉନି। ଘଟଣା ଯେତେବେଳେ ଥାନାକୁ ଗଲାଣି ଏହାର ନ୍ୟାୟିକ ତଦନ୍ତ ହେବା ନିତାନ୍ତ ଜରୁରୀ ବୋଲି ଦର୍ଶାଇଥିଲେ।

# ରାଜ୍ୟ ସରକାର, ନାଲ୍‌କୋ, ଇଡ୍‌କୋକୁ ନୋଟିସ

## ନାଲ୍‌କୋ ରେଲୱେ ସାଇଡିଂକୁ ନେଇ ହାଇକୋର୍ଟରେ ମାମଲା

କଟକ,୨୪।୯ (କାର୍ତ୍ତିକ ସାହୁ)

କଳିଙ୍ଗ କୋଲ ମାଇନ୍ସ ପାଇଁ ଅଧିଗୃହୀତ ଜମି ନାଲକୋ ରେଲୱେ ସାଇଡିଂ ନିମନ୍ତେ ବ୍ୟବହାର କରାଯିବା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ନୋଟିସ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ସମେତ ଇଡ୍‌କୋ, ନାଲକୋକୁ ଜବାବ ଦାଖଲ ପାଇଁ ଏହି ନୋଟିସ ଜାରି ହୋଇଛି। ଅକ୍ଟୋବର ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କଳିଙ୍ଗ କୋଲ ମାଇନ୍ସ ଲିମିଟେଡ୍‌ର ରେଲୱେ ସାଇଡିଂ ପାଇଁ ୨୦୦୬ରେ ନୋଟିଫିକେଶନ ହୋଇଥିଲା। ଅନୁଗୋଳ ଜିଲା ଗୋଲାବନ୍ଧ ମୌଜାର ଜମି ଅଧିଗ୍ରହଣ ହୋଇଥିଲେ ବି ଅଦ୍ୟାବଧି ସରକାର ଉକ୍ତ ଜମି ଦଖଲକୁ ନେଇ ନ ଥିଲେ। ବର୍ତ୍ତମାନ ଉକ୍ତ ଜମିକୁ ବେଆଇନ ଭାବେ ନାଲକୋ ରେଲୱେ ସାଇଡିଂ ପାଇଁ ସରକାର ଦେଉଛନ୍ତି। ଅଧିଗ୍ରହଣ ଯେଉଁ ଉଦ୍ଦେଶ୍ୟରେ ହୋଇଥିଲା ଏବେ ଆଉ ଏକ ଉଦ୍ଦେଶ୍ୟରେ ତାହା ବ୍ୟବହାର କରାଯାଉଥିବାରୁ ତାହାକୁ ବିରୋଧ କରାଯାଇଛି। ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ମୋଟ ୬ଟି ଆବେଦନର ଏକତ୍ର ଶୁଣାଣି ହୋଇଛି। ଆବେଦନରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

# ୧୮ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୪।୯ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆଗାମୀ କିଛି ଦିନ ଯାଏ ରାଜ୍ୟରେ ଅନେକ ସ୍ଥାନରେ ବିଜୁଳି ଘଡ଼ଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। କିଛି ଜିଲାକୁ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ଏହିସବୁ ଜିଲାଗୁଡିକ ହେଲା ଯାଜପୁର, କେନ୍ଦ୍ରପଡ଼ା, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ସୋନପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ କନ୍ଧମାଳ।






ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । – ଶ୍ରୀଅରବିନ୍ଦ



# ଅସ୍ପଷ୍ଟ କୂଟନୀତି

ସାମ୍ପ୍ରତିକ ପରିସ୍ଥିତିରେ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧ ଲାଗିରହିଥିବା ବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୩ ଦିନିଆ ଆମେରିକା ଗସ୍ତ ଉପରେ ରାଜନୈତିକ ବିଶେଷଜ୍ଞମାନଙ୍କର ନଜର ରହିଥିଲା । ସେପ୍ଟେମ୍ବର ୨୧ରେ ଡେଲାୱେର୍‌ର ୱିଲ୍‌ମିଂଟନରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଆୟୋଜିତ କ୍ୱାଡ୍ ନେତାଙ୍କ ସମ୍ମିଳନୀରେ ମୋଦିଙ୍କ ସମେତ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନସ୍ ଯୋଗଦେଇଥିଲେ । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଏହି ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିଥିଲେ । ସେ ଭାରତୀୟ ସମୁଦାୟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ସହ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । କ୍ୱାଡ୍ ସମ୍ମିଳନୀରେ ଇଣ୍ଡୋ-ପାସିଫିକ୍ ବା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ଭାଇକଲ କ୍ୟାନ୍‌ସରର ମୁକାବିଲା କରିବା ସକାଶେ କ୍ୱାଡ୍ କ୍ୟାନ୍‌ସର ମୁନ୍‌ସୁଟ୍ ଘୋଷଣା କରାଯାଇଥିଲା । ଉଲ୍ଲେଖନୀୟ ଯେ, ଏକ ଆନ୍ତଃ ସରକାରୀ ସୁରକ୍ଷା ମଞ୍ଚ ଭାବେ ୨୦୦୭ରେ କ୍ୱାଡ୍ ଗଠନ ହେବା ପରେ ୨୦୦୮ରେ ବନ୍ଦ ହୋଇଯାଇଥିଲା । ୨୦୧୭ରେ ଏହାକୁ ପୁନର୍ଗଠନ କରାଯିବା ପରେ ଏହା ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛି । ଆମେରିକାରେ ଅନୁଷ୍ଠିତ କ୍ୱାଡ୍ ସମ୍ମିଳନୀରେ ୪ଟି ଦେଶର ନେତାମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏହା ସହ ସେଠାରେ ବଳ ପ୍ରୟୋଗକରି ସ୍ଥିତାବସ୍ଥା ବଦଳାଇବାକୁ ଚାହୁଁଥିବା କିମ୍ବା ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ କ୍ୱାଡ୍ ତୀବ୍ର ବିରୋଧ କରିଆସୁଛି ବୋଲି ଏକ ମିଳିତ ବିବୃତିରେ କୁହାଯାଇଥିଲା । ଏହା ପରୋକ୍ଷରେ ଚାଇନାକୁ ସ୍ପଷ୍ଟ ଇଙ୍ଗିତକରେ । କାରଣ ଚାଇନା ଏବେ ସୁଦ୍ଧା ଦକ୍ଷିଣ ଚାଇନା ସାଗର ଓ ପୂର୍ବ ଚାଇନା ସାଗରରେ ତାହାର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛି । ଏହାକୁ ମାଲେସିଆ, ଫିଲିପାଇନ୍ସ, ବ୍ରୁନେଇ, ଭିଏତ୍‌ନାମ ଓ ତାଇୱାନ୍ ବିରୋଧ କରିଆସୁଛନ୍ତି । ସୁରକ୍ଷା ଦୃଷ୍ଟିରୁ ଏହା ମଧ୍ୟ ଭାରତ ପାଇଁ ବିପଦ । ନିକଟରେ ଚାଇନା ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସେଠାକାର ସ୍ଥିତିର ଗମ୍ଭୀରତାକୁ ପ୍ରକାଶକରେ । ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ କହିଲେ ଭାରତ ମହାସାଗର, ପଶ୍ଚିମ ଓ କେନ୍ଦ୍ର ପ୍ରଶାନ୍ତ ମହାସାଗର ତଥା ଏହି ଦୁଇଟିକୁ ସଂଯୋଗ କରୁଥିବା ଅନ୍ୟ ସାଗରକୁ ବୁଝାଏ । ଏହି ସମୁଦ୍ର ପଥରେ ଏସିଆ, ୟୁରୋପ ଏବଂ ଆଫ୍ରିକା ମଧ୍ୟରେ ବାଣିଜ୍ୟ ସୁଗମ ହୋଇଥାଏ । ତେବେ ଚାଇନାର ଏକତରଫା ଆଧିପତ୍ୟ ରହିଲେ ବାଣିଜ୍ୟରେ ବାଧା ସୃଷ୍ଟିହେବା ସହ ପାଶ୍ଚାତ୍ୟ ଏପରିକି ବିଶ୍ୱ ଅର୍ଥନୀତି ପ୍ରଭାବିତ ହେବା ସମ୍ଭାବନା ଅଧିକ । ଚାଇନା ଏବେ ତାଇୱାନ୍‌କୁ ଦଖଲ କରିବାକୁ ଚେଷ୍ଟା କରୁଥିବାରୁ ଏହି ଅଞ୍ଚଳ ଆହୁରି ଅଶାନ୍ତ ହୋଇପଡ଼ିଛି ।

> **ଚିନ୍ତାର ବିଷୟ ହେଲା, କୂଟନୀତିରେ ଭାରତ ଏକ ସ୍ପଷ୍ଟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ରଖିପାରି ନାହିଁ । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ ଭାରତ କେବେହେଲେ ଖୋଲାଖୋଲି ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିନାହିଁ ।**

କ୍ୱାଡ୍‌ରେ ଚାଇନାକୁ ଟାର୍ଗେଟ କରାଯିବା ନୂଆ ନୁହେଁ । ପୂର୍ବ ସମ୍ମିଳନୀଗୁଡ଼ିକରେ ମଧ୍ୟ ଚାଇନାକୁ ରୋକିବାକୁ ଚେଷ୍ଟା କରାଯାଇଆସୁଛି । ଏଥିପାଇଁ କ୍ୱାଡ୍‌ର ମିଳିତ ସମରାଭ୍ୟାସ ସମୟାନ୍ତରେ କରାଯାଉଛି । ସୁରକ୍ଷା ଦିଗକୁ ବିଚାରକଲେ ଚାଇନାର ପଡ଼ୋଶୀ ଭାବେ ଭାରତକୁ ଏବେଠାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ । ଜି୭ ଦେଶ ସହ ବନ୍ଧୁତା ସ୍ଥାପନକୁ ଗୁରୁତ୍ୱ ଦେଉଥିବା ତଥା କ୍ୱାଡ୍ ସଦସ୍ୟ ରାଷ୍ଟ୍ର ଭାବେ ନିଜର ଅର୍ଥ ଓ ସାମରିକ ବ୍ୟବସ୍ଥାକୁ ମଜଭୁତ କରିବା ଦରକାର । କାରଣ ଚାଇନା କ୍ରମାଗତ ଭାବେ ଏଲ୍ଏସିରେ ତାହାର ଉପସ୍ଥିତି ଜାହିରକରି ଉତ୍ତେଜନା ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି । ଚିନ୍ତାର ବିଷୟ ହେଲା, କୂଟନୀତିରେ ଭାରତ ଏକ ସ୍ପଷ୍ଟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ରଖିପାରି ନାହିଁ । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ ଭାରତ କେବେହେଲେ ଖୋଲାଖୋଲି ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିନାହିଁ । ଏଠାରେ ମନେପକାଇ ଦିଆଯାଇପାରେ ଯେ, ଯୁଦ୍ଧ ଆରମ୍ଭ ବେଳେ ଜାତିସଂଘ ସାଧାରଣ ସଭାରେ ରୁଷିଆର ଆକ୍ରମଣକୁ ନେଇ ଆଗତ ନିନ୍ଦା ପ୍ରସ୍ତାବ ଉପରେ ଭୋଟିଂରୁ ଭାରତ ନିବୃତ୍ତ ରହିଥିଲା । ଯୁଦ୍ଧର ମୋଡ଼ ବଦଳିବା ବେଳକୁ ପ୍ରଥମେ ୮ ଜୁଲାଇ ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ସାକ୍ଷାତକରିବା ପରେ ଅଗଷ୍ଟ ୨୩ରେ ୟୁକ୍ରେନ୍ ଯାଇ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟକରି ଆସିଥିଲେ । ନୂଆଦିଲ୍ଲୀ ଏଭଳି ଅସ୍ପଷ୍ଟ କୂଟନୀତି ଆପଣାଇ ଆସୁଥିବାବେଳେ ଭାରତ -ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ଉତ୍ତେଜନାମୂଳକ ପଦକ୍ଷେପକୁ ଆଗକୁ ସାମ୍ନା କରିବାକୁ ଯଦି କୌଣସି ସମୟରେ ଭାରତକୁ କ୍ୱାଡ୍‌ର ଟାଣୁଆ ସଦସ୍ୟ ଆମେରିକାର ସହାୟତା ଦରକାର ପଡ଼େ, ତେବେ ଚିନ୍ତା କରିବାକୁ ହେବ ଯେ, ସେହି ଦେଶର ସକ୍ରିୟ ସହଯୋଗ ସଙ୍ଗେ ସଙ୍ଗେ ମିଳିବ ନା ନୂଆଦିଲ୍ଲୀର ନୀତି ଭଳି ତାହା ଅସ୍ପଷ୍ଟ ରହିବ ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 2 | | | 7 | | 5 |
| | 7 | | 8 | 6 | | | 3 | |
| | | | | | | 4 | | 2 |
| 8 | | | | 3 | | | | |
| | 1 | | | 7 | | 2 | | |
| | | 6 | | | 9 | | | |
| 6 | | 4 | | 1 | | 9 | | |
| 3 | | 1 | | | 8 | | | |
| | | 2 | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 6 | 2 | 4 | 3 | 5 | 9 |
| 2 | 6 | 5 | 7 | 9 | 3 | 8 | 1 | 4 |
| 9 | 4 | 3 | 1 | 8 | 5 | 6 | 2 | 7 |
| 3 | 9 | 2 | 8 | 4 | 7 | 5 | 6 | 1 |
| 4 | 1 | 6 | 5 | 3 | 9 | 7 | 8 | 2 |
| 8 | 5 | 7 | 2 | 1 | 6 | 4 | 9 | 3 |
| 5 | 3 | 8 | 9 | 7 | 2 | 1 | 4 | 6 |
| 6 | 7 | 9 | 4 | 5 | 1 | 2 | 3 | 8 |
| 1 | 2 | 4 | 3 | 6 | 8 | 9 | 7 | 5 |

ଗତକାଲିର ଉତ୍ତର

# ଡିଜିଟାଲ ପରଦା



ପ୍ରକାଶ ତ୍ରିପାଠୀ

ନିକଟରେ ପରିବାର ସହ ଗୋଟିଏ ରେସ୍ତୋରାଁକୁ ରାତ୍ରିଭୋଜନ ପାଇଁ ଯାଇଥିଲି । ଆମ ସମ୍ମୁଖ ଟେବୁଲରେ ଏକ ଦମ୍ପତି ବସିଥାଆନ୍ତି । ସେମାନଙ୍କ ସହିତ ତାଙ୍କର ଛୋଟ ପୁଅଟିଏ ଥାଏ । ବୟସ ଅତି ବେଶି ହେଲେ ତିନି ବର୍ଷ ହେବ । ପତ୍ନୀ ଓ ପତି କୌଣସି ଏକ ବିଷୟରେ କଥାବାର୍ତ୍ତା ହେଉଥା'ନ୍ତି । କିନ୍ତୁ ଛୋଟ ପୁଅଟି ଟେବୁଲ ଉପରେ ଥୁଆ ହୋଇଥିବା ବିଭିନ୍ନ ସାମଗ୍ରୀ ଇତ୍ୟାଦିକୁ ନେଇ ଖେଳରେ ମାତିଥାଏ । ମଝିରେ ମଝିରେ କିଛି କଥା ସେ ମା' ଓ ବାପାଙ୍କୁ ପଚାରୁଥାଏ । କିନ୍ତୁ ମା'ବାପାଙ୍କଠାରୁ କୌଣସି ଉତ୍ତର ନ ମିଳୁଥିବାରୁ ଅନ୍ୟ ଉପାୟ ନ ପାଇ ପିଲାଟି ଟେବୁଲ ଉପରେ ଥୁଆ ହୋଇଥିବା ସାମଗ୍ରୀ ସହ ପୂର୍ବ ପରି ଖେଳୁଥାଏ । ମଝିରେ ମଝିରେ ପତ୍ନୀପତି ତାଗିଦା କଲେ ମଧ୍ୟ ପିଲାଟି କିଛି ଶୁଣୁ ନଥାଏ । କିଛି ସମୟ ପରେ ଯେତେବେଳେ ସେମାନେ ପୁଅଟି ହାତରେ ସେମାନଙ୍କର ଗୋଟିଏ ମୋବାଇଲ ଫୋନ ଧରାଇଦେଇ ଗେମ୍ ଖେଳିବାକୁ କହିଲେ, ସେତେବେଳେ ପିଲାଟିର ଚପଳତା ବନ୍ଦ ହୋଇ ଯାଇଥିଲା ଓ ଏକନିଷ୍ଠ ହୋଇ ଡିଜିଟାଲ ଗେମ୍‌ରେ ସେ ମଜ୍ଜିଗଲା । ଏଭଳି ଏକ ଘଟଣା ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି, କିପରି ଆମେ ଅଭିଭାବକମାନେ ଛୋଟ ପିଲାମାନଙ୍କୁ ସମୟ ନ ଦେଇ ପ୍ରଥମରୁ ଡିଜିଟାଲ ଉପକରଣ ସହ ଯୋଡିଦେଉଛୁ; ଯାହାକି ସେମାନଙ୍କ ପାଇଁ ହାନିକାରକ ସାବ୍ୟସ୍ତ ହେଉଛି ।

ଆଜିର ଡିଜିଟାଲ ଯୁଗରେ ପିଲାମାନେ ସ୍ମାର୍ଟଫୋନ, ଟାବ୍‌ଲେଟ, କମ୍ପ୍ୟୁଟର କିମ୍ବା ଟେଲିଭିଜନ ମାଧ୍ୟମରେ ଛୋଟ ବୟସରୁ ଡିଜିଟାଲ ପରଦାରେ ଅଧିକ ଆକ୍ରାନ୍ତ ହୋଇଯାଉଛନ୍ତି । ଶିଶୁ ବିଶେଷଜ୍ଞଙ୍କ ମତରେ ଅତ୍ୟଧିକ ଭାବେ ଡିଜିଟାଲ ପରଦା ସଂସ୍ପର୍ଶରେ ଶିଶୁମାନେ ଆସିବା ଦ୍ୱାରା ସେମାନଙ୍କ ଜ୍ଞାନଗତ ବିକାଶ ବିଳମ୍ବ ହୋଇଥାଏ । ଡିଜିଟାଲ ପରଦାର ଅତ୍ୟଧିକ ବ୍ୟବହାର ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି କରିପାରେ, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କଠାରେ ଶାରୀରିକ ଖେଳ, ସାମାଜିକ କଥାବାର୍ତ୍ତା, ସମସ୍ୟା ସମାଧାନ କୌଶଳ ଏବଂ ଭାଷା ବିକାଶ ଉପରେ ପ୍ରଭାବ ପକାଇପାରେ । ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ମେଦବହୁଳତା, ନିଦ୍ରାହୀନତା, ଥକାପଣ ଏବଂ ଦୃଷ୍ଟିଶକ୍ତି ସମସ୍ୟା ଉପୁନରେ ସାହାଯ୍ୟ କରିଥାଏ । ଅତ୍ୟଧିକ ଡିଜିଟାଲ ପରଦାର ବ୍ୟବହାର ପିଲାମାନଙ୍କଠାରେ ଉଦାସୀନତା, ଚିନ୍ତା ଆଦି ମାନସିକ ସମସ୍ୟା ସୃଷ୍ଟି କରିବା ସହ ସେମାନଙ୍କଠାରେ ବିଭିନ୍ନ ଆଚରଣଗତ ସମସ୍ୟା ସୃଷ୍ଟି କରୁଛି । ଏପରିକି ହିଂସା ଓ କ୍ରୂରତାଭିତ୍ତିକ ଡିଜିଟାଲ ଦୃଶ୍ୟ ସେମାନଙ୍କ ମାନସିକ ସ୍ଥିତିକୁ ବିଗାଡ଼ିବା ସହ ସେମାନଙ୍କଠାରେ ଅନୁରୂପ ପ୍ରବୃତ୍ତି ସୃଷ୍ଟି କରୁଛି ।

ଖବର ପ୍ରକାଶ ପାଇଛି ଯେ ସ୍ୱିଡେନ ସରକାରଙ୍କ ପକ୍ଷରୁ ଛୋଟ ପିଲାମାନଙ୍କ ପ୍ରତି ମୋବାଇଲ ଫୋନ, ଟିଭି ଓ କମ୍ପ୍ୟୁଟର ଆଦି ଡିଜିଟାଲ ସ୍କ୍ରିନ ବା ପରଦା ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । ଏ ବିଷୟରେ ସରକାର ମନୋବିଜ୍ଞାନୀ, ଶିଶୁରୋଗ ବିଶେଷଜ୍ଞ ଓ ଅଭିଭାବକମାନଙ୍କ ସହ ବିଚାରବିମର୍ଶ ଜାରି ରଖିଛନ୍ତି । ପିଲାମାନଙ୍କ ସମୟ ଅତିବାହିତକୁ କିପରି ସହଜ ଓ ସରଳ କରାଯାଇପାରିବ ତଥା ସେମାନଙ୍କ ବାଲ୍ୟ ସମୟକୁ କିପରି ପୂର୍ବପରି ଆକର୍ଷଣୀୟ ଓ ପରିଭାଷିତ କରାଯାଇ ସେମାନଙ୍କୁ ଫେରାଇ ଦିଆଯାଇ ପାରିବ, ସେ ଦିଗରେ ସେଠାକାର ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ପିଲାମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ନିମନ୍ତେ ଡିଜିଟାଲ ଉପକରଣକୁ ସେମାନଙ୍କଠାରୁ ଦୂରେଇ ରଖିବାକୁ ସରକାରଙ୍କ ଉଦ୍ୟମକୁ ସେଠାକାର ଜନସାଧାରଣ ସହଯୋଗ କରୁଛନ୍ତି । ସରକାରଙ୍କ ଏହି ପଦକ୍ଷେପକୁ ସ୍କ୍ରିନ ଟାଇମ କୁହାଯାଉଛି । ଏଥିରେ କୁହାଯାଇଛି ଯେ, ଦୁଇବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଡିଜିଟାଲ ପରଦାଠାରୁ ସମ୍ପୂର୍ଣ୍ଣ ଦୂରରେ ରଖାଯିବ । ଦୁଇରୁ ପାଞ୍ଚ ବର୍ଷର ପିଲାମାନଙ୍କୁ ଦିନକୁ ସର୍ବାଧିକ ଏକ ଘଣ୍ଟା, ଛ' ବର୍ଷରୁ ବାର ବର୍ଷର ପିଲାମାନଙ୍କୁ ଦିନକୁ ସର୍ବାଧିକ ଦୁଇ ଘଣ୍ଟା ଓ କିଶୋର ବୟସର ପିଲାମାନଙ୍କୁ ସର୍ବାଧିକ ତିନିଘଣ୍ଟା ଡିଜିଟାଲ ପରଦା ବ୍ୟବହାର ପାଇଁ ଅନୁମତି ମିଳିପାରିବ । ଶୋଇବା ସମୟରେ, ଏପରିକି ଶୟନ କକ୍ଷରେ କୌଣସି ପ୍ରକାର ଡିଜିଟାଲ ପରଦା ବ୍ୟବହାର ହୋଇପାରିବ ନାହିଁ । ଏଥିପାଇଁ ମାତାପିତା ଓ ଅଭିଭାବକମାନଙ୍କୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ସ୍ୱିଡେନ ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକା, ଆୟାରଲାଣ୍ଡ, ଫ୍ରାନ୍ସ ଆଦି ଅନେକ ରାଷ୍ଟ୍ର ପିଲାମାନଙ୍କ ଡିଜିଟାଲ ସ୍କ୍ରିନ ବ୍ୟବହାର ଉପରେ କଟକଣା ଲାଗୁ କରିସାରିଲେଣି । ଆମେରିକୀୟ ମେଡିକାଲ ଆସୋସିଏସନ ପେଡିଆଟ୍ରିକ୍ସର ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଛୋଟ ପିଲାମାନଙ୍କ ବିଳମ୍ବିତ ମାନସିକ ବିକାଶ ସହିତ ଡିଜିଟାଲ ପରଦା ସହ ଜଡ଼ିତ ସମୟର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ଆଠ ହଜାର ଛୋଟ ପିଲାଙ୍କୁ ନେଇ ହୋଇଥିବା ଗବେଷଣାରୁ ଏହ ସ୍ପଷ୍ଟ ହୋଇଛି ଯେ, ଅଧିକ ସମୟ ଡିଜିଟାଲ ପରଦାରେ ସମୟ ଅତିବାହିତ କରୁଥିବା ପିଲାମାନେ କମ୍ ସମୟ ଡିଜିଟାଲ ପରଦାରେ ଅତିବାହିତ କରୁଥିବା ପିଲାଙ୍କ ତୁଳନାରେ କମ୍ ମେଧାସମ୍ପନ୍ନ ଓ ସେମାନଙ୍କ ବ୍ୟବହାରିକ ଆଚରଣ ମଧ୍ୟ ନିମ୍ନ ସ୍ତରର ।



ଉତ୍ତରପ୍ରଦେଶର ଗୋଟିଏ ପ୍ରତିଷ୍ଠିତ ଘରୋଇ ସ୍କୁଲ ଇତିମଧ୍ୟରେ ଛୋଟ ପିଲାମାନଙ୍କୁ ମୋବାଇଲ ଫୋନ ବ୍ୟବହାରଠାରୁ ଦୂରେଇ ରଖିବା ପାଇଁ ଏକ ଅଭିନବ ସଚେତନତାମୂଳକ ପଦକ୍ଷେପ ନେଇଛନ୍ତି, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପ୍ରାର୍ଥନା କକ୍ଷରେ ଯେତେବେଳେ ସବୁ ପିଲା ଠିଆ ହୋଇ ପ୍ରାର୍ଥନା କରିବାକୁ ଯାଉଛନ୍ତି, ସେହି ସମୟରେ ଜଣେ ଶିକ୍ଷୟିତ୍ରୀ କାନ୍ଦି କାନ୍ଦି ସେଠାରେ ପ୍ରବେଶ କରୁଛନ୍ତି । ତାଙ୍କ ଆଖିରେ ବ୍ୟାଣ୍ଡେଜ ଲଗାଯାଇଛି ଓ ଆଖି ଚାରିପଟରେ ରକ୍ତ ବି ଲାଗିଛି । ଅନ୍ୟ ଶିକ୍ଷୟିତ୍ରୀମାନେ ଏ ସବୁ ଦେଖି ବ୍ୟତିବ୍ୟସ୍ତ ହୋଇଯାଉଛନ୍ତି ଓ କିପରି ଏଭଳି ଦୁର୍ଘଟଣା ହେଲା ବୋଲି ପଚାରୁଛନ୍ତି । ଆହତ ଶିକ୍ଷୟିତ୍ରୀ ଜଣଙ୍କ ମୋବାଇଲ ଫୋନ ବ୍ୟବହାର ଦ୍ୱାରା ତାଙ୍କର ଆଖି ନଷ୍ଟ ହୋଇଯାଇଛି ବୋଲି କହୁଛନ୍ତି । ଏହାପରେ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଯେତେବେଳେ ମୋବାଇଲ ଫୋନ୍‌ଟିଏ ଉପସ୍ଥିତ ପିଲାମାନଙ୍କୁ ଦେଉଛନ୍ତି, ତାହାକୁ ଧରିବାକୁ ମଧ୍ୟ ପିଲାମାନେ ମନା କରିଦେଉଛନ୍ତି । ମୋବାଇଲ ଫୋନଠାରୁ ଛୋଟ ଛୋଟ ପିଲାମାନଙ୍କୁ ଦୂରେଇ ରଖିବା ପାଇଁ ପ୍ରସ୍ତୁତ ହୋଇଥିବା ଏହି ଭିଡିଓକୁ ସାଧାରଣରେ ପ୍ରଶଂସା କରାଯାଉଛି । ତେବେ ବିଦ୍ୟାଳୟଗୁଡ଼ିକରେ ଡିଜିଟାଲ ପରଦା ମାଧ୍ୟମରେ ପାଠପଢ଼ା ହେଉ ବା ମୋବାଇଲ ଫୋନ ବ୍ୟବହାରକୁ ନେଇ ନିର୍ଦ୍ଦିଷ୍ଟ ସମୟ ଲାଗୁ କରାଯାଇପାରିବ, ମାତ୍ର ଅଧିକ ସମୟ ପିଲାମାନେ ନିଜ ଘରେ ଅତିବାହିତ କରୁଥିବାରୁ ସେମାନଙ୍କ ଉପରେ ଅଧିକ ଯତ୍ନବାନ ହେବାର ଦାୟିତ୍ୱ ମାତା-ପିତା ବା ଅଭିଭାବକମାନଙ୍କର ରହିଛି । ପିଲାମାନଙ୍କ ପାଇଁ ଡିଜିଟାଲ ପରଦାର ସମୟ ନିର୍ଦ୍ଧାରଣ କରନ୍ତୁ ଓ ସେମାନଙ୍କ ଉପରେ ନଜର ବି ରଖନ୍ତୁ । ସେମାନଙ୍କଠାରେ ବିକଳ୍ପ କାର୍ଯ୍ୟକଳାପ ସୃଷ୍ଟି ପାଇଁ ପ୍ରୋତ୍ସାହନ ଦିଅନ୍ତୁ ଯେପରିକି ବହି ପଢ଼ିବା, ବାହାରେ ଖେଳିବା, ଚିତ୍ର ଆଙ୍କିବା, ଗୀତ ଶିଖିବା, ନୃତ୍ୟ ଶିଖିବା, ସେମାନଙ୍କୁ ଗପ ବା କାହାଣୀ ଶୁଣାଇବା ଇତ୍ୟାଦି । ପିଲାମାନଙ୍କ ଆଗରେ ଆଦର୍ଶ ହୁଅନ୍ତୁ, ଅର୍ଥାତ୍ ନିଜର ଡିଜିଟାଲ ପରଦାର ସମୟକୁ ପ୍ରଥମେ ସୀମିତ କରନ୍ତୁ । ସେମାନଙ୍କ ସହ ଅଧିକ ସମୟ ଅତିବାହିତ କରନ୍ତୁ । ଯେତିକି ସମୟ ପିଲାମାନେ ଡିଜିଟାଲ ପରଦାରେ ରହୁଛନ୍ତି, ସେମାନେ ଦେଖୁଥିବା ବିଷୟବସ୍ତୁ ଉପରେ ନଜର ରଖନ୍ତୁ ଓ ତାହା ବୟସ-ଉପଯୁକ୍ତ ଏବଂ ସେମାନଙ୍କର ବିକାଶ ପର୍ଯ୍ୟାୟ ପାଇଁ ଉପଯୁକ୍ତ ବୋଲି ନିଶ୍ଚିତ କରନ୍ତୁ । ସନ୍ତୁଳିତ ଡିଜିଟାଲ ପରଦା ବ୍ୟବହାରର ମହତ୍ତ୍ୱ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ତାହାର ସମ୍ଭାବ୍ୟ ପ୍ରଭାବ ବିଷୟରେ ଆପଣଙ୍କ ପିଲାମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଆସନ୍ତୁ ଏକ ସୁସ୍ଥ ଡିଜିଟାଲ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରିବା, ଯେଉଁଠାରେ ଆମ ପିଲାମାନେ ବିନା ବାଧାରେ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶର ଶୀର୍ଷରେ ପହଞ୍ଚିପାରିବେ ।

ମୋ: ୯୪୩୭୨୩୨୪୬୩

# ଶୁଭ ସକାଳ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ସକାଳ ଭାରି ଶାନ୍ତ । ଘୋ ଘା ନ ଥିବ । ଅଳସ ଭାଙ୍ଗୁଥିବ ପୃଥିବୀ । ଜୀବନ ଧୀରେ ଧୀରେ ଫେରୁଥିବ ତା' ନିକଟକୁ । କ୍ଷୀର ଖାଉଥିବା ବାଛୁରିକୁ ସ୍ନେହବୋଳା ହମ୍ବା ରଡ଼ିରେ ସକାଳ ଆହୁରି ସତେଜ ହେଉଥିବ । ପକ୍ଷୀର କିଚିରିମିଚିରି, ହଳ ଲଙ୍ଗଳ ଧରି ଯାଉଥିବା ଚଷା ପୁଅର ନିଜ ବଳଦ ସହ କଥାବାର୍ତ୍ତା, ସଜ ଫିଟା କୁକୁଡ଼ାର ମୁକ୍ତ ମୂର୍ଚ୍ଛନା, ଦାଣ୍ଡ ଧୋଉ ଧୋଉ ସକାଳର ସମ୍ଭାଷଣ କରୁଥିବା ସାହି ମାଇପିଙ୍କ ଆଲୋଚନା, ମୁହଁ ନ ଧୋଇ ଦାଣ୍ଡରେ ଖେଳୁଥିବା ଛୋଟ ପିଲାଙ୍କ ହସରୋଳ, ଫେରିବାଲାର ଡାକ, ପୋଖରୀରୁ ଦଳବଦ୍ଧ ହୋଇ ଫେରୁଥିବା କିଶୋରୀ ଓ ନୂଆ ବୋହୂଙ୍କ ଚିପା ଚିପା କଥା, ମନ୍ଦିର ସକାଳ ଆଳତିର ଘଣ୍ଟ ଇତ୍ୟାଦି ଗାଁ ସକାଳକୁ ଆହୁରି କମନୀୟ କରି ଗଢ଼ି ତୋଳୁଥିଲା । ନଡ଼ାଛପର ଚାଳର ରନ୍ଧ୍ର ଦେଇ ଘର ଭିତରକୁ ସୂର୍ଯ୍ୟ କିରଣ ସିଧା ମୁହଁରେ ପଡ଼ିଲେ କିମ୍ବା ଝରକା ପାଖରେ କୁଆ କି ବଣି ଆସି ନିଜର ସ୍ୱରରେ ସକାଳୁଆ ଗୀତ ଗାଇଲେ ଅଥବା ମାଆ ଆସି ସ୍ନେହବୋଳା ବିରକ୍ତିକର ନିଜ ଭାଷାରେ ସକାଳୁଆ ଚଉପଦୀ ଗାଳି ଶୁଣିଲେ ଅବଶ୍ୟ କିଛି ଲୋକଙ୍କ ନିଦ ଭାଙ୍ଗେ । ଶେଯ ଛାଡ଼ି ନ ଥିବା ଲୋକଟି ତରତର ହୋଇ ଶେଯ ଛାଡ଼ିବାକୁ ବାଧ୍ୟ ହେଉଥିଲା । ଶେଯରୁ ଉଠିବାବେଳେ ନିଜର ଦୁଇ ପାପୁଲିକୁ ଦେଖି ବୋଲିବାକୁ ହେଉଥିଲା – କରାଗ୍ରେ ବସତି ଲକ୍ଷ୍ମୀ, କର ମଧ୍ୟେ ସରସ୍ୱତୀ, କର ମୂଳେ ତୁ ଗୋବିନ୍ଦଃ ପ୍ରଭାତେ କର ଦର୍ଶନମ । ଏହା କାଳେ ଶୁଭମୟ । ମାନ୍ୟତା ମୁତାବକ କରର ଅଗ୍ରଭାଗରେ ମା' ଲକ୍ଷ୍ମୀ, ମଧ୍ୟମରେ ସରସ୍ୱତୀ, ମୂଳରେ ସ୍ୱୟଂ ଗୋବିନ୍ଦଙ୍କ ବାସ ରହିଛି । ନିଜର ହାତ ପାପୁଲିକୁ ସକାଳୁ ସକାଳୁ ଦର୍ଶନ କଲେ ଲକ୍ଷ୍ମୀ, ସରସ୍ୱତୀ ଓ ଗୋବିନ୍ଦଙ୍କ ଏକତ୍ର ଦର୍ଶନ ହୋଇଥାଏ । ଆଉ କାହା ମୁହଁ ଦର୍ଶନ ଅପେକ୍ଷା ଭଗବାନଙ୍କ ଦର୍ଶନରୁ ସକାଳ ଆରମ୍ଭ ହୁଏ ଏବଂ ଦିନଟି ଶୁଭପ୍ରଦ ହୋଇଥାଏ । ଆମ ପ୍ରକୃତିର ବିଭବ ସକାଳର ଶୁଦ୍ଧ ଧୀର ସମୀର, ଜୀବନ୍ତ ଓ ପ୍ରାଣବନ୍ତ ଗଛଲତା, ବନ ପାହାଡ଼, ଝୁଲାଝରଣା, ଗାଁ ମାଟିର ବାସ୍ନା, ସ୍ୱାଗତ ଭଙ୍ଗୀରେ ଠିଆ ହୋଇଥିବା ଗାଁ ପାଖ ଧାଡ଼ି ଧାଡ଼ି ତାଳଗଛ, ପ୍ରଣାମ ମୁଦ୍ରାରେ ନଇଁଥିବା ଗାଁ ଛେଦର ଝଙ୍କାଳିଆ ବର କି ତୁରେଇ ଗଛ, ରହି ରହି ଟଙ୍ଗ ଟଙ୍ଗ ବାଜୁଥିବା ଘଣ୍ଟି, ଗାଁ ଚାରିପଟର ସବୁଜିମା ଆଦି ଆଖିରେ ପଡ଼ିଗଲେ ସକାଳ ମନଟା ପୁର୍ତ୍ତି ଲାଗୁଥିଲା ଏବଂ ଭିତରେ ଏକ ଉର୍ଜା ଜାଗ୍ରତ ହେଉଥିଲା । ନିଜ ଭିତରେ ଗୋଟେ ଆତ୍ମ ବିଶ୍ୱାସ ଜାଗ୍ରତ ହେଉଥିଲା – ନା ମୁଁ ଏକା ନୁହେଁ, ମୋ ସହିତ ମୋ ଗାଁ ମାଟି, ଗାଁର ମଣିଷ ଓ ଗାଁର ପ୍ରକୃତି ରହିଛି । ଏଇ ବିଶ୍ୱାସର ବଳରେ ମଣିଷ ଖେଦି ବୁଲୁଥିଲା ଚାରିଆଡ଼େ ନିଜ କର୍ମପଥରେ ।

ଗାଁର ସକାଳ କହିଲେ ଭୋରବେଳା । ସୂର୍ଯ୍ୟ ଉଇଁବା ପରେ ଉଠିଲେ ତା' ପଛରେ ଅଳସୁଆର ଷ୍ଟାମ୍ପ ଲାଗି ଯାଉଥିଲା । ସମୟ ବଦଳିଛି । ସହର କଥା ଛାଡନ୍ତୁ, ସେଠି ସକାଳ ଓ ରାତିର ହିସାବ କିଏ କରେନି । ନିଅନ ଆଲୁଅ ଭିତରେ ମଣିଷ ରାତିରେ ବି ଦିନର ଭ୍ରମରେ ରହେ । ଅନିଦ୍ରା କାମ କରେ । ଅଲଗା ଅଲଗା ମଣିଷ ପାଇଁ ସକାଳର ପରିଭାଷା ସ୍ୱତନ୍ତ୍ର ।



ରାତି ବାର ପରଠାରୁ ସକାଳ ଏଗାର ଯାଏ ଭିନ୍ନ ଭିନ୍ନ ମଣିଷ ନିଜ ବାଗରେ ଶେଯ ଛାଡନ୍ତି ଓ ସେମାନଙ୍କ ଶୁଭ ସକାଳ ଆରମ୍ଭ ହୁଏ ସେହିକ୍ରମରେ । ବ୍ୟତିକ୍ରମ ଜୀବନଶୈଳୀ ଓ ସମୟ ସହ ତାଳ ନ ଦେଇ ବଞ୍ଚିବା ଆଜିକାର ବଡ଼ ସମସ୍ୟା । ଏହା ହିଁ ବିବିଧ ରୋଗର ମୂଳ କାରଣ ବୋଲି ଚିକିତ୍ସକମାନେ ଧରି ବସିଲେଣି । ଗାଁ ଏବେ ବିଦୀର୍ଣ୍ଣ । ନିର୍ଯାତନା ଭୋଗୀ ନାରୀଟିଏ ପରି ଗୁମୁରି ଗୁମୁରି କାନ୍ଦୁଛି । ତା' ଯନ୍ତ୍ରଣାକୁ କିଏ ଭୋଗୁଛି । ବରଂ ସମସ୍ତେ କୃତ୍ରିମ ଶୋକପ୍ରକାଶ କରି ପୁନଶ୍ଚ ଅନୁରୂପ ନିର୍ଯାତନା ଦେବାକୁ ପଛ ଘୁଞ୍ଚା ଦେଉ ନାହାନ୍ତି । ସହର ଓ ଗାଁରେ ସକାଳର ବିକଳ ଚିତ୍ର । ଏବେ ସକାଳ ଆସେ ମୋବାଇଲର ରିଂରେ ଅଥବା ମେସେଜର ବିପ୍ ସାଉଣ୍ଡରେ । ଆକର୍ଷଣୀୟ ଶୁଭ ସକାଳର ସଂଗୀତର ମୂର୍ଚ୍ଛନା, ମନଲୋଭା ଚିତ୍ର, ଚିତ୍ତକୁ ସମ୍ମୋହନ କରୁଥିବା ତଥ୍ୟ ସମ୍ବଳିତ ଚିତ୍ର ବା ଇମୋଜି, ଡିଜିଟାଲ ପୋଷ୍ଟର, ଏଆଇର ଶୁଭ ସକାଳର ବାର୍ତ୍ତା ଇତ୍ୟାଦି । ଅନ୍ତରଂଗ ଆଳାପ କରୁ କରୁ ରାତି ବାର ପରେ ପ୍ରିୟ ମଣିଷ ଏଣିକି ଗୁଡ୍ ନାଇଟ ବଦଳରେ ଶୁଭ ସକାଳ ବୋଲି ସମ୍ବୋଧନ କରନ୍ତି କିମ୍ବା ଚମକପ୍ରଦ ଶୁଭ ସକାଳର ବାର୍ତ୍ତା ଦେଇ ଶୋଇବାକୁ ଯାଆନ୍ତି । ସୋସିଆଲ ମିଡିଆରେ ଘୂରି ବୁଲୁଥିବା ରାତିଚରଙ୍କ ଶୁଭ ସକାଳର ବାର୍ତ୍ତା ଆପଣଙ୍କୁ ଯେ କୌଣସି ସମୟରେ ଆସି ପହଞ୍ଚିବ । ନିଜ ପାଖରେ ମୋବାଇଲ ରଖିବା ଅଭ୍ୟାସ ଥିଲେ ଏହି ଶୁଭ ବାର୍ତ୍ତା ଆପଣଙ୍କ ବିରକ୍ତିକୁ ବହୁ ଗୁଣିତ କରିବ । ବାରମ୍ବାର ନିଦ ଭାଙ୍ଗୁଥିବ । ଆପଣ ବି ପ୍ରେରଣକର୍ତ୍ତାଙ୍କ ଭଳି ସମଧର୍ମା ହୋଇଥିଲେ ଅଗତ୍ୟା ସାଉଣ୍ଡ କାନରେ ବାଜୁ ବାଜୁ ମୋବାଇଲ ଉଠେଇ ନିଦଭରା ଆଖିରେ ମୋବାଇଲକୁ ପହଁରେଇବେ । ମୋବାଇଲ ସ୍କ୍ରିନର ସମୟକୁ ପ୍ରଥମେ ଦେଖିବେ । ଆଖିକୁ ବିସ୍ଫାରିତ କରିବେ । କେବେକେବେ ମୁରୁକୁନ୍ଦିଆ ହସଟେ ଖୋଲିଯିବ ଆପେ ଆପେ । ପରେ ପ୍ରେରଣକର୍ତ୍ତାଙ୍କ ବାର୍ତ୍ତାକୁ ପଢିବେ । ତତ୍‌ପଶ୍ଚାତ ଆପଣ ଆଉ କାହାଠାରୁ ପ୍ରାପ୍ତ ଶୁଭ ସକାଳର ବାର୍ତ୍ତାକୁ ପଠେଇବାକୁ ଆଦୌ ହେଳା କରିବେନି । ପୁଣି କିଛି ସମୟ ହୁଏତ ମୋବାଇଲ ପହଁରେଇବେ ନତୁବା ଥୋଇ ଦେଇ ଶୋଇବାକୁ ଚେଷ୍ଟା କରିବେ ।

ଶୁଭ ସକାଳର ଅଜବ ବାର୍ତ୍ତା ମଧ୍ୟ ସବୁ ଆସେ । ପ୍ରାଣାୟମ, କସରତ, ସକାଳୁଆ ବୁଲା, ବିଭିନ୍ନ ରୋଗର ଉପଶମ ପାଇଁ ଗୁରୁବାଣୀ, ନେଚର ପାଥି, ହିତବାଣୀ, ଚାଣକ୍ୟ ନୀତି, ବାବା ଓ ମାତାଙ୍କ ଉପଦେଶ, ମଜାଳିଆ ଚୁଟୁକୁଲା, ଦିବସର ଅନୁଚିନ୍ତା, ଦିବସର ବିଶେଷ ଖାଦ୍ୟର ତାଲିକା, ଦିବସର ବିଶେଷତା, ଶବ୍ଦର ସନ୍ଧିବିଶେଷ ସହ ଅର୍ଥତତ୍ତ୍ୱ, ରାଜନୀତି, ଅର୍ଥନୀତି, ବ୍ୟଙ୍ଗ, ଶ୍ଳୋକ, ଏଆଇ ବାର୍ତ୍ତା ଠାରୁ ଆରମ୍ଭ କରି କିଛି ନ ଦେଖିପାରିବା ଓ ନ ପଢ଼ିପାରିବା ଭଳି ଆପତ୍ତିଜନକ ବାର୍ତ୍ତା ବି ସେଥିରେ ଥିବ । ଗ୍ରହଣକର୍ତ୍ତା ବି ପଢୁ ବା ନ ପଢୁ ହୃଦୟକୁ ଛୁଇଁଥିବା କିଛି ସନ୍ଦେଶକୁ ପ୍ରଥମେ ଆଉ କିଛି ଜଣକୁ ଶେଯରୁ ଅଧା ଉଠି ନ ପଠେଇଲେ ମନ ଶାନ୍ତି ଲାଗିବନି । ଥୋକାଏ ଗ୍ରୁପରେ ଛାଡ଼ିଦେଲେ ଯାଇ ଶେଯ ତ୍ୟାଗର ପର ଚିନ୍ତା । କଥା ହେଲା ପଠଉଥିବା କିମ୍ବା ଗ୍ରହଣ କରୁଥିବା ବ୍ୟକ୍ତିଟି ଏଇସବୁ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାରୁ ଯଦି କାଣିଚାଏ ନିଜ ଜୀବନରେ ଅନୁପାଳନ କରିବ ତେବେ ଦୁନିଆଟା କାଉଁରୀ କାଠିର ଛୁଆଁ ପରି ବଦଳିଯିବ । କିନ୍ତୁ ଏସବୁ ପାଳନ କରିବ କିଏ ? ଏହା କେବଳ ବାର୍ତ୍ତା ଶୁଭ ସକାଳ ପାଇଁ । ତାକୁ ଧରି ରଖିଲେ କ'ଣ ହେବ ? ସକାଳ ସହ ତ ତାକୁ ଛାଡି ଦେବାକୁ ହେବ । ନ ହେଲେ ଆପଣ ପଛରେ ପଡ଼ିଯିବେ ଏଇ ଭାବ ଆମର । ତଥାପି ଆପଣଙ୍କୁ ଶୁଭ ସକାଳ । ଚେତନା ଜାଗ୍ରତ ହେଉ ଏଥର ।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡା
ମୋ:୯୪୩୭୯୦୯୬୭୧

## ଏଇ ଭାରତରେ

ଦୟାଭାବ ଓ ଦୃଢ଼ ଇଚ୍ଛାଶକ୍ତି ସେବା ପାଇଁ ପଥ ଖୋଲିଦିଏ, ଯାହା ଘଟିଛି ଇନ୍ଦ୍ରାଣୀଙ୍କ ଜୀବନରେ । ପଶ୍ଚିମବଙ୍ଗର ପୁରୁଲିୟାର ଏକ ଛୋଟ ଗାଁରେ ରୁହନ୍ତି ଇନ୍ଦ୍ରାଣୀ । ଏହି ଗାଁରେ ବୁଲା କୁକୁରଙ୍କୁ ନିର୍ଯାତନା ଦିଆଯିବା ସମୟରେ ସେ ତାହାର ବିରୋଧ କରିଥିଲେ । ସେ ବୁଲା କୁକୁରଙ୍କୁ ସୁରକ୍ଷା ଦେବା ଲାଗି ଉପାୟ ମଧ୍ୟ ଚିନ୍ତା କରିଥିଲେ । ବୁଲା କୁକୁରଙ୍କୁ ସାହାଯ୍ୟ କରିବା ଲାଗି ସେ ସୋସିଆଲ ମିଡିଆରେ ପ୍ରଚାର କରି ସଫଳ ହୋଇଛନ୍ତି । ସୋସିଆଲ ମିଡିଆରେ ଇନ୍ଦ୍ରାଣୀଙ୍କ ଅନୁରୋଧକୁ ଦେଖି ଏବେ ତାଙ୍କ ସହ ୧୦୦ରୁ ଅଧିକ ପ୍ରାଣୀପ୍ରେମୀ ଯୋଡ଼ି ହୋଇ ସାରିଲେଣି । ଫଳରେ ସେ ନିଜ ଗାଁ ତଥା ଆଖପାଖ ଅଞ୍ଚଳରେ ବୁଲା କୁକୁରଙ୍କୁ ଖୁଆଇବା ସହ ସେମାନଙ୍କ ଯତ୍ନ ନେଇ ପାରୁଛନ୍ତି । ଇନ୍ଦ୍ରାଣୀ ଏବେ ସୁଦ୍ଧା ତାଙ୍କ ଅଭିଯାନ ଜାରି ରଖିଛନ୍ତି ଓ ଆହୁରି ଅଧିକ ସଂଖ୍ୟକ ପ୍ରାଣୀପ୍ରେମୀଙ୍କ ସହଯୋଗ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ହେଲେ ସେ ଅଧିକରୁ ଅଧିକ ବୁଲା ପ୍ରାଣୀଙ୍କ ଯତ୍ନ ନେବାରେ ସକ୍ଷମ ହେବେ ବୋଲି କହିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୭୫

- ବଲାଙ୍ଗୀର ଜିଲାର ଡୁଙ୍ଗୁରିପାଲିଠାରେ ଘରୋଇ ଉଦ୍ୟୋଗରେ ଏକ କାଗଜକଳ ସ୍ଥାପନ କରାଯିବା ନିମନ୍ତେ ସରକାର ଲାଇସେନ୍ସ ମଞ୍ଜୁର କରିଛନ୍ତି ।
- ସମାଜର ତଳ ଶ୍ରେଣୀର ଲୋକମାନଙ୍କୁ ମହାଜନମାନଙ୍କ ଶୋଷଣରୁ ମୁକ୍ତ କରିବା ପାଇଁ ମହାଜନୀ କାରବାର ନିୟନ୍ତ୍ରଣ ଉପରେ ରାଜ୍ୟ ସରକାର ଏକ ଅର୍ଡିନାନ୍ସ ଜାରି କରିଛନ୍ତି ।

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଳ
ସବୁ କବିତାର ଛନ୍ଦ ତହିଁରେ ଠୁଳ !
ପାଦରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲୋ !
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଟିରେ ମିଶୁଛି ମାଣ୍ଡୁକା ପାହାଡ଼

ମହାଶୟ,

ରାଜ୍ୟରେ ଖଣି ଲୁଟ୍ ନେଇ କଠୋର ପଦକ୍ଷେପ ଗ୍ରହଣ ପାଇଁ ମୋହନ ସରକାର ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି । ହେଲେ ଯାଜପୁର ଜିଲାର ଧର୍ମଶାଳାରେ ପଥର ମାଫିଆଙ୍କ ପରି ଦର୍ପଣ ତହସିଲ ଅଧୀନରେ ମୋରମ ମାଫିଆ ମାତିଛନ୍ତି । ଅତୀତରେ ଏଠାରୁ ବେଆଇନ ମୋରମ ଚାଲାଣରେ ସରକାରଙ୍କ ତରଫରୁ ବହୁକୋଟି ଟଙ୍କାର ଜରିମାନା ଓ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନାଲିଫିତା ତଳେ ବନ୍ଧା ପଡ଼ିଛି । ଏବେ ମାଣ୍ଡୁକା ପାହାଡ଼ରୁ ମୋରମ ଲୁଟ୍ ପ୍ରସଙ୍ଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏଠାରୁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ମୋରମ ଲୁଟ୍ କରୁଛନ୍ତି । ପ୍ରତି ସପ୍ତାହରେ ଏଠାରୁ ପ୍ରାୟ ୫ ହଜାର କ୍ୟୁବିକ ମିଟର ମୋରମ ଉଠା ହୋଇ ଲୁଟ ହେଉଥିବାର ଅଭିଯୋଗ ହେଉଛି । ଖାଦାନ ଏରିଆ ଭିତରୁ ଯେତିକି ମୋରମ ଚାଲାଣ ହୋଇଛି, ଲିଜ୍ ଏରିଆ ବାହାରୁ ତତୋଧିକ ମୋରମ ଲୁଟ୍ ହୋଇଛି । ଏହି ପାହାଡ଼ର ଐତିହାସିକ ଏବଂ ପୌରାଣିକ ଗୁରୁତ୍ୱ ରହିଛି । ଏଠାରୁ ମୋରମ ଲୁଟ୍ ପାହାଡ଼ ଧ୍ୱଂସ ହେବା ଫଳରେ ସ୍ଥାନୀୟ ଅଞ୍ଚଳର ବ୍ୟାପକ କ୍ଷତି ହେଉଛି । ଏହି ପାହାଡ଼ଟି ଜଙ୍ଗଲ ବିଭାଗ ଅଧୀନରେ ରହିବା କଥା ବୋଲି ସାଧାରଣରେ ଅଭିଯୋଗ ହେଉଛି । ମାଫିଆଙ୍କ କବଳରୁ ମୁକ୍ତ କରି ମାଣ୍ଡୁକା ପାହାଡ଼ର ସୁରକ୍ଷା ଉପରେ ସରକାର ଧ୍ୟାନ ଦିଅନ୍ତୁ ।

-ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧାନକିଣାରେ ଠକେଇ, ବ୍ୟବସାୟୀ ଗିରଫ

ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଅଡ଼ଗାଁ ଗ୍ରାମର ୬ଜଣ ଚାଷୀଙ୍କଠାରୁ ଧାନ କିଣି ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଜଣେ ବ୍ୟବସାୟୀଙ୍କୁ ସ୍ଥାନୀୟ ସଦର ଥାନା ପୋଲିସ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ. ୫ ନିବାସୀ ଉମଙ୍ଗ ଅଗ୍ରୱାଲ। ତାଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ. ୩୪୧/୨୪) ରୁଜୁ ହୋଇଛି। ବ୍ୟବସାୟୀଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ବ୍ୟବସାୟୀ ଉମଙ୍ଗ ମଣ୍ଡି ବଦଳରେ ସିଧାସଳଖ ଅଡ଼ଗାଁ ଗ୍ରାମର ଦେବଦତ୍ତ ମିଶ୍ର, ସତ୍ୟଦତ୍ତ ମିଶ୍ର, ହରେକୃଷ୍ଣ ମହାକୁର, ମୋହନ ଭୋଇ, ଆଲୋକ ସାହୁ ଏବଂ ରାଜେଶ ମହାକୁରଙ୍କଠାରୁ ସମୁଦାୟ ୧୨୦୦ପକେଟ୍ ଧାନ କିଣିଥିଲେ। ସେହି କ୍ରୟଧାନକୁ ସେ ଏକ ରାଇସ୍ ମିଲ୍‌କୁ ଏକ ଗାଡ଼ିରେ ନେଇଥିଲେ। ଉକ୍ତ କ୍ରୟଧାନ ବାବଦକୁ ବ୍ୟବସାୟୀ ଉପରୋକ୍ତ ଚାଷୀମାନଙ୍କୁ ମୋଟ୍ ୮ଲକ୍ଷ ୩୫ହଜାର ଟଙ୍କା ଦେବା କଥା। ତେବେ ବ୍ୟବସାୟୀ ଜଣକ ସେ ବାବଦକୁ ଏକ ଚେକ୍ ପ୍ରଦାନ କରିଥିଲେ ଏବଂ ସେହି ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ଏ ନେଇ ଚାଷୀମାନେ ବ୍ୟବସାୟୀଙ୍କ ପାଖକୁ ଯିବାରୁ ସେ ନାନା ଆଳ ଦେଖାଇ କେବଳ ଦିନ ଗଡ଼ାଇ ଚାଲିଥିଲେ। ଫଳରେ ଚାଷୀମାନେ ଏ ନେଇ ସଦର ଥାନାରେ ଏତଲା ଦେଇଥିଲେ। ଏତଲା ପରେ ବ୍ୟବସାୟୀ ଜଣକ ଫେରାର୍ ହୋଇ ଯାଇଥିଲେ। ପୋଲିସ ଖୋଜାଖୋଜି କରି ତାଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ୨ ଶିକ୍ଷକ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୪।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନଠାରେ ଓଡ଼ିଶାର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ୨ କୃତୀ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉଭୟଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୪ ଜାତୀୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏହି ୨ ଜଣ କୃତୀ ଶିକ୍ଷକ ସ୍ଥାନ ପାଇବା ଆମ ପାଇଁ ଗର୍ବର ବିଷୟ। ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଅଭିନବ ଶିକ୍ଷା ପଦ୍ଧତିର ପ୍ରୟୋଗରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ବିଜ୍ଞାନ ଶିକ୍ଷାକୁ ସହଜ ଉପାୟରେ ପିଲାମାନଙ୍କୁ ବୁଝାଇ ଜଣେ ସୁନାମଧନ୍ୟ ଓ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେହିଭଳି କଳା ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ ଆମୋଦପୂର୍ଣ୍ଣ ଶିକ୍ଷାଦାନ ସହିତ ଶିକ୍ଷାରେ ଜନଜାତି ସଂସ୍କୃତି ଓ କଳାକୁ ପ୍ରଦର୍ଶିତ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ। ଉଭୟଙ୍କର ଏହି ଉଚ୍ଚ ଆଦର୍ଶ ଓ ଉଦ୍ୟମ ବଳରେ ସେମାନେ ଆଜି ଜାତୀୟ ସ୍ତରରେ ପ୍ରଶଂସନୀୟ ହୋଇଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସର୍ବୋତ୍ତମ ପ୍ରଣାଳୀ ଆଣିବା ପାଇଁ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ବଜେଟରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ସ୍ତରରେ ପିଲାମାନଙ୍କ ମୂଳଦୁଆକୁ ମଜଭୁତ କରିବା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଖୋଲାଯିବ। ଏହି ବିଦ୍ୟାଳୟଗୁଡ଼ିକ ପ୍ରାଥମିକ ସ୍ତରରେ ପିଲାଙ୍କ ମେଧାଶକ୍ତିର ପରିସ୍ଫୁଟନ କରି ସେମାନଙ୍କୁ ଉଚ୍ଚ ବିଦ୍ୟାଳୟକୁ ଛାଡ଼ିବ। ଆଗାମୀ ଦିନରେ ଏହା ଆମର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସନ୍ତୋଷ କୁମାର କର କଳାହାଣ୍ଡି ଜିଲା ନର୍ଲାରୋଡ୍ ଜୟ ଦୁର୍ଗା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଥିବାବେଳେ ଦ୍ୱିତୀ ଚନ୍ଦ୍ର ସାହୁ ରାୟଗଡା ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ବିଲେସୁ ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ନାଗରିକ ଭାବେ ଗଢ଼ି ତୋଳିବା ହେଉଛି ଶିକ୍ଷକ ସମାଜର ଦାୟିତ୍ୱ। ଉଭୟ ଶିକ୍ଷକ ଶିକ୍ଷାଦାନ କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କ ପାଇଁ ପ୍ରେରଣା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କାର୍ଯ୍ୟକ୍ରମରେ କୃତୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

# ପୁଣି ଖୋଲିଲା ହୀରାକୁଦ ଜଳଭଣ୍ଡାରର ସ୍ଲୁଇସ୍ ଗେଟ୍

- ୨ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳ ନିଷ୍କାସନ
- ଜଳସ୍ତର ୬୩୦ ଫୁଟ୍‌ରେ ସ୍ଥିର

ସମ୍ବଲପୁର,୨୪।୯(ପ୍ରମୋଦ ବହିଦାର): ହୀରାକୁଦ ଜଳଭଣ୍ଡାରର ପୁଣି ଦୁଇଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌କୁ ସ୍ପର୍ଶ କରିଛି। ତିନି ଦିନ ଧରି ଏହି ଜଳସ୍ତରକୁ ବଜାୟ ରଖାଯିବା ପରେ ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ବାମ ପାର୍ଶ୍ୱର ଦୁଇଟି ସ୍ଲୁଇସ୍ ଗେଟ୍‌କୁ ଖୋଲାଯାଇଛି। ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍‌ରେ ସ୍ଥିର ରହିଛି। ଏହିସମୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତିସେକେଣ୍ଡରେ ୪୮ ହଜାର ୦୯୬ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ସମାନ ପରିମାଣର ବନ୍ୟାଜଳ ଜଳଭଣ୍ଡାରରୁ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୨ଟି ସ୍ଲୁଇସ୍ ଗେଟ୍ ଜରିଆରେ ୧୩ ହଜାର ୩୧୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୨୯ ହଜାର ୯୦୬ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୮୫୫ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ୬.୫୦ ମିଲିମିଟର ଓ ତଳମୁଣ୍ଡାରେ ୨୧.୦୯ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ସୂଚନାରୁ ପ୍ରକାଶ।

# ଇବ୍ ନଦୀରୁ ଡେଇଁ ଆତ୍ମହତ୍ୟା କରିଥିବା ଯୁବକଙ୍କ ମୃତଦେହ ଜବତ

ବ୍ରଜରାଜନଗର,୨୪।୯।୯(ବିଜୟ ବରାଡ଼): ସ୍ଥାନୀୟ ଇବନଦୀ ରେଳବ୍ରିଜ୍ ଉପରୁ ଗତ ରବିବାର ପାଣିକୁ ଡେଇଁ ଆତ୍ମହତ୍ୟା କରିଥିବା ଆଶିଷ ଅଗ୍ରୱାଲଙ୍କ ମୃତଦେହ ମଙ୍ଗଳବାର ଇବନଦୀର ରତାଖଣ୍ଡି କୂଳରୁ ଜବତ ହୋଇଛି। ଗତ ୨୨ ଓ ୨୩ ତାରିଖ ୨ଦିନ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀ ଏବଂ ଓଡାଫ ଟିମ ଆଶିଷଙ୍କ ମୃତଦେହ ଖୋଜିବାକୁ ନେକେଦମ ହେବାକୁ ପଡିଥିଲା। ଆଶିଷ ଯେଉଁ ସ୍ଥାନରେ ପାଣିକୁ ଡେଇଁ ଆତ୍ମହତ୍ୟା କରିଥିଲା ତାର ଅଧା କି.ମି. ଦୂରରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପରେ ମୃତଦେହ ଜବତ କରାଯାଇଛି। ବ୍ରଜରାଜନଗର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଟ୍ରକ୍ ଧକ୍କାରେ ଛେଳି ଚରାଳି ମୃତ

ସୁନ୍ଦରଗଡ,୨୪।୯(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ କଲେଜ ବାଇପାସ ଅମଲିପାଣିଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କୋଇଲା ବୋଝେଇ ଟ୍ରକ ଧକ୍କାରେ ଜଣେ ଛେଳି ଚରାଳୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁବାରୀ ବାଗ(୭୦)। ଏଥିସହ ୬ ଛେଳିଙ୍କ ମଧ୍ୟ ଜୀବନ ଯାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଟାଉନଥାନା ପୋଲିସ,ସଦର ତହସିଲଦାର ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଛି। ସୂଚନାଯୋଗ୍ୟ, ଗୁରୁବାରୀ ଛେଳି ଚରାଇ ଘରକୁ ଫେରୁଥିବା ବେଳେ ହେମଗିର ବସୁନ୍ଧରା ପଟୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ତାଙ୍କ ଉପରେ ଚଢ଼ିଯାଇଥିଲା।



ଡ୍ୟାନ୍ସ ବିଚିତ୍ରା କାର୍ଯ୍ୟକ୍ରମରେ ଅତିଥିଗଣ।


ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାକୁ ଶୋଭାଯାତ୍ରାରେ ନିଆଯାଉଛି।

# ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ପାଳିତ

ଭବାନୀପାଟଣା/ଜୁନାଗଡ଼,୨୪।୯
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)



ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

କଳାହାଣ୍ଡି ଜିଲା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ମଙ୍ଗଳବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଛି। କଳାହାଣ୍ଡି ମହାରାଜ ଅନନ୍ତ ପ୍ରସାଦ ଦେଓଙ୍କ ଉପସ୍ଥିତିରେ ପର୍ବ ପାଳନ କରାଯାଇଛି। ସିଧାସଳଖ ମା'ଙ୍କ ଦର୍ଶନ କରିଥିବାରୁ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୬ଟା ୧୫ରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ଘଣ୍ଟଦଳ ସହ ଏକ ଶୋଭାଯାତ୍ରାରେ ପୂଜକ ମା'ଙ୍କ ପାଟଖଣ୍ଡାକୁ ଧରି ନିକଟ ଡାକବଙ୍ଗଳାରେ ତିଆରି ଅସ୍ଥାୟୀ କୁଡିଆକୁ ନେଇଥିଲେ। ସେହିପରି ବୁଢାରଜା ମନ୍ଦିରରୁ ଶଙ୍ଖୁଆରୀ ଆଉ ଏକ ଖଣ୍ଡା ସେଠାକୁ ଆଣିଥିଲେ। ଉପରୋକ୍ତ ଅସ୍ଥାୟୀ କୁଡିଆରେ ମା'ଙ୍କ ପାଟଖଣ୍ଡା ଓ ବୁଢାରଜାଙ୍କ ଖଣ୍ଡାକୁ ସ୍ୱର୍ଣ୍ଣକାର ବାଳକୃଷ୍ଣ ଆଚାରୀ ପୂଜାର୍ଚ୍ଚନା କରି ମାର୍ଜନା କରିଥିଲେ। ପରେ ପୂଜକ ମା'ଙ୍କ ଖଣ୍ଡାକୁ ଧରି ଲଙ୍କେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେହିପରି ଶଙ୍ଖୁଆରୀ ମା'ଲଙ୍କେଶ୍ୱରୀଙ୍କ ପାଟଖଣ୍ଡାକୁ ମାର୍ଜନା ପାଇଁ ମଧ୍ୟ ତାଙ୍କ ଖଣ୍ଡାକୁ ନେଇ ବୁଢାରଜା ମନ୍ଦିରକୁ ଯାଇଥିଲେ। ମା' ଲଙ୍କେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ରାତିରେ ମା'ଙ୍କ ପାଟଖଣ୍ଡାକୁ ଚାଉଳ ଉପରେ ବସାଯାଇଥିଲା। କିଛି ସମୟ ପରେ ଏକ ଛୋଟ ପଶୁ (ପାଟଗଡରା) ବଳି ଦିଆଯାଇଥିଲା। ମଧ୍ୟରାତ୍ରିରେ ଦେବୀଙ୍କ ମନ୍ଦିର ପରିସରରେ ଥିବା ଶିମୁଳି ଗଛ ମୂଳରେ ମହାପଶୁ (ପୋଡ) ବଳି ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜୁନାଗଡ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ ୧ ପ୍ଲାଟୁନ ପୋଲିସ ନିୟୋଜିତ ଥିଲେ। ଧର୍ମଗଡ଼ ଉପଖଣ୍ଡର ବିଭିନ୍ନ ଥାନାରୁ ଏସ୍‌ଆଇ ଓ ଏଏସ୍‌ଆଇ ଯୋଗଦେଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ଖଣ୍ଡାବସା ଉପଲକ୍ଷେ ମା'ଙ୍କ ପୀଠ ନିକଟରେ ସ୍ଥାନୀୟ ମେଲୋଡି ଗ୍ରୁପ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ଏକ ଡ୍ୟାନ୍ସ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୁମାର ସାହେବ ତଥା ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ସମ୍ମାନିତ ଅତିଥି ଭାବେ ଜୁନାଗଡ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବରାଡ଼, ଖବରଦାତା ସନ୍ତୋଷ ସିଂଦେଓ, ଲଙ୍କେଶ୍ୱରୀ କ୍ଲବ ସଭାପତି ସୁରେନ୍ଦ୍ର ସାହୁ, ପଣ୍ଡରାମାଲି ସମାଜର ସଭାପତି ପ୍ରକାଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମନୋଜ ମେହେର ଓ ଚନ୍ଦ୍ରଧଜ ଗୁରୁ ପରିଚାଳନା କରିଥିଲେ। ଆରମ୍ଭରେ କ୍ଲବର ଉପଦେଷ୍ଟା ଦୁର୍ଗା ପ୍ରସାଦ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଡ୍ୟାନ୍ସ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ କଳାକାର ଯୋଗଦେଇ ନିଜର କଳା ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁଲୁକି ଉଠିଥିଲା ମା'ଲଙ୍କେଶ୍ୱରୀଙ୍କ ପୀଠ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**PARADIP PORT AUTHORITY**
**MARINE DEPARTMENT**
No.MD/SHS/TECH-16/2024/1144
Dated : 12/09/2024
e-Tender Call Notice (e-TCN) No.MD/SHS/TECH-16/2024/1144, dtd.12.09.2024
Name of the work : "Maintenance dredging of 8.5 Million M³ quantity from Approach Channel, Entrance Channel, Truning Circles & Docks of Paradip Port Authority for one year i.e.for the year 2025-26 including Mobilization / De-mobilization. Estimated Cost put to tender : Rs.146,10,00,000/- excluding GST. Last date & time of submission of tender through on-line bidding till 17:00 hours on Dt.29/10/2024. The technical bids shall be opened at 16:30 hours on dt.01/11/2024. For further details, please log on to the Website: https://eprocure.gov.in/eprocure/app.
Dy. Conservator, Paradip Port Authority
PPA/PR/39/2024-25, Dt.23/09/2024

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-KAVACH-082024
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ରାଣୀତାଲ ଲିଙ୍କ୍ କ୍ୟାବିନ୍(RLJC)-ପଲାସା (PSA)-ସେକ୍ସନ ମଧ୍ୟରେ KAVACH ଉପକରଣ ଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରବଚଳନ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ ।
ଆନୁମାନିକ ବିଜ୍ଞାପିତ ମୂଲ୍ୟ (₹) : 172,05,35,626.58, EMD (₹) : 87,52,700.00, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.11.2024ରିଖ 1500 ଘଟିକାରେ । ପ୍ରାକ୍-ବିଡ୍ ସମ୍ମିଳନୀ ତାରିଖ ଓ ସମୟ : ତା.30.09.2024 ରିଖ 1100 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ପ୍ରକଳ୍ପ, ଭୁବନେଶ୍ୱର
PR-70/CH/24-25

No. B-324
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. ୪, ଭୁବନେଶ୍ୱର
**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO. IV**
Nirman Soudha, Unit-V, Bhubaneswar, E-mail ID: eernb4bbsr@gmail.com, Tel.: (0674) 2390245
**INVITATION FOR BIDS THROUGH e-Procurement**
No. 4996 Bid Identification No. C.C. (R&B) - 04 Dt. 19.09.2024
e-Procurement Notice No. 11 of 2024-25

| | | | |
|---|---|---|---|
| 1 | Name of the Work | : | 1 No. Road Work |
| 2. | Total No. of Works | : | 1 No. Road Work |
| 3. | Estimated Cost | : | Rs.97,35,971.00 |
| 4. | Class of Contractor | : | "B" Class Contractor |
| 5. | Period of Completion | : | 3 (Three) Calendar Months |
| 6. | Type of Tender | : | Double Cover System Tender |
| 7. | Date & time of availability of bid document in the portal | : | Dt.03.10.2024 to Dt.17.10.2024 upto 17.30 hours |
| 8. | Last date & time for receipt of bids in the Portal | : | Dt.17.10.2024 at 17.30 hours |
| 9. | Opening of Bid through online | : | Dt.18.10.2024 at 11.30 hours |
| 10. | Name & address of the Officer Inviting Bid | : | Er. Sachin Kumar Sahoo, Executive Engineer, Bhubaneswar (R&B) Division, No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The tender inviting authority reserves the right to reject/cancel/modify the tender at any time without assigning any reason thereof.
N.B.: Subsequent corrigendum/addendum if required shall be available in the website as indicated above.
Sd./- Executive Engineer
BBSR(R&B) Division No. IV, BBSR
OIPR-34090/11/0006/2425

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY
**ସର୍ବସାଧାରଣ ବିଜ୍ଞପ୍ତି**
**ନିଯୁକ୍ତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା**
କିଛି ଅସାଧୁ ବ୍ୟକ୍ତି, ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ନାମରେ ଚିଠି, ଇ-ମେଲ୍ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ନିଯୁକ୍ତି ବିଜ୍ଞାପନ ପ୍ରସାରିତ କରିବା ସହ ନାଲକୋ ରେ ଚାକିରି ପାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ପ୍ରତାରିତ କରିବାକୁ ଚେଷ୍ଟା କରୁଛନ୍ତି । ନାଲକୋ ନାମ/ଲୋଗୋ ବ୍ୟବହାର କରି ଜାଲ ଏଚଆର ସର୍କୁଲାର (ପଦୋନ୍ନତି, ସ୍ଥାନାନ୍ତର ଇତ୍ୟାଦି) ମଧ୍ୟ ତିଆରି କରି ନକଲି ଖବର ପ୍ରସାର କରିବାର ଅପଚେଷ୍ଟା ଚଳାଇ ଜନସାଧାରଣଙ୍କ ମଧ୍ୟରେ ନାଲକୋର ଏକ ନକାରାତ୍ମକ ଭାବମୂର୍ତ୍ତି ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଚାକିରି ଦେବା ନାଁରେ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କଠୁ ଟଙ୍କା ଆତ୍ମସାତ କରିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। କିଛି ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଏହି ସମ୍ବନ୍ଧୀୟ ମିଥ୍ୟା ଅପପ୍ରଚାର କରୁଛନ୍ତି। ଏପରି କାର୍ଯ୍ୟକଳାପ ବିରୁଦ୍ଧରେ ନାଲକୋ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ଏଭଳି ଘଟଣା ବିରୁଦ୍ଧରେ ଏଫ.ଆଇ.ଆର ପଞ୍ଜିକୃତ କରାଯାଇଛି। ଏହି ବିଜ୍ଞପ୍ତି ଜରିଆରେ ଜନସାଧାରଣଙ୍କୁ ମିଥ୍ୟା ଚାକିରି ପ୍ରତିଶ୍ରୁତି କିମ୍ବା ବିଜ୍ଞାପନ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଉଛି। ନାଲକୋ ତରଫରୁ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ଗୁଡ଼ିକୁ ବିଭିନ୍ନ ଜଣାଶୁଣା ଖବରକାଗଜ ସହ କମ୍ପାନୀର ଅଫିସିଆଲ ପୋର୍ଟାଲ https://nalcoindia.com ରେ ପ୍ରକାଶିତ କରାଯାଏ । ଉପର ଲିଖିତ କୌଣସି ଘଟଣା ନଜର କୁ ଆସିଲେ ଜେନେରଲ ମ୍ୟାନେଜର (ଏଚ ଆଣ୍ଡ ଏ), ନାଲକୋ ଭବନ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ୭୫୧୦୧୩ ରେ ଜଣାଇବାକୁ ଅନୁରୋଧ।
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ ଆଣ୍ଡ ଏ)

रजिस्ट्री सं. डी.एल.- 33004/99 REGD. No. D. L.-33004/99
भारत का राजपत्र
The Gazette of India
सी.जी.-डी.एल.-अ.-22072024-255645
CG-DL-E-22072024-255645
असाधारण
EXTRAORDINARY
भाग II—खण्ड 3—उप-खण्ड (ii)
PART II—Section 3—Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं. 2753] नई दिल्ली, सोमवार, जुलाई 22, 2024/आषाढ 31, 1946
No. 2753] NEW DELHI, MONDAY, JULY 22, 2024/ASHADHA 31, 1946
**MINISTRY OF ROAD TRANSPORT AND HIGHWAYS**
**NOTIFICATION**
New Delhi, the 22nd July, 2024
S.O. 2890(E) — In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH130CD in the stretch of land from Km. 239.65 to Km. 274.545 (The Tahasildar Borigumma) in the district of KORAPUT in the state of ODISHA, hereby declares its intention to acquire such land.
Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.
Every such objection shall be made to the Competent Authority, namely, Tahasildar cum CALA Borigumma in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.
Any order made by the Competent Authority under sub-section (2) of section 3C of the said Act shall be final.
The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.
**SCHEDULE**
**Brief Description of the land to be acquired with or without structures falling NH130CD in the stretch of land from Km. 239.65 to Km. 274.545 (The Tahasildar Borigumma) in the district of KORAPUT in the state of ODISHA.**
[F. No. NHAI/11013/LA/PIU-Sambalpur, Odisha/ Newly Proposed/Notif.(3a)/Koraput/3A]
District: Koraput
Publication Date: 25.09.2024

रजिस्ट्री सं. डी.एल.- 33004/99 REGD. No. D. L.-33004/99
भारत का राजपत्र
The Gazette of India
सी.जी.-डी.एल.-अ.-22072024-255645
CG-DL-E-22072024-255645
असाधारण
EXTRAORDINARY
भाग II—खण्ड 3—उप-खण्ड (ii)
PART II—Section 3—Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं. 2753] नई दिल्ली, सोमवार, जुलाई 22, 2024/आषाढ 31, 1946
No. 2753] NEW DELHI, MONDAY, JULY 22, 2024/ASHADHA 31, 1946
**ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ**
**ଅଧିସୂଚନା**
ନୂଆଦିଲ୍ଲୀ, ୨୨ ଜୁଲାଇ, ୨୦୨୪
ଏସ୍.ଓ. ୨୮୯୦ (ଇ) – ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ର ୪୮) (ଏତଦ୍‌ପଶ୍ଚାତ୍ କଥିତ ଅଧିନିୟମ ଭାବେ ଉଲ୍ଲିଖିତ)ର ଧାରା '୩କ'ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, କେନ୍ଦ୍ର ସରକାର ଏହି କଥାକୁ ନେଇ ସନ୍ତୁଷ୍ଟ ହେବାପରେ ଯେ, ସର୍ବସାଧାରଣ ଉଦ୍ଦେଶ୍ୟ ପାଇଁ ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ କିମି ୨୩୯.୬୫ରୁ କିମି ୨୭୪.୫୪୫ (ତହସିଲଦାର, ବୋରିଗୁମ୍ମା) ପର୍ଯ୍ୟନ୍ତ ଜମିରେ ଏନ୍‌ଏଚ୍୧୩୦ସିଡିର ନିର୍ମାଣ (ପ୍ରଶସ୍ତୀକରଣ/ପକ୍କା ରାସ୍ତାକଡ଼ ସହିତ ଦୁଇ ଲେନିଂ/ଚାରି ଲେନିଂ ଇତ୍ୟାଦି), ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ ଜମି ଆବଶ୍ୟକ ହେଉଅଛି, ଯାହାର ସଂକ୍ଷିପ୍ତ ବିବରଣୀ ନିମ୍ନପ୍ରଦତ୍ତ ଅନୁସୂଚୀରେ ଦର୍ଶାଯାଇଛି ଏବଂ ଏତଦ୍ୱାରା ଉକ୍ତ ଜମିକୁ ଅର୍ଜନ କରିବା ପାଇଁ ନିଜର ଅଭିପ୍ରାୟକୁ ଘୋଷଣା କରୁଛନ୍ତି ।
କଥିତ ଅଧିନିୟମର ଧାରା '୩ଗ'ର ଉପ-ଧାରା (୧) ଅଧୀନରେ କଥିତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିଙ୍କୁ ଆନୁଷ୍ଠାନିକ ରାଜପତ୍ରରେ ଏହି ଅଧିସୂଚନା ପ୍ରକାଶନ ତାରିଖରୁ ଏକୋଇଶ ଦିନ ମଧ୍ୟରେ, ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିକୁ ବ୍ୟବହାର କରିବା ସଂକ୍ରାନ୍ତୀୟ ଆପତ୍ତିକୁ ଦାଖଲ କରିପାରନ୍ତି ।
ଏପରି ପ୍ରତ୍ୟେକ ଆପତ୍ତି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ, ଅର୍ଥାତ୍, ତହସିଲଦାର ତଥା ସିଏଏଲ୍‌ଏ, ବୋରିଗୁମ୍ମାଙ୍କ ନିକଟରେ ଲିଖିତ ଆକାରରେ କରାଯିବ । ଏବଂ ଆପତ୍ତିର କାରଣ ଦର୍ଶାଯିବା ଆବଶ୍ୟକ ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବ୍ୟକ୍ତିଗତ ଭାବେ କିମ୍ବା ଆଇନଗତ ବୃତ୍ତିଧାରୀଙ୍କ ମାଧ୍ୟମରେ ଆପତ୍ତିକାରୀଙ୍କୁ ନିଜ ଆପତ୍ତିର କାରଣକୁ ଉପସ୍ଥାପିତ କରିବାର ସୁଯୋଗ ପ୍ରଦାନ କରିବେ ଓ ଏପରି ଆପତ୍ତିଗୁଡ଼ିକର ଶୁଣାଣି କରି ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଆବଶ୍ୟକ ମନେ କଲେ ଅଧିକ ଅନୁସନ୍ଧାନ/ତଦନ୍ତ କରି, ଆପତ୍ତିଗୁଡ଼ିକୁ ଗ୍ରହଣ କିମ୍ବା ଅଗ୍ରାହ୍ୟ କରିବାର ନିର୍ଦ୍ଦେଶ ଦେଇପାରନ୍ତି ।
କଥିତ ଅଧିନିୟମର ଧାରା '୩ଗ'ର ଉପଧାରା (୨) ଅଧୀନରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଚୂଡ଼ାନ୍ତ ହେବ ।
ଅଧିସୂଚନା ଅଧୀନରେ ଅର୍ଜିତ ହେବାକୁ ଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପରୋକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ତାହାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଦ୍ୱାରା ନିରୀକ୍ଷଣ କରାଯାଇପାରିବ ।
**ଅନୁସୂଚୀ**
**ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ (ତହସିଲଦାର, ବୋରିଗୁମ୍ମା) କିମି ୨୩୯.୬୫ରୁ କିମି ୨୭୪.୫୪୫ ପର୍ଯ୍ୟନ୍ତ ଏନ୍‌ଏଚ୍୧୩୦ସିଡି ଅଧୀନରେ ଆସୁଥିବା ତଥା କୌଣସି ସଂରଚନା ସହିତ କିମ୍ବା ସଂରଚନା ବିନା ଅର୍ଜନ ଲାଗି ଉଦ୍ଦିଷ୍ଟ ଜମିର ସଂକ୍ଷିପ୍ତ ବିବରଣୀ ।**
[F. No. NHAI/11013/LA/PIU-Sambalpur, Odisha/ Newly Proposed/Notif.(3a)/Koraput/3A]
District: Koraput
Publication Date: 25.09.2024

GOVERNMENT OF ODISHA No.B-323
**OFFICE OF THE CHIEF CONSTRUCTION ENGINEER**
**BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com
**e-Procurement Notice**
Bid Identification No: CCE(R&B) BGR/02/2024-25
Letter No. 2594 Dtd.20.09.2024
The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from "B", "A" & "Special" Class contractors registered with the State Governments and contractors of equivalent Grade/Class registered with Central Government/MES/Railway for execution of Civil Works. The proof of registration from the appropriate authority shall be enclosed along with the bid.
1. Nature of work : Road Work & Bridge Work
2. No. of tender : Road Work - 4 Nos. & Bridge Work - 2 Nos.
3. Tender Cost : Rs.10,000/-
4. Class of Contractor : "B", "A" & "Special"
5. Date & time of sale & receipt of Bids : From Dt.07.10.2024, 10.00 A.M. to Dt.22.10.2024 upto 05.00 P.M.
6. Date of Opening Bid : Dt.23.10.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.
Sd./- Chief Construction Engineer
Balangir (R&B) Circle, Balangir
OIPR-34028/11/0006/2425

GOVERNMENT OF CHATTISHGARH
**WATER RESOURCES DEPARTMENT OF THE EXECUTIVE ENGINEER, E/M MINIMATA BANGO DIVISION, MACHADOLI**
**ePROCUREMENT TENDER NOTICE**
eProcurement Portal: https://eproc.cgstate.gov.in
(1st CALL)
1. In NIT No. 07/SAC/2024-25/ Dt.18.09.2024 System Tender No. 158631
2. In NIT No. 08/SAC/2024-25/ Dt.18.09.2024 System Tender No. 158634

| S. No. | Particulars |
|---|---|
| 1 | 8. Submission of Earnest Money Deposit: The bidder shall upload scanned copy of the instrument of EMD along with other documents required for Envelope - A. If the tender's financial bid is found lowest, he shall invariably submit the sealed Envelope-A in physical form which contains valid EMD instruments as uploaded online after getting informed of being the lowest bidder by email within 7 working days to the office of the EXECUTIVE ENGINEER, E/M MINIMATA BANGO DIVISION, MACHADOLI H.Q., KATGHORA (C.G.) |

Note: All other terms and condition NIT will remain be unchanged.
Sd./- Executive Engineer
E/M Minimata Bango Division
Machadoli H.Q., Katghora, Dist.: Korba (C.G.)

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୂଆପଡ଼ା,୨୪ା୯ (ମକାରୁ ବେମାଲ): ନୂଆପଡ଼ା ବନ ବିଭାଗ ରେଞ୍ଜ ଅଧୀନ କେରମେଲି ଗାଁରେ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଭୁକ ମାଝି (୫୦)। ଭୁକ ପ୍ରତ୍ୟୁଷରୁ ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ନିକଟ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ସହ ଲଢେଇ କରି ସେ ନିଜ ଜୀବନ ବଞ୍ଚାଇଥିଲେ। ପରେ ଗାଁ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ହାତ, ପିଠି ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି।

### ଜିଲାପାଳଙ୍କ ରେଡିମେଡ୍ ଗାର୍ମେଣ୍ଟସ ଉଦ୍ୟୋଗ ପରିଦର୍ଶନ

ଖଡ଼ିଆଳ,୨୪ା୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ମଙ୍ଗଳବାର ଖଡ଼ିଆଳ ବ୍ଲକ୍ ଡୁଆଝର ଗ୍ରାମର ରେଡିମେଡ୍ ଗାର୍ମେଣ୍ଟସ ଉଦ୍ୟୋଗ ପରିଦର୍ଶନ କରି ଖୁସିବ୍ୟକ୍ତ କରିଛନ୍ତି। ଏହାର ଉଦ୍ୟୋକ୍ତା ଏଠାରେ ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ କର୍ମ ସଂସ୍ଥାନ ଯୋଗାଇ ସେମାନଙ୍କ ପରିବାର ପ୍ରତିପୋଷଣରେ ସାହାଯ୍ୟ କରୁଛନ୍ତି। ଏଠାରେ ଅରେଡିମେଡ଼ ଗାର୍ମେଣ୍ଟସ ତିଆରି ହୋଇ ଆଞ୍ଚଳିକ ଚାହିଦା ମେଣ୍ଟାଇବା ସହ ବାହାର ଜିଲା ଓ ରାଜ୍ୟକୁ ରପ୍ତାନି ହେଉଛି। ଏହି ପରିଦର୍ଶନ ସମୟରେ ଉଦ୍ୟୋଗର ମାଲିକ ବଦନ ମେହେର ଓ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସମୀର ମୁଦୁଲି ଉପସ୍ଥିତ ଥିଲେ। ପିଏମ୍‌ଇଜିପି ସ୍କିମରେ ସେ ୧୦ଲକ୍ଷ ଟଙ୍କା ଋଣ ଆଣି ଏହି ଉଦ୍ୟୋଗ କରିଛନ୍ତି। ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସହିତ ମତ ବିନିମୟ କରି ଜିଲାପାଳ ଉତ୍ସାହିତ କରିଥିଲେ। ଦାଦନ ସମସ୍ୟା ରୋକିବାରେ ଏହି ଉଦ୍ୟୋଗ ସହାୟକ ହୋଇଥିବାରୁ ଏଭଳି ଆହୁରି ଅନେକ ଉଦ୍ୟୋଗ ସୃଷ୍ଟି କରିବାକୁ ଜିଲାପାଳ ଜିଲା ଶିଳ୍ପକେନ୍ଦ୍ର ତଥା ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

### ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ



ଖଡ଼ିଆଳ,୨୪ା୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଦେଓବାହଲ ଛକଠାରେ ଅବକାରୀ ବିଭାଗ ଚଢ଼ାଉକରି ୫କେଜି ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅପୂର୍ବ ରାୟ (୩୫) ଓ ରିତେଶ ବିଶ୍ୱକର୍ମା (୨୦)। ଏମାନେ ଗଞ୍ଜେଇ ଧରି ବିକ୍ରି କରିବା ଉଦ୍ଦେଶ୍ୟରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଅବକାରୀ ଅଧିକାରୀଙ୍କ ହାତରେ ଧରାପଡିଥିଲେ। ଏମାନଙ୍କ ନାମରେ ଏକ ମାମଲା (ନଂ.୧୪୬/୨୪) ରୁଜୁ କରାଯାଇଛି। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନେତୃତ୍ୱରେ ଖଡ଼ିଆଳ ଅବକାରୀ ଏସ୍‌ଆଇ ସଞ୍ଜୀବ ବେହେରା, ଏଏସ୍‌ଆଇ ହିଙ୍ଗୁଳା ଦାସ, ଶିବପ୍ରସାଦ ଦୁରିଆ, କନଷ୍ଟେବଲ ବୈଜୟନ୍ତୀ ଶବର, ମଧୁସୂଦନ ସିଂ, ମୁରଲୀଧର ଶବର ଚଢାଉରେ ସାମିଲ ଥିଲେ।

### ପୂର୍ବତନ ମ୍ୟୁନିସିପାଲିଟି ଅଧ୍ୟକ୍ଷଙ୍କ ପରଲୋକ

ଭବାନୀପାଟଣା,୨୪ା୯ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ପ୍ରଧାନ (୬୮)ଙ୍କ ମଙ୍ଗଳବାର



ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଜ୍ୱର ହେବାରୁ ପ୍ରଥମେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ଭଳି ଅନେକ ଚାଷୀ ଆନ୍ଦୋଳନ ଓ ବହୁ ସାମାଜିକ ସଂଗଠନ ସହିତ ଜଡ଼ିତ ଥିଲେ। ତାଙ୍କର ଅକାଳ ବିୟୋଗରେ କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି।



ଲୋଗୋ ଉନ୍ମୋଚନ ଅବସରରେ ଅତିଥିମାନେ।

# ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ସମାରୋହ

ଭବାନୀପାଟଣା, ୨୪ା୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଯାଇଛି। ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା କଳାହାଣ୍ଡିର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଜିଲାପାଳ ସଚିନ ପାୱାର ପ୍ରକାଶ, ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ରୂପେ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ଅନୀଲ କୁମାର ନନ୍ଦ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ଦେଶବନ୍ଧୁ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଓ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ପ୍ରମୁଖ ଯୋଗଦେଇଥିଲେ। ପଲମ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ଓ ସଂଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ମିନତି କୁମାରୀ ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଆର୍‌ଇଓ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର କ୍ଷୁଦ୍ର ନାଟିକା 'ଛୁ ମନ୍ତର୍' ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୩ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ମହୁମାଛି ଆକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଆହତ

ଲାଞ୍ଜିଗଡ,୨୪ା୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳ ଆମ୍ବତୋଟାଠାରେ ମଙ୍ଗଳବାର ସକାଳେ ମହୁମାଛି ଆକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନାନୁସାରେ ସକାଳ ୧୦ ଘଣ୍ଟା ସମୟରେ ମୂଷାନାଳ ଆମ୍ବ ତୋଟାଠାରେ ପଧାନ ଏନ୍‌ଜିଓ ପକ୍ଷରୁ ୪ର୍ଥ ବାର୍ଷିକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ରହିଥିବା ବେଳେ ଭୋଜିଭାତର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ମୂଷାନାଳ, ଲାଞ୍ଜି, ସିନ୍ଧିପଦର, କାଣ୍ଡାମା, ମଠାଗୁଡା, ଦଣ୍ଡିଗୁଡା, ବାବୁରଗୁଡାର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ମୂଷାନାଳ ସହର ପରିକ୍ରମା କରି ବୈଠକ ସ୍ଥଳକୁ ପହଞ୍ଚିବା ପରେ ହଠାତ ଏକ ମହୁମାଛି ଦଳ ଆସି ଆକ୍ରମଣ କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଆୟୋଜକ ଏନ୍‌ଜିଓର କେତେଜଣ ପୁରୁଷ କର୍ମଚାରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କେତେଜଣ ଗୁରୁତର ମହିଳାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ମହିଳାମାନେ।

## ଥୁଆମୂଳ ରାମପୁର ବ୍ଲକ୍: ବଢୁଛି ବେଆଇନ ମଦ କାରବାର

ଥୁଆମୂଳ ରାମପୁର,୨୩ା୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ବ୍ଲକ୍‌ରେ ଗୋଟିଏ ବିଦେଶୀ ମଦ ଦୋକାନ ରହିଥିବା ବେଳେ ୪ ମୁଖ୍ୟ ଭାଟି ଓ ୬ଟି ବ୍ରାଞ୍ଚ ରହିଛି। ଏତେ ସଂଖ୍ୟାରେ ମଦ ଦୋକାନ ଥିବା ସତ୍ତ୍ୱେ ବେଆଇନ ଭାବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରି ହେଉଛି। ପୁଣି ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦର ମଧ ନିଆଯାଉଛି। ବିଭିନ୍ନ ଗ୍ରାମ ଓ ସହରର କେତେକ ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନରେ ବେଆଇନ ଭାବେ କୁଟିଆ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ମଦ ବିକ୍ରି ବନ୍ଦ ନେଇ ବହୁ ସମୟରେ ମହିଳାମାନେ ରାଜରାସ୍ତା ଅବରୋଧ କରିବା ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହେଲେ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ କି ବେଆଇନ ମଦ ବିକ୍ରି ବନ୍ଦ ହେଉନାହିଁ। ଏଥିଯୋଗୁ ବହୁ ପରିବାରରେ ଅଶାନ୍ତି, ପାରିବାରିକ କଳହ ଲାଗି ରହୁଛି। ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ନ ଲଗାଇଲେ ଆଗାମୀ ଦିନରେ ମଦ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ନେଇ ଅବକାରୀ ବିଭାଗ ଅଧିକାରୀ ଶ୍ରୀ ଧାରୁଆଙ୍କୁ ପଚାରିବାରୁ ଏ ବିଷୟରେ ସେ ଅବଗତ ନ ଥିଲେ, ତଥାପି ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ।

# ସେବାଶ୍ରମ ବିଦ୍ୟାଳୟରେ ଖାଦ୍ୟଶସ୍ୟ ସୁରକ୍ଷା ସଚେତନତା

କୋମନା,୨୪ା୯(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ସୁନାବେଡ଼ା ସେବାଶ୍ରମ ବିଦ୍ୟାଳୟରେ ବିସ୍ତୃତ ଖାଦ୍ୟ ଓ ଖାଦ୍ୟଶସ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ରାମ ଛତ୍ରିଆ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୀର ଜଗତ ଯୋଗଦେଇଥିଲେ। ସୁନାବେଡ଼ା ସେବାଶ୍ରମ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଖାଦ୍ୟଶସ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ସମନ୍ୱିତ କୃଷି ବିକାଶ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ବିଦ୍ୟାଳୟସ୍ତରୀୟ ସଚେତନ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ଅଭିଷେକ ହୋତା, ଗୌରୀ ଶଙ୍କର ମେହେର, ଆଶିଷ ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବେହେରା,୨୪ା୯(ଭୂପେଶ ତିୱାରୀ)

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ଧର୍ମଗଡ଼ ଏନ୍‌ଏସି ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଧର୍ମଗଡ଼ ପଞ୍ଚାୟତ ଖେଳପଡ଼ିଆ ଓ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟଠାରେ ସଫେଇ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ସିଟି ମିଶନ ମ୍ୟାନେଜର ସୁବାଶିଷ ନାୟକ, ମନୋରଞ୍ଜନ ନାଗ, ରାଜେଶ କୁମାର ସାହୁ, ସାରଦା ପ୍ରସନ୍ନ ସାହୁ, ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ।

# ସ୍ୱଚ୍ଛତାକୁ ବ୍ରତ ରୂପେ ଗ୍ରହଣ କରିବାକୁ ଆହ୍ୱାନ

ଖଡ଼ିଆଳ,୨୪ା୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ ସ୍ୱଚ୍ଛତାକୁ ବ୍ରତ ରୂପେ ଗ୍ରହଣକରି ସମାଜରେ ସଚେତନତା ସୃଷ୍ଟିକରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲାପାଳ ସମସ୍ତଙ୍କୁ ସ୍ୱଚ୍ଛତା ରକ୍ଷାର ଶପଥ ପାଠ କରାଇଥିଲେ। ପରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବିଶେଷକରି ଉଚ୍ଚ ରକ୍ତଚାପ, ମଧୁମେହ ପରୀକ୍ଷା କରି ଡାକ୍ତରମାନେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧରଣୀଧର ସେନାପତି, ଖଡିଆଳ ବିଡିଓ ନରସିଂହ ଗଡ଼ବା, ନିର୍ବାହୀ ଅଧିକାରୀ ସ୍ୱାଧୀନ ଚେତନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ଛାତ୍ରଙ୍କୁ ମିଳିଲା କଲେଜରେ ଆଡ୍‌ମିଶନ

ଭବାନୀପାଟଣା,୨୪ା୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କରାଟିକିଲି ଗ୍ରାମରେ ଜଣେ ଅସହାୟ ଛାତ୍ର ଦେବାଶିଷ ବର୍ଗର୍ତ୍ତି (୧୫) ଆର୍ଥିକ ସମସ୍ୟା ଯୋଗୁ କଲେଜରେ ଆଡ୍‌ମିଶନ କରିପାରି ନ ଥିଲେ। ତାଲିକାରେ ତାଙ୍କ ନାମ ରହିଥିଲେ ମଧ ଆଡ୍‌ମିଶନ କରି ନ ପାରିବାରୁ ଅବସାଦରେ ଥିଲେ। ଏହି ସମସ୍ୟା ସମ୍ପର୍କରେ ଖୁସି ଚାରିଟେବୁଲ ଟ୍ରଷ୍ଟର ସଭାପତି ଯଶୋବନ୍ତ ରଣା ଜାଣିବା ପରେ ଉପଦେଷ୍ଟା ଭୁବନହରୀ ପ୍ରଧାନଙ୍କ ସହଯୋଗରେ ମଙ୍ଗଳବାର ତିଳଯୋଡିସ୍ଥିତ ସରକାରୀ ଯୁକ୍ତ ୨ କଲେଜରେ ଦେବାଶିଷଙ୍କ ଆଡ୍‌ମିଶନ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କରାଟିକିଲି ଗ୍ରାମର ସ୍ୱର୍ଗତ କମ୍ବୁ ବର୍ଗର୍ତ୍ତି ଓ ସ୍ତ୍ରୀ ଊର୍ମିଳା ବର୍ଗର୍ତ୍ତିଙ୍କ ବଡ଼ପୁଅ ଦେବାଶିଷ। ତାଙ୍କର ସାନ ଭଉଣୀ ବବିତା ଓ ଭାଇ ବିକାଶ ରହିଛନ୍ତି। ମା'ବାପାଙ୍କ ମୃତ୍ୟୁ ପରେ ଦେବାଶିଷ ମୂଲମଜୁରି କରି ନିଜ ପରିବାର ଚଳାଇବା ସହ ମାଟ୍ରିକ ପର୍ଯ୍ୟନ୍ତ ପଢି ପାରିଥିଲେ। ହେଲେ ଅର୍ଥ ଅଭାବରୁ ଇଚ୍ଛା ଥିଲେ ମଧ ଆଗକୁ ପଢିପାରୁ ନ ଥିଲେ। ତେବେ ଖୁସି ଚାରିଟେବୁଲ ଟ୍ରଷ୍ଟ ସହାୟତାର ହାତ ବଢ଼ାଇବା ପରେ ଏବେ ସେ କଲେଜରେ ନାମ ଲେଖାଇ ପାରିଛନ୍ତି। ଏହାକୁ ନେଇ ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



କଲେଜରେ ଆଡ୍‌ମିଶନ କରି ଫେରୁଛନ୍ତି ଦେବାଶିଷ (ଡାହାଣ)।

# ପାଠ ପଢ଼ିବା ସୁଯୋଗ ପାଇ ଖୁସିବ୍ୟକ୍ତ କଲେ କୁଳେଶ୍ୱର

କଳମପୁର,୨୪ା୯(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ପଣ୍ଡିଗାଁ ଗ୍ରାମର ଅସହାୟ କୁଳେଶ୍ୱର ମାଝି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହଯୋଗରେ ପାଠ ପଢ଼ିବା ସୁଯୋଗ ପାଇ ଖୁସି ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ପୂର୍ବରୁ କୁଳେଶ୍ୱର ତାଙ୍କ ମା'ଙ୍କୁ ହରାଇଥିବାବେଳେ ବାପା ପକ୍ଷାଘାତ ରୋଗରେ ପୀଡ଼ିତ। ଘରେ ତାଙ୍କ ସାନଭାଇ ମଧ ଅଛନ୍ତି। ୨୦୨୧ରେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଦଶମ ପାସ୍ କରିଥିଲେ ମଧ ପରିବାର ପ୍ରତିପୋଷଣ ପାଇଁ କୁଳେଶ୍ୱର ପାଠ ଛାଡି ଦିନମଜୁରିଆ ଭାବେ କାମ କରିବାକୁ ବାଧ ହୋଇଥିଲେ। ଏହି ଖବର ଗତ ଜୁଲାଇ ୩ରେ ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ଏହା ଜାଣିବା ପରେ ସ୍ଥାନୀୟ ସିଆର୍‌ସିସି ନବଘନ ସାହୁଙ୍କୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କୁଳେଶ୍ୱରଙ୍କ ଘରକୁ ପଠାଇଥିଲେ। ସିଆର୍‌ସିସି ସାହୁ ତାଙ୍କ ଘରକୁ ଯାଇ ସମସ୍ତ ବିଷୟ ଅବଗତ ହୋଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଏହା ଜାଣିବା ପରେ କୁଳେଶ୍ୱରଙ୍କୁ ଯୁକ୍ତ ୨ ନାମ ଲେଖାଇବା ବ୍ୟବସ୍ଥା କରିଥିଲେ। ତାଙ୍କ ସହଯୋଗରେ ଅନ୍‌ଲାଇନରେ ନାମଲେଖା ପାଇଁ ଇଣ୍ଟିମେଶନ ଆସିବାରୁ ସୋମବାର କୁଳେଶ୍ୱରଙ୍କ ନୀଳମାଧବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିଲିଗୁଡ଼ାରେ ବିଜ୍ଞାନ ବିଭାଗରେ ନାମଲେଖା ସମାପନ ହୋଇଛି। ଆଗକୁ ପିଲାଟିର ପାଠପଢ଼ା ପାଇଁ ଆବଶ୍ୟକ ସହଯୋଗ ଜାରି ରଖିବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣାଇଛନ୍ତି। ଏଥିସହ କୁଳେଶ୍ୱରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୩ କୋର୍ଟ ଚାଲାଣ



ଗିରଫ ୩ ଅଭିଯୁକ୍ତ।

ଜୟପାଟଣା,୨୪ା୯ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ନବରଙ୍ଗପୁର ଜିଲା ମୈଦଲପୁର ଗାଁର ଉମେଶ ନାଏକ (୧୯), ଭବାନୀଶଙ୍କର ନାଏକ (୧୯) ଓ କିଶୋର ହରିଜନ (୨୪)। ଅଭିଯୁକ୍ତମାନେ ଏକ ବାଇକ୍‌ରେ ଆସି ପ୍ରଥମେ ସର୍ଗିଗୁଡା ଗ୍ରାମର ଦେବାର୍ଜ୍ଜନ ମାଝିଙ୍କ ରିଏଲମି ମୋବାଇଲ ଓ ପରେ ପାଣ୍ଡରିପଖାନ ଗାଁର ଭରତ ନାଏକଙ୍କ ରିଏଲମୀ ସେଭେନ ମୋବାଇଲ ଛଡାଇ ନେଇଥିଲେ। ଲୋକେ ପିଛା କରି ନୂଆଗୁଡା ଛକ ନିକଟରେ ଏମାନଙ୍କୁ କାବୁ କରି ଜୟପାଟଣା ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଶେଷଦେବ ବେହେରା ଏକ ଟିମ୍ ପଠାଇ ଅଭିଯୁକ୍ତମାନଙ୍କୁ ଗିରଫ କରି ଆଣିଥିଲେ। ତଦନ୍ତ ପରେ ଦୁଇଟି ବାଇକ୍‌ରେ ୫ଜଣ ଆସି ଏକ ବଡ଼ ଡକାୟତି ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲ। ସେମାନଙ୍କଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୨୩୫/୨୪) ରୁଜୁ ହୋଇଛି।

# ଆବାସ ଯୋଜନାରେ ଘର ଦେବାକୁ ଦାବି



କର୍ଲାମୁଣ୍ଡା,୨୪ା୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା ରାଜପୁର ଗ୍ରାମପଞ୍ଚାୟତ ଗୋଇନ୍ଦାମୁଣ୍ଡା ଗ୍ରାମର ଦିଲୀପ ଛତ୍ରିଆଙ୍କ ଘର ଭାଙ୍ଗିବାର ୧୫ ଦିନ ବିତିଥିଲେ ହେଁ ତାଙ୍କ ଅଭିଯୋଗ କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସୂଚନାମତେ ଚଳିତମାସ ପ୍ରଥମ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷାରେ ଦିଲୀପଙ୍କ ମାଟିଘର ଭୁଶୁଡି ପଡିଥିଲା। ଏ ନେଇ ସେ ପଞ୍ଚାୟତର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ପାଇ ନ ଥିବା ଦିଲୀପ କହିଛନ୍ତି। ଏହି ପରିବାରରେ ତିନି କୁଟୁମ୍ବ ବିପଦପୂର୍ଣ୍ଣ ଭଙ୍ଗା ମାଟିଘରେ ଜୀବନଯାପନ କରୁଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ଏହି ପରିବାରକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

# କୋଶଲ ଫର୍ଟିଲାଇଜର ସଂଘର ନୂତନ କର୍ମକର୍ତ୍ତା



କୃଷି ଅଧିକାରୀଙ୍କୁ କର୍ମକର୍ତ୍ତା ସାକ୍ଷାତ କରୁଛନ୍ତି।

ନୂଆପଡ଼ା,୨୪ା୯(ମକାରୁ ବେମାଲ)

ନୂଆପଡ଼ା କୋଶଳ ଫର୍ଟିଲାଇଜର ନାମରେ ଏକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ମନୋନୀତ କରାଯାଇଛି। ସ୍ଥାନୀୟ ନୀଳାଦ୍ରୀ ବିହାର ପରିସରରେ ମଙ୍ଗଳବାର ଏକ ଖବରଦତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ସର୍ବସମ୍ମତି କ୍ରମେ ସୁଶାନ୍ତ କୁମାର ପତି ସଭାପତି, ରମେଶ ଲାଲ ସାହୁ ସମ୍ପାଦକ, ଭାରତ ପ୍ରଧାନ କୋଷାଧ୍ୟକ୍ଷ, ତିରୁମାଲା ରେଡ୍ଡୀ କୋମନା, ବିକାଶ କୁମାର ଦୀକ୍ଷିତ ନୂଆପଡା, ରବି ଶର୍ମା ଖରିଆର, ସୁନୀଲ ଜୈନ ସିନାପାଲି, ଅଜିତ ପଣ୍ଡା ବୋଡ଼େନ ଉପସଭାପତି ଭାବରେ ମନୋନୀତ ହୋଇଛନ୍ତି। ସେହିପରି ତ୍ରିନାଥ ଦାସ ନୂଆପଡ଼ା, ତୁଲେନ୍ଦ୍ର ପଟେଲ ଖରିଆର, ନୀଳ ମାଧବ ହୋତା କୋମନା, ବଣ୍ଟି ଅଗ୍ରୱାଲ ସିନାପାଲି ଓ ଯୋଗେନ୍ଦ୍ର ମହାନନ୍ଦ ବୋଡ଼େନ ବ୍ଲକ ସଂଯୋଜକ ଭାବରେ ମନୋନୀତ ହୋଇଛନ୍ତି। ଏହି ଅବସରରେ ନୂତନକର୍ମକର୍ତ୍ତା ସୌଜନ୍ୟମୂଳକ ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘ ସଭାପତି ସୁଶାନ୍ତ କୁମାର ପତିଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ସମଲେଇ ମନ୍ଦିରରେ ଯୋଡ଼ାଖମ୍ଭ ସ୍ଥାପନ, ଚଣ୍ଡୀ ଯଜ୍ଞ

**ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ଶକ୍ତିପୀଠ ମା' ସମଲେଇଙ୍କ ମନ୍ଦିରରେ ମଙ୍ଗଳବାର ନୂତନ ଯୋଡାଖମ୍ଭ ସ୍ଥାପନ କରାଯାଇଛି। ବଳିଯାତ୍ରାରେ ଯୋଡାଖମ୍ଭର ପ୍ରମୁଖ ଭୂମିକା ରହିଛି। ସମଲେଇଙ୍କ ପୂଜାନୀତି ସହ ଏହା ଜଡିତ। ବହୁ ପୁରାତନ ତଥା ଚୌହାନ ରାଜାଙ୍କ ଶାସନ ସମୟରୁ ପ୍ରସିଦ୍ଧ ବଳିଯାତ୍ରାର ଏହା ଆକର୍ଷଣ ପାଲଟିଛି। ଏହି ତନ୍ତ୍ର ମନ୍ତ୍ର ପୀଠର ଖମ୍ଭରେ ବାହୁତି ଓ ଚଣ୍ଡୀ ଆବିର୍ଭାବ ହୋଇଥାନ୍ତି। ପୁରୁଣା ହୋଇ ଯିବାରୁ ଗତ ବର୍ଷ ଗୋଟିଏ ଖମ୍ଭ ଭାଙ୍ଗି ଯାଇଥିଲା। ଅନେକ ଦାବି ପରେ ନୂତନ ଯୋଡାଖମ୍ଭ ସ୍ଥାପନ କରାଯାଇଛି। ଏଥିପାଇଁ ବଳିଯାତ୍ରାର ପ୍ରମୁଖ ପୁରୋହିତ ଦୀପକ ମହାପାତ୍ରଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମା'ଙ୍କ ପୀଠରେ ଚଣ୍ଡୀ ଯଜ୍ଞ ସମାପନ ପରେ ନୂତନ ସ୍ତମ୍ଭରେ ଶକ୍ତି ଆବିର୍ଭାବ କରାଯାଇ ନୂତନ ସ୍ତମ୍ଭ ସ୍ଥାପନ କରାଯାଇଛି। ବରୁଆ ଚନ୍ଦ୍ର ନେଗୀ, ତ୍ରୈଲୋଚନ ଛତ୍ରିଆ, ସମଲେଇ ମନ୍ଦିରର ପୂଜକ ଷଷ୍ଠି ବଡମାଳୀ, ଚାରଘରିଆ, ରବି ଗୁରୁ, ଭାଗବତ ସେଠୀ, ରାଜେନ୍ଦ୍ର ମଲ୍ଲିକ, ଯାଦବ ଜୁଗୁନିଆ, ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ପୂଜକ ଶିବନାରାୟଣ ପୂଜାରୀ ଚଣ୍ଡୀ ଯଜ୍ଞରେ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ଆନନ୍ଦ ପୂଜାହାରୀ, ରାମାନୁଜ ପୂଜାହାରୀ, ବ୍ୟାସଦେବ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ । ଦେବୋତ୍ତର ବିଭାଗ ପକ୍ଷରୁ ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କମିଟିର ବରିଷ୍ଠ ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠନାଥ ଶତପଥୀ, ପର୍ଶୁରାମ ମିଶ୍ର, ସତ୍ୟନାରାୟଣ ତ୍ରିପାଠୀ, ପ୍ରଦୀପ ପୁରୋହିତ, ଲଡୁକିଶୋର ମଲ୍ଲିକ, ଶେଷଦେବ ମେହେର ଓ ସଞ୍ଜିବ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନେ ମା'ଙ୍କ ଯଜ୍ଞ ଦର୍ଶନ ଓ ଆଶିର୍ବାଦ ଲାଭ କରିଥିଲେ। ବଳିଯାତ୍ରା ପୂର୍ବରୁ ଯୋଡାଖମ୍ଭ ସ୍ଥାପନ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।


ସମଲେଇ ମନ୍ଦିରରେ ଚଣ୍ଡି ଯଜ୍ଞ କରାଯାଉଛି।


ଯୋଡା ଖମ୍ଭ ସ୍ଥାପନ ପାଇଁ ପୂଜା କରାଯାଉଛି।

# ଖଣ୍ଡାବସା ପୂର୍ବରୁ ସୁବର୍ଣ୍ଣପୁର ବଳିଯାତ୍ରାର ଶୁଭାରମ୍ଭ

**ସୋନପୁର,୨୪।୯(ମୃତ୍ୟୁଞ୍ଜୟ ଶତପଥୀ)**

ଜଗତଜନନୀ ମା' ଦୁର୍ଗାଙ୍କ ଆଗମନ ନେଇ ସବୁଠି ପ୍ରସ୍ତୁତି ଚାଲିଛି । ମା ଙ୍କ ଶକ୍ତିପୀଠ ଗୁଡିକ ସଜେଇ ହେଉଛି। ଏହି କ୍ରମରେ ମଙ୍ଗଳବାର ରାତିରେ ମହାନଦୀର ସୋନପୁରସ୍ଥିତ ରାଜାଘାଟରେ ଖଣ୍ଡାଧୂଆ ନୀତି ଅନୁଷ୍ଠିତ ହୋଇଥିଲା। ପୂଜକ ଦୀପକ ପୁରୋହିତ ଖଣ୍ଡାକୁ ପୂଜାର୍ଚ୍ଚନା କରିଥିଲେ। ପରେ କଳସ ଓ ଖଣ୍ଡାକୁ ଏକ ଶୋଭାଯାତ୍ରାରେ ସମଲେଇ ମନ୍ଦିରକୁ ଅଣାଯାଇ ସ୍ଥାପନ କରା ଯାଇଥିଲା। ମା' ସମଲେଇଙ୍କ ପୀଠରେ ଷୋଳପୂଜା ବା ଖଣ୍ଡାବସା ପର୍ବରୁ ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରାର ଶୁଭାରମ୍ଭ ହୋଇଛି। ରାଜାରାଜୁଡା ଅମଳରୁ ରୀତିନୀତି ଅନୁଯାୟୀ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। କାର୍ଯ୍ୟକ୍ରମରେ ସେବାୟତ ଷଷ୍ଠି ବଡମାଳୀ, ରବି ଗୁରୁ, ଭାଗବତ ସେଠୀ, ଯାଦବ ଜୁଗୁନିଆ, ସଞ୍ଜିବ ଜୁଗୁନିଆ, ଆନନ୍ଦ ବାରିକ, ତ୍ରିଲୋଚନ ଡରିଆ, ଲଡୁକିଶୋର ମଲ୍ଲିକ, ଲବ ମଲ୍ଲିକ ଓ ଶ୍ରୀବତ୍ସ ମଲ୍ଲିକଙ୍କ ସମେତ ଦେବୋତ୍ତର ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ପୂଜା ପରେ ଖଣ୍ଡା ଓ କଳସ ସମଲେଇ ମନ୍ଦିରକୁ ନିଆଯାଉଛି ।

# ୨୫ରେ ବୌଦ୍ଧରେ ନିଯୁକ୍ତି ମେଳା

**ବୌଦ୍ଧ,୨୪।୯(ଅଜିତ କୁମାର ବାରିକ)**

ଓଡିଶା ଦକ୍ଷତା ବିକାଶ, ଓଡିଶା ସରକାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବୌଦ୍ଧ ଜିଲାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୫ ତାରିଖରେ ବୌଦ୍ଧ ଟାଉନହଲ ପରିସରରେ ଏବଂ ୨୬ ତାରିଖରେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ପୁରୁଣାକଟକର ଭୈରବୀ ଡିଗ୍ରୀ କଲେଜଠାରେ ଏହି ନିଯୁକ୍ତି ମେଳା ହେବ ବୋଲି ଜଣାପଡିଛି। ଏହି ମେଳାରେ ରାଜ୍ୟ ଭିତର ତଥା ରାଜ୍ୟ ବାହାରର କମ୍ପାନୀଗୁଡିକ ଅଂଶଗ୍ରହଣ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ୧୨ରୁ ୨୦ ହଜାର ପର୍ଯ୍ୟନ୍ତ ଦରମାରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି। ଅଷ୍ଟମରୁ ଯୁକ୍ତ ତିନି ତଥା ଆଇଟିଆଇ,ଡିପ୍ଲୋମା,ନର୍ସିଂ ଏବଂ ଫାର୍ମାସୀ କରିଥିବା ପିଲାମାନେ ଏହି ନିଯୁକ୍ତି ମେଳାର ସୁଯୋଗ ନେଇପାରିବେ। ଜିଲାର ସମସ୍ତ ବେକାର ଯୁବତୀଯୁବକ ଏହି ନିଯୁକ୍ତି ମେଳାର ସୁଯୋଗ ନେବା ସହିତ ନିଜର ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।


ସୁବର୍ଣ୍ଣପୁର ସହର ଥନାପତିପଡାରେ ମହିଳାମାନେ ପୁଅ ଜିଉନ୍ତିଆ ଓଷା ପାଳନ କରୁଛନ୍ତି ।

# ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ

**ବାଉଁଶୁଣୀ,୨୪।୯(ଦେବାଶିଷ ନେପାକ)**

ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଏବଂ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଯୁଗ୍ମ ଭାବରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭା ଓଡିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ ଇତିହାସ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ, ରାଜନିତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ କୁମାର ଭୁକ୍ତା, ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା, ଇଂରାଜୀ ଅଧ୍ୟାପିକା ଅନୀତା ନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ ଏନଏସଏସର ଅତୀତ ଓ ବର୍ତ୍ତମାନ ସମ୍ବନ୍ଧରେ କହିବା ସହ ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରକୁ ସଫା କରିବା ସହ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ ରଚନା, ବକ୍ତୃତା ଏବଂ ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଦିନରେ ପୁରସ୍କୃତ କରାଯିବ। ଏହି ସଭାରେ ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର ବ୍ଲକ ସ୍ତରରେ ହୋଇଥିବା ଖେଳକୁଦରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କ ନାମ ଘୋଷଣା କରିଥିଲେ। ପରେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ସ୍ୱାଗତ ସମାରୋହ

**ବିନିକା,୨୪। ୯(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମଙ୍ଗଳବାର ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟକୁ ଆସିଥିବା ନୂତନ ଛାତ୍ରୀଛାତ୍ର ଓ ନବନିର୍ବାଚିତ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ସ୍ୱାଗତ କରାଯାଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଜଗଦଲା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଜୁନିଅର୍ କଲେଜ ଅଧ୍ୟକ୍ଷା ଡ଼ ରେଖା ପଧାନ, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ରୁଦ୍ରନାରାୟଣ ଦାସ, ଯୋଗଦେଇ ନୂତନ କରି ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଶୁଭ କାମନା କରି ଭଲ ପାଠ ପଢି କଲେଜ ନାଁ ରଖିବା ପାଇଁ ଉପଦେଶ ଦେଇଥିଲେ। ବିଧାୟକ ଇଂ. ଜଗଦଲା ଶିକ୍ଷାର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ କହିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ମନ୍ତ୍ର ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ସିଦ୍ଧାର୍ଥ ଡିଗ୍ରୀ କଲେଜ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଅମରପାଲି,୨୪।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା (ନୁଆପଡା )ରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଗୋପବନ୍ଧୁ ମଲ୍ଲିକଙ୍କ ପୁତ୍ର ଅମିତ ମଲ୍ଲିକ (୨୩) ବୋଲି ଜଣା ପଡିଛି। ମିଳିଥିବା ସୂଚନା ଅନୁସାରେ ଅମିତ ସୁବଳୟାରେ ଗୋଟିଏ ତେଜରାତି ଦୋକାନରେ କାମ କରନ୍ତି। ସୋମବାର ସନ୍ଧ୍ୟାରେ କାମସାରି ଫେରିବା ବେଳେ ବର୍ଷାରେ ଭିଜି ଯାଇଥିଲେ। ପୋଛି ହେବାପାଇଁ ଘରେ ଥିବା ଏକ ଗାମୁଛା ଆଣୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ତଳକୁ ଛିଟିକି ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସଙ୍ଗେ ସଙ୍ଗେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସୁବଳୟା ଥାନାରେ ( ନଂ. ୫/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି। ମୃତ ଅମିତ ବିବାହିତ ଥିବା ବେଳେ ତାଙ୍କର ବାପା ଓ ସ୍ତ୍ରୀଙ୍କ ସହିତ ଏକ ୮ ମାସର ଶିଶୁ ପୁତ୍ର ଅଛି। ଗତବର୍ଷ ତାଙ୍କ ମା'ଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଯୁବକ ଜଣକ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିବାବେଳେ ତାଙ୍କ ମୃତ୍ୟୁପରେ ପରିବାର ଏବେ ଅସହାୟ ହୋଇ ପଡିଛନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣ ରେ ଦାବି ହେଉଛି।


ଅମିତ ମଲ୍ଲିକ
(ଫାଇଲ ଫଟୋ)

# ସାମାଜିକ ସମୀକ୍ଷା ଅଭିଯୋଗ ଶୁଣାଣି ଶିବିର

**ଅମରପାଲି,୨୪।୯(ପୀତାମ୍ବର ସାହୁ)**

**୩୮୯ ଜଣ ହିତାଧିକାରୀଙ୍କୁ ଶହେ ଦିନର କାମ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜିଲିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମୀକ୍ଷା କରିଥିବା ସହିତ ବ୍ୟକ୍ତିଗତ ପ୍ରକଳ୍ପ ତଥା ଗାଇ ଗୁହାଳ, କୂଅ, ଫାର୍ମ ପଣ୍ଡ ଆଦି ପ୍ରକଳ୍ପ ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ସାମାଜିକ ସମୀକ୍ଷା ବ୍ଲକ ପ୍ରତିନିଧି କିଶୋର ହୋତା, ପ୍ରଭଞ୍ଜନ କର୍ମୀ, ରାଜ କୁମାର ମହାକୁର, ସୁଧାଂଶୁ କର୍ଣ୍ଣ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ମନରେଗାର ସଫଳ ରୂପାୟନ ପାଇଁ ମିଳିତ ଉଦ୍ୟମ ଦରକାର ବୋଲି ପ୍ରକାଶ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷା କୋଡିନେଟର ଚୈତନ୍ୟ ମଲ୍ଲିକ ଗତ ୨୦୨୨-୨୩ ଆର୍ଥିକ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ବିଗତ କାର୍ଯ୍ୟକ୍ରମ ଦିବସରେ ଅନିୟମିତତା ଦର୍ଶାଇ ବିଭିନ୍ନ ଗ୍ରାମ ପଞ୍ଚାୟତକୁ ପ୍ରାୟ ୨୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ଉକ୍ତ ଅର୍ଥ ରାଶି ପୈଠ କରି ନ ଥିବାରୁ ଉଦବେଗ ପ୍ରକାଶ କରିବା ସହିତ ସେମାନଙ୍କୁ ତୁରନ୍ତ ନୋଟିସ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନବିଭାଗର ଏଏସସିଏଫ ଅବିନାଶ ବେରିହା, ଜଳଛାୟା ପ୍ରକଳ୍ପ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ପୂର୍ବତନ ହିଲୁଙ୍ଗ ସମିତି ସଭ୍ୟ ସୁରୁ ନାରାୟଣ ମହାକୁର, ବ୍ଲକ ସହକାରୀ ଯନ୍ତ୍ରୀ, ସମସ୍ତ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, ଜିଆରଏସ, ଭି.ଆରବି ଙ୍କ ସମେତ ସମେତ ଶତାଧିକ ହିତାଧିକାରୀ ଯୋଗ ଦାନ କରିଥିଲେ। ସମୀକ୍ଷା ବୈଠକରେ ବ୍ଲକର ସମୁଦାୟ ୩୮୯ ଜଣ ହିତାଧିକାରୀ ଶହେ ଦିନର କାର୍ଯ୍ୟ ଦିବସ ପୂରଣ କରିଥିଲେ। ତନ୍ମଧ୍ୟରୁ ସୁବଳୟା ପଞ୍ଚାୟତର ସର୍ବାଧିକ ୧୧୨ ଜଣ ଓ କମିରା ପଞ୍ଚାୟତର ସର୍ବନିମ୍ନ ୪ ଜଣ ଶହେ ଦିନର କାର୍ଯ୍ୟ ଦିବସ ପୂରଣ କରିଥିବା ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବର୍ଷ ସାରା ଶହେ ଦିନର କାର୍ଯ୍ୟ ଦିବସ ପୂରଣ କରିଥିବା ୧୦ଜଣ ଶ୍ରମିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ଅଫିସର ସମ୍ପିତ କୁମାର ମହାକୁର ପରିଚାଳନା କରିଥିବାବେଳେ କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଭୈରବୀଙ୍କ ପୀଠରେ ଷୋଳପୂଜା

**ବୌଦ୍ଧ,୨୪।୯(ଅଜିତ କୁମାର ବାରିକ)**

ଓଡିଶାର ମଧ୍ୟସ୍ଥଳରେ ଗଡ଼ଜାତ ବୌଦ୍ଧ ସହର। ଗଡ଼ଜାତର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭୈରବୀ। ସେ ହେଉଛନ୍ତି ଇଷ୍ଟଦେବୀ। ମା'ଙ୍କ ପୀଠରେ ବାର ମାସରେ ତେର ପୂଜା ପାଳିତ ହେଉଛି। କିନ୍ତୁ ମା'ଙ୍କ ପୂଜା ଆଶ୍ୱିନ ମାସରେ ସ୍ୱତନ୍ତ୍ର ଭାବେ ହୋଇଥାଏ। ମଙ୍ଗଳବାର ଦିନ ପୁରୁଣାକଟକଠାରେ ଥିବା ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠର ଷୋଳପୂଜା ବା ଖଣ୍ଡା ବସା ପର୍ବ ଆରମ୍ଭ ହୋଇଛି। ଏହି ଷୋଳପୂଜା ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ମହାଅଷ୍ଟମୀ ଦିନ ଶେଷ ହୋଇଥାଏ। ଷୋଳପୂଜା ଅବସରରେ ମା'ଙ୍କ ପ୍ରତିମା ଓ ମା'ଙ୍କ ପାଟଖଣ୍ଡା ମୁଖ୍ୟ ପୂଜକଙ୍କ ଘରୁ ଏକ ଶୋଭାଯାତ୍ରାରେ ବାହାରିଥିଲା। ଏହି ଶୋଭାଯାତ୍ରା ଯିବା ସମୟରେ ଢୋଲ, ନିଶାନ, ଘଣ୍ଟବାଦ୍ୟରେ ଅଞ୍ଚଳ କମ୍ପି ଉଠିଥିଲା। ଶୋଭାଯାତ୍ରା ସମୟରେ ଭକ୍ତମାନେ ହାତରେ ବାନା, ବଇରଖ, ଛତ୍ର ଧରି ଗ୍ରାମ ପରିକ୍ରମା କରି ସିଧା ମନ୍ଦିରକୁ ଯାଇଥାନ୍ତି। ଶୋଭଯାତ୍ରାରେ ଯିବା ସମୟରେ ଭକ୍ତମାନେ ନିଜ ନିଜ ଘର ଆଗରେ ମା'ଙ୍କ ପୂଜା କରିଥାନ୍ତି । ନିଶା ରାତ୍ରିରେ ତାଳପତ୍ର ପୋଥି (ମାଦଳା ପାଞ୍ଜି) ଅନୁସାରେ ମା'ଙ୍କ ଗୁପ୍ତ ପୂଜା ହୋଇଥାଏ ଓ ମା'ଙ୍କ ଠାରେ ପାଟଖଣ୍ଡା ବସିଥାଏ । ଏହି ଗୁପ୍ତ ପୂଜା ଆରମ୍ଭ ହେଲା ମାତ୍ରେ ମା'ଙ୍କ ପୀଠରେ ଢୋଲ, ନିଶାନ ବାଜି ଉଠିଥାଏ । ବାଜା ବାଜିବା ମାତ୍ରେ ଏହି ଅଞ୍ଚଳର ପୁତ୍ରବତୀ ମହିଳାମାନେ ପୁଅ ଜିଉଁତିଆ ପର୍ବ କରିଥାଆନ୍ତି। ଷୋଳ ପୂଜା ସମୟରେ ମା'ଙ୍କ ଠାରେ ୧୬ ଖଣ୍ଡ ଗ୍ରାମର ଲୋକ ପ୍ରତ୍ୟହ ଦିନେ ଦିନେ କରି ମା'ଙ୍କ ପାଇଁ ଭୋଗ ଅର୍ପଣ କରିଥାଆନ୍ତି। ସେହି ଭୋଗ ମା'ଙ୍କ ପାଖରେ ଲାଗିଥାଏ। ଷୋଳ ପୂଜା ସମୟରେ ମା'ଙ୍କ ମନ୍ଦିର ଚାରିପାଖ ବନ୍ଦ ହେବା ସହ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ଭିତରକୁ ମନା ହୋଇଥାଏ। ଏଣୁ ଏହି ସମୟରେ ଭକ୍ତମାନେ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମା'ଙ୍କ ମନ୍ଦିର ବାହାରେ ପୂଜାର୍ଚ୍ଚନା କରିଥାଆନ୍ତି। ଷୋଳ ପୂଜା ମଧ୍ୟରୁ ୪ ଦିନ ପୁରାପୁରି ସ୍ୱତନ୍ତ୍ର ଭାବେ ଗୁପ୍ତ ପୂଜା ହୋଇଥାଏ । ମା'ଙ୍କ ଷୋଳ ପୂଜା ପାଇଁ ସାରା ପୁରୁଣାକଟକ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ସମ୍ପାଦକ ସୁକାନ୍ତ କୁମାର ଦାସଙ୍କ ସମେତ ୧୬ ଖଣ୍ଡ ମୌଜାର କମିଟି ସଦସ୍ୟ ଓ ଭକ୍ତମାନେ ଶୋଭାଯାତ୍ରାରେ ସାମିଲ ଥିଲେ।



ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଉଛି।

■ରାତିରେ ମା'ଙ୍କ ପାଖରେ ହୋଇଥାଏ ଗୁପ୍ତ ପୂଜା

■ଢୋଲ ନିଶାନ ଓ ଘଣ୍ଟବାଦ୍ୟରେ ମା'ଙ୍କ ଶୋଭାଯାତ୍ରା ଦୁଲୁକିଲା

# ବୀରମହାରାଜପୁର କଲେଜରେ ଏଡ୍ସ ସଚେତନତା ସଭା

**ଅମରପାଲି,୨୪।୯(ପୀତାମ୍ବର ସାହୁ)**

**ସଚେତନତା ହେଲେ ନିରାକରଣ ହେବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ରେଡ଼କ୍ରସ ଓ ଜାତୀୟ ସେବା ଯୋଜନା, ବୀରମହାରାଜପୁର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏଡ୍ସ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁଶେଖର ପାଢ଼ୀ ସଭାପତିତ୍ୱ କରି ସଚେତନତା ହିଁ ଏହି ମହାମାରୀକୁ ରୋକିପାରିବ ବୋଲି କହିଥିଲେ। ଅଧ୍ୟାପକ ବିଜୟ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଶିବ କୁମାର ପୁରୋହିତ ଏଡ୍ସର କାରଣ ସମ୍ପର୍କରେ ବୁଝାଇଥିଲେ। ସମନ୍ୱିତ ପରାମର୍ଶ କେନ୍ଦ୍ରର କାଉନସେଲର ନରସିଂହ ମହନ୍ତ ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ଏଡ୍ସ ରୋଗର କାରଣ, ନିରାକରଣ, ସଚେତନତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଛାତ୍ରୀ ସୁପ୍ରିତା ମେଣ୍ଡଲି, ଶ୍ରୀୟା ମଞ୍ଜରୀ ସାହୁ, ସାଗତିକା ରଥ, ଛାତ୍ର ବିନୟ କୁମାର ପଣ୍ଡା ପ୍ରମୁଖ ଏହି ରୋଗର ଭୟାବହତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରେଡ଼କ୍ରସ ସଂଚାଳକ ସିଦ୍ଧେଶ୍ୱର ତ୍ରିପାଠୀ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ମାଧବ ପଧାନ, ପ୍ରାଧ୍ୟାପିକା ଗୀତାଞ୍ଜଳୀ ପୂଜାରୀ, ଅଧ୍ୟାପିକା ସୁପ୍ରଭା ନନ୍ଦ, ନିତାରାଣୀ ପଧାନ, ଜାତୀୟ ସେବା ଯୋଜନା ସଞ୍ଚାଳିକା ଯାମିନୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସଭାରେ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ଏଡ୍ସ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

## ସଂକ୍ଷେପରେ

### ରାଜ୍ୟ ସିନିୟର ଆଥ୍ଲେଟିକ୍ସ ମିଟ୍‌ରେ ଅଭିଷେକଙ୍କ ସଫଳତା



ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସପି ମାର୍କେଟିଂ ବିଭାଗରେ କାର୍ଯ୍ୟରତ ଥିବା ପ୍ରତିଭାବାନ ଆଥଲେଟ ଅଭିଷେକ ଭୁବନେଶ୍ୱରରେ ଅନୁଷ୍ଠିତ ୭୦ତମ ରାଜ୍ୟ ସିନିୟର ଆଥଲେଟିକ୍ସ ମିଟ୍‌-୨୦୨୪ରେ କୃତିତ୍ୱ ହାସଲ କରି ଆରଏସପି ସହର ପାଇଁ ଗୌରବ ଆଣିଛନ୍ତି। ଅଭିଷେକ ଉଲ୍ଲେଖନୀୟ ପ୍ରଦର୍ଶନ ପୂର୍ବକ ଶଟପୁଟ୍‌ରେ ସ୍ୱର୍ଣ୍ଣପଦକ ଏବଂ ଡିସ୍କସ ଥ୍ରୋରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଏହି ଚିତାକର୍ଷକ ପ୍ରଦର୍ଶନ ସହ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଆଗାମୀ ଜାତୀୟ ଗେମ୍ସରେ ଭାଗ ନେବା ପାଇଁ ସେ ମନୋନୀତ ହୋଇଛନ୍ତି। ଭବିଷ୍ୟତରେ ଭାରତର ପ୍ରତିନିଧିତ୍ୱ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ଅଭିଷେକ ଲକ୍ଷ୍ୟ ରଖିଛନ୍ତି।

### ଅନ୍‌ଲାଇନ ଗେମ୍ ଖେଳି ସର୍ବସ୍ୱାନ୍ତ

ବଡ଼ଗାଁ,୨୪।୯ (ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳର କେତେକ ବ୍ୟକ୍ତି ଅନ୍‌ଲାଇନ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ପାଇବା ଆଶାରେ ସର୍ବସ୍ୱାନ୍ତ ହେଉଛନ୍ତି। ନାମ ଗୋପନ ରଖି କେତେକ ବ୍ୟକ୍ତି ଜଣାଇଛନ୍ତି, ବର୍ଷେ ହେଲା ସେମାନେ ଅନ୍‌ଲାଇନ ଗେମ୍ ଖେଳି ଆସୁଥିଲେ। ପ୍ରଥମେ ଅର୍ଥ ଲଗାଇ କିଛି ପାଇଥିଲେ। ପରେ ୨୫ ହଜାର ଟଙ୍କାରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହରାଇ ସର୍ବସ୍ୱାନ୍ତ ହୋଇଯାଇଥିଲେ। କେତେକ ପରିବାରର ଛୋଟ ପିଲା ଏହି ଅନ୍‌ଲାଇନ ଗେମ୍ ଖେଳି ଟଙ୍କା ହରାଇଥିଲେ ମଧ୍ୟ ପରିବାର ଲୋକେ ବିଳମ୍ବରେ ଜାଣିପାରିଥିଲେ। ଅଞ୍ଚଳରେ ଏହିପରି ୮ଟି ଘଟଣା ଜଣାପଡିଛି। କମ ବୟସର ପିଲାମାନେ ଅର୍ଥ ପଛରେ ପଡୁଥିବା ଏବଂ ଏଥିଯୋଗୁ ପରିବାର ଲୋକେ ଆର୍ଥିକ ସଙ୍କଟରେ ପଡୁଥିବା କହିଛନ୍ତି।

### ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୪।୯(ଦିନେଶ ମିଶ୍ର): ବାସନ୍ତୀ କଲୋନୀ ସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ନିକଟରେ ଆଖଣ୍ଡଳମଣୀ ଗଣେଶ ପୂଜା କମିଟି ପକ୍ଷରୁ ସମାଜସେବୀ ରାହୁଲ ଜସୱାଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏନେଇ କମିଟିର ବହୁ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ରାହୁଲଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୩୩ଟି ପ୍ରଦୀପ ପ୍ରଜ୍ୱଳନ କରି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କହରା ଜେନା, ସିଲୁ ଦାସ, ଚନ୍ଦନ ବରାଳ, ଅନୀଲ ପାଣି, ସପନ ବେହେରା, ବିଟୁ ବାରିକ, ଅମୀୟ ପୋଥାଳ,ପ୍ରମୋଦ ସିଂ, ମହେଶ କୁମାର, ରାଜା ନାୟକ, ଟୁନୁ କର, କାଲୋ ପଣ୍ଡିତଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାମାନ୍ୟ ବର୍ଷାରେ ଧୋଇଗଲା ରାସ୍ତା

- ନିମ୍ନମାନର କାମକୁ ନେଇ ଜନ ଅସନ୍ତୋଷ
- ଖର୍ଚ୍ଚ ହୋଇଥିଲା ୧୬,୦୨,୩୭୪ ଟଙ୍କା

ରାଉରକେଲା,୨୪।୯(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅନ୍ତର୍ଗତ ସରକାରୀ ପରୀକ୍ଷଣ ଲାବ୍‌କୁ ସଂଯୋଗ କରୁଥିବା ରାସ୍ତା ସାମାନ୍ୟ ବର୍ଷାରେ ଧୋଇଯାଇଛି। ଏହି ଲାବ୍ ସହରର ପ୍ରମୁଖ ଲାବ୍ ହୋଇଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହଶହ ଲୋକ ଯାତାୟାତ କରିଥାନ୍ତି। ବହୁ ଦିନ ଧରି ଏହି ଲାବ୍‌କୁ ସଂଯୋଗ କରୁଥିବା ରାସ୍ତା ମରାମତି ହୋଇ ନ ଥିବାରୁ ଏହାକୁ ପୁନରୁଦ୍ଧାର କରିବା ପାଇଁ ଆର୍‌ଏମ୍‌ସିର ସ୍ପେଶିଆଲ ପ୍ରୋବଲେମ୍ ଫଣ୍ଡରୁ ୨୦୨୩-୨୪ରେ ନିର୍ମାଣ ହେବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେଲା। ରାସ୍ତାର ପୁନରୁଦ୍ଧାର ପାଇଁ ୧୬ ଲକ୍ଷ ୨ ହଜାର ୩୭୪ ଟଙ୍କା ମଞ୍ଜୁର ହୋଇ ଜଣେ ସ୍ଥାନୀୟ ଘରୋଇ ଠିକାଦାରକୁ କାମ ଦିଆଗଲା। ଠିକାଦାର ଜଣକ ରାସ୍ତାରେ ପିଚୁ ନ ପକାଇ ଖାଲି ଗେଟି ଓ ବାଲି ପକାଇ ସମତୁଲ କରି ଛାଡି ଦେଇଛନ୍ତି। ନିମ୍ନମାନର କାମ ଯୋଗୁ ନିର୍ମାଣ ହେବାର ୭ମାସ ମଧ୍ୟରେ ସାମାନ୍ୟ ବର୍ଷାରେ ରାସ୍ତା ଧୋଇଯାଇଛି। ରାସ୍ତାର ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ଦିନେ ଠାଏଠାଏ ପାଣି ଜମି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଏହି ରାସ୍ତାରେ ଆର୍‌ଏମ୍‌ସି ପକ୍ଷରୁ ଷ୍ଟ୍ରିଟ ଲାଇଟ୍ ଲାଗିଥିଲେ ମଧ୍ୟ ତାହା ବର୍ତ୍ତମାନ ଜଳୁନାହିଁ। ଫଳରେ ସନ୍ଧ୍ୟା ହେଲେ ଏହି ଲାବ୍‌କୁ ସଂଯୋଗ କରୁଥିବା ରାସ୍ତାରେ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି। ରାସ୍ତାର ପୁନରୁଦ୍ଧାର ସହ ଆଲୋକୀକରଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ, ଆର୍‌ଏମ୍‌ସି ଅନ୍ତର୍ଗତ ୱାର୍ଡ ନଂ. ୧୨ରେ ଥିବା ସରକାରୀ ପରୀକ୍ଷଣ ଲାବ୍‌କୁ ସଂଯୋଗ କରୁଥିବା ରାସ୍ତାର ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆର୍‌ଏମ୍‌ସି ଇଞ୍ଜିନିୟରିଂ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ଘଟଣା ବିଷୟରେ ଅବଗତ କରି ରାସ୍ତାର ବର୍ତ୍ତମାନ ସ୍ଥିତିକୁ ସମୀକ୍ଷା କରିବୁ। ପରେ ଏହି ସମସ୍ୟାର ସମାଧାନ ତୁରନ୍ତ କରିବୁ ବୋଲି ନାୟକ କହିଥିଲେ।



ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମିଛି।

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ





ପରିଷଦର ଇ ସ୍ମରଣିକା ଉନ୍ମୋଚିତ କରାଯାଉଛି।

ରାଉରକେଲା,୨୪।୯(ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ସିଭିକସେଣ୍ଟର ପରିସରରେ ରାଉରକେଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ପରିଷଦର ବରିଷ୍ଠ ସଦସ୍ୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ସୁଧୀର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ସ୍ୱରୂପ ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନ ପାରିବାରୁ ସେମାନେ ପଠାଇଥିବା ଶୁଭେଚ୍ଛା ବାର୍ତ୍ତା ସମ୍ପର୍କରେ ସଭାପତି ସୂଚନା ଦେଇଥିଲେ। ପରିଷଦର ସମ୍ପାଦକ ପ୍ରକାଶଚନ୍ଦ୍ର ପାଢୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ନାୟକ ପରିଷଦ ଦ୍ୱାରା ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପରିଷଦର ପ୍ରତିଷ୍ଠାତା ସଦସ୍ୟ ପୀତବାସ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ଉପଦେଷ୍ଟା ଡକ୍ଟର କିଶୋରୀ ଦାଶ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ପରିଷଦର ଇ-ସ୍ମରଣିକା 'ଝୁଲକା'ର ଦ୍ୱିତୀୟ ସଂସ୍କରଣ ତଥା ପରିଷଦର ୱେବସାଇଟ୍ ଲୋକାର୍ପିତ ହୋଇଥିଲା। ଏଥିସହ ଅଗଷ୍ଟ ୧ ସମ୍ବଲପୁରୀ ଦିନ ଉପଲକ୍ଷେ ଅନୁଷ୍ଠିତ ସମ୍ବଲପୁରୀ ନାଟକ 'ଶାଶବହୁ ଘିଚାଟନା' ଯମରାଜର ବାଟବନାର ନାଟ୍ୟକାର ସନ୍ତୋଷ ମିଶ୍ର, ନିର୍ଦ୍ଦେଶକ ଓ ନୃତ୍ୟ, ଗୀତ ତଥା ର୍‌ୟାମ୍ପ୍ ଶୋ'ରେ ଅଂଶ ଗ୍ରହଣ କରିଥିବା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବର ସନ୍ଧ୍ୟା ଅଧିବେଶନରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପର୍ବ ଖାଲି ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ବିଶ୍ୱରେ ବିଭିନ୍ନ ସ୍ଥାନରେ ପାଳନ କରାଯାଇଥିବା ଗାଥାକୁ ବଖାଣିଥିଲେ। ଏହି କାର୍ଯ୍ୟକ୍ରମକୁ ଡକ୍ଟର ଅଜୟ କୁମାର ମିଶ୍ର, ଗୌରୀଶଙ୍କର ପ୍ରଧାନ, ନରେନ୍ଦ୍ର ମିଶ୍ର, ଇଞ୍ଜିନିୟର ବିମଳ ବିଶି, ଡାକ୍ତର ସୁବୋଧ ମେହେର, ଦେବାଶିଷ ମିଶ୍ର, ଡାକ୍ତର ବିଜୟ କୁମାର ସାହୁ, ଏରିଅର ଜାଲ, ପ୍ରବୀର ମିଶ୍ର, ଡାକ୍ତର ସୌଭାଗ୍ୟ ଦାଶ, ନରୋତ୍ତମ ଭୋଇ, ସାଗର ମୁଣ୍ଡା, ଭଗବାନ ପତି, ଶ୍ରୀପତି ତ୍ରିପାଠୀ, ଅଙ୍କରୋଜ ଛନ୍ଦା, ଇଞ୍ଜିନିୟର ବିମଲ ବିଶି, ରମେଶ ସୁନା, ପ୍ରତାପ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଷଦର ସଦସ୍ୟ ଶ୍ରୀକାନ୍ତ ଷଡ଼ଙ୍ଗୀ ଓ ସୁଶ୍ରୀତା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଉରକେଲା ସହରରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ପ୍ରଶ୍ନୋତ୍ତର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସେକ୍ଟର-୨୦ ସ୍ଥିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆଞ୍ଚଳିକ ମୁଖ୍ୟ ଭଗବତୀ ଜେନାଙ୍କ ଆବହକତ୍ୱ କ୍ରମେ ଆୟୋଜିତ ଏହି ପ୍ରତିଯୋଗୀତା ଗୁଡିକ ସେକ୍ଟର-୨୦ ସ୍ଥିତ କୋଏଲ ବିଦ୍ୟାପୀଠ ଓ ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ହୋଇଥିଲା। ପ୍ରତିଯୋଗୀତାରେ ବିଚାରକ ତଥା ଅତିଥିଭାବେ ଡକ୍ଟର ସୁମନ ଦତ, ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରାକ୍ତନ ସିଜିଏମ ପ୍ରମୋଦ କୁମାର କର,ବିର୍ସା ମୁଣ୍ଡା ବିଦ୍ୟାପୀଠର ସମ୍ପାଦକ ବିପଦ ଭନ ପଣ୍ଡା, ସସ୍ମିତା ପ୍ରଧାନ ଓ କବି କୁବିହାରି ରାଉତ ପ୍ରମୁଖ ଯୋଗଦେଇଥିଲେ। କୋଏଲ ବିଦ୍ୟାପୀଠରେ ୩୬ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ଅରୁଣ କୁମାର ସ୍ୱାଇଁ, ପଦ୍ମଲୋଚନ ଦାଶ ଏବଂ ଅଦ୍ୱୈତପ୍ରସାଦ ନାୟକ ପ୍ରମୁଖ ପ୍ରତିଯୋଗୀତା ଶିବିରକୁ ପରିଚାଳନା କରିଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟ ନାରାୟଣ ଦାସ, ରଶ୍ମିବାଳା ସାମଳ, ଅର୍ଚ୍ଚନା ପଣ୍ଡା, କାଶୀନାଥ ପାଢୀ,ପ୍ରଭୁରାମ ପାଳ, ସୁମିତ୍ରା ସିଂ, ପ୍ରଦୀପ ପଲଟା ସିଂ ପ୍ରମୁଖ ଅନୁଷ୍ଠିତ ପ୍ରତିଯୋଗୀତାକୁ ପରିଚାଳାନା କରିଥିଲୋ। ପରିଶେଷରେ ଆବାହକ ଭଗବତୀ ଜେନା ଏହିପ୍ରତିଯୋଗୀତାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଶେଷରେ କର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଅବସରରେ ସେକ୍ଟର-୪ସ୍ଥିତ ରାଉରକେଲା କଲେଜର ଏନଏସଏସ ସଂଯୁକ୍ତ ଶାଖା ଦ୍ୱାରା ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ଶିର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ର ପ୍ରୋଗ୍ରାମ ଅଧିକାରୀ କରୁଣାକର ପାଟ୍ଟଶାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଳିତ ଶିକ୍ଷାବର୍ଷ ପାଇଁ ନୂତନ ସ୍ୱେଚ୍ଛାସେବୀଙ୍କ ନାମ ପଞ୍ଜୀକରଣ ଓ ଆଭିମୁଖିକରଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ.ରବିନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଆଦର୍ଶ ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସ୍ୱଚ୍ଛତାକୁ ସ୍ୱଭାବରେ ଓ ସଂସ୍କାରରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କରୁଣାକର ପାଟ୍ଟଶାଣୀ ସଂଯୋଜନା କରିଥିବା ବେଳେ ସହଯୋଗୀ ପ୍ରୋଗ୍ରାମ ଅଧିକାରୀ ରଶ୍ମିପ୍ରଭା ମାଥାନ ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରର ଶେଷ ପର୍ଯ୍ୟାୟରେ ଅଜୟ ଗୌଡ, ସୌମ୍ୟରଞ୍ଜନ ମହାନ୍ତି, ଗୌରବ ସାହୁ, ଛବିଲ ସେଠୀ ଓ ଅଭିଷେକ ପରିଡା ସାମିଲ ଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତପସ୍ୱିନୀ କୁମ୍ଭାର, ସୋନାଲି ମହାନନ୍ଦ,ସନ୍ଧ୍ୟା ରାଣୀ ବେହେରା, ହିମାଂଶୁ ନାୟକ, ଚାନ୍ଦନୀ ସେଠୀ, ମନୀଷା କେର୍କେଟ୍ଟା, କିରନ ପ୍ରଧାନ ଓ କରିଷ୍ମା ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।

## ଉଦାହରଣ ଅନୁଷ୍ଠାନର ଜରୁରିକାଳୀନ ବୈଠକ



ବୈଠକରେ ସମ୍ମିଳିତ ଅନୁଷ୍ଠାନ କର୍ମକର୍ତ୍ତା।

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସାମାଜିକ ଅନୁଷ୍ଠାନ ଉଦାହରଣ ପକ୍ଷରୁ ଶହୀଦ ଓ ଶହୀଦ ପରିବାରଙ୍କୁ ସମ୍ମାନ ପ୍ରଦାନାର୍ଥେ ଏକ ଜରୁରୀ ବୈଠକ ସେକ୍ଟର-୧୯ରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପ୍ରାକ୍ତନ ସିଆର୍‌ପିଏଫ୍ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧକ୍ଷତା ଏବଂ ସାଧାରଣ ସମ୍ପାଦକ ସଙ୍କୀର୍ତ୍ତନ ଜୟପୁରୀଆଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ କାର୍ଯ୍ୟକ୍ରମର ଟ୍ରଷ୍ଟି ତଥା ବରିଷ୍ଠ ସଦସ୍ୟ ଇଂ ବିମଳ କୁମାର ବିଶି, ଶଙ୍କର ଜେନା ଏବଂ ରୋହିତ ମହାନନ୍ଦିଆ ପ୍ରମୁଖ ସାମିଲ ହୋଇ ଅନୁଷ୍ଠାନ ପକ୍ଷରୁ ପାଳିତ ହେବାକୁ ଥିବା ତୃତୀୟ ଶହୀଦ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଶହୀଦଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାର ସହ ଯୋଗାଯୋଗ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ପ୍ରଧାନ, ରାଜେଶ ତନ୍ତୀ ପ୍ରମୁଖ ସମ୍ମିଳିତ ଥିଲେ। ଶେଷରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ତନ୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜୟପୁରୀଆ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗୁରୁକୁଳ ସଂସ୍କୃତ କଲେଜରେ ବୃକ୍ଷରୋପଣ



ଲାଠିକଟା ବିଡିଓ ବୃକ୍ଷରୋପଣ କରୁଛନ୍ତି।

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ କଲେଜ ଅଧକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେବା ଯୋଜନା ପ୍ରୋଗ୍ରାମ ଅଫିସର ଜ୍ୟୋତ୍ସ୍ନାରାଣୀ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନେଇ ଆୟୋଜିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ ବିଡିଓ ମାନସ କୁମାର ସାହୁ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସନ୍ତୁଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଡ. ଅମୂଲ୍ୟ ଜେନା ପରିବେଶ ସୁରକ୍ଷିତ ହେଲେ ଆମେ ସୁରକ୍ଷିତ ରହିବା ଓ ଦେଶ ସୁରକ୍ଷିତ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ରଧ୍ୱଜ ମାଝୀ, ପରମେଶ୍ୱର ଶତପଥି, କେଦାନନାଥ ପାଢୀ, କାଳିକିଙ୍କର ପଣ୍ଡା, ଶ୍ୟାମମାଳା ଦାସ, ସୁରେଶ ଚନ୍ଦ୍ର ଭୋଇ, ସନ୍ତୋଷ ଲେଙ୍କା ଏବଂ ରବିନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖୋଜ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ରାଜଗାଙ୍ଗପୁର,୨୪।୯(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବୁଡାମ୍ବ ପଞ୍ଚାୟତ ଢେଙ୍ଗୁରପାଣି ଗ୍ରାମରେ ନିଖୋଜ ଥିବା ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ରାଜଗାଙ୍ଗପୁର ପୋଲିସ ଜବତ କରିଛି। ଏନେଇ ପୋଲିସ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତ୍ୟୁଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ନାବାଳିକା ରବିବାରଠାରୁ ନିଖୋଜ ଥିଲେ। ମଙ୍ଗଳବାର ସକାଳେ ନିଜ ଘର ଠାରୁ କିଛି ଦୂରରେ ତାଙ୍କ ମୃତଦେହ ମହୁଲ ଗଛ ଡାଳରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ।

## ଆଦିବାସୀ ୟୁଥ କ୍ଲବ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୨୪।୯(ଦିନେଶ ମିଶ୍ର)

ଉଦିତନଗର ପ୍ୟାରେଡ ପଡିଆରେ ଆଦିବାସୀ ୟୁଥ କ୍ଲବ ପକ୍ଷରୁ ଓରାମପଡା ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଉରକେଲା ଏସ୍‌ପି ବ୍ରିଜେଶ ରାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ରଞ୍ଜିତ ନାୟକ, ପ୍ରକାଶ ପାସୱାନ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଗର୍ଜନ ଫୁଟବଲ କ୍ଲବ ଓ ଲିଭିଙ୍ଗ ଫାଉଣ୍ଡେଶନ୍ ରାଉରକେଲା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପେନାଲଟି ସୁଟ୍‌ଆଉଟ୍‌ରେ ଗର୍ଜନ ଫୁଟବଲ କ୍ଲବ ବିଜୟୀ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ ରାଉରକେଲା ରେଡ୍ ଓ ୟୁନାଇଟେଡ୍ ସ୍ପୋର୍ଟସ ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ରେଡ୍ ୧-୦ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ସୁନିଲ ଓରାମ, ମନୋଜ ପାଣ୍ଡେ, ସନି ତିର୍କି, ରାଜେଶ ତିର୍କି ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟକୁ କ୍ଲବର ସଦସ୍ୟ ମନମୋହନ ଓରାମ, ସୁରେଶ ଲାକ୍ରା, ଚାନ୍ଦୁ ଓରାମ, ଶୁକ୍ରା ଓରାମ, ବିକାଶ ଓରାମ, ଅଜିତ ଓରାମ, ଲାଲୁ ଓରାମ, ସନ୍ଦୀପ ଓରାମ, ଦୀପନ ପାନ୍ନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ନବୀକୃତ ଲୋକୋମୋଟିଭର କମିଶନିଂ ସମ୍ପନ୍ନ

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ଆରଏସପିର ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗରେ ଏକ ନବୀକୃତ ଲୋକୋମୋଟିଭ କମିଶନିଂ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ନବୀକୃତ ଲୋକୋମୋଟିଭ କଲ ନମ୍ବର-୧୪୧୩କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇରନ ବିଭାଗ ସିଜିଏମ ଇନଚାର୍ଜ ବିଶ୍ୱରଞ୍ଜନ ପଲାଇ, ମେକାନିକାଲ ବିଭାଗର ସିଜିଏମ ଆରଏନ ରାଜେନ୍ଦ୍ରନ, ଟ୍ରାଫିକ ଓ କଞ୍ଚାମାଲ ବିଭାଗର ସିଜିଏମ କେ ସନ୍ୟାନୀଙ୍କ ସମେତ ଟି.ଆଣ୍ଡ.ଆରଏମ ବିଭାଗର ବିଭିନ୍ନ ସେକ୍ସନ ମୁଖ୍ୟ, ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ସୂର୍ଯ୍ୟବଂଶୀ ନବୀକୃତ ଲୋକୋମୋଟିଭକୁ ନିରୀକ୍ଷଣ କରିବା ସହ ଉକ୍ତ ଇଞ୍ଜିନକୁ କିଛି ଦୂର ଚଲାଇଥିଲେ। ନିର୍ବାହୀ ନିର୍ଦ୍ଦେଶକ ସାମୁଦାୟିକଙ୍କୁ ଏହି ଲୋକୋମୋଟିଭର ନପୂର୍ଣ ଉପଯୋଗ ପୂର୍ବକ କାରଖାନାର ପ୍ରଦର୍ଶନରେ ଅଧିକ ଉନ୍ନତୀ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସମସ୍ତଙ୍କୁ ସାମଗ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଆର୍‌ଏସପି ନିକଟରେ ୪୧ଟି ଅନୁରୂପ ଲୋକୋମୋଟିଭ ରହିଛି। ଲୋକୋମୋଟିଭ ନବୀକରଣ ଏହାର ନିର୍ଭରଶୀଳତା ଉପଲବ୍ଧତା ଓ ହର୍ଷ ପାୱାରରେ ଉନ୍ନତି ଆଣିଛି। ଯାହା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ରୋଲିଙ୍ଗ ଷ୍ଟକ ସ୍ଥାନାନ୍ତରଣରେ ସହାୟକ ହେବ।



ନବୀକୃତ ଲୋକୋମୋଟିଭ କମିଶନିଙ୍ଗ କାର୍ଯ୍ୟକ୍ରମରେ ସାମିଲ ଆରଏସପି ଅଧିକାରୀ।

## ସଂକ୍ଷେପରେ

### ବିକାଶରେ ଜାତୀୟ ସେବା ଯୋଜନା ଦିବସ

ସମ୍ବଲପୁର,୨୪।୯(ବି.ଶଙ୍କର)

ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଦିବସ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଅନୁଷ୍ଠାନ ସମୂହର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କରରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ନବିନ କୁମାର ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ କିପରି ଏନ୍ଏସ୍ଏସ୍ ଦ୍ୱାରା ଭବିଷ୍ୟତ ଗଢ଼ି ପାରିବେ, ସେନେଇ ଆଲୋକପାତ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁ ଏନଏସ୍ଏସ୍ର ଗଠନ ତଥା ଏହାର ଉଦ୍ଦେଶ୍ୟ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ଦିବ୍ୟସିଂହ ମହନ୍ତ ଏନଏସ୍ଏସ୍ର ଭୂମିକା ଉପରେ ନିଜ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତ ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏନଏସ୍ଏସ୍ ଅଧିକାରୀ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହକର୍ମୀ, ଛାତ୍ରୀଛାତ୍ର ମିଳିତ ଭାବେ ପରିବେଶ ସ୍ୱଚ୍ଛତା ପାଇଁ ଶପଥ ପାଠ କରିଥିଲେ।

### କର୍କଟ ଚିକିତ୍ସା ଶିବିର: ୨୦ ଜଣଙ୍କ ପରୀକ୍ଷା

ସମ୍ବଲପୁର,୨୪।୯(ପ୍ରମୋଦ ବହିଦାର)

ବିଶାଖାପାଟଣାର ମହାତ୍ମା ଗାନ୍ଧି କର୍କଟ ଚିକିତ୍ସା ଓ ଗବେଷଣା କେନ୍ଦ୍ର ଓ ସମ୍ବଲପୁର ସାଥୀ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ନିଶୁଳ୍କ କର୍କଟ ରୋଗ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଦଲେଇପଡ଼ା ସ୍ଥିତ ଟ୍ରଷ୍ଟର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚିକିତ୍ସା ଶିବିରରେ ସହର ଆଖପାଖ ଅଞ୍ଚଳରୁ ୨୦ରୁ ଅଧିକ କର୍କଟ ପୀଡ଼ିତଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଛି। ବିଶାଖାପାଟଣାର ମହାତ୍ମାଗାନ୍ଧୀ କର୍କଟ ଚିକିତ୍ସାଳୟର ରେଡ଼ିଏସନ ଓନୋକୋଲୋଜିଷ୍ଟ ଡା. ଚିତ୍ତରଞ୍ଜନ କୁଣ୍ଡୁ ପୀଡ଼ିତମାନଙ୍କ ଚିକିତ୍ସା କରିଥିଲେ। ଆର୍ଥିକ ଭାବେ ଦୁର୍ବଳ କେତେକ କର୍କଟ ରୋଗୀଙ୍କୁ ସାଥୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଭାପତି ଶତ୍ରୁଘ୍ନ ଲାଲ ସାହା ପୀଡ଼ିତମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଆଗାମୀ ଦିନରେ ସାଥୀ ଚାରିଟେବୁଲ ଟ୍ରଷ୍ଟ ଓ ମହାତ୍ମାଗାନ୍ଧୀ କର୍କଟ ଚିକିତ୍ସାକେନ୍ଦ୍ରର ମିଳିତ ସହଯୋଗରେ ଏହି ରୋଗର ନିରାକରଣ ପାଇଁ ଅନେକଗୁଡ଼ିଏ ଶିବିର ଆୟୋଜନ କରାଯିବ ବୋଲି କହିଛନ୍ତି ଟ୍ରଷ୍ଟର ସଭାପତି ସାହା। ଚିକିତ୍ସା ଶିବିରକୁ ସରୋଜ ମହାପାତ୍ର ଓ ଭଗତ ସିଂ ପରିଚାଳନା କରିଥିଲେ।

### ଏନ୍ଏସ୍ସିବି ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ

ସମ୍ବଲପୁର,୨୪।୯(ବି.ଶଙ୍କର)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍ସିବି) ମହାବିଦ୍ୟାଳୟ ସଭାକକ୍ଷରେ ସୋମବାର ଏନ୍ଏସ୍ଏସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଡ.ପ୍ରଦୀପ କୁମାର ହରପାଲ ଅଧ୍ୟକ୍ଷତା କରିଥିଲେ। ଡ.ରଘୁମଣି ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ନିଃସ୍ୱାର୍ଥପର ସେବା ମାଧ୍ୟମରେ ନିଜର ତଥା ସମାଜର ଉନ୍ନତି ସାଧନାରେ ବ୍ରତୀ ହେବାକୁ ଡ. ନାୟକ ଉପଦେଶ ଦେଇଥିଲେ। ଏହି ଅବସରରେ ଏନ୍ଏସ୍ସିବି ମହାବିଦ୍ୟାଳୟର ଏନ୍ଏସଏସ ପ୍ରୋଗ୍ରାମ ଅଧିକାରୀ ସୁଶ୍ରୀ ମିଲି ସାହୁ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ତଥା ଉପଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏନ୍ଏସ୍ଏସ୍ ସହକାରୀ ପ୍ରୋଗ୍ରାମ ଅଧିକାରୀ ରୋଜାଲୀ ସେଠ ଏନ୍ଏସ୍ଏସ ଦିବସ ପାଳନର ମହତ୍ତ୍ୱ ଏବଂ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ଏବଂ ପୂର୍ବତନ ଏନଏସ୍ଏସ୍ ସ୍ୱେଚ୍ଛାସେବୀ ପ୍ରୀତମ ପ୍ରତ୍ୟୁଷ ବାରିକ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ। ସଭା ପରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଧିକାରୀ ସୁରେଶ ଏକ୍କା ସଂଯୋଜନା ଏବଂ ପରିଚାଳନା କରିଥିବାବେଳେ ଅନିକେତ ପାଣିଗ୍ରାହୀ ସହଯୋଗ କରିଥିଲେ।

# ସମଲେଇ ପୀଠରେ ଷୋଡ଼ଶ ପୂଜା ଆରମ୍ଭ

ସମ୍ବଲପୁର,୨୪।୯(ବି.ଶଙ୍କର)


ସମ୍ବଲପୁର ସମଲେଇ ପୀଠରେ ଷୋଡ଼ଶ ପୂଜା ଆରମ୍ଭ ହୋଇଛି।

ସମଲେଇ ପୀଠରେ ଷୋଡଶ ପୂଜା ରିତିନିତି ଓ ପରମ୍ପରାନୁସାରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରାତଃରେ ପୂଜକମାନେ ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏଥିସହ ଦେବୀଙ୍କୁ ଦୁର୍ଗା ରୂପେ ପୂଜା କରାଯାଇ ପରମ୍ପରା ଓ ରୀତିନିତୀ ଅନୁଯାୟୀ କାକରା ପିଠା ଭୋଗ ଲାଗିଥିଲା। ଘଣ୍ଟ,ଶଙ୍ଖ, ହରିବୋଲ, ହୁଳହୁଳି ଏବଂ ଦୁଲଦୁଲି ବାଜାରେ ମନ୍ଦିର ଅଞ୍ଚଳରେ ପ୍ରକମ୍ପିତ ହୋଇଥିଲା । ଯାହାକି ଭକ୍ତମାନଙ୍କୁ ଭକ୍ତିମୟ ପରିବେଶରେ ବିଭୋର କରିଥିଲା। ବୁଧବାରଠାରୁ କ୍ରମାନ୍ୱୟରେ ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବା ନିତି ରହିଛି। ମହାଳୟା ତିଥିରେ ଦେବୀ ଗଙ୍ଗା ତଥା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ତେଣୁ ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ହୋଇଥାଏ। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଦିନ ମାନସିକ ଦୀପ ପ୍ରଜ୍ୱଳନ ଓ ଭୁବନେଶ୍ୱରୀ ମନ୍ତ୍ରରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ। ଅପରପକ୍ଷେ ମଙ୍ଗଳବାର ପଶ୍ଚିମ ଓଡଶାର ନିଆର ପରମ୍ପରା ପୋ ଜୀଉଁତିଆ ମଧ୍ୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୂଜାର୍ଚ୍ଚନା ହୋଇଥାଏ। ତେଣୁ ବ୍ରତଧାରୀ ମାଆମାନେ ପୋ ଜୀଉଁତିଆ ପୂଜା ଶେଷ ହେବା ପରେ ରାତିରେ ସମଲେଇଙ୍କୁ ଦୁବ, ଚାଉଳ ଛୁଆଁଇବା ସହ ପୂଜାର୍ଚ୍ଚନ କରିଛନ୍ତି। ଚଳିତବର୍ଷ ଶ୍ରୀଶ୍ରୀ ସମଲେଶ୍ୱରୀ ପୀଠରେ ଶାରଦୀୟ ଦଶହରା ପୂଜା-୨୦୨୪କୁ ଅଧିକ ଆର୍ଷଣୀୟ କରାଯିବାକୁ ସ୍ଥିର ହୋଇଛି। ଏନେଇ ମଙ୍ଗଳବାର ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ସଭାପତି ବାବୁଙ୍କ ସୂଚନା ଅନୁସାରେ ଅକ୍ଟୋବର ୨ରେ ମହାଳୟା, ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ, ୩ରେ ଦେବୀଙ୍କ ପିଠରେ ନବଦିନାତ୍ମକ ପୂଜାରମ୍ଭ ଓ ନବରାତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ। ସେହିପରି ୪ରେ ଦ୍ୱିତୀୟା, ୫ରେ ତୃତୀୟା, ୬ରେ ଚତୁର୍ଥି, ୭ରେ ପଞ୍ଚମୀ ପୂଜା ହେବ। ୮ରେ ଷଷ୍ଠୀ ଓ ୯ରେ ସପ୍ତମୀ ଓ ୧୦ ପୀଠେ ମହାଷ୍ଟମୀ, ସନ୍ଧିପୂଜା, ଦେବୀଙ୍କର ଖଣ୍ଡା ଧୂଆ, ଭାଇ ଜିଉନ୍ତିଆ ପର୍ବ ରହିଛି। ୧୧ରେ ମା' ସମଲେଇଙ୍କ ପୀଠରେ ମହାନବମୀ, ଆଖଡା ନଗର ପରିକ୍ରମା, ବିଶ୍ରାମ ହେବ। ସେହିପରି ୧୨ରେ ପୀଠେ ଦଶହରା, ବିଜୟା ଦଶମୀ, ନବରାତ୍ର ଦୀପ ବିସର୍ଜନ ଓ ରଣଜିତା ଉତ୍ସବ କରାଯିବ। ୧୬ରେକୁମାର ପୂର୍ଣ୍ଣିମା, ଦେବୀଙ୍କ ରାଜରାଜେଶ୍ୱରୀ ବେଶ, ମନ୍ଦିରରେ ନୂତନ ଧ୍ୱଜା ରୋହଣ ନିତୀ ସହ ଗଜଲକ୍ଷ୍ମୀ ପୂଜା ହେବ ବୋଲି ଟ୍ରଷ୍ଟ ବୋର୍ଡ ସଭାପତି ବାବୁ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ଷୋଡଶ ପୂଜା ଆରମ୍ଭ ହୋଇଥିଲା। ସମଲେଇ ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ଦିଆଯାଉଥିଲା। ରାଜା ସ୍ୱୟଂ ଭୋଗ ଗ୍ରହଣ କରି ଉପବାସ ଭଙ୍ଗ କରୁଥିବା ଐତିହାସିକ ତଥ୍ୟ ସହ ଲୋକକଥା ରହିଛି। ତେଣୁ ସମଲେଇ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଏହି ପରମ୍ପରାକୁ ବଜାୟ ରଖି ୧୬ଦିନ ପର୍ଯ୍ୟନ୍ତ ଉପବାସ ରହିଆନ୍ତି। ରାତ୍ରିରେ ସମଲେଇଙ୍କଠାରେ ଭୋଗ ଅର୍ପଣ ହେବା ପରେ ମୁଖ୍ୟ ପୂଜକ ଭୋଗ ଗ୍ରହଣ କରିଥାନ୍ତି। ସେହିପରି ଚଟାଣରେ ବସିବା ଓ ଶୋଇବା କାର୍ଯ୍ୟ କରିଥାନ୍ତି।

# ଏମ୍ସ ମହାବିଦ୍ୟାଳୟର ଛାତ୍ରୀ ସମୀକ୍ଷା ସର୍ବଶ୍ରେଷ୍ଠ ବିଜ୍ଞାନ ସ୍ନାତକ


ସମୀକ୍ଷା ତ୍ରିପାଠୀଙ୍କୁ ଏମ୍ସ ମହାବିଦ୍ୟାଳୟର ଅଧିକାରୀ ସମ୍ବର୍ଦ୍ଧନା ଦେଉଛନ୍ତି।

ସମ୍ବଲପୁର,୨୪।୯(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଓସାନୀ ଆୱାର୍ଡ ପାଇବେ**

ଚଳିତ ବର୍ଷ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଓସାନୀ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆୱାର୍ଡରେ ଏମ୍ସ ମହାବିଦ୍ୟାଳୟ ଗଣିତ ସ୍ନାତକ ବିଭାଗର ଛାତ୍ରୀ ସୁଶ୍ରୀ ସମୀକ୍ଷା ତ୍ରିପାଠୀ ବିଶ୍ୱବିଦ୍ୟାଳୟସ୍ତରରେ ସର୍ବାଧିକ ଶତକଡା (୯.୭୮ଓଜିପିଏ) ରଖି ସର୍ବଶ୍ରେଷ୍ଠ ସାଇନ୍ସ ସ୍ନାତକ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ଛାତ୍ରୀ ତ୍ରିପାଠୀ ତଥା ତାଙ୍କର ଅଭିଭାବକ ସାଧୁରାମ ତ୍ରିପାଠୀ ଓ ମୀନାକ୍ଷୀ ତ୍ରିପାଠୀଙ୍କୁ ମହାବିଦ୍ୟାଳୟ ପରିସରରେ ସମ୍ମାନିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ କନିଷ୍ଠ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲେ।

# ଆଦିବାସୀ ମହିଳାଙ୍କୁ ମିଠାମକା ଚାଷ ପାଇଁ ପ୍ରୋତ୍ସାହନ


କୁଶାମୁରା ଗ୍ରାମରେ ଆଦିବାସୀ ମହିଳା ମିଠାମକା ଚାଷ ପାଇଁ ସଜବାଜ ହେଉଛନ୍ତି ।

ସମ୍ବଲପୁର,୨୪।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଛାମୁଣ୍ଡା ଗ୍ରାମ ପଞ୍ଚାୟତର କୁଶାମୁରା ଗ୍ରାମରେ ମଙ୍ଗଳବାର ଆଦିବାସୀ ମହିଳାଙ୍କୁ ମିଠାମକା ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି। ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ କୁଶାମୁରା ଗ୍ରାମର ୯ଜଣ ମହିଳା ଚାଷୀଙ୍କୁ ବିନା ମୂଲ୍ୟରେ ମିଠାମକା ବିହନ ପ୍ରଦାନ କରାଯିବା ସହ କିଭଳି ଚାଷ କରାଯିବ ତାକୁ ନେଇ ତାଲିମ ପ୍ରଦାନ କରାଯାଇଛି। ମହିଳା ଚାଷୀମାନଙ୍କୁ ଧାନ ବ୍ୟତୀତ ଅନ୍ୟ ଲାଭଜନକ ଫସଲ ପ୍ରତି ଆକର୍ଷିତ କରିବାକୁ ଏଭଳି ଉଦ୍ୟମ କରାଯାଇଛି। ନଅ ଜଣ ମହିଳା ମିଶି ଅଧ ଏକର ଜମିରେ ଏହି ମିଠା ମକା ଚାଷ କରିବେ। ଏକଫସଲି ଅଞ୍ଚଳରେ କମ ପାଣିରେ ମିଠାମକା ଚାଷ ହୋଇ ପାରୁଥିବାରୁ ଏହାକୁ ପରୀକ୍ଷାମୂଳକ ଭାବେ ମହିଳାମାନଙ୍କୁ ଚାଷ କରିବାକୁ ପ୍ରୋତ୍ସାହିତ କରାଯାଇଛି। ଏହି ମହିଳାମାନେ ଅଢେଇରୁ ତିନି ମାସ ମଧ୍ୟରେ ମକା ଉତ୍ପାଦକ କରି ଲାଭ ପାଇପାରିବେ ବୋଲି ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ ସୂଚନା ଦେଇଛନ୍ତି। ମହିଳାମାନେ ଯାହା ଉତ୍ପାଦନ କରିବେ ସବୁ ମକା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବିକ୍ରୀ କରିବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ମହିଳାମାନେ ଥରେ ମିଠାମକା ଚାଷ କରି ଲାଭ ପାଇ ପାରିଲେ ଆଗକୁ ଅଧିକ ପରିମାଣରେ ଏହା ଚାଷ କରିବାକୁ ପ୍ରୋତ୍ସାହନ ଦିଆଯିବ ବୋଲି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କୃଷକ ଉତ୍ପାଦକ କମ୍ପାନୀର ବାବୁଲା ସୁନା ଏବଂ ଆକାଶ ବଗର୍ତ୍ତୀ ମହିଳା ଚାଷୀମାନଙ୍କୁ ଚାଷ ବିଷୟରେ ତାଲିମ ପ୍ରଦାନ କରିଥିଲେ ।

# ଲୋକୋ ପାଇଲଟଙ୍କ ଦିନିକିଆ ଧାରଣା

ସମ୍ବଲପୁର,୨୪।୯ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଡିଆରଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଇଣ୍ଡିଆ ଲୋକୋ ରନିଙ୍ଗ ଷ୍ଟାଫ୍ ଆସୋସିଏଶନ୍ ସମ୍ବଲପୁର ଡିଭିଜନ ପକ୍ଷରୁ ଦିନିକିଆ ଧାରଣା ଦିଆଯାଇଥିଲା। ଏହି ଧାରଣା ମାଧ୍ୟମରେ ରେଲୱେରେ କାର୍ଯ୍ୟ କରୁଥିବା ଲୋକୋ ରନିଙ୍ଗ ଷ୍ଟାଫମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏହାସହ ରେଲୱେରେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ଓ ଲୋକୋ ରନିଙ୍ଗ ଷ୍ଟାଫଙ୍କୁ ଅଧିକ ବିଶ୍ରାମ ବ୍ୟବସ୍ଥା ଦାବି ସହ ବିଭିନ୍ନ ଦାବି ପୂରଣ ନେଇ ଧାରଣା ଦିଆଯାଇଥିଲା। ଲୋକୋ ରନିଙ୍ଗ ଷ୍ଟାଫ୍ମାନଙ୍କୁ ଲଗାତାର କାର୍ଯ୍ୟ କରିବାକୁ ପଡିଥାଏ। ଯାହାଦ୍ୱାରା ମାନସିକ ସ୍ଥିରତା ନ ରହିବା ଯୋଗୁଁ ଦୁର୍ଘଟଣା ହେବାର ଆଶଙ୍କା ରହିଥିବା କର୍ମଚାରୀ ମାନେ ଅଭିଯୋଗ କରିଥିଲେ। ଏଥିରେ ସମ୍ବଲପୁର ଡିଭିଜନ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଲୋକୋ ରନିଙ୍ଗ ଷ୍ଟାଫ୍ ଆସୋସିଏଶନ୍ର ସବୁ ସଭ୍ୟ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର: ୫୬ ୟୁନିଟ୍ ସଂଗ୍ରହ



ଟିପିଡ଼ବ୍ଲ୍ୟୁଓଡିଏଲ ସିଏସ୍ଆର ବିଭାଗ ପକ୍ଷରୁ ବୁର୍ଲା ଭିମ୍ସାରଠାରେ ଆୟୋଜିତ ରକ୍ତଦାନ ଶିବିର।

ସମ୍ବଲପୁର,୨୪।୯(ବି.ଶଙ୍କର)

ଟିପିଡ଼ବ୍ଲ୍ୟୁଓଡିଏଲ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସଆର) ପକ୍ଷରୁ ରକ୍ତଦାନ ଶିବିର ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍ସାର)ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଟିପିଡ଼ବ୍ଲ୍ୟୁଓଡିଏଲ ବିଦ୍ୟୁତ୍ ମଣ୍ଡଳର ନିର୍ବାହୀଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଟିପିଡ଼ବ୍ଲ୍ୟୁଓଡିଏଲ ଅନେକ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏହି ଶିବିର ମାଧ୍ୟମରେ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ତେବେ ୫୬ ଜଣଙ୍କ ମଧ୍ୟରୁ ୪୦ ଜଣ ପୁରୁଷ ଏବଂ ୧୬ ଜଣ ମହିଳା ରକ୍ତଦାତା ରହିଥିଲେ। ସୂଚନାଯୋଗ୍ୟ ଯେ, ଟିପିଡ଼ବ୍ଲ୍ୟୁଓଡିଏଲ ସିଏସ୍ଆର୍ କାର୍ଯ୍ୟକଳାପ ଅନ୍ତର୍ଗତ ତିନୋଟି ମୋବାଇଲ ହେଲଥ ଡିସପେନସାରି ଭ୍ୟାନ ନିୟୋଜିତ କରିଛି। ସେହିପରି ଧନ୍ଦାମୂଳକ ତାଲିମ କେନ୍ଦ୍ର ଚଳାଉଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ମିଲେଟ୍ ଚାଷୀଙ୍କୁ ମଧ୍ୟ ସହାୟତା କରୁଛି। ଏହି ଅବସରରେ ଟିପିଡ଼ବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ବର୍ଷକ ମଧ୍ୟରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ଏହି ପ୍ରକାର ରକ୍ତଦାନ ଶିବିର ସଫଳତାର ଆୟୋଜନ କରିଥିବାରୁ ଆମେ ଗର୍ବିତ।

# ଏମ୍ସିଏଲ୍ ପକ୍ଷରୁ ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର,୨୪।୯(ଭବାନୀ ଶଙ୍କର ଭୋଇ)

ମହାନଦୀ କୋଇଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ)ରେ ମଙ୍ଗଳବାର ଅଇଁଠାପାଲି ସ୍ଥିତ ବଜାର ଏବଂ ପ୍ରଦର୍ଶନୀ ପଡିଆରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏମ୍ସିଏଲ୍ର ସିଏମଡି ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ଅର୍ଥ ନିର୍ଦ୍ଦେଶକ ଏ.କେ ବେହୁରାଙ୍କ ସହ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ପରିବେଶ ସଚେତନତାକୁ ଗୁରୁତ୍ୱ ଦେଇ ସମ୍ବଲପୁର ମହାନଗର ନିଗମ ମଧ୍ୟ ସହଯୋଗର ହାତ ବଢାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବାଲିରାମ ବୋନ୍ଦର ଏବଂ ମହାନଗର କମିଶନର ବେଦଭୁଷଣ ଅତିଥି ଭାବରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ଏମ୍ସିଏଲର କର୍ମଚାରୀ ଏବଂ ବିଭିନ୍ନ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଓଡିଶାର ଅନୁଗୋଳ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲାରେ ଏମ୍ସିଏଲ୍ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ଦୃଷ୍ଟି ଦେଇଥିବା ଏମ୍ସିଏଲ୍ ସିଏମ୍ଡି ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ।



ସମ୍ବଲପୁର ଅଇଁଠାପାଲିରେ ଏମ୍ସିଏଲ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଅତିଥି ବୃନ୍ଦ ।

# ବାର୍ଷିକ ସାଂସ୍କୃତିକ ପତ୍ରିକା 'କହଁର' ଉନ୍ମୋଚିତ

କୁଚିଣ୍ଡା,୨୪।୯(ବିରଞ୍ଚି ଦର୍ଭା)

ମଧ୍ୟପ୍ରଦେଶର ଭୋପାଳ ଠାରେ ବସବାସ କରୁଥିବା ସମ୍ବଲପୁରୀ ପରିବାର ପକ୍ଷରୁ ୧୧ତମ ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁଦୁର ଭୋପାଳରେ ରହୁଥିବା ପ୍ରାୟ ୪୦୦ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ବେଶ ଧୁମଧାମରେ ଗଣପର୍ବ ନୂଆଁଖାଇ ପାଳନ କରି ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶାରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜକ ବିଭୁତି ଭୋଇ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିଥିଲେ। କଣ୍ଠଶିଳ୍ପୀ ଡିଲେଶ୍ୱର ବିଶାଳଙ୍କ ଦ୍ୱାରା ସମଲେଶ୍ୱରୀଙ୍କ ଭଜନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୁନ୍ଦରଗଡ଼ରୁ ଆସିଥିବା ମୟୁରୀ ସାଂସ୍କୃତିକ ଦଳ ଗୀତର ତାଳେ ତାଳେ ନାଚିଉଠିଥିଲେ ଭୋପାଳରେ ରହୁଥିବା ପ୍ରବାସୀ ପଶ୍ଚିମ ଓଡ଼ିଶା ପରିବାର। ଏହାସହ ପଶ୍ଚିମ ଓଡ଼ିଶାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ନିଜର କଳା ପରିବେଷଣ କରିଥିଲେ। ଭୋପାଳରେ ରହୁଥିବା ପଶ୍ଚିମ ଓଡ଼ିଶା ପ୍ରବାସୀ କଣ୍ଠଶିଳ୍ପୀ ଡିଲେଶ୍ୱର ବିଶ୍ୱାଳ, ଟିଁହିଲୁ ବାଘ, ଦୁର୍ଗା ଓ ଦେବସ୍ମୀତା ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ପ୍ରବାସୀ ମହିଳାମାନଙ୍କ ନୃତ୍ୟ ବେଶ ମନୋଲୋଭା ହୋଇଥିବାବେଳେ କୁନିକୁନି ପିଲା ଓ କୁଇସ ଡାନ୍ସ ଗ୍ରୁପ ଦ୍ୱାରା ପରିବେଷଣ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଡା.ଡିକେ ଶତପଥି, ଜିଏନ ସାହୁ, ଏସି ହୋତା, ଆରକେ ବାରିକ, ମିନକେତନ ନାଏକ, ଡା.ପ୍ରତୀକ ବେହେରା ଅତିଥି ଭାବେ ଯୋଗଦେଇ ବାର୍ଷିକ ସାଂସ୍କୃତିକ ପତ୍ରିକା 'କହଁର'ର ସପ୍ତମ ସଂସ୍କରଣକୁ ଉନ୍ମୋଚିତ କରିଥିଲେ। ବରଗଡ ଜିଲାରୁ ଆସିଥିବା କିଶୋର ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ପ୍ରବାସୀମାନେ ଲେଥା,କାକାରା, ଆରିଷା, ରସବରା ଓ କର୍ଡିରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ବେଶ ଆନନ୍ଦ ନେଇଥିଲେ। କାର୍ଯ୍ୟକ୍ରମକୁ ଡିଲେଶ୍ୱର ବିଶ୍ୱାଳ ପରିଚାଳନା କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ କିଶୋର କେର୍କେଟା ଧନ୍ୟବାଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଫଳ ପ୍ରଦୀପ ମାଝି, ଭବାନୀ ଖମାରି, ଦିଲୀପ ମିଶ୍ର, ବିଶ୍ୱଜିତ ମାଝି, ଯୋଗେନ୍ଦ୍ର କିଷାନ, ଜିତେନ୍ଦ୍ର ତ୍ରିପାଠୀ, ରମେଶ ପ୍ରଧାନ, ମହେଶ୍ୱର କିଷାନଙ୍କ ସମେତ ସମସ୍ତ ସମ୍ବଲପୁରୀ ପରିବାର ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍ଘାଟ୍ ଅବସରରେ ଭୋପାଳରେ ଅତିଥିଙ୍କ ସହ ବିଭିନ୍ନ ସାଂସ୍କୃତିକ ଦଳ।

**ଭୋପାଳରେ ନୂଆଁଖାଇ ଭେଟ୍ଘାଟ୍**

# ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ଦିଆଯାଇଥିଲା: ଡିଆଇଜି

ନବରଙ୍ଗପୁର, ୨୪।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ କଣ୍ଟାଗାଁର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ଗତ ୧୭ରେ ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାଗାଁର ଅଲେଖ ମାଝୀ (୨୦) ଓ ପରମାନନ୍ଦ ଦିଶାରୀ(୨୪)। ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯିବା ପରେ ତଣ୍ଟିଚିପି ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ନବରଙ୍ଗପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରାଯାଇପାରିବ ନାହିଁ। କୋର୍ଟରେ ଦାଖଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ୧୭ ତାରିଖରେ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୨୨୨/୨୪ ଏକ ମାମଲା ରୁଜୁ କରିଥିଲା। ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍, ଫୋରେନ୍‌ସିକ୍ ଓ ସାଇବର ଟିମ୍‌ର ସହଯୋଗ ନିଆଯାଇଥିଲା। ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ତଦନ୍ତ ପାଇଁ ୩ଟି ଟିମ୍ ଗଠନ କରାଯାଇଥିଲା। ଏଥିସହ ଏଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏସ୍‌ପି ରାଜକିଶୋର ଦାଶ, ଡିଏସ୍‌ପି (ଡିଆଇବି) ଏନ୍. କେ. ପୂଜାରୀ, ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ନବରଙ୍ଗପୁର ଥାନାଧିକାରୀ ସମ୍ବିତ ବେହେରା, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଗୋପାଳକୃଷ୍ଣ ଅଗ୍ରୁପାତ୍ର, ଇନ୍ସପେକ୍ଟର ଡି. ଜେନା ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସ୍ୱତନ୍ତ୍ର ଟିମ୍ ଘଟଣାର ଯାଞ୍ଚବେଳେ ଅଭିଯୁକ୍ତ ଅଲେଖ ଓ ପରମାନନ୍ଦଙ୍କ ସମ୍ପୃକ୍ତି ଥିବା ଜାଣି ପାରିଥିଲେ। ସେମାନଙ୍କୁ ଆଣି ପଚରାଉଚରା କରାଯାଇଥିଲା। ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ପରେ ଧରାପଡ଼ିଯିବା ଭୟରେ ଶ୍ୱାସରୁଦ୍ଧ କରି ତାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଡିଆଇଜି କହିଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ପୋଲିସ ଉଦ୍ୟମ କରୁଛି। ତ୍ୱରିତ ନ୍ୟାୟ ପାଇଁ ଯଥାଶୀଘ୍ର ଚାର୍ଜଶିଟ କୋର୍ଟକୁ ପ୍ରଦାନ କରାଯିବ।


ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ଓ ଅନ୍ୟ ପୋଲିସ ଅଧିକାରୀମାନେ।

## କଣ୍ଟାଗାଁରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା

### ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ସରକାରଙ୍କ ପ୍ରାବଧାନ ଅନୁଯାୟୀ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକାରଣଙ୍କୁ ଚିଠି କରାଯାଇଛି। ପୀଡ଼ିତା ପରିବାରକୁ ନ୍ୟାୟ ଓ ସମସ୍ତ ପ୍ରକାର ଆଇନଗତ ସହାୟତା ଦେବାକୁ ଜିଲା ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଆଇଜି ମୀନା ଖବରଦାତା ସମ୍ମିଳନୀରେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମାଙ୍କ ସମେତ ତଦନ୍ତକାରୀ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀ ଏବଂ ଅଞ୍ଚଳବାସୀ ଦାବି କରିଆସୁଥିଲେ। ପୀଡ଼ିତାଙ୍କୁ ନ୍ୟାୟଦେବାକୁ ଏକ ନ୍ୟାୟ ସମିତି ଗଠନ କରାଯାଇଛି। ସୋମବାର ତେନ୍ତୁଳିଖୁଣ୍ଟି ବନ୍ଦ କରାଯାଇଥିଲା।

# ବାଲିପାଟଣା ଥାନାରେ ଥାର୍ଡ ଡିଗ୍ରୀ

## ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

ଭୁବନେଶ୍ୱର, ୨୪।୯
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ସାରା ଦେଶରେ ଓଡ଼ିଶା ପୋଲିସର ଭାବମୂର୍ତ୍ତିକୁ ଲୋକଲୋଚନକୁ ଆଣିଥିବାବେଳେ କମିଶନରେଟ୍ ପୋଲିସର ଆଉ ଏକ ଥାନା ନାଁରେ ଥାର୍ଡ ଡିଗ୍ରୀ ଅଭିଯୋଗ ଆସିଛି। ବାଲିପାଟଣା ପୋଲିସ ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇ ଥାନା ଭିତରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତ ତଥା ନୟାଗଡ଼ ଭାପୁର ଅଞ୍ଚଳର ବିଜୟ କୁମାର ଷଡ଼ଙ୍ଗୀ ମଙ୍ଗଳବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଛି।

ବିଜୟଙ୍କ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧ରେ ଏକ ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକମାନେ ବାଲିପାଟଣା ଥାନା ଘେରାଉ କରିବାକୁ ମେଳି ବାନ୍ଧିଥିଲେ। ଏହି ସମୟରେ ବିଜୟ ଗୋରୁହାଟ ପାଖରେ ଉତ୍ୟକ୍ତ ଲୋକଙ୍କୁ ଥାନା ଘେରାଉ ନ କରିବାକୁ ବୁଝାଉଥିଲେ। ହଠାତ୍ ଏକ ଥାନା ଜିପ୍‌ରେ ୪ରୁ ୫ ଜଣ ପୋଲିସ ଆସି ତାଙ୍କ ବାହୁଙ୍କୁ ଧରି ଘୋଷାରି ଗାଡିକୁ ନେଇଥିଲେ। ନିଜ କାର୍ ସହ ଡ୍ରାଇଭର ଅଛନ୍ତି, ଥାନାକୁ ଯାଇପାରିବେ ବୋଲି ବିଜୟ କହିଥିଲେ ମଧ୍ୟ ପୋଲିସ କର୍ମଚାରୀ ତାଙ୍କ କଥା ଶୁଣି ନ ଥିଲେ। ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରି ଜିପ୍‌ରେ ଥାନାକୁ ନେଇଯାଇଥିଲେ। ପରେ ତାଙ୍କୁ ଆଇଆଇସିଙ୍କ ଚାମ୍ବରରେ ବସାଇ ଗାଳିଗୁଲଜ ଦିଆଯିବା ସହ ପୁଣି ମାଡ ମରାଯାଇଥିଲା ବୋଲି ବିଜୟ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସର ଏପରି ମାଡ଼ ଓ ନିର୍ଯାତନା ସଂକ୍ରାନ୍ତରେ ବିଜୟ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ପୋଲିସ ଡିଜି, ପୋଲିସ କମିଶନର, ଡିସିପିଙ୍କୁ ଭେଟି ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ ସଂକ୍ରାନ୍ତରେ ଥାନାଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ଏ ନେଇ କିଛି କହିବା ଉଚିତ ହେବ ନାହିଁ। ଏହି ଘଟଣାର ତଦନ୍ତ ହେଲେ ସତ୍ୟତା ଜଣାପଡିଯିବ। ଆମ ପାଖରେ ସବୁ ପ୍ରମାଣ ଅଛି ବୋଲି ସେ କହିଛନ୍ତି। ଜୋନ୍-୪ ଏସିପି ମାନସ ଦେଓଙ୍କ କହିବା କଥା, ସେ ଏହି ଘଟଣା ବିଷୟରେ ଜାଣିନାହାନ୍ତି। ଅଭିଯୋଗ ଆସିଲେ ଅନୁସନ୍ଧାନ ନିଜେ କରିବେ।


ବିଜୟ କୁମାର ଷଡ଼ଙ୍ଗୀ

# କାର୍-ବାଇକ୍ ଧକ୍କା, ୨ ସାଙ୍ଗ ମୃତ

ଗୋପାଳପୁର, ୨୪।୯
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ଗିରିସୋଲାଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ଦୁର୍ଘଟଣା ଜୋନ୍ ପାଲଟିଛି। ଗତ ରବିବାର ରାତିରେ ଭାଲିଆଗାଡ଼ ନିକଟରେ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ବାପପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଥିଲେ। ଏହାର ୨୪ ଘଣ୍ଟା ମଧ୍ୟରେ ପୁଣି ସୋମବାର ରାତିରେ ଗୋଳନ୍ଥରା ଥାନା ଅଧୀନ ସୋର୍ଲାରୋଡ଼ ଛକରେ କାର୍ ସହ ବାଇକ୍ ଧକ୍କା ହେବାରୁ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କଡୁରୁ ନୂଆଗାଁ ଗ୍ରାମର ଜଗଦୀଶ ସାହୁ (୨୨) ଓ ଜଗନ୍ନାଥପୁର ଗ୍ରାମର ଚିନ୍ମୟ ପ୍ରଧାନ (୨୨)। ଗୁରୁତର ଆହତ ଜିତେନ୍ଦ୍ର ପ୍ରଧାନ (୨୨) ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କଡୁରୁ ନୂଆଗାଁ ଗ୍ରାମର ଜଗଦୀଶ, ଚିନ୍ମୟ ଓ ଜିତେନ୍ଦ୍ର ଗୋଟିଏ ବାଇକ୍‌ରେ ସୋମବାର ରାତିରେ ବ୍ରହ୍ମପୁରରୁ ଫେରୁଥିଲେ। ସୋର୍ଲାରୋଡ଼ ଛକରେ ଦ୍ରୁତଗତିରେ ଏକ କାର ଆସି ବାଇକ୍‌କୁ ଧକ୍କା ଦେବାରୁ ୩ ଆରୋହୀ ଖସିପଡ଼ି ଗୁରୁତର ହୋଇଥିଲେ। ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଗଦୀଶ ଓ ଚିନ୍ମୟଙ୍କ ମୃତ୍ୟୁ ଘଟିଛି। ଏ ନେଇ ଗୋଳନ୍ଥରା ପୋଲିସ ନଂ. ୩୮୫/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜଙ୍ଗଲରୁ ମିଳିଲା ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ

ରାଇଘର, ୨୪।୯
(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା କୁନ୍ଦେଇ ଥାନା ଅଞ୍ଚଳର ଏକ ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ମିଳିଛି। ମୃତକ ହେଲେ ରାଇଘର ବ୍ଲକ୍ କୁନ୍ଦେଇ ପଞ୍ଚାୟତ ଅଧୀନ ଏକ ଗାଁର ନାରାୟଣ ଗଣ୍ଡଙ୍କ ପୁଅ ରାମଲାଲ ଗଣ୍ଡ (୧୮)। ଅନ୍ୟ ମୃତକ ଜଣଙ୍କ ନାବାଳିକା ଅଟନ୍ତି। ରାମଲାଲଙ୍କର ନାବାଳିକାଙ୍କ ସହ ଦୀର୍ଘଦିନରୁ ପ୍ରେମ ସମ୍ପର୍କ ଥିଲା। ପରିବାର ପକ୍ଷରୁ ବିବାହ ପାଇଁ ମନା କରିଥିବାରୁ ଦୁହେଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ପୋଲିସ କହିଛି।

ସୂଚନାନୁଯାୟୀ ରାମଲାଲ ଓ ତାଙ୍କ ପ୍ରେମିକା ରବିବାର ୨୨ ତାରିଖରୁ ଘରୁ ବାହାରି ଆସିଥିଲେ। ସେମାନେ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ। ତଥାପି ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ସେଠାକାର କେତେଜଣ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲରୁ ଘାସ କାଟିବାକୁ ଯାଇଥିଲେ। ଏହି ସମୟରେ ଏକ ଅଶ୍ୱତ୍ଥ ଗଛରେ ୨ ଜଣଙ୍କ ମୃତଦେହ ଦେଖି ଗ୍ରାମରେ ଆସି ଜଣାଇଥିଲେ। ଖବରପାଇ ସେମାନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ସେମାନେ କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଘଟଣାର ତଦନ୍ତ କରାଯାଉଥିବା ସେ କହିଛନ୍ତି। କେସ୍ ନଂ. ୨୬/୨୪ ଓ ୨୭/୨୪ରେ ଦୁଇଟି ପୃଥକ୍ ମାମଲା ରୁଜୁକରି ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

# ଲାଞ୍ଚ ମାମଲା: ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ୪ବର୍ଷ ଜେଲ

କଟକ/ଭଦ୍ରକ, ୨୪।୯
(କାର୍ତ୍ତିକ ସାହୁ/ ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ମାହୁନ୍ତ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ଜରିମାନା ବାବଦକୁ ୨୫,୦୦୦ ଟଙ୍କା ପ୍ରଦାନ ପାଇଁ ମଙ୍ଗଳବାର ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ସହକାରୀ ନିର୍ବାହୀଯନ୍ତ୍ରୀ ମାହୁନ୍ତ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନରେ ସହକାରୀ ଯନ୍ତ୍ରୀ ଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଜଣେ ଠିକାଦାରଙ୍କଠାରୁ ପିଏମ୍‌ଜିଏସ୍‌ୱାଇରେ ନିର୍ମାଣ କାର୍ଯ୍ୟର ମାପ କରିବା ଓ ମାପ କାର୍ଯ୍ୟର ତଦାରଖ ନିମନ୍ତେ ମାହୁନ୍ତ ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ୨୦୧୧ ମେ' ୩୦ରେ ଠିକାଦାରଙ୍କଠାରୁ ମାହୁନ୍ତ ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏନେଇ ଭିଜିଲାନ୍ସରେ ଏକ କେସ୍ ରୁଜୁ ହୋଇ ମାମଲାର ଶୁଣାଣି ଚାଲିଥିଲା। କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର କମଳ କୁମାର ପଣ୍ଡା ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ। ଅଦାଲତଙ୍କ ଏହି ରାୟ ପ୍ରକାଶ ପାଇବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ଭିଜିଲାନ୍ସ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବ ବୋଲି ସୂଚନା ମିଳିଛି।

## ନାବାଳିକାଙ୍କୁ ଗର୍ଭବତୀ କରି ହତ୍ୟା ଉଦ୍ୟମ ଘଟଣା

# ୧୮ ଦିନ ପରେ ଅଭିଯୁକ୍ତ ଗିରଫ

ବଣାଇଁ, ୨୪।୯ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅଞ୍ଚଳରେ ଗତ ୬ତାରିଖରେ ନାବାଳିକାଙ୍କୁ ଗର୍ଭବତୀ କରି ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଶିବ ଭୂମିଜ(୨୪)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ବଣାଇଁ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଶିବଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଗର୍ଭବତୀ ହେବା ଜାଣିବା ପରେ ଶିବ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଗତ ୬ତାରିଖରେ ଘରୁ ଡାକି ନେଇ ମାରପିଟ କରିଥିଲେ। ସେ ଅଚେତ ହୋଇପଡ଼ିବା ପରେ ମରିଗଲା ଭାବି ତାଙ୍କୁ ଶିବ ଜଙ୍ଗଲର ଏକ ଗାଡ଼ିଆରେ ପକାଇ ଚାଲିଯାଇଥିଲେ। ଗ୍ରାମବାସୀ ୭ ତାରିଖରେ ମୁମୂର୍ଷୁ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ପରିବାର ଲୋକେ ବଣାଇଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୧୮୭/୨୪ ରୁଜୁ କରି ତଦନ୍ତ ଜାରି ରଖିଥିଲା। ସବ୍‌ଇନ୍ସପେକ୍ଟର ପଙ୍କଜିନୀ ସାହୁ ତଦନ୍ତ ଦାୟିତ୍ୱରେ ରହିଛନ୍ତି। ଅପରପକ୍ଷରେ ନାବାଳିକା ଜଣକ ବାପାଛେଉଣ୍ଡ ଏବଂ ସେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

ମୁରିବାହାଲ, ୨୪।୯
(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୋଇମୁଣ୍ଡ ପଞ୍ଚାୟତର ଭୋଇପଡ଼ା ଓ ଗୁରୁଣ୍ଡା ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣା ଯୋଗୁ ପୋଖରୀରେ ପଡ଼ି ବୁଡିଯିବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିନ୍ଦେକେଲା ଥାନା ପରାସରା ପଞ୍ଚାୟତ ବାଲବେଙ୍ଗ ଗ୍ରାମର ରାଜ ପଣ୍ଡା (୩୦) ଓ ପ୍ରକାଶ ନାୟକ ଓରଫ କାଳିଆ (୩୬)। ମଙ୍ଗଳବାର ସକାଳେ ରାଜ ଏବଂ ପ୍ରକାଶ ଏକ ବାଇକ୍ (ଓଡି୩୧ ଏଫ ୩୪୧୮) ଯୋଗେ ୫୯ ନଂ. ଜାତୀୟ ରାଜପଥରେ ଦ୍ରୁତଗତିରେ ଯାଉଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଭୋଇପଡ଼ା ଓ ଗୁରୁଣ୍ଡା ମଧ୍ୟରେ ଥିବା ବୁଲାଣି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ ପୋଖରୀକୁ ଛିଟିକି ପଡ଼ିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ଲୋକେ ସେମାନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ପୋଖରୀରୁ ମୃତଦେହ ବାହାର କରାଯିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ଡାକ୍ତରଖାନା ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ମୁରିବାହାଲ ଥାନାରେ ନଂ. ୩୦୩/୨୪ରେ ଏକ ମାମଲା ରୁଜୁହୋଇଛି। ଘଟଣାର ତଦନ୍ତ କରାଯାଉଛି ବୋଲି କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଓ ମୁରିବାହାଲ ଥାନା ଅଧିକାରୀ ସିପରା ସୁରିଆ ଲୁଗୁନ ପ୍ରକାଶ କରିଛନ୍ତି।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଛେଣ୍ଡିପଦା, ୨୪।୯ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ମେଡିକାଲ ଛକର ପ୍ରମୋଦ ବେହେରା(୫୦)ଙ୍କ ମୃତ୍ୟୁ ହୋଇଛି। ପ୍ରମୋଦ ଘର ପଛପଟରେ କୌଣସି କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ପ୍ରମୋଦଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରମୋଦଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତୁରନ୍ତ ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# କାର୍ ସହ କେନାଲରେ ବୁଡ଼ିଗଲେ ଯୁବକ

ଫୁଲନଖରା, ୨୪।୯
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆ କାଚରାମାଳଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡ଼ିଥିଲା। ଏଥିରେ ଚାଳକ ସ୍ଥାନୀୟ ବର୍ମକୁଦ ଗ୍ରାମର ଅନିମେଶ ଜେନାଙ୍କ ମୃତ୍ୟୁ ଘଟିଛି। କଟକ ସଦର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି କାର୍ ଭିତରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଅନିମେଶ କାର୍(ନଂ. ଓଡି୦୨ଏର୍-୦୨୧୪)ରେ ଘରୁ କୌଣସି କାମରେ ବାହାରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳେ କେତେଜଣ ଲୋକ ପ୍ରାତଃ ଭ୍ରମଣ କରିବାବେଳେ କେନାଲରେ ଏକ କାର୍ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ କାର୍ ଭିତରୁ ଅନିମେଶଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି, କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଅନିମେଶଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।


କାର୍‌ରୁ ଚାଳକଙ୍କ ମୃତଦେହ ବାହାର କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WE ARE HIRING
B K INDUSTRIES
FOR PROFESSIONAL ROLES :
- Human Resources (HR)
- Automobile Job
- Digital Marketing Specialist
- Administrative
- Graphic Designer
- Accountant
- Business Development Manager
- Web & Application Developer
- Business Development Executive
FRESHERS AND INTERN CAN APPLY
MANCHESWAR BHUBANESWAR 7655091106

WALK IN INTERVIEW

| POST | REQUIREMENTS | SALARY* |
|---|---|---|
| WORKSHOP MANAGER | 1. Experience in automobile service field<br>2. Preferred - Mech/Auto Engg. or B.Tech/Diploma | Min. 20k/month |
| WORKSHOP ADVISOR | 1. Experience in automobile service field<br>2. Preferred - Mech/Auto Engg. or B.Tech/Diploma | Min. 15k/month |
| SPARE INCHARGE | 1. Experience in automobile Spare and service field<br>2. Proficiency in inventory management software | Min. 12k/month |
| MECHANIC | Experience as Mechanic/Technician | Min. 10k/month |
| CRE/CRM (FEMALE) | 1. Excellent communication skills<br>2. Knowledge of database management | Min. 9k/month |
| SALES MANAGER | 1. Experience as a Sales Exe./Manager<br>2. Preferred - BBA/MBA with industry expertise | Min. 16k/month |
| SALES EXECUTIVE | Experience as a Sales representative preferred | Min. 9k/month |
| ACCOUNTANT | Experience is mandatory | Min. 16k/month |

Term and Condition : *subject to prerequisite experience. Job Location : Bhadrak, SORO, Chandbali
Candidates are to attend the interview with all testimonials & CV on 29th or 30th of Sep-24
Contact : 8984881770 / 7008217628, email id : toshalisuzuki@gmail.com

कार्यपालक अभियन्ता का कार्यालय
ग्रामीण कार्य विभाग, कार्य प्रमण्डल, कोडरमा

अल्पकालीन ई-निविदा आमंत्रण सूचना

ई–निविदा संख्या:- 08/2024-25/RWD/EE/KODERMA दिनांक :-23.09.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1. | RWD/KODERMA/ 27/2024-25 | पंचायत भोण्डों ग्राम पिपराही पी0डब्लयू0डी0 रोड से मदरसा भाया नवाडीह आर0ई0ओ0 रोड तक पथ निर्माण कार्य। (लं0–1.700 कि0मी0) | 1,84,12,600/- | एक करोड़ चौरासी लाख बारह हजार छः सौ रू0 मात्र। | 09 (नौ) माह | प्रथम |

1. वेबसाईट में निविदा प्रकाशन की तिथि:–27.09.2024
2. ई–निविदा प्राप्ति की अंतिम तिथि एवं समय:–07.10.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–09.10.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933/06534-297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा

PR 336768 Rural Work Department (24-25)_D

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, रॉंची

अति अल्पकालीन ई–पुर्ननिविदा आमंत्रण सूचना
PR No.-334431 REO (24-25).D

पत्रांक:– दिनांक–

अति अल्पकालीन ई–पुर्ननिविदा संख्या:–10/RE/2024-25/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 31/2024-25 | ग्राम पंचायत देवरी में एन0एच0–23 से दिलीप केशरी के घर होते हुए कुम्हार टोली के विभिन्न गलियों का पथ निर्माण कार्य। (ल0–1.300 कि0मी0) | 1,43,62,600.00 | एक करोड़ तैंतालीस लाख बारसठ हजार छः सौ रूपये मात्र। | 9 माह | द्वितीय |
| 2 | RWD/RANCHI / 34/2024-25 | नयाटोली सिमलिया पुल से आदर्श नगर कॉलोनी के विभिन्न गलियों तक पथ निर्माण कार्य (ल0–2.470 कि0मी0) | 2,72,27,800.00 | दो करोड़ बहत्तर लाख सत्ताईस हजार आठ सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि:–24.09.2024
2. ई–निविदा प्राप्ति की अंतिम तिथि एवं समय:–30.09.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–01.10.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रॉंची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, रॉंची

PR 336847 REO(24-25).D

## ସଂକ୍ଷେପରେ

### ୧୦ କି.ଗ୍ରା. ଗଞ୍ଜେଇ ଜବତ: ୨ କୋର୍ଟ ଚାଲାଣ

**କଣ୍ଟାବାଞ୍ଜି,୨୪।୯(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନର ପ୍ଲାଟଫର୍ମ ନଂ ୧ରେ ଚଢାଉ କରାଯାଇ ୧୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତ ଦୁଇ ଜଣଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ସବ୍ ଜେଲକୁ ପଠାଯାଇଥିବା ଜଣାଯାଇଛି। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗୀୟ କର୍ମଚାରୀମାନେ ସୋମବାର ଅପରାହ୍ନରେ ପ୍ଲାଟଫର୍ମ ନଂ. ୧ରେ ଚଢାଉ କରି ଦୁଇ ଜଣ ଅଭିଯୁକ୍ତଙ୍କ ଠାରୁ ଗଞ୍ଜେଇ ଜବତ କରିଥିଲେ। ଦୁଇଜଣ ଅଭିଯୁକ୍ତ ହେଲେ ଟିଟିଲାଗଡ ହାଟପଦାପଡାର କୃଷ୍ଣ ନାଗ(୩୧) ଓ ଭାଟିପଡାର ହେମନ୍ତ ଜାଲ (୨୬)। ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ରେଲୱେ ଆର.ପି.ଏଫ ଓ ଜିଆରପି ସହାୟତାରେ ଦୁଇ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ଏ ନେଇ ଅବକାରୀ ଥାନାରେ(ନଂ.୯୮/୨୦୨୪) ମାମଲା ରୁଜୁ କରାଯାଇଛି। ଚଢାଉରେ କଣ୍ଟାବାଞ୍ଜି ଅବକାରୀ ଥାନା ଅଧିକାରୀ ପ୍ରବିଣ କୁମାର ସାହୁ, ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନଷ୍ଟେବଲ ମମତା ବେହେରା ପ୍ରମୁଖ ସାମିଲ ଥିଲେ।

### ୪ ବୃଦ୍ଧା ୯ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ

**ଲୋଇସିଂହା,୨୪।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲ ଗ୍ରାମର ୪ ଜଣ ବୃଦ୍ଧା ଗତ ୯ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏନେଇ ସେମାନେ ପଞ୍ଚାୟତଠାରୁ ଆରମ୍ଭ କରି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସୁଦ୍ଧା ସୁଫଳ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଭତ୍ତା ଟଙ୍କା ନ ପାଇ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଥିବା ଜଣାଇଛନ୍ତି।

ପ୍ରକାଶ ଯେ, ବାଦିବାହାଲ ଗ୍ରାମର ଦଳିତ ବସ୍ତିର କିଆଫୁଲ କୁମ୍ଭାର, ସୋପୁର ନନ୍ଦ, ଧରିତ୍ରୀ ନାଗ ଓ ଦ୍ରୋପଦୀ ନାଗ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ପାଉଥିଲେ । ପରବର୍ତ୍ତୀ ସମୟରେ ସରକାର ବ୍ୟାଙ୍କ ଖାତାରେ ଭତ୍ତା ଟଙ୍କା ଜମା କରିଥିଲେ। ଏହାପରେ ଅନେକ ବୃଦ୍ଧାବୃଦ୍ଧଙ୍କ ଭତ୍ତା ପାଇବା ନେଇ ସମସ୍ୟା ବଢି ଯାଇଥିଲା। ଧରିତ୍ରୀଙ୍କ କହିବା ଅନୁଯାୟୀ, ସେ ୨୦୨୩ ଡିସେମ୍ବରରେ ଶେଷଥର ଭତ୍ତା ଟଙ୍କା ପାଇଥିଲେ। ବ୍ୟାଙ୍କକୁ ଯାଇ ଖାତା ଯାଞ୍ଚ କଲେ ଟଙ୍କା ପଡି ନ ଥିବା କର୍ମଚାରୀ କହିଥିଲେ। ସୋମବାର ଭାଲିଆମୁଣ୍ଡା ବ୍ୟାଙ୍କକୁ ଯାଇ ନିରାଶ ହୋଇଥିବା ସେ କହିଛନ୍ତି। କେବଳ ସେ ନୁହେଁ ବସ୍ତିର ଅନ୍ୟ ୩ ଜଣଙ୍କ ସମସ୍ୟା ମଧ୍ୟ ସମାନ ରହିଛି। ଏ ନେଇ ବିଏସଏସଓ ଆଶା ପଦାନଙ୍କୁ ପଚାରିବାରେ କହିଛନ୍ତି, ଡିବିଟି ସମସ୍ୟା ରହିଥିଲା। ଏନେଇ ୨ ଥର ରାଜ୍ୟ ସରକାରକୁ ଚିଠି କରାଯାଇଥିଲା। କେୱାସି ଦାଖଲ ପରେ ସମାଧାନ ହୋଇଛି। ସଂପୃକ୍ତ ୪ ବୃଦ୍ଧାଙ୍କୁ ହାତାହାତି ଟଙ୍କା ଦେବାକୁ ସ୍ଥାନୀୟ ପିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦିନେ ଦୁଇଦିନ ମଧ୍ୟରେ ସେମାନ ପାଇଯିବେ ବୋଲି ସେ କହିଛନ୍ତି।

### ଚୋରି ସାମଗ୍ରୀ ସହ ୩ ବାଇକ୍ ଜବତ: ୨ ଅଭିଯୁକ୍ତ ଗିରଫ

**ପାଟଣାଗଡ,୨୪।୯(ସଚ୍ଚିଦାନନ୍ଦ ମହାକୁର)**

ଗତ ୨୧ ତାରିଖ ଦିନ ପାଟଣାଗଡ ଏନଏସିସ୍ଥିତ ରାମପୁର ନିକଟରେ ଥିବା ଏକ ଗ୍ୟାରେଜରୁ ବାଇକ୍ ସାମଗ୍ରୀ ଚୋରି ହୋଇଥିବା ନେଇ ଦୋକାନର ମାଲିକ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଚୋରି ସାମଗ୍ରୀ ଓ ତିନୋଟି ବାଇକ୍ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ ମହମ୍ମଦ ଇଆଚ ଓ ସରୋଜ ମଛକୁଣ୍ଡ ବୋଲି ଜଣାପଡିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି।

# ଡ୍ରେନ୍ ଅବ୍ୟବସ୍ଥା ପାଇଁ ଜାତୀୟ ରାଜପଥ ଅବରୋଧ


ବଲାଙ୍ଗୀର ଗାନ୍ଧୀନଗରପଡା ରାସ୍ତାରୋକୋ ସ୍ଥଳରେ ପୌରାଧ୍ୟକ୍ଷା ଲିକା ସାହୁ ପହଞ୍ଚିଛନ୍ତି।


ଡ୍ରେନ୍ ପାଣିରେ ଉବୁଟୁବୁ ଗାନ୍ଧୀନଗର ରାସ୍ତା।

**ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)**

- ଘରେ ପଶିଲା ଡ୍ରେନ ପାଣି,ରାସ୍ତାରେ ଲୋକେ
- ଘଟଣାସ୍ଥଳରେ ପହଞ୍ଚିଲେ ପୌରାଧ୍ୟକ୍ଷା

ବଲାଙ୍ଗୀର ସହର ଗାନ୍ଧୀନଗରପଡାର ଏନ୍ଏଚ୍ ଅଫିସ ପାଖ ଗଳିରେ ଡ୍ରେନ୍ ଅବ୍ୟବସ୍ଥାକୁ ନେଇ ପ୍ରଭାବିତ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଡ୍ରେନ୍ ଅବ୍ୟବସ୍ଥା କାରଣରୁ ଏହି ପଡାବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍ ପାଣି ନିଷ୍କାସିତ ହୋଇ ନ ପାରି ସେମାନଙ୍କ ଘର ଭିତରକୁ ପଶି ଯାଉଛି। ଏନେଇ ପୌର କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ ଓ ଜିଲାପାଳ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଡ୍ରେନ ପାଣି ନିଷ୍କାସନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପଡାରେ ଡ୍ରେନ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏହା ଘର ଭିତରକୁ ପଶି ଯାଉଛି। ଲୋକେ ବଡ କଷ୍ଟରେ ଦିନ କାଟୁଛନ୍ତି। ଗଳି ରାସ୍ତାରେ ଡ୍ରେନ୍ ପାଣି ଜମି ରହୁଛି। ଫଳରେ ଲୋକେ ଚାଲିକରି ଯିବା ଆସିବା କରିବାରେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଡ୍ରେନ୍ର ଜମି ଯାଇଥିବା ପାଣିରୁ ଦୁର୍ଗନ୍ଧ ବାହାରୁଛି। ମଙ୍ଗଳବାର ଅପରାହ୍ନରେ ବର୍ଷା ହେବା ପରେ ଏହି ସମସ୍ୟାକୁ ନେଇ ଉତ୍ୟକ୍ତ ପଡାବାସୀ ୨୬ ନମ୍ବର ଜାତୀୟ ରାଜପଥ ଉପରକୁ ଚାଲିଆସି ରାସ୍ତାରୋକୋ କରିଥିଲେ। କିଛି ସମୟ ପରେ ୫୭ ନମ୍ବର ଜାତୀୟ ରାଜପଥ ବାଇପାସ୍ ରାସ୍ତାରେ ମଧ୍ୟ ରାସ୍ତରୋକୋ କରିଥିଲେ। ଖବରପାଇ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟାଉନ ଥାନା ପୋଲିସ ଟିମ୍ ସେଠାରେ ପହଞ୍ଚି ରାସ୍ତାରୋକୋ ପ୍ରତ୍ୟାହାର କରିବାକୁ କହିଥିଲେ। ହେଲେ ବର୍ଷ ବର୍ଷ ଧରି ଡ୍ରେନ ପାଣି ଭିତରେ ରହୁଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ବାଧହୋଇ ରାସ୍ତାରୋକୋ କରିଥିବା ଲୋକେ କହିଥିଲେ। ତେବେ ପୌରାଧ୍ୟକ୍ଷା ସାହୁ ଏହି ସମସ୍ୟା ପାଇଁ ପୂର୍ତ୍ତ ବିଭାଗ ଏବଂ ଜିଲା ପ୍ରଶାସନକୁ ଦାୟୀ କରିଛନ୍ତି। ବାରମ୍ବାର ତାଗିଦ କରାଯିବା ପରେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସେ କହିଛନ୍ତି। ରାତି ୯ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିବା ଖବର ମିଳିଛି ।

# ଦାଦନ ସମସ୍ୟା ସଚେତନତା ଶିବିର

**ଖପ୍ରାଖୋଲ,୨୪।୯(ଅଭୟ ତ୍ରିପାଠୀ)**

ପୋଲିସ ବିଭାଗ, ଜିଲା ପ୍ରଶାସନ, ଏଡ ଏଟ ଆକ୍ସନ ଓ ୟୁନିସେଫ୍ର ମିଳିତ ଉଦ୍ୟମରେ ସ୍ଥାନୀୟ ଥାନା ପରିସରରେ ଦାଦନ ସମସ୍ୟା ନିରାକରଣ ଉପରେ ସଚେତନତା ଶିବିର ସୋମବାର ଆୟୋଜିତ ହୋଇଥିଲା। ଏଥିରେ ଏଡଏଟ ଆକ୍ସନର ଆଞ୍ଚଳିକ ସଂଯୋଜକ ସରୋଜ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ସହ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର, ୟୁନିସେଫ ରାଜ୍ୟ ପ୍ରତିନିଧି ନେହା ସିଂହ, ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପ ଜିଲାପାଳ ଅମିତ କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ଦାଦନ ସସସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦାଦନ ସମସ୍ୟା ସଚେତନତା ଉପରେ ଏକ ପୋଷ୍ଟର ଓ ବୁକଲେଟ ଅତିଥିମାନଙ୍କ ଦାରା ଉନ୍ମୋଚିତ ହୋଇଥିଲା। ଭିଟାମାଟିରେ ସରକାରୀ ଯୋଜନାରେ କାମ କରିବା ସହିତ ଜୀବିକାକୁ ସୁନିଶ୍ଚିତ କରିବା, ସଚେତନ ହୋଇ ନାମ ପଞ୍ଜୀକରଣ କରିବା ଉପରେ ଅତିଥିମାନେ କହିଥିଲେ। ଏହି ଅବସରରେ ଦେଶାନ୍ତର ସଚେତନତା ଉପରେ କାମ କରିଥିବା ପୋଲିସ ଅଧିକାରୀ ରମାକାନ୍ତ ସାହୁ,ସରପଞ୍ଚ ସୁଶିଲ କୁମାର ଗୁରୁ ଓ ବୈଦ୍ୟନାଥ ମିଶ୍ରଙ୍କ ସମେତ ଅଙ୍ଗନବାଡ଼ି କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ଆଶା କର୍ମୀ, ଏମବିକେ, ସିଆରପି, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ପତି, ଦୟାସାଗର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥି।

# ବଲାଙ୍ଗୀର ସିସିଏଫ୍ଏ ଚାମ୍ପିୟନ

**ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)**


ମୁଖ୍ୟ ଅତିଥି ଚାମ୍ପିୟନ ସିସିଏଫ୍ଏ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**ସିନିୟର ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍ଯାପିତ**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ବଲାଙ୍ଗୀର ସିନିୟର ନକ୍ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍ଯାପିତ ହୋଇଛି। ଫାଇନାଲ ଖେଳରେ ବଲାଙ୍ଗୀର ସିସିଏଫ୍ଏ ଦଳ ୫-୧ ଗୋଲରେ ବଲାଙ୍ଗୀର ରିଜର୍ଭ ପୋଲିସ ଦଳକୁ ପରାସ୍ତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ରିଜର୍ଭ ପୋଲିସ ଦଳ ପକ୍ଷରୁ ଭୋଲା ମାଝି ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ସିସିଏଫ୍ଏ ପକ୍ଷରୁ ସୌରଭ ହନୁମାନ ୨ଟି, ସୋରେନ ମଲ୍ଲିକ ୨ଟି ଓ ମୁକେଶ ନାଏକ ଗୋଟିଏ ଗୋଲ ସ୍କୋର କରିଥିଲେ। ଫାଇନାଲ ଖେଳରେ ରାଜ୍ୟସଭା ଏମପି ନିରଞ୍ଜନ ବିଶି ମୁଖ୍ୟଅତିଥି ଓ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଓ ରନର୍ସ ଅପ୍ ଟିମକୁ ପୁରସ୍କୃତ କରିଥିଲେ। କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ଓ ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ବିଶି ଗାନ୍ଧୀ ଷ୍ଟାଡିୟମର ଭିତ୍ତିଭୂମି ବିକାଶ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଉତ୍ତମ ଖେଳାଳି ଭାବେ ସିସିଏଫ୍ଏର ସୁବ୍ରତ ପାତ୍ର ଏବଂ ଉଦୀୟମାନ ଖେଳାଳି ଭାବେ ରିଜର୍ଭ ପୋଲିସର ଅନୁଭବ ବଗ୍ତିଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସିସିଏଫ୍ଏ ଦଳକୁ ବିଜେତା ଟ୍ରଫି ଓ ରିଜର୍ଭ ପୋଲିସକୁ ଉପବିଜେତା ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଦେବାଶିଷ ବାଗ, ରାଜେନ୍ଦ୍ର ଧରୁଆ, ସଞ୍ଜୀବ ମହାରଣା ଓ ଏନ୍ଏସ୍ ନାଇଡୁ ପରିଚାଳନା କରିଥିଲେ। ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ୧୬ଟି ଜୋନର ସହଯୋଗୀ ପରିଚାଳକ ସଙ୍ଗଠନଗୁଡିକୁ ପୁରସ୍କୃତ କରାଯାଇଥିଲା। ୧୦୨ଜଣ ରେଫରି ସମସ୍ତ ମ୍ୟାଚ୍ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଇର କାଠ ସହ ପିକ୍ଅପ୍ ଭ୍ୟାନ୍ ଜବତ

**ସଇଁତଲା,୨୪।୯(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବନାଞ୍ଚଳ ଅନ୍ତର୍ଗତ ଛନଛଡ଼ା ସେକ୍ସନ ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରୁ ବ୍ୟାପକ କାଠ ଚୋରାଚାଲାଣ ହେଉଥିବା ବେଳେ ସଇଁତଲା ରେଞ୍ଜର ସାଗରରାଜ ନାଏକଙ୍କ ନିର୍ଦ୍ଦେଶରେ କଡ଼ାକଡ଼ି ପାଟ୍ରୋଲିଂ ଆରମ୍ଭ ହୋଇଛି । ଏହି ସମୟରେ ବିନା ନମ୍ବରର ଏକ ପିକ୍ଅପ୍ ଭ୍ୟାନ୍ରେ ଖଇର କାଠ ଚୋରା ଚାଲାଣ ହେଉଥିବା ବେଳେ କାଠ ସହ ଗାଡ଼ିକୁ ଜବତ କରାଯାଇଛି । ରେଞ୍ଜର ନାଏକଙ୍କ ସୂଚନା ଅନୁସାରେ ଛନଛଡ଼ା ବନାଞ୍ଚଳର ବନପାଳ ଧର୍ମେନ୍ଦ୍ର କୁମାର ରାଏ, ବନରକ୍ଷୀ ରମେଶ ଧରୁଆ, ପ୍ରଜ୍ଞା ମହାରଣା, ପାରାଷ୍ଟାଫ ପ୍ରମୁଖ ପଟାମରା ପତ୍ର ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ ପିକ୍ଅପ ଭ୍ୟାନ ଥିବା ଦେଖିବାକୁ ପାଇଥିଲେ । ସେମାନେ ଭ୍ୟାନ୍କୁ ଯାଞ୍ଚ କରିବା ବେଳେ ସେଥିରେ ଖଇର କାଠ ଚୋରାଚାଲାଣ ହେଉଥିବା ଜାଣି ଜବତ କରିଥିଲେ। ଚୋରା ବେପାରୀମାନେ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ବିନା ନମ୍ବରରେ ଚୋରାଚାଲାଣ ହେଉଥିବାରୁ ଗାଡ଼ିର ସମସ୍ତ ତଥ୍ୟ ଜାଣିବାକୁ ବଲାଙ୍ଗୀର ଆରଟିଓକୁ ଲିଖିତ ଭାବରେ ଅବଗତ କରାଯାଇଛି ବୋଲି ନାଏକଙ୍କ ସୂତ୍ରରୁ ପ୍ରକାଶ।



# ଜନଶୁଣାଣି ଶିବିରରେ ଅଭିଯୋଗପତ୍ର ଦାଖଲ

**ଲାଠୋର,୨୪।୯(ଭୁବନେଶ୍ୱର ବାରିକ)**

- ଗଭୀର ନଳକୂପ ଖୋଲାଯାଉ
- ବସ୍ ସେବା ଯୋଗାଇ ଦିଆଯାଉ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବେନ୍ଦେର ପଞ୍ଚାୟତ ସରପଞ୍ଚ ସସ୍ମିତା ମାଝି ଏବଂ ୱାର୍ଡ଼ ମେମ୍ବରମାନେ ଏକ ଅଭିଯୋଗ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପଞ୍ଚାୟତ ଅଧୀନ ଭରୁଆମୁଣ୍ଡା ଗ୍ରାମଠାରୁ ଫୁଲକିମୁଣ୍ଡା ପର୍ଯ୍ୟନ୍ତ ୬ କି.ମି. ପିଚ୍ଢ଼ୁ଼ଡ଼ି ମୁଖ୍ୟରାସ୍ତା ଖରାପ ହୋଇ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଲୋକେ ଯାତାୟତ ବେଳେ ନାନା ସମସ୍ୟା ହେଉଛି। ସେହିପରି ବେନ୍ଦେର ଜଳଯୋଗାଣ ପ୍ରକଳ୍ପରେ ଖୋଳା ଯାଇଥିବା ଖୋଲାକୂପରେ ମଇଳା ଆବର୍ଜନା ଜମି କୂଅ ଦୂଷିତ ହୋଇ ପଡ଼ିଛି। ସେହି ଜଳ ପାନୀୟ ଉପଯୋଗୀ ହୋଇପାରୁ ନାହିଁ। ତାକୁ ବନ୍ଦ କରି ସେଠାରେ ଗଭୀର ନଳକୂପ ଖୋଳି ପ୍ରକଳ୍ପରେ ସଂଯୋଗ କରାଯାଉ। ଦୀର୍ଘ ବର୍ଷରୁ ଗ୍ରାମ ମଝି ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ଯୋଗୁ ଗ୍ରାମବାସୀଙ୍କ ଜୀବନ ପ୍ରତି ବିପଦ ରହିଛି। ସେହି ବିଦ୍ୟୁତ୍ ତାରକୁ ଗାଁ ବାହାରୁ ଟଣାଯାଉ। ସରକାରଙ୍କ ଗ୍ରାମ୍ୟ ପରିବହନ ବସ ସେବା ସମସ୍ତ ପଞ୍ଚାୟତବାସୀଙ୍କୁ ଯୋଗାଇ ଦିଆଯାଇଥିବା ବେଳେ ବେନ୍ଦେର ପଞ୍ଚାୟତବାସୀଙ୍କୁ ଉପେକ୍ଷିତ କରାଯାଇଛି। ତୁରନ୍ତ ବସ ସେବା ଯୋଗାଇ ଦେବା ସମେତ ବିଭିନ୍ନ ସମସ୍ୟା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଭିଯୋଗପତ୍ର ଗ୍ରହଣ କରି ଜିଲାପାଳ ସମସ୍ତ ସମସ୍ୟାର ସମାଧାନ କରାଯିବା ସହ ବସ ସେବା ପାଇଁ ରୋଡ଼ ମ୍ୟାପ୍ ଖପ୍ରାଖୋଲ ବିଡ଼ିଓ ପ୍ରସ୍ତୁତ କଲାପରେ ତାହା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ସୂଚନା ଦେଇଛନ୍ତି।

## ସରକାରୀ ଆୟୁର୍ବେଦ କଲେଜ ହସ୍ପିଟାଲ ପରିସରରେ ସଫେଇ କାର୍ଯ୍ୟକ୍ରମ

**ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ତୁଳସୀନଗରସ୍ଥିତ ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲ ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଜରିଆରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବଲାଙ୍ଗୀର ନଗରପାଳିକା ଏବଂ କଲେଜର ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ନଗରପାଳିକାର କନିଷ୍ଠ ସ୍ୱଚ୍ଛତା ବିଶେଷଜ୍ଞ ଦୀପକ କୁମାର ପଣ୍ଡାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ନିରୀକ୍ଷକ କଳ୍ପନା ବିଭାର, ସ୍ୱେଚ୍ଛାସେବୀ ସତ୍ୟ ପ୍ରକାଶ ସାହୁ, ବିନୟ କୁମାର ନାଗ, ଆଶିଷ ବେଦୀ, ରାହୁଲ ନନ୍ଦ, ସ୍ୱଚ୍ଛତା ସାଥୀ ରଶ୍ମିତା ଷାଣ୍ଢ, ରିଙ୍କୁ ଉଦୁରକୁଲିଆ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳକ ଭଗବତୀ ପ୍ରସାଦ ସାହୁ ବକ୍ତବ୍ୟ ରଖି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର ଓ ଡା. ସ୍ନେହଲତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଚଗୀତରେ ଝୁମିଲେ ପ୍ରବାସୀ ଓଡ଼ିଆ


ଭେଟଘାଟ ଉତ୍ସବରେ ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

**ଲୋଇସିଂହା,୨୪।୯(ସୁଶାନ୍ତ ବାରିକ)**

ମହାରାଷ୍ଟ୍ରର ପୁନେଠାରେ ଭେଟଘାଟ କଲଚରାଲ ଆସୋସିଏଶନ ତରଫରୁ ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ସାମିଲ ହୋଇଥିଲେ। ମହାରାଷ୍ଟ୍ର ଅଙ୍କୁଶରାଓ ଲାଂଗଡେ ନାଟ୍ୟଗୃହ, ଭୋଶରୀଠାରେ ଆୟୋଜିତ ତଥା ପୁନେ ନିବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଦ୍ୱାରା ପଞ୍ଜୀକୃତ ଭେଟଘାଟ କଲଚରାଲ ଆସୋସିଏଶନ ଗତ ୨୦୦୫ରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ପାଳନ କରି ଆସୁଛି। ଏହି ଦିନ ସମସ୍ତେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ପୂର୍ବାହ୍ନ ୧୧ଟାରେ ପ୍ରଥମେ ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡିଶାର ପ୍ରସିଦ୍ଧ ଲୋକନୃତ୍ୟ ଦଳ ଢ଼ଲିଆ ଖୁସା କଳା ପରିଷଦ, ବରଗଡ଼ ଦ୍ୱାରା ପରିବେଷିତ ଲୋକବାଦ୍ୟରେ ଖୁବ ଝୁମିଥିଲେ ଦର୍ଶକ। କମେଡି କିଙ୍ଗ ମନ ପଟେଲ, କେଦାର ପଟେଲ ଏବଂ ଚାନ୍ଦିନୀ ସୁନାଙ୍କ ହାସ୍ୟ ନାଟକରେ ହସି ହସି ବେଦମ ହେଇଥିଲେ ଉପସ୍ଥିତ ଲୋକେ। କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରି ଆସୁଥିବା ଦଣ୍ଡରତ୍ନ ବିପିନ ଜାଲଙ୍କୁ ଦଣ୍ଡ-ଅର୍ଜୁନ ଉପାଧିରେ ସମ୍ମାନିତ କରାଯିବା ସହିତ ସାମାଜିକ ଗଣମାଧ୍ୟମରେ ପଶ୍ଚିମ ଓଡ଼ିଶାର କଳା,ସଂସ୍କୃତିର ପ୍ରଚାର ତଥା ପ୍ରସାରକୁ ଉଜ୍ଜୀବିତ ରଖିବା ଦିଗରେ କାର୍ଯ୍ୟ କରୁଥିବା ପ୍ରବାସୀ ଓଡ଼ିଆ ଅବିନାଶ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପଶ୍ଚିମ ଓଡିଶାର ସ୍ୱାଦିଷ୍ଟ ଖାଦ୍ୟ ଭାତ, ଡାଲି, କରଡି ଆମ୍ବିଲ, ଘାଣ୍ଟ ତରକାରୀ, ଖିରୀ, ଆରିସା ପିଠା ଭଳି ଅନେକ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ହେମସାଗର ସାହୁ ଭବିଷ୍ୟତରେ ଏହି ଭେଟଘାଟ ମହୋତ୍ସବକୁ କିଭଳି ଆହୁରି ନିଆରା ଢଙ୍ଗରେ ପାଳନ କରାଯାଇ ପାରିବ, ସେ ଦିଗରେ ଆସୋସିଏଶନର ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଭେଟଘାଟ ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଜିତେନ୍ଦ୍ର ମିଶ୍ର, ପ୍ରତ୍ୟୁଷା ଗୁରୁ ଓ ପିଙ୍କି ଶର୍ମା ମଞ୍ଚ ପରିଚାଳନା କରିଥିଲେ।

# ଜଙ୍ଗଲରୁ ଅବାଧ ଗଛକଟା

**ଦେଓଗାଁ,୨୪।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**


ଡୁମେରପିଟା ବଜାର ନିକଟ ଜଙ୍ଗଲରୁ କଟା ହୋଇପଡ଼ି ରହିଥିବା ଗଛ।

**ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ପାଟଣାଗଡ ବନାଞ୍ଚଳ ଅଧୀନ ଡୁମେରପିଟା ବଜାର ନିକଟ ବାମ ପାର୍ଶ୍ୱ ଜଙ୍ଗଲରେ ଶହ ଶହ ମୂଲ୍ୟବାନ ଗଛ କଟାଯାଇ ପଡି ରହିଥିବା ଦେଖିବାକୁ ମିଳିଛି । ଜଙ୍ଗଲ ବିଭାଗର ଅଧିକାରୀମାନେ ଉକ୍ତ ରାସ୍ତାଦେଇ ପ୍ରତିଦିନ ଯିବା ଆସିବା କରୁଥିବା ବେଳେ କଟା ହୋଇ ପଡିରହିଥିବା ଗଛଗୁଡିକୁ କେମିତି ଦେଖି ପାରୁନାହାନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜଙ୍ଗଲ ସୃଷ୍ଟି ପାଇଁ ବନୀକରଣ କରୁଥିବା ବେଳେ ଅବାଧ ଗଛ କଟାକୁ ନେଇ ପରିବେଶବିତ୍ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଡୁମେରପିଟା ବଜାରଠାରୁ ୨୦୦ ମିଟର ଦୂରରେ ଥିବା ବାମପଟ ଜଙ୍ଗଲରେ ଶହ ଶହ ଶାଳ, ପିଆଶାଳ, ମହୁଲ, ବିଜା ଆଦି ମୂଲ୍ୟବାନ ଗଛକୁ ଦିନେ ଦୁଇଦିନ ତଳେ କାଟି ଦିଆଯାଇଥିବା ଦେଖିବାକୁ ମିଳିଛି। କିଏ ଓ କାହିଁକି ଏତେଗୁଡିଏ ଗଛ ବେଆଇନ ଭାବେ କାଟି ଦେଇଛି ତାହାର ଉତ୍ତର କାହା ପାଖରେ ନାହିଁ। ସେ ଅଞ୍ଚଳର କେତେଜଣ ବ୍ୟକ୍ତି ଅଧା ରୟତି ଓ ଅଧା ସରକାରୀ ଜଙ୍ଗଲ ଥିବା କହୁଥିବା ବେଳେ ସଠିକ ତଥ୍ୟ କାହା ପାଖରେ ନାହିଁ। ଯଦି ଗଛ କଟା ଯାଇଥିବା ଜାଗା ରୟତି ହୋଇଥାଏ ତେବେ ବିଭାଗୀୟ ଅନୁମତି ବିନା କେମିତି ଗଛ କାଟିଲେ ତାହା ତଦନ୍ତ ସାପେକ୍ଷ। ବର୍ତ୍ତମାନ ଜଙ୍ଗଲ କ୍ଷୟ ଦ୍ୱାରା ଜଳବାୟୁ ପରିବର୍ତ୍ତନ ହୋଇଥିବାରୁ କୋଟି କୋଟି ଟଙ୍କା ବ୍ୟୟରେ ବନୀକରଣ କରାଯାଉଛି। ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସଚେତନତା କାର୍ଯ୍ୟକ୍ରମ ଏବଂ ଲଗା ଯାଇଥିବା ଗଛର ଯତ୍ନ ତଥା ଜଙ୍ଗଲ ସୁରକ୍ଷା ଦିଗରେ ବିଭାଗ ବିଭିନ୍ନ ପଦକ୍ଷେପ ନେଉଛି। ହେଲେ କିଛି କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ଜଙ୍ଗଲରୁ ବେଆଇନ ଭାବେ ଗଛ କଟାଯାଉଛି। ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ଡୁମେରପିଟା ନିକଟ ଜଙ୍ଗଲରେ। ବହୁ ସଂଖ୍ୟାରେ ମୂଲ୍ୟବାନ ଗଛ କଟାଯାଇଥିବା ନେଇ ସଂପୃକ୍ତ ଅଞ୍ଚଳର ଫରେଷ୍ଟର ମଧୁସୂଦନ ଗଡୁଆଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏ ଦିଗରେ ଡିଏଫଓ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବରଗଡ଼ ବିକାଶ ମଞ୍ଚର ବୈଠକ

**ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୬ ଶାନ୍ତିନଗରରେ ବରଗଡ଼ ବିକାଶ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଡାକ୍ତରଖାନା ସମସ୍ୟା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇ ସହରର ବିଭିନ୍ନ ସମସ୍ୟାର ସମାଧାନ ନେଇ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମଞ୍ଚର ସମ୍ପାଦକ ଅଭିଜିତ ପ୍ରତିହାର, ସହସମ୍ପାଦକ ମନୋରଞ୍ଜନ ପୂଜାରୀ, ଗୋବିନ୍ଦ ଦାଶ, ଜୟଶ୍ରୀ ଦାଶ, ତୁଳସୀ ଚରଣ ଦାଶ, ଦେବୀ ପଟ୍ଟନାୟକ, ରାମକୃଷ୍ଣ ମେହେର, ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପଞ୍ଚାୟତ କଲେଜରେ ଜାତୀୟ ସେବା ଯୋଜନା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ନକୁଳ ସେଠ ଶିବିର ଉଦଘାଟନ କରିଥିଲେ। କଲେଜର ଏନଏସଏସ୍ ଏବଂ ଯୁବ ରେଡ଼କ୍ରସ ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ୩୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏ ଶିବିର ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ସମୀର ସେଠ ଏବଂ ବିଜୟ ନାଗ ସହଯୋଗ କରିଥିଲେ।

### କର୍ମଚାରୀ କଲ୍ୟାଣ ପରିଷଦର ବୈଠକ

**ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଇଚ୍ଛାପାଲି ଗ୍ରାମର ମେହେର ଫାର୍ମ ହାଉସରେ ଜିଲା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରୋଜ କୁମାର ଭୋଇଙ୍କ ସଭାପତିତ୍ୱରେ ତୁଳାରାମ ମେହେର ଏବଂ ନାରାୟଣ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଫୁଲ୍ଲ କୁମାର ଭୋଇ ସଭା ପରିଚାଳନା କରିଥିବାବେଳେ କ୍ଷିରେଶ୍ୱର ତାଣ୍ଡି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଜିଲା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କ୍ଷିରେଶ୍ୱର ତାଣ୍ଡି ସଭାପତି, ଉମାକାନ୍ତ ଭୋଇ କାର୍ଯ୍ୟକାରୀ ସଭାପତି, ଜୋହନ ନାଏକ ସାଧାରଣ ସମ୍ପାଦକ, ସୁଜାତା ଧରୁଆ ଅତିରିକ୍ତ ସାଧାରଣ ସମ୍ପାଦକ, ପ୍ରଫୁଲ୍ଲ କୁମାର ଭୋଇ ସାଂଗଠନିକ ସମ୍ପାଦକ, ଉଦ୍ଧବ ମହାନନ୍ଦ ନିୟୋଜନ ସମ୍ପାଦକ, ରୋହିତ କୁମାର ଭୁଏ ସାଧାରଣ ସମ୍ପାଦକ, ନନ୍ଦିଘୋଷ ଭୁଏ ଆର୍ଥିକ ସମ୍ପାଦକ, ଗୋବର୍ଦ୍ଧନ ବରିହା ଅତିରିକ୍ତ ସମ୍ପାଦକ ମନୋନୀତ ହୋଇଥିଲେ। ରାଜକୁମାର ବଘେଲ, ଉଚ୍ଛବ ଭୋଇ, ଗୌତମ ବାରିକ, ବେଣୁଧର ଦୀପ, ରୀନା ନାଗ, ଗୌର କନ୍ଧ, ଯୋଗେଶ୍ୱର ମେହେର, ଦଶରଥ କଲେତ ପ୍ରମୁଖ ସହଯୋଗ କରିଥିଲେ। ଯଜ୍ଞସେନୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ସ୍ମୃତି ଭବନ ପୁନଃ ନିର୍ମାଣ ହେଉ

**ବରପାଲି,୨୪।୯(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ପୀଠରେ ଥିବା ଗଙ୍ଗାଧର ସ୍ମୃତି ଭବନ ପୁନଃ ନିର୍ମାଣ ତଥା ଏହାର ବିଭିନ୍ନ ସମସ୍ୟା ନେଇ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ପ୍ରଫେସର ମନୀନ୍ଦ୍ର କୁମାର ମେହେର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲିଖିତପତ୍ର ଅନୁସାରେ ୧୯୫୪ରେ ତତ୍କାଳୀନ ରେଭିନ୍ୟୁ କମିଶନର ନୀଳମଣି ସେନାପତି ସ୍ମୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ୧୯୫୫ରେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ରାଧାନାଥ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ କିଛି ବର୍ଷ ତଳେ ଏହି ସ୍ମୃତି ଭବନ ପୁନଃନିର୍ମାଣ ପାଇଁ ଭାଙ୍ଗି ଦିଆଗଲା ଓ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହା ସହିତ ତୁରନ୍ତ ସ୍ମୃତି ଭବନ ନିର୍ମାଣ ପାଇଁ ଦାବି କରିଛନ୍ତି।

ଅନ୍ୟପକ୍ଷରେ ସ୍ମୃତି ଭବନ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗଙ୍ଗାଧର କ୍ଲବ ଏହି ପତ୍ରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପରେ ସୋମବାର ସନ୍ଧ୍ୟାରେ କ୍ଲବ ସଭାପତି ଡାକ୍ତର ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମେହେରଙ୍କ ଲିଖିତ ପତ୍ରରେ ଜବରଦଖଲ ଉଚ୍ଛେଦ, ପୁନଃ ନିର୍ମାଣ ଆଦି ପ୍ରସ୍ତାବ ସ୍ୱାଗତ କରିବା ସହ ଅଯଥାରେ ଗଙ୍ଗାଧର କ୍ଲବକୁ



ବୈଠକରେ ଆଲୋଚନା କରାଯାଉଛି।

ବଦନାମ କରିବା ପାଇଁ ଏକ ବୃଥା ପ୍ରଚେଷ୍ଟା ବୋଲି ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗଙ୍ଗାଧର ସ୍ମୃତି ଭବନକୁ ଭାଙ୍ଗି ସେଠାରେ ସ୍ମୃତି ଭବନ ଓ ଗଙ୍ଗାଧର କ୍ଲବ ସହିତ ଗଙ୍ଗାଧରଙ୍କ ନାମରେ ଏକ ପ୍ରେକ୍ଷାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଏକ ପ୍ରସ୍ତାବ ଆସିବା ପରେ କ୍ଲବ ପକ୍ଷରୁ ଏକ ସଭା କରାଯାଇଥିଲା। ସେଠାରେ ଉପସ୍ଥିତ ସମସ୍ତ ନାଗରିକଙ୍କ ଦାବି ହେଲା ଯେ, ବରପାଲିରେ ସଭା ସମିତି ପାଇଁ କୌଣସି ପ୍ରେକ୍ଷାଳୟ ନାହିଁ ଓ ସ୍ମୃତି ଭବନ ଗୃହ ଦୁର୍ବଳ ହୋଇଥିବାରୁ ସେହି ପ୍ରସ୍ତାବରେ ସମସ୍ତେ ରାଜି ହେବା ପରେ ଏହାକୁ ଭଙ୍ଗା ଯାଇଥିଲା। ସଭାରେ ତଦକାଳିନ ବିଧାୟିକା ରୀତା ସାହୁ, ବ୍ଲକ ଅଧ୍ୟକ୍ଷ, ନଗରପାଳଙ୍କ ସମେତ ବରପାଲିର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଦସ୍ତଖତ ମଧ୍ୟ କରିଛନ୍ତି। ସରକାରୀ ଅନୁଦାନରୁ ବରପାଲି ଏନ୍‌ଏସି ଜରିଆରେ ଏହା ନିର୍ମାଣ ଚାଲୁଛି। ଅନ୍ୟ ଏକ ବିଷୟରେ ପ୍ରଫେସର ମେହେର କହିଛନ୍ତି ଯେ, ଗଙ୍ଗାଧର କ୍ଲବକୁ ଜୟନ୍ତୀ, ଶ୍ରାଦ୍ଧ ପାଳନ ପାଇଁ ଅନୁମତି ଦିଆ ନ ଯାଉ। ଏହାର ଉତ୍ତରରେ ଡାକ୍ତର ପାଣିଗ୍ରାହୀ କହିଛନ୍ତି ଯେ, ଗଙ୍ଗାଧର କ୍ଲବ ୧୯୫୭ରୁ ସ୍ଥାପିତ ଏବଂ ଏହାର ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ (ନଂ.୮୨୦୨/୫୫୫ ତା ୨୬-୧୨-୧୯୭୪) ଓ ଏହି ଅନୁଷ୍ଠାନ ଆରମ୍ଭରୁ ହିଁ କବିଙ୍କ ଶ୍ରାଦ୍ଧ ଓ ଜୟନ୍ତୀ ପାଳନ କରିବା ସହ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଜୟନ୍ତୀ ମଧ୍ୟ ପାଳନ କରିଆସୁଛି। ଏଥିସହ ବିଭିନ୍ନ ସମୟରେ ଗଙ୍ଗାଧର ସାହିତ୍ୟ ଆଲୋଚନା, ତପସ୍ୱିନୀ ଆଲୋଚନାଚକ୍ର କରି ଆସୁଛି। ଏଥିରେ ଓଡ଼ିଶାର ଖ୍ୟାତନାମା ବାଗ୍ମୀମାନେ ଯୋଗଦେଇଥାନ୍ତି ଓ ହଜାର ହଜାର ଶ୍ରୋତା ଏଥିରେ ଭାଗ ନେଉ ଥିଲେ। ଗଙ୍ଗାଧରଙ୍କ ଉପରେ ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମେହେର ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଉଛି। ବରପାଲିରେ ଗଙ୍ଗାଧରଙ୍କ ନାମରେ ବହୁ ଅନୁଷ୍ଠାନ ରହିଛି କିନ୍ତୁ କୌଣସି ଅନୁଷ୍ଠାନ କେବେ କୌଣସି ଆଲୋଚନାଚକ୍ର କରିବା କେହି ଦେଖିନାହାନ୍ତି। ଏହା ବ୍ୟତୀତ ଗତ ଜୟନ୍ତୀ ଅବସରରେ ବରଗଡ଼ର ଏକ ଅନୁଷ୍ଠାନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମେହେର ସଙ୍ଗୀତ ପରିବେଷଣ କରି ଫେଶନ ଶୋ' ଘଟଣାରେ ଗଙ୍ଗାଧର କ୍ଲବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ପରେ ଅନୁଷ୍ଠାନ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଥିଲା। କ୍ଲବର ଏକ ପ୍ରତିନିଧି ଦଳ ଏ ନେଇ ଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବିଷୟ କ୍ଲବ ସଭାପତି ପ୍ରକାଶ କରିଛନ୍ତି।

# ବଜ୍ରପାତରେ ଭାଙ୍ଗିଲା ସୋର୍ଣ୍ଣା ଅଷ୍ଟଶମ୍ଭୁ ଶିବ ମନ୍ଦିର କୁମ୍ଭ

**ସରଣ୍ଡା,୨୪।୯(ଯୁଧିଷ୍ଠିର ମହାପାତ୍ର)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବ ପୀଠ ମଧ୍ୟରେ ଅନ୍ୟତମ ବରଗଡ଼ ଜିଲା ଅତାବିରା ବ୍ଲକ ସୋର୍ଣ୍ଣାସ୍ଥିତ ସପ୍ନେଶର ବାବାଙ୍କ ମୁଖ୍ୟ ମନ୍ଦିରର କୁମ୍ଭ (ଦଧିନଉତି) ସୋମବାର ରାତ୍ରିର ବଜ୍ରପାତରେ ଭାଙ୍ଗି ଯାଇଛି। ଏହାକୁ ନେଇ ସୋର୍ଣ୍ଣା ମନ୍ଦିର ପୂଜକ ସଂଘ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର କୁମ୍ଭ ବ୍ରଜାଘାତରେ ଭାଙ୍ଗିଯିବା ନେଇ ସମସ୍ତେ ବ୍ୟସ୍ତ ବ୍ୟାକୁଳ ହୋଇ ପଡ଼ିଥିବା କହିଛନ୍ତି। ତେବେ ଏହି ଘଟଣାକୁ ଗୁରୁତର ସହ ନେଇ ଗ୍ରାମବାସୀ ଅତାବିରା ବିଡିଓ, ତହସିଲଦାର ଏବଂ ଜିଲାପାଳଙ୍କ ଅବଗତି ସହ ବିହିତ ପଦକ୍ଷେପ ପାଇଁ ସ୍ମାରକ ପତ୍ର ଲେଖିଛନ୍ତି। ବୈଠକରେ ଆର୍ତ୍ତତ୍ରାଣ ମହାପାତ୍ର, ତରଣୀ ମହାପାତ୍ର, ମନୋଜ ମହାପାତ୍ର, ଠିକାଦାର ମହାପାତ୍ର, ଦୀନବନ୍ଧୁ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ସପ୍ନେଶର ବାବାଙ୍କ ଶୈବ ପୀଠଟି ବହୁ ପୁରାତନ ମନ୍ଦିର। ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର



ବାବା ଶିବ ମନ୍ଦିର ସମ୍ବଲପୁର ରାଜା ବଳିଆର ସିଂହଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୬୧୭ରୁ ୧୬୫୭ ମଧ୍ୟରେ ନିର୍ମାଣ ହୋଇଥିଲା। ସୋର୍ଣ୍ଣାର ସପ୍ନେଶର ଶୈବପୀଠ ସହ ବାକି ୭ଟି ମନ୍ଦିର ୧୬୯୫ରୁ ୧୭୬୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜାଙ୍କ ଦେୱାନ ଦକ୍ଷିଣ ରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଯାହାକି ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସ ୧୯୬୨ସଂସ୍କରଣର ୨୭୨ପୃଷ୍ଠାରେ ଉଲ୍ଲେଖ ରହିଛି। ତେଣୁ ପୁରାତନ କୀର୍ତ୍ତିରାଜର ସରଂକ୍ଷଣ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦେବତ୍ତର ବିଭାଗ ଏହାର ପୁନଃ ନିର୍ମାଣ ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ବ୍ଲକସ୍ତରୀୟ ସୁରଭି ପ୍ରାକ୍ ପ୍ରସ୍ତୁତି ବୈଠକ ୨୦୨୪

**ସରଣ୍ଡା,୨୪।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ସୁରଭି-୨୦୨୪ ପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଏବଂ ଅତାବିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ ମଞ୍ଚାସିନଥିଲେ। ପ୍ରଥମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ କୁମ୍ଭାର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଆରସିସି ତ୍ରିଲୋଚନ ସେଠ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଚଳିତ ବର୍ଷ ସୁରଭି ସଫଳତାର ସହ ଆୟୋଜନ କରିବା ପାଇଁ ନିଜେ ସୁମତାମତ ଦେବା ସହ ଅନ୍ୟ ପ୍ରଧାନ



ବ୍ଲକ୍‌ସ୍ତରୀୟ ସୁରଭି ପ୍ରାକ୍ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତାମତ ଲୋଡିଥିଲେ। ସର୍ବସମ୍ମତିକ୍ରମେ ଚଳିତ ଶିକ୍ଷାବର୍ଷ ସୁରଭି ଆସନ୍ତା ଅକ୍ଟୋବର ଏକ ତାରିଖରେ ଜନତା ଉଚ୍ଚ ବିଦ୍ୟାଳୟ ଗୋଡ଼ଭଗାଠାରେ କରିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁସୂଦନ ନାଏକ, ପ୍ରମୋଦ ମେହେର, ସନ୍ତୋଷ କର ଏବଂ ସିଆରସିସି ନନ୍ଦିଘୋଷ ଭୁଏ, କେଶବ ଛନ୍ଦ, ଧରମ ନାଏକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ ହରିପାଲ ଧନ୍ୟବାଦ ପ୍ରଦାନ କରିଥିଲେ।

### ଦ୍ୱିତୀୟ ଦିବସରେ ୮ ଦଳ ଫାଇନାଲକୁ ଉନ୍ନୀତ
#### ଜିଲାସ୍ତରୀୟ କବାଡି ପ୍ରତିଯୋଗିତା

**ଝାରବନ୍ଧ,୨୪।୯(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ହାଇସ୍କୁଲ ପଡିଆ ଚାଲୁଥିବା ଜିଲାସ୍ତରୀୟ ତ୍ରିଦିବସୀୟ କବାଡି ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ଦିବସରେ ଜିଲାର ବାରଟି ବ୍ଲକରୁ ପାଞ୍ଚଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷଅଧିକାରୀ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷିକେଶ ବରିହା, ଅଗ୍ନିଶମ ସେବା ସଂସ୍ଥାର ଓଆଇସି କୃଷ୍ଣଚନ୍ଦ୍ର ଶବର ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଫାଇନାଲ ମ୍ୟାଚ ଆଠଟି ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଓ ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ।

# ଲରମ୍ଭା କଲେଜରେ ଜାତୀୟ ସେବା ଯୋଜନା ଦିବସ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ସରଣ୍ଡା,୨୪।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜଠାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପ୍ରଫେସର ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ପ୍ରମୋଦ ଚନ୍ଦ୍ର ସେଠ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ଅଜିତ କୁମାର ନାଥ, ଗଣେଶ ସିଂ, ସଂଘମିତ୍ରା ମହାକୁର ଯୋଗଦେଇ ଜାତୀୟ ସେବା ଯୋଜନାରେ ମାନବ ସେବା ହିଁ ମାଧବ ସେବା ଉପରେ ଆଲୋଚନା କରିଥିଲେ। ଏଥିରେ 'ମାଏ ଭାରତ ପୋର୍ଟାଲ', ରକ୍ତଦାନ, ସ୍ୱଚ୍ଛତା ହିଁ ସେବା, ବୃକ୍ଷରୋପଣ ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ. ଅଜିତ କୁମାର ନାଥ ଏନ୍‌ଏସଏସର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଗଣେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଏନସିସି ଅଧିକାରୀ ପାଟ ମଞ୍ଜରୀ ସାହୁ, ସରୋଜ କୁମାର ନାୟକ, ଯୁବରେଡକ୍ରସ ଅଧିକାରୀ ସୁନୀଲ ପ୍ରଧାନ, କାଦମ୍ବିନୀ ଗୁରୁ, ବିଣା ମେହେର, ଅଧ୍ୟାପକ ପବିତ୍ର ମାହାଣା, ସତ୍ୟବ୍ରତ କର୍ଣ୍ଣ, ଲିଙ୍ଗରାଜ ପୋଢ, ସ୍ୱେଚ୍ଛାସେବୀ ଗୁଲଠୁ ମିନ, ଛାୟାକାନ୍ତ ସ୍ୱାଇଁ, ସୁରେନ୍ଦ୍ର ଛୁରିଆ, ବର୍ଷା ମେହେର, ହରିହର ସେଠି, ବର୍ଷାରାଣୀ ଭୋଇ, ରଘୁବୀର ଛୁରିଆ, ଶେଫାଳି ନାଏକଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଆଲୋଚନାଚକ୍ର

**ପାଇକମାଲ,୨୪।୯(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର କୃତ୍ରିମ ବୁଦ୍ଧିମତା (ଏଆଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାଇକମାଳ ବିଇଓ ଚୂଡ଼ାମଣି ବାରିକ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରାଧେଶ୍ୟାମ ମେହେର, ପ୍ରସନ୍ନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡୁଙ୍କ ଦିଗଦର୍ଶନରେ ଆଗାମୀ ଦିନରେ କୃତ୍ରିମ ବୁଦ୍ଧିମତାର (ଏଆଇ) ବିଶେଷତା ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଏଆଇର ବ୍ୟବହାର ଏବଂ ତାର ଉପାଦେୟତା ଉପରେ ବୁଝାଇଥିଲେ। ଏହି ସଫଳ କରିବା ପାଇଁ ଶଶିରେଖା ସାହୁ, ଅଲିଭା ରଥ ଓ ଧ୍ରୁବ ଚରଣ ସାହୁ ଯୋଗଦାନ କରି କୃତୀକୁ ନେଇ ଜିଲାସ୍ତର ଯିବାପାଇଁ ନିର୍ଣ୍ଣୟ କରିଥିଲେ। କୃତ୍ରିମ ବୁଦ୍ଧିମତା କାର୍ଯ୍ୟକ୍ରମରେ କସ୍ତୁରୀ ଭୋଇ, ନନ୍ଦିନୀ ବାଗ, ମମତା ନାଗ, ପଦ୍ମାବତୀ ରଣା,ମାଧୁରୀ ମୁଣ୍ଡା, ଯସକେତନ ମେହେର, ସୁଦାମ ବାଗ, ଲତାବାଇ ସାହୁ, ଡୋଲାମଣୀ ଦୀପ, ଇନ୍ଦୁମତୀ ବେହେରା, ଜୟପ୍ରକାଶ ରଣା, ରାଜକୁମାର ସାହୁ ଏବଂ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ପ୍ରତିଯୋଗୀ ଭାବେ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ତେଜସମୟୀ ପ୍ରଧାନ, ଦ୍ୱିତୀୟରେ ଜୟଶ୍ରୀ ନାୟକ ତୃତୀୟରେ ଲିପି ଦାସ ପ୍ରମୁଖ ନିଜର ପାରଦର୍ଶିତା ଦେଖାଇ କୃତିତ୍ୱ ହାସଲ କରିଥିଲେ। ବିଜୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଣ୍ଡୋସିଲ ଡିଗ୍ରୀ କଲେଜରେ ଜାତୀୟ ସେବା ଶିବିର ପାଳିତ

**ପାଇକମାଲ,୨୪।୯(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ସେବା ଶିବିର ମଙ୍ଗଳବାର (ଏନଏସଏସ) ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ସନ୍ତୋଷ




ସିଂ ଠାକୁର, ଏନଏସଏସ ପ୍ରୋଗ୍ରାମ ଅଫିସର ସୁମିତାବ ନାୟକ, ଗିରୀଶ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଶିବିର ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ସସ୍ମିତାସରିଆଧନ୍ୟବାଦଅର୍ପଣକରିଥିଲେ।

# ବାସ୍କେଟବଲରେ ବିକାଶ ଚାମ୍ପିୟନ

**ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)**

କଟକ ବାରବାଟି ଷ୍ଟାଡ଼ିୟମରେ ସେଣ୍ଟ ଜେଭିୟର ହାଇସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ସିବିଏସଇ କ୍ଲଷ୍ଟର-୨ ବାସ୍କେଟବଲ ପ୍ରତିଯୋଗିତାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ଅଣ୍ଡର୍-୧୪ ବର୍ଗରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ଗ୍ରହଣ କରିଛି। ସେହିପରି ଅଣ୍ଡର-୧୭ବର୍ଗରେ ଉକ୍ତ ଶିକ୍ଷାନୁଷ୍ଠାନକୁ ବ୍ରୋଞ୍ଜ ପଦକ ମିଳିଛି। ଏହି କୃତିତ୍ୱ ଯୋଗୁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲିକ୍ରିଷ୍ଣା ଖୁସି ବ୍ୟକ୍ତ କରିବା ସହିତ ବିଦ୍ୟାଳୟର ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ସହିତ ଫେରିବା ପରେ ବିଦ୍ୟାଳୟରେ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ମୁଖ୍ୟ କ୍ରୀଡ଼ା ପ୍ରଶିକ୍ଷକ ପିତାମ୍ବର ପ୍ରଧାନ ଏବଂ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ୱାଗତ ସମାରୋହରେ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ଗତ ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ହୋଇଥିବା ଉକ୍ତ ବାସ୍କେଟବଲ ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରତିଯୋଗୀମାନେ ବାସ୍କେଟବଲ ପ୍ରଶିକ୍ଷିକା ପୁନମ କିରୋଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ଆସନ୍ତା ଅକ୍ଟୋବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଜନ୍ ମିଲଟନ ପବ୍ଲିକ ସ୍କୁଲରେ ହେବାକୁ ଥିବା ଜାତୀୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାରେ ବିକାଶ ଆବାସିକ ବିଦ୍ୟାଳୟ (ଅଣ୍ଡର-୧୪ବର୍ଗ)ର ପ୍ରତିଯୋଗୀମାନେ ଭାଗ ନେବେ। ଏହି ସଫଳତା ପାଇଁ ବିକାଶ ଆବାସିକ ବିଦ୍ୟାଳୟ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଚାମ୍ପିୟନ ହୋଇଥିବା ବିକାଶ ଆବାସିକ ବିଦ୍ୟାଳୟର ପ୍ରତିଯୋଗୀବୃନ୍ଦ।

# ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

**ବରଗଡ଼,୨୪।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଧାୟକ ଆଚାର୍ଯ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଙ୍ଗଲ, ଉଦ୍ୟାନ, ପୂର୍ତ୍ତ, ରାଜସ୍ୱ, ପାନୀୟ ଜଳ ଯୋଗାଣ, ପୋଲିସ ଏବଂ ଜଳସେଚନ ବିଭାଗ ଦ୍ୱାରା ଭଟଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅମ୍ବାଭୋନା, ଭଟଲି ଏବଂ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଅଟକି ରହିଥିବା କାର୍ଯ୍ୟଗୁଡିକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଜିଲା ତଥା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ନିହାତି ଜରୁରୀ, ତେଣୁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସେ କହିଥିଲେ। ଅପହଞ୍ଚ ଅଞ୍ଚଳରେ ଶିକ୍ଷକ ଏବଂ ଡାକ୍ତର ନିଯୁକ୍ତିକୁ ଗୁରୁତ୍ୱ ଦେଇ ଶିକ୍ଷାନୁଷ୍ଠାନ,



ସମୀକ୍ଷା ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

କାର୍ଯ୍ୟାଳୟ ଏବଂ ସାଧାରଣ ଲୋକଙ୍କ ଜମି ପଟ୍ଟା ବାଣ୍ଟିବା ସହ ଲୋକଙ୍କୁ ପୂର୍ବରୁ ମିଳିଥିବା ପଟ୍ଟାର ଜମି ଜଥାଶିଘ୍ର ଚିହ୍ନଟ କରି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭଟଲି ନିର୍ବାଚନମଣ୍ଡଳୀର ୩ଟି ବ୍ଲକରେ ଗତ ଅର୍ଥିକ ବର୍ଷରୁ ଅନୁମୋଦିତ ହୋଇଥିବା ସମସ୍ତ ପ୍ରକଳ୍ପର ପ୍ରଗତି, ରାଶନ କାର୍ଡ କେୱାସି ଭେରିଫିକେଶନ ବ୍ୟବସ୍ଥା, ଜୀବିକା ମିଶନ, ସୁଭଦ୍ରା ଯୋଜନା ପଞ୍ଜୀକରଣ, ଜଳ ସେଚନ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା, ମିଶନ ଶକ୍ତି ମହିଳାଙ୍କୁ ମିଳୁଥିବା ସମସ୍ତ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଡେବ୍ରିଗଡ ଅଭୟାରଣ୍ୟର ଆବଶ୍ୟକ ଉନ୍ନତିକରଣ ପାଇଁ ଯଥାଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ଜାଗାରେ ଜଙ୍ଗଲ ଜମିରେ ଥିବା ମାଟି ରାସ୍ତାର ଉନ୍ନତି ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିଶେଷରେ ନିଜ ନିର୍ବାଚନ ମଣ୍ଡଳୀର ତିନୋଟି ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂଙ୍କ ସମେତ ୩ ବ୍ଲକ ଅଧ୍ୟକ୍ଷ, ଜିଲା ମୁଖ୍ୟ ବନଖଣ୍ଡ ଅଧିକାରୀ, ଡେବ୍ରିଗଡ ବନଖଣ୍ଡ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୂଆପଡ଼ା,୨୪।୯ (ମକାରୁ ବେମାଲ): ନୂଆପଡ଼ା ବନ ବିଭାଗ ରେଞ୍ଜ ଅଧୀନ କେରମେଲି ଗାଁରେ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଭୁକ ମାଝି (୫୦)। ଭୁକ ପ୍ରତ୍ୟୁଷରୁ ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ନିକଟ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ସହ ଲଢେଇ କରି ସେ ନିଜ ଜୀବନ ବଞ୍ଚାଇଥିଲେ। ପରେ ଗାଁ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ହାତ, ପିଠି ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି।

### ଜିଲାପାଳଙ୍କ ରେଡିମେଡ୍ ଗାର୍ମେଣ୍ଟସ ଉଦ୍ୟୋଗ ପରିଦର୍ଶନ

ଖଡ଼ିଆଳ,୨୪।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ମଙ୍ଗଳବାର ଖଡ଼ିଆଳ ବ୍ଲକ୍ ଡୁଆଝର ଗ୍ରାମର ରେଡିମେଡ୍ ଗାର୍ମେଣ୍ଟସ ଉଦ୍ୟୋଗ ପରିଦର୍ଶନ କରି ଖୁସିବ୍ୟକ୍ତ କରିଛନ୍ତି। ଏହାର ଉଦ୍ୟୋକ୍ତା ଏଠାରେ ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ କର୍ମ ସଂସ୍ଥାନ ଯୋଗାଇ ସେମାନଙ୍କ ପରିବାର ପ୍ରତିପୋଷଣରେ ସାହାଯ୍ୟ କରୁଛନ୍ତି। ଏଠାରେ ଅରେଡିମେଡ଼ ଗାର୍ମେଣ୍ଟସ ତିଆରି ହୋଇ ଆଞ୍ଚଳିକ ଚାହିଦା ମେଣ୍ଟାଇବା ସହ ବାହାର ଜିଲା ଓ ରାଜ୍ୟକୁ ରପ୍ତାନି ହେଉଛି। ଏହି ପରିଦର୍ଶନ ସମୟରେ ଉଦ୍ୟୋଗର ମାଲିକ ବଦନ ମେହେର ଓ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସମୀର ମୁଦୁଲି ଉପସ୍ଥିତ ଥିଲେ। ପିଏମ୍ଇଜିପି ସ୍କିମରେ ସେ ୧୦ଲକ୍ଷ ଟଙ୍କା ଋଣ ଆଣି ଏହି ଉଦ୍ୟୋଗ କରିଛନ୍ତି। ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସହିତ ମତ ବିନିମୟ କରି ଜିଲାପାଳ ଉତ୍ସାହିତ କରିଥିଲେ। ଦାଦନ ସମସ୍ୟା ରୋକିବାରେ ଏହିଉଦ୍ୟୋଗ ସହାୟକ ହୋଇଥିବାରୁ ଏଭଳି ଅନେକ ଉଦ୍ୟୋଗ ସୃଷ୍ଟି କରିବାକୁ ଜିଲାପାଳ ଜିଲା ଶିଳ୍ପକେନ୍ଦ୍ର ତଥା ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

# କଳାଜିବୀର ଗୀତ, ନାଚରେ ଝୁମିଲେ ଦର୍ଶକ

**ତିନି ଦିନିଆ ବିକାଶ ମେଳା ଉଦ୍‌ଯାପିତ**

ସୁନ୍ଦରଗଡ଼,୨୪।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପଡିଆରେ ତିନି ଦିନ ଧରି ଚାଲିଥିବା ବିକାଶ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ସୂଚନା ଶିକ୍ଷା ସଂଚାର ମାଧ୍ୟମରେ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ଗୁଡିକ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ମଧ୍ୟ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ଯୋଗଦେଇ ବିକାଶ ମେଳାର ସଫଳ ଆୟୋଜନ ନିମନ୍ତେ ସମସ୍ତ ବିଭାଗକୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଓରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ କେଶବ ଝା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ତଥା ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ମେଳାରେ ଅଂଶଗ୍ରହଣ କରିଥିବା ସମସ୍ତ ବିଭାଗ ଗୁଡିକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ସୁଦର୍ଶନ ତାଜନଙ୍କ ଲୋକ କଳା ନୃତ୍ୟ, ରିସର୍ଚ୍ଚ କେନ୍ଦ୍ର ଏବଂ ଭଗବାନ ସାଙ୍କ ମାଣିକେଶରୀ ଦଳ ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଉପରେ ଜନସଚେତନତା ସୃଷ୍ଟି କରେଇଥିଲେ। ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ଲହୁଣୀପଡ଼ାର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବରଗଡ଼ କଳାଜିବୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ପଦ୍ମଶ୍ରୀ ଖଟେଇ ଏବଂ ଦଳଙ୍କ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ବିକାଶ ମେଳାରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓରମାସ, ମିଶନ ଶକ୍ତି, ଏସଏସପିଡି ବିଭାଗ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା, ଯୋଜନା ଓ ସଂଯୋଜନ ବିଭାଗ, ପର୍ଯ୍ୟଟନ ବିଭାଗ, ବୟନ ଓ ହସ୍ତତନ୍ତ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ , ଏମଏସଏମଇ, ଶିକ୍ଷା ବିଭାଗ, ଡିଏମଏଫଓ ଓମ୍ୱାଡସି ଆଦି ବିଭାଗ ପକ୍ଷରୁ ପକ୍ଷରୁ ବିକାଶ ମେଳାରେ ସୂଚନା ଶିକ୍ଷା ସଂଚାର ଷ୍ଟଲ ଗୁଡ଼ିକ କରାଯାଇଥିଲା। କାର୍ଯ୍ୟକ୍ରମରେ ଶେଷ ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ସରକାରୀ ମହିଳା କଲେଜରେ ଏନଏସଏସ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୨୪।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ପ୍ରତିଷ୍ଠା ଦିବସ ମଙ୍ଗଳବାର ପଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଶିକ୍ଷକ ଏବଂ କର୍ମଚାରୀଙ୍କ ସହିତ ଜାତୀୟ ସେବା ସଂସ୍ଥା(ଏନଏସଏସ)ର ସ୍ୱେଚ୍ଛାସେବୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏନଏସଏସ ପ୍ଲାଟଫର୍ମ ଅଧୀନରେ ଅଧିକ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅତିଥି ଅଧ୍ୟାପିକା ବିପିନ ଚୌଧୁରୀ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ର ନିର୍ମାଣରେ ଯୁବକଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। କୁନି ପଟେଲ ଛାତ୍ରୀଙ୍କୁ ସମାଜ ତଥା ପ୍ରକୃତି ପ୍ରତି ସହଯୋଗ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ ହୋଇଥିଲେ ଏବଂ ସେବା ମାଧ୍ୟମରେ ଏନଏସଏସ କିପରି ସେମାନଙ୍କ ଚରିତ୍ର ବିକାଶରେ ସାହାଯ୍ୟ କରିପାରିବ ସେ ସମ୍ପର୍କରେ ଅବଗତ ହୋଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଦୀପାଞ୍ଜଳି ହାନସଦଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିନୋଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହିକାର୍ଯ୍ୟକ୍ରମ ପରେ ଡିଜିଟାଲ ସାକ୍ଷରତା ଏବଂ ସଚେତନତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ଛାତ୍ରୀମାନେ ଅଧ୍ୟୟନ ଉଦ୍ଦେଶ୍ୟରେ ବିଭିନ୍ନ ଉପକରଣ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ଶିଖିଥିଲେ।



କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

## ଡକାୟତି ଯୋଜନା ପଣ୍ଡ, ୩ କୋର୍ଟ ଚାଲାଣ

ଜୟପାଟଣା,୨୪।୯ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ନବରଙ୍ଗପୁର ଜିଲା ମୈଦଲପୁର ଗାଁର ଉମେଶ ନାଏକ (୧୯), ଭବାନୀଶଙ୍କର ନାଏକ (୧୯) ଓ କିଶୋର ହରିଜନ (୨୪)। ଅଭିଯୁକ୍ତମାନେ ଏକ ବାଇକ୍‌ରେ ଆସି ପ୍ରଥମେ ସର୍ଗିଗୁଡା ଗ୍ରାମର ଦେବାର୍ଜନ ମାଝିଙ୍କ ରିଏଲମି ମୋବାଇଲ ଓ ପରେ ପାଣ୍ଡରିପଖାନ ଗାଁର ଭରତ ନାଏକଙ୍କ ରିଏଲମୀ ସେଭେନ ମୋବାଇଲ ଛଡାଇ ନେଇଥିଲେ। ଲୋକେ ପିଛା କରି ନୂଆଗୁଡା ଛକ ନିକଟରେ ଏମାନଙ୍କୁ କାବୁ କରି ଜୟପାଟଣା ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଶେଷଦେବ ବେହେରା ଏକ ଟିମ୍ ପଠାଇ ଅଭିଯୁକ୍ତମାନଙ୍କୁ ଗିରଫ କରି ଆଣିଥିଲେ।

## ପାଠ ପଢ଼ିବା ସୁଯୋଗ ପାଇ ଖୁସିବ୍ୟକ୍ତ କଲେ କୁଳେଶ୍ୱର

କଲମପୁର,୨୪।୯(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ପଣ୍ଡିଗାଁ ଗ୍ରାମର ଅସହାୟ କୁଳେଶ୍ୱର ମାଝି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହଯୋଗରେ ପାଠ ପଢ଼ିବା ସୁଯୋଗ ପାଇ ଖୁସି ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ପୂର୍ବରୁ କୁଳେଶ୍ୱର ତାଙ୍କ ମା'ଙ୍କୁ ହରାଇଥିବାବେଳେ ବାପା ପକ୍ଷାଘାତ ରୋଗରେ ପୀଡ଼ିତ। ଘରେ ତାଙ୍କ ସାନଭାଇ ମଧ୍ୟ ଅଛନ୍ତି। ୨୦୨୧ରେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଦଶମ ପାସ୍ କରିଥିଲେ ମଧ୍ୟ ପରିବାର ପ୍ରତିପୋଷଣ ପାଇଁ କୁଳେଶ୍ୱର ପାଠ ଛାଡି ଦିନମଜୁରିଆ ଭାବେ କାମ କରିବାକୁ ବାଧ୍ୟ ହୋଇଥିଲେ। ଏହି ଖବର ଗତ ଜୁଲାଇ ୩ରେ ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ଏହା ଜାଣିବା ପରେ ସ୍ଥାନୀୟ ସିଆର୍‌ସିସି ନବଘନ ସାହୁଙ୍କୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କୁଳେଶ୍ୱରଙ୍କ ଘରକୁ ପଠାଇଥିଲେ। ସିଆର୍‌ସିସି ସାହୁ ତାଙ୍କ ଘରକୁ ଯାଇ ସମସ୍ତ ବିଷୟ ଅବଗତ ହୋଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଏହା ଜାଣିବା ପରେ କୁଳେଶ୍ୱରଙ୍କୁ ଯୁକ୍ତ ୨ ନାମ ଲେଖାଇବା ବ୍ୟବସ୍ଥା କରିଥିଲେ। ତାଙ୍କ ସହଯୋଗରେ ଅନ୍‌ଲାଇନରେ ନାମଲେଖା ପାଇଁ ଇଣ୍ଟିମେଶନ ଆସିବାରୁ ସୋମବାର କୁଳେଶ୍ୱରଙ୍କ ନୀଳମାଧବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିଲିଗୁଡ଼ାରେ ବିଜ୍ଞାନ ବିଭାଗରେ ନାମଲେଖା ସମାପନ ହୋଇଛି। ଆଗକୁ ପିଲାଟିର ପାଠପଢ଼ା ପାଇଁ ଆବଶ୍ୟକ ସହଯୋଗ ଜାରି ରଖିବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣାଇଛନ୍ତି। ଏଥିସହ କୁଳେଶ୍ୱରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଟାଟା ଷ୍ଟିଲକୁ ଶ୍ରେଷ୍ଠ କର୍ପୋରେଟ ପୁରସ୍କାର




ଟେନସା,୨୪।୯(ସମୀର କୁମାର ପାଢ଼ୀ)

ରାଜ୍ୟସ୍ତରୀୟ ମାନବାଧିକାର ସମ୍ମିଳନୀ-୨୦୨୪ ରେ କର୍ପୋରେଟ ବର୍ଗରେ ଟାଟା ଷ୍ଟିଲ ଲିମିଟେଡ ମାନବ ସେବା କାର୍ଯ୍ୟ ପାଇଁ ଶ୍ରେଷ୍ଠ କର୍ପୋରେଟଭାବେ ମାନ୍ୟତା ହାସଲ କରିଛି। ସମ୍ବଲପୁରର ଲପଙ୍ଗା ସ୍ଥିତ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ, ଓଏଚଆରସିର ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ, ଅସୀମ ଅମିତାଭ ଦାସ, ଚିତ୍ତରଞ୍ଜନ ମହାପାତ୍ର, ହିଣ୍ଡାଲକୋର ସିଏଚଆରଓ ସମିକ ବସୁ, ଡାଉନ ଷ୍ଟ୍ରିମ ଆଲୁମିନିୟମ ବିଜନେସର ସିଇଓ ନିଲେଶ କୌଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ଶିଳ୍ପ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଶିକ୍ଷା କ୍ଷେତ୍ରର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ଚିଫ ଦୀପକ ବେହେରା କମ୍ପାନୀ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ବେହେରା ମାନବ ସେବା କାର୍ଯ୍ୟ ପାଇଁ ଟାଟା ଷ୍ଟିଲର ସକ୍ରିୟ ଆଭିମୁଖ୍ୟ ଏବଂ ସ୍ଥାନୀୟ ସମୁଦାୟମାନଙ୍କ ସହ ଏହାର ମିଳିତ ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ତାଙ୍କ ଅଭିଭାଷଣରେ ମାନବାଧିକାର ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜଷ୍ଟିସ ବିମଳ ପ୍ରସାଦ ଦାସ କହିଥିଲେ, ଶିଶୁମାନେ ଅନ୍ତର୍ନିହିତ ମାନବିକ ଅଧିକାର ସହିତ ଜନ୍ମଗ୍ରହଣ କରନ୍ତି। ଜୀବନ ପାଇଁ ଅମ୍ଳଜାନ ଯେପରି ଜରୁରୀ, ମାନବିକ ଅଧିକାର ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ମାନବାଧିକାର ଆୟୋଗ ସଦସ୍ୟମାନେ ଟାଟା ଷ୍ଟିଲର ଜାରି ରହିଥିବା ପ୍ରୟାସ ଏବଂ ଏହାର ପ୍ରଭାବଶାଳୀ ସିଏସଆର ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଆଗମନ କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୨୪।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଶିକ୍ଷକ-ଶିକ୍ଷା ବିଭାଗରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଆଗମନ କାର୍ଯ୍ୟକ୍ରମ ସୋମବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପଟେଲ ତାଙ୍କ ଅଭିଭାଷଣରେ ସମାଜରେ ଶିକ୍ଷକଙ୍କ ଭୂମିକା ପ୍ରତିପାଦନ କରିଥିଲେ। ଅନ୍ୟତମ ଅତିଥି ମହାବିଦ୍ୟାଳୟ ଗଣିତ ବିଭାଗର ମୁଖ୍ୟ ଆଲୋକ କୁମାର ନାଏକ ଛାତ୍ରୀଛାତ୍ରଙ୍କୁ ଜଣେ ଶୃଙ୍ଖଳିତ ବ୍ୟକ୍ତିତ୍ୱ ନେଇ ଜୀବନର ଲକ୍ଷ୍ୟ ପୂର୍ଣ୍ଣ କରିବା ସହ ସମାଜ ଏବଂ ଦେଶ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଣଶିକ୍ଷକ କର୍ମଚାରୀ ଉଷାବତୀ ସିଂ, ଜ୍ୟୋତି ପ୍ରକାଶ ପଟେଲ, ଶୁଭମ କୁମାର ମେହେର ଏବଂ ମହମ୍ମଦ ଜମିଲ ଆନ୍‌ସାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରାଧ୍ୟାପକ ଶମ୍ଭୁଶଙ୍କର ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥି ଅଧ୍ୟାପିକା ସୌମ୍ୟମୟୀ ରଥ ଧନ୍ୟବାଦ ଦେଇଥିଲେ।

## ରାଜଭାଷା ପକ୍ଷ ପାଳନ ଉପଲକ୍ଷେ ପ୍ରତିଯୋଗିତା

ରାଉରକେଲା,୨୪।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ପକ୍ଷରୁ ରାଜଭାଷା ପକ୍ଷ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ୟୁନିଟର ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଅଧ୍ୟକ୍ଷତା କରିଥିଲେ। ଇସ୍ପାତ କାରଖାନାର ୨୪ଟି ଜୋନ୍‌ରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରାୟ ୮୫୦ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିସହ ବିଭିନ୍ନ ବିଭାଗର ହିନ୍ଦୀ ଅଧିକାରୀଙ୍କ ପାଇଁ ଏକ ଟ୍ରାନ୍ସଲିଟରେସନ୍ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ସେହିଭଳି ଠିକା ଶ୍ରମିକଙ୍କ ପାଇଁ ରାଜଭାଷା କୁଇଜ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଯେଉଁଥିରେ ପ୍ରାୟ ୮୦ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗୀତାରେ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗୀତାରେ କୃତୀତ୍ୱ ହାସଲ ନେଇ ଆରଏସପି ଗୋପବନ୍ଧୁ ପ୍ରେକ୍ଷାଳୟରେ ଆସନ୍ତା ୨୬ରେ ବିଜେତାଙ୍କୁ ପୁରସ୍କୃତ କରାଯିବ। ବିଭାଗୀୟ ହିନ୍ଦୀ ଅଧିକାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଗୁଡିକ ଲୋକସମ୍ପର୍କ ରାଜଭାଷା ୟୁନିଟ ଦ୍ୱାରା ପରିଚାଳିତ ହୋଇଥିଲା।


ସୁନ୍ଦରଗଡ଼ରେ ମା'ମାନେ ମଙ୍ଗଳବାର ସନ୍ଧ୍ୟାରେ ଏକତ୍ରିତ ହୋଇ ପୁଅ ଜୀଉଁଥିଆ ଓଷା କରୁଛନ୍ତି।

## ସମ୍ମାନଜନକ ବୋନସ୍ ଦାବିରେ ବିଏମ୍ଏସ୍‌ର ବିକ୍ଷୋଭ



ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୪।୯(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ( ବିଏମ୍ ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ୍) ପକ୍ଷରୁ ମଙ୍ଗଳବାର ସକାଳେ ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୩୯ ମାସର ବକେୟା ଏରିଅର ଏବଂ ଦୁର୍ଗାପୂଜା ସମ୍ମାନଜନକ ବୋନସ୍ ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ ହଜାର ହଜାର ଶ୍ରମିକ ଯୋଗଦେଇଥିଲେ। ଆର୍‌ଆଇକେକେଏସ୍‌ର ସାଧାରଣ ସମ୍ପାଦକ ତଥା ବିଏମ୍ଏସ୍ ରାଜ୍ୟ ସମ୍ପାଦକ ହିମାଂଶୁ ବଳ ଏହିଅବସରରେ ଯୋଗଦେଇ କହିଥିଲେ, ସେଲ୍ ବୋନସ୍ ଫର୍ମୁଲାରେ ବହୁତ ତ୍ରୁଟି ରହିଛି। ଏହାର ସଂଶୋଧନ ହେବା ଦରକାର। ଗତବର୍ଷ ତୁଳନାରେ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଛି। ମାନବ ସମ୍ବଳ ହ୍ରାସ ପାଇଛି। ଲାଭ ବଢ଼ିଛି। ଏହାର ଅର୍ଥ କମ୍ ଲୋକରେ ଅଧିକ ଉତ୍ପାଦନ ଓ ଲାଭ ହୋଇଛି। ଯେଉଁ ଶ୍ରମିକଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏପରି ହୋଇଛି ସେମାନଙ୍କୁ ଅଧିକ ବୋନସ ମିଳିବା ଉଚିତ। ୨୦୨୧ ଅକ୍ଟୋବରରେ ଐତିହାସିକ ଏମ୍‌ଓୟୁ ତରବରିଆ ଭାବେ ଆଇଏନଟିୟୁସି, ଏଚ୍ଏମ୍ଏସ୍, ଏଆଇଟିୟୁସି ସ୍ୱାକ୍ଷର କଲେ। ତାହାର ପରିଣାମ ସ୍ୱରୂପ ୩୯ ମାସ ଏରିଅର ଏପର୍ଯ୍ୟନ୍ତ ମିଳିଲା ନାହିଁ। ଗ୍ରାଚ୍ୟୁଇଟି ସିଲିଂ ଲାଗିଲା। ୫୮ ମାସ ପର୍କ ଏରିଅର ବାଟବଣା ହୋଇଗଲା। ସମସ୍ତ ଶ୍ରମ ସଙ୍ଗଠନ କମ୍ପାନୀ କର୍ତ୍ତୃପକ୍ଷଙ୍କ ହାତର କଣ୍ଢେଇ ସାଜିଥିବା ବେଳେ ଆର୍‌ଆଇକେକେଏସ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲା। ଆସନ୍ତା ଶ୍ରମିକ ସ୍ୱୀକୃତି ନିର୍ବାଚନରେ ଆର୍‌ଏସ୍‌ପି ଶ୍ରମିକ କର୍ମଚାରୀ ଏହାର ଉଚିତ୍ ଜବାବ ଦେବେ ବୋଲି ବଳ କହିଥିଲେ। ନିରଞ୍ଜନ ପଟେଲ,ସନ୍ତୋଷ ତନ୍ତୀ, ବିପେନ ଶର୍ମା, ରୀତାରାଣୀ ସ୍ୱାଇଁ, ଚନ୍ଦ୍ରିକା ଲାକ୍ରା, ଅନୱାରୀ ବେଗମ, ସମିତା ମିଶ୍ର, ସୁରେନ୍ଦ୍ର କଂସାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୩୦ରେ ଏରିଅର ଏବଂ ଅକ୍ଟୋବର ୧ ତାରିଖରେ ଗ୍ରାଚ୍ୟୁଇଟି ସିଲିଂ ବାବଦରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଶୁଣାଣୀ ତାରିଖ ଧାର୍ଯ୍ୟ କରାଯାଉଛି।

# ମନ୍ତ୍ରୀଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀବୃନ୍ଦ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦେବଗଡ଼ ଗସ୍ତ କରିଛନ୍ତି। ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜସ୍ୱ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ବିଶେଷ କରି ହାଇଟେକ ସର୍ଭେ ପରବର୍ତ୍ତୀ ବିଭିନ୍ନ ସମସ୍ୟା, ବସୁନ୍ଧରା ଯୋଜନାରେ ସର୍ଭେ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରି ଘରଡିହ ନ ଥିବା ପ୍ରତ୍ୟେକ ପରିବାରଠାରୁ ଦରଖାସ୍ତ ଗ୍ରହଣ କରି ଘରଡିହ ପଟ୍ଟା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ରେଙ୍ଗାଲିର ବାସଚ୍ୟୁତ ହୋଇ କ୍ଷତିପୂରଣ ପାଇ ନ ଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରି କ୍ଷତିପୂରଣ ଓ ଜମି ପଟ୍ଟା ଦେବା, ତାଳଚେର ବିମଳାଗଡ ରେଲୱେ ଲାଇନ ପାଇଁ ଜମି ଅଧିଗ୍ରହଣ ଯଥାଶୀଘ୍ର ସମାପ୍ତ କରିବା, ଜିଲାର ସମସ୍ତ ତହସିଲରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିଜସ୍ୱ ଜମି ପଟ୍ଟା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଲ୍ୟାଣ୍ଡ ରେକର୍ଡ ଏବଂ ସର୍ଭେ ପୂର୍ଣ୍ଣଚନ୍ଦ୍ର ମିଶ୍ର, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଭରପ୍ରାପ୍ତ ତହସିଲଦାର ଦେବଗଡ ସୂର୍ଯ୍ୟକାନ୍ତ ବରିହା, ତହସିଲଦାର ରିଆମାଳ ଜ୍ୟୋସ୍ନାରାଣି ନାଏକ, ଅତିରିକ୍ତ ତହସିଲଦାର ବାରକୋଟ ବବୁରୁ ବାହାନ ଦତ୍ତ, ଡେପୁଟି କଲେକ୍ଟର ମମତାଜ ମହାରଣା, ସହକାରୀ ଜିଲାପାଳ ରାଜସ୍ୱ ତାପସ କୁମାର ମହନ୍ତ ଓ ହାଇଟେକ ସର୍ଭେ ଏଜେନସି ଆଇଆଇସି ଟେକ୍ନୋଲୋଜି ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନା ଦିବସ ପାଳିତ


ଜାତୀୟ ସେବା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ।

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ସଂଯୋଜିକା ଅଧ୍ୟାପିକା ସୁଦେବୀ ଗିରିଙ୍କ ସଂଯୋଜନାରେ ହୋଇଥିବା ଏକ ସଭାରେ ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ପ୍ରଥମେ ସଂଯୋଜିକା ଏହି ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ କହିବା ସହିତ ଜାତୀୟ ସେବା ଯୋଜନାର ଇତିହାସ ଓ ଆବଶ୍ୟକତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରିଥିଲେ। ଅଧ୍ୟକ୍ଷ ଡ. ମହାରଣା ମହାବିଦ୍ୟାଳୟର ପିଲାମାନେ ସେବା ମନିବୃତ୍ତି ରଖି ଏହି ଯୋଜନାରେ ସାମିଲ ହୋଇ କଲେଜର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ମିଶ୍ର ସମସ୍ତଙ୍କୁ ଏହି ଦିବସର ଶପଥ ପାଠ କରାଇଥିଲେ। ଏହି ସଭାରେ ଡ. ଯଶୋବନ୍ତ ସାହୁ, ଅଧ୍ୟାପିକା ଶତରୂପା ମିଶ୍ର, ଦାମୋଦର ନାୟକଙ୍କ ସହିତ ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ତଥା ଶତାଧିକ ପିଲା ଯୋଗଦେଇଥିଲେ। ଶେଷରେ ବିଦ୍ୟାର୍ଥୀମାନେ ସମବେତ ହୋଇ ମହାବିଦ୍ୟାଳୟ ପ୍ରାଙ୍ଗଣ ସଫା କରିଥିଲେ।

# ସମାଜ ସଂସ୍କାରକର ମୁଖ୍ୟ ପୁରୋଧା ଥିଲେ ଭାଗବତ ନନ୍ଦ: ରାଜସ୍ୱ ମନ୍ତ୍ରୀ ପୂଜାରୀ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

**ଭାଗବତ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳିତ**

ଜଣେ ଦରଦୀ ମଣିଷ ହିଁ ସଫଳ ରାଜନେତା ହୋଇଥାଏ। କେବେ ବିଧାୟକ କିମ୍ବା ସାଂସଦ ନ ହୋଇ କିମ୍ବା କୌଣସି ପଦ ପଦବୀରେ ନ ଥାଇ ବି ଜଣେ କିଭଳି ରାଜନେତାଙ୍କଠାରୁ ଅଧିକ କାମ କରିପାରିବ ସେ ଶିକ୍ଷା ଦେଇଯାଇଛନ୍ତି ଭାଗବତ ପ୍ରସାଦ ନନ୍ଦ। ମଙ୍ଗଳବାର ଦେବଗଡ଼ରେ ଆୟୋଜିତ ଭାଗବତ ପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ଦେବଗଡ଼ ଜିଲା ସାମ୍ବାଦିକ ସଂଘ ଓ ଭାଗବତ ନନ୍ଦ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର ଫର କଲଚର୍ କଲ୍ୟାଣ ମଣ୍ଡପରେ ଆୟୋଜିତ ଭାଗବତ ପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଆହୁରି କହିଛନ୍ତି ଯେ, ସ୍ୱର୍ଗତ ନନ୍ଦ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ରାଜ୍ୟରେ ୧୯୮୦ରେ ଯୁବ ଛାତ୍ର ସମସ୍ୟା ପାଇଁ ଛାତ୍ର ଆନ୍ଦୋଳନ ହୋଇଥିଲା। ଏଥିରେ ଛାତ୍ର ସମାଜକୁ ମାର୍ଗ ଦେଖାଇଥିଲେ। ଆନ୍ଦୋଳନର ଦିଗ ନିର୍ଣ୍ଣୟ କରିଥିଲେ। ତାଙ୍କର ମାର୍ଗଦର୍ଶନ ଏବେ ବି ଆମକୁ ମନେ ପଡୁଛି ଓ ବାଟ ଦେଖାଉଛି। ତାଙ୍କ ପାଖରେ ଲୋକଙ୍କୁ ଯୋଡ଼ିବାର ଅଦମ୍ୟ ଶକ୍ତି ଥିଲା। ତାଙ୍କ ମାର୍ଗଦର୍ଶନ ଚାଲି ଅନେକ ନେତା ସୃଷ୍ଟି ହୋଇଛନ୍ତି। ସାମ୍ବାଦିକ ଭାବେ ନିଜର ଲେଖା ମାଧ୍ୟମରେ ସମାଜକୁ ରାସ୍ତା ମଧ୍ୟ ଦେଖାଉଥିଲେ। ସମାଜ ସଂସ୍କାରକର ମୁଖ୍ୟ ପୁରୋଧା ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଲ କହିଥିଲେ, ଭାଗବତ ନନ୍ଦ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଗୋପବନ୍ଧୁ। ମରୁଡ଼ି, ବନ୍ୟା, ବାତ୍ୟା ଏବଂ ଅନ୍ୟ ଦୁର୍ବିପାକରେ ଲୋକଙ୍କ ପାଖରେ ସେ ଛିଡ଼ା ହେଉଥିଲେ। ତାଙ୍କର ସାହାଯ୍ୟ, ସେବା ମାନବୃତ୍ତି ହିଁ ତାଙ୍କୁ ସବୁବେଳେ ମନେରଖିବ। ସେହିଭଳି ଶ୍ରମିକ ନେତା ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ମଧ୍ୟ ଭାଗବତ ନନ୍ଦଙ୍କ ଜୀବନୀ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସାମ୍ବାଦିକ ସଂଘ ଉପଦେଷ୍ଟା ଦିଲୀପ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭାଗବତ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା ଭାଗବତ ସ୍ମୃତି କମିଟି ସଂଯୋଜକ ଡ଼କ୍ଟର୍ ଗୌରୀଦାସ ପଧାନ ପରିଚାଳନା କରିଥିଲେ। ଭାଗବତ ନନ୍ଦ ସ୍ମୃତି କମିଟି ସଦସ୍ୟ ପ୍ରଫୁଲ୍ଲ ହୋତା, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ସୁଧୀର କପରଦାର, ମିତ୍ରଭାନୁ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର ମଧ୍ୟ ସ୍ୱର୍ଗତ ନନ୍ଦଙ୍କ ଉପରେ କହିଥିଲେ। ଶେଷରେ ସାମ୍ବାଦିକ ଶଶାଙ୍କ ଝାଙ୍କର ଧନ୍ୟବାଦ ଦେଇଥିଲେ। ଦେବଗଡ଼ ଜିଲା ସାମ୍ବାଦିକ ସଂଘର ଅନେକ ସଦସ୍ୟ ଓ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ, ଆଇନଜୀବୀ, ସାହିତ୍ୟିକ , ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ବକ୍ତବ୍ୟ ଦେଉଛନ୍ତି।

# ବଡ଼ି ବିଲ୍ଡିଙ୍ଗ, ଭାର ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ



ପୁରସ୍କୃତ କରାଯାଉଛି।

ବ୍ରଜରାଜନଗର,୨୪।୯।୯(ବିଜୟ ବରାଡ଼)

ରାମପୁର କ୍ଲବଠାରେ ଏମ୍‌ସିଏଲ ଓରିଏଣ୍ଟ ଏରିଆ ଦ୍ୱାରା ଆୟୋଜିତ ଦୁଇ ଦିନିଆ ବଡି ବିଲ୍ଡିଙ୍ଗ ଓ ଭାର ଉତ୍ତୋଳନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଏମ୍‌ସିଏଲ୍‌ର ୧୨ଟିଦଳର ୨୦୦ ପୁରୁଷ ଓ ୨୪ଜଣ ମହିଳା ମୋଟ ୨୨୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ଦିନ ମହିଳାଙ୍କ ପାଇଁ ଆୟୋଜିତ ହୋଇଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓରିଏଣ୍ଟ ଏରିଆ ମହାପ୍ରବନ୍ଧକ ଅଜୟ ନାମଜୋଶୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏମସିଏଲ୍‌ର କର୍ମଚାରୀମାନଙ୍କ ସହିତ ଅନେକ ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ। ଉଦଯାପନୀରେ ଡାଇରେକ୍ଟର ପର୍ସନାଲ କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ୱେଲଫେଆର ସନ୍ଦୀପ ସାହା, ଜିଏମ ଓରିଏଣ୍ଟ କ୍ଷେତ୍ର ଅଜୟ ନାମ ଯୋଶୀ ସମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସମ୍ମାନିତ କରିଥିଲେ। ବ୍ୟକ୍ତିଗତ ଭାବେ ଲଖନପୁର କ୍ଷେତ୍ରର ଦୀପଙ୍କର ଘୋଷ, ମହିଳା ବିଭାଗରେ ନିୟତି ବର୍ମନ ବେଷ୍ଟ ଖେଳାଳି ଶାନ୍ତନୁ ପଡିଆରଙ୍କୁ ସମ୍ମାନିତ କରାଯାଇଥିଲା। ଦଳଗତ ପ୍ରଦର୍ଶନରେ ଲଖନପୁର ଏରିଆ ଚାମ୍ପିୟନ ଓ ତାଳଚେରର ଜଗନ୍ନାଥ ଏରିଆ ରନର୍ ଅପ ହୋଇଥିଲା। ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀ, ଗୋବିନ୍ଦା ଶିଙ୍ଗ, ଶାଙ୍କର ବେହେରା, ସୌଭାଗ୍ୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଫଳ କରିବା ପାଇଁ କାର୍ମିକ ପ୍ରବନ୍ଧକ ଯସବନ୍ତ ସିଂହ, ପ୍ରସନାଲ ମ୍ୟାନେଜର ଲୋକନାଥ ସାହୁ, ଉପାଲୀ ଦାସ, ସାନ୍ତୁ ସରକାର, ସ୍ପୋର୍ଟ୍ସ ଅରଗାନାଇଜ ଅଶୋକ ନାୟକ ଓ ଅନ୍ୟମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ବିକ୍ରମ ସ୍ୱାଇଁ, ବାସୁଦେବ ବନର୍ଜୀ, ରବୀନ୍ଦ୍ର ଗୋଣ୍ଡ, ଦିଲେଶ୍ୱର ସାହୁ, ସୋମ୍ୟରଞ୍ଜନ ମହାନ୍ତୀ, ନକୁଲ ଶର୍ମା, ମନୋଜ ମିଶ୍ରା, ସୁଶାନ୍ତ ତ୍ରିପାଠୀ, କୀର୍ତ୍ତନ ବେହେରା ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ହାଇଟେକ୍ ସର୍ଭେ ରଦ୍ଦ ପାଇଁ ନାଗରିକ କମିଟିର ଦାବି

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଜମି ସେଟେଲମେଣ୍ଟ ପାଇଁ ହୋଇଥିବା ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଜିଲା ଗସ୍ତ ବେଳେ ଜିଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ହାଇଟେକ ସୋର୍ଭେରେ ବହୁ ସଂଖ୍ୟାରେ ତ୍ରୁଟି ପରିଲକ୍ଷିତ ହେଉଛି। ଫଳରେ ଜିଲାର ଉନ୍ନୟନ କାର୍ଯ୍ୟରେ ଏହା ପ୍ରତିବନ୍ଧକ ହେବା ସହିତ ଜମି ମାଲିକମାନେ ଅଶେଷ ହଇରାଣ ହେଉଛନ୍ତି। ମନ୍ତ୍ରୀ ଏହି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସରକାରୀ ବୈଠକ କରିଥିଲେ। ତ୍ରୁଟିଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ପରୀକ୍ଷାମୂଳକ ଭାବେ ଅଧିକ ତ୍ରୁଟି ଥିବା ଜିଲାର ପ୍ରତ୍ୟେକ ବ୍ଲକରୁ ଦୁଇଟି ଲେଖାଏଁ ଗ୍ରାମର ତ୍ରୁଟିଗୁଡିକୁ ଏକ ମାସ ମଧ୍ୟରେ ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏଥିସହ ଯଦି ଏକମାସ ମଧ୍ୟରେ ସେଗୁଡିକ ସଂଶୋଧିତ ହୋଇ ପାରୁଛି, ତେବେ ଅନ୍ୟ ଗ୍ରାମଗୁଡିକ ମଧ୍ୟ ସଂଶୋଧନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ଅନ୍ୟଥା ହାଇଟେକ ସର୍ଭେ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯିବା ପାଇଁ ସରକାର ବାଧ୍ୟ ହେବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ନାଗରିକ କମିଟି ପ୍ରତିନିଧି ଦଳରେ କମିଟି ସଭାପତି ସୁଶିଲ କୁମାର କପରଦାର, ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ସନ୍ତୋଷ ସାହୁ, ପବିତ୍ର ମୋହନ ପ୍ରଧାନ ଓ ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦେବଗଡ଼ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)




ଦେବଗଡ଼ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନାର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ଡାକ୍ତର ସୁଦାମ କୁମାର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ଦେବଗଡ଼ ଜିଲା ଶିଶୁ କଲ୍ୟାଣ ସମିତିର ସଭ୍ୟ କୁମୁଦଚନ୍ଦ୍ର ଶତପଥୀ ମୁଖ୍ୟଅତିଥି ଏବଂ ଏନ୍‌ଏସ୍‌ଏସ୍ ଜିଲା ସଂଯୋଜିକା ପ୍ରଧାପିକା ସସ୍ମିତା ପ୍ରଧାନ ସମ୍ମାନିତ ଅତିଥି ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଧାପକ ବିକ୍ରମ କେଶରୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ସଂଯୋଜିକା ସ୍ୱେଚ୍ଛାସବୀମାନଙ୍କୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ଏନ୍‌ଏସ୍‌ଏସ୍ କିପରି ସହାୟକ ହୋଇପାରିବ ସେ ଦିଗରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ତଥା ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କୁ ଜିଲା କୃଷକ ସଂଘର ଦାବିପତ୍ର, କୃତଜ୍ଞତା

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯିବା, ଦେବଗଡ ଜିଲାର ଭୂମୀହୀନଙ୍କୁ ୪ ଡେସିମିଲ ଲେଖାଏଁ ଘରଡିହ ପ୍ରଦାନ କରିବା ଓ ଦେବଗଡ ଜିଲା ସଦର ମହକୁମାରେ ଏକ କୃଷକ ଭବନ ନିର୍ମାଣ ପାଇଁ ଦେବଗଡ ଜିଲା କୃଷକ ସଂଘ ପକ୍ଷରୁ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିକଟରେ ଦାବି କରାଯାଇଛି। ଦେବଗଡ ଜିଲା କୃଷକ ସଂଘ ଭାପତି ପ୍ରମୋଦ କୁମାର ଝାଙ୍କର, ବିଜୟ କୁମାର ପ୍ରଧାନ, ପବିତ୍ର ମୋହନ ପ୍ରଧାନ, ଆଇନ ଉପଦେଷ୍ଟା ବିଭୁତି ଗଙ୍ଗଦେବ, ବିନୋଦ ବିହାରୀ ନାୟକ, ମଦନ ବେହେରା ଓ ରାମକିଶନ ମୁଣ୍ଡାଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ମନ୍ତ୍ରୀ ପୂଜାରୀଙ୍କ ଗସ୍ତ ଅବସରରେ ସାକ୍ଷାତ କରି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ୨୦୨୪– ୨୫ ଖରିଫ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ପ୍ରେତ୍ୟକ ସବଡିଭିଜନରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଘୋଷଣା କରିଥିବାରୁ ଉପରୋକ୍ତ ସ୍ମାରକପତ୍ର ମାଧ୍ୟମରେ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଜିଲାସ୍ତରୀୟ ପୋଷଣ ମାସ ଉତ୍ସବ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଜିଲା ପରିଷଦ କୌଶିକ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ, ବରେଣ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ଯୋଗଦେଇଥିଲେ। ଅଧ୍ୟକ୍ଷ ଜିଲା ପରିଷଦ ପ୍ରଧାନ କହିଥିଲେ ଯେ, ଜିଲାରେ ଶିଶୁଙ୍କ ମଧ୍ୟରେ ଅପପୃଷ୍ଟି ରୋକିବା ଦିଗରେ ଖାଦ୍ୟର ବ୍ୟବହାରକୁ ନେଇ ପୋଷଣ ତତ୍ତ୍ୱର ଉପଯୋଗିତା ନିମନ୍ତେ ମିଲେଟର ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଶିଶୁଙ୍କୁ ଫାଷ୍ଟଫୁଡ୍‌ଠାରୁ ଦୂରେଇ ରଖିବା ଓ ଶାଗ, ମାଛ, ଛତୁଆ, ଅଣ୍ଡା, ସଜନା ଛୁଇଁର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ପୋଷଣ ମାସ ପାଳନ ଅବସରରେ ପ୍ରତି ଗାଁରେ ଜନସଚେତନତା ସୃଷ୍ଟି କରାଯିବା ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜିଲାର ଗ୍ରାମାଞ୍ଚଳରେ ମା' ଓ ଶିଶୁଙ୍କ ଅପପୃଷ୍ଟି ଖାଦ୍ୟ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବ୍ଲକର ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଛାତ୍ରୀଛାତ୍ରଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, କୋର୍ଡିନେଟର ପୋଷଣ ମନୋଜ କୁମାର ଆଚାର୍ଯ୍ୟ, ଜିଲା ପ୍ରୋଗ୍ରାମ କୋର୍ଡିନେଟର ମମତା ସନ୍ତୋଷ କୁମାର ରଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ସହକାରୀ କୃଷି ଅଧିକାରୀ, ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପୋଷଣ ମାସ ଉତ୍ସବରେ ଉପସ୍ଥିତ ଅତିଥି।

# ଦେବଗଡ଼ କେନ୍ଦୁପତ୍ର ଡିଭିଜନର ଡିଭିଜନସ୍ତରୀୟ ବୈଠକ

ଦେବଗଡ଼,୨୪।୯(ଶଶାଙ୍କ ଶେଖର ଝାଙ୍କର)



ବୈଠକରେ ଉପସ୍ଥିତ କେନ୍ଦୁପତ୍ର ଡିଭିଜନ କର୍ମକର୍ତ୍ତା, ଶ୍ରମିକ ଓ ତୋଳାଳି।

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତ ନିବାସଠାରେ ଦେବଗଡ଼ କେନ୍ଦୁପତ୍ର ଡିଭିଜନର ଡିଭିଜନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଡିଭିଜନର ବିଭିନ୍ନ ସମସ୍ୟା ଉପରେ ଯେପରିକି କନ୍ୟା ବିବାହ ସହାୟତା ଜୁନରୁ କାର୍ଯ୍ୟକାରୀ କରିବାକୁ, ଡ୍ରାଇଂ ଷ୍ଟୋରେଜର ମୂଲ୍ୟ ଠିକ ଭାବେ ନ ମିଳିବା, ସର୍ବନିମ୍ନ ମଜୁରିକୁ ଆଧାର କରି କେନ୍ଦୁପତ୍ରର ମୂଲ୍ୟ ବୃଦ୍ଧି, ସର୍ବନିମ୍ନ ମଜୁରୀ ଆଧାର କରି ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ଭଳି ସାମୂହିକ ସମସ୍ୟାଗୁଡ଼ିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଆଗାମୀ ଆଗାମୀ ୨୭ ତାରିଖରେ ଭୁବନେଶ୍ୱର ପିସିସିଏଫଙ୍କ ସହିତ ଉପୋରୋକ୍ତ ଦାବିଗୁଡ଼ିକ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ପ୍ରତ୍ୟେକ ରେଞ୍ଜରେ ରେଞ୍ଜସ୍ତରୀୟ ବୈଠକ କରି ଫଡ଼ିସ୍ତରରୁ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଛି। ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ମୋହମଦ ମୂର୍ତୁଜା, ରାଜ୍ୟ ସଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି ଓ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରାସାଦ ନାୟକ, ସଂଘ କର୍ମକର୍ତ୍ତା ଦେବଜ୍ୟୋତି ପଟ୍ଟନାୟକ, ମିଡ଼ିଆ ସଂଯୋଜକ ସୁମିତ୍ ପଟେଲ ଓ କାର୍ଯ୍ୟାଳୟ ସହାୟକ ଚିତ୍ରସେନ ନାୟକଙ୍କ ଉପସ୍ଥିତିରେ ସମସ୍ତ ରେଞ୍ଜ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅରୁଣ ସାହୁ, ଛବିଳ ସ୍ୱାଇଁ, ହୃଦାନନ୍ଦ ପ୍ରଧାନ, ଜ୍ଞାନେନ୍ଦ୍ର ଗଡନାୟକ, ଗନ୍ଧର୍ବ ପ୍ରଧାନ, ମଦନ ମୋହନ ସାହୁ, ଧନେଶ୍ୱର ବେହେରା, ଗୋବିନ୍ଦ ଚନ୍ଦ୍ର ଗଡନାୟକ, ଦେବାନନ୍ଦ ଗଡନାୟକ, ଘନଶ୍ୟାମ ପ୍ରଧାନ, ଶଙ୍କର୍ଷଣ ସାହୁ, ଅନ୍ତର୍ଯ୍ୟାମି ସାହୁଙ୍କ ସହ ସମସ୍ତ ହେଡଚେକର, ସର୍କଲ ଚେକର, ଚେକର, ମୁନିସୀ, ଫଡ଼ି ସାଥୀ ଓ ବନ୍ଧେଇ ଶ୍ରମିକ ଓ ତୋଳାଳି ଉପସ୍ଥିତଥିଲେ।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

ଇଂ. ରଘୁନାଥ ଜଗଦଲା-ବୀରମହାରାଜପୁର (ସୁବର୍ଣ୍ଣପୁର)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଇଂ. ରଘୁନାଥ ଜଗଦଲା। ୨୦୨୪ ନିର୍ବାଚନରେ ସେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ୨୧,୯୪୬ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ପ୍ରଥମ ଥର ବିଧାୟକ ହୋଇଛନ୍ତି। ମୋଟ ୧ଲକ୍ଷ ୭୭ହଜାର ୮୧୦ଖଣ୍ଡ ଭୋଟରୁ ରଘୁନାଥ ୮୫, ୬୮୦ ପାଇଥିବା ବେଳେ ପଦ୍ମନାଭଙ୍କୁ ମିଳିଥିଲା ୬୩, ୭୩୪ ଭୋଟ।

ବୀରମହାରାଜପୁର ବ୍ଲକ କମିରା ଗ୍ରାମରେ ୧୧ ମାର୍ଚ୍ଚ ୧୯୭୩ରେ ରଘୁନାଥଙ୍କ ଜନ୍ମ। ମା' ଅଯୋଧ୍ୟା ଓ ବାପା କଷ୍ଟ ଜଗଦଲାଙ୍କ ୨ ପୁଅଙ୍କ ମଧ୍ୟରେ ସେ ବଡ଼। ରଘୁନାଥଙ୍କୁ ମାତ୍ର ୧୦ ବର୍ଷ ହୋଇଥିଲା ବେଳେ ମା' ଆରପାରିକୁ ଚାଲିଗଲେ। କମିରା ଓ ଯାଲୋଏ ଗାଁରେ ପ୍ରାଥମିକ ଶିକ୍ଷା ଏବଂ ସୋନପୁର ମହାରାଜା ହାଇସ୍କୁଲରେ ମାଟ୍ରିକ୍ ପରେ ସୋନପୁର କଲେଜରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷା କରିଥିଲେ। ଭୁବନେଶ୍ୱର ଓୟୁଏଟିରୁ କୃଷିରେ ବିଏସ୍‌ସି କରୁଥିବା ସମୟରେ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ସେ ମନ ବଳାଇଥିଲେ। ତେଣୁ ପ୍ରଥମ ବର୍ଷ ପଢ଼ା ସରିବା ପରେ ସେ ବୁର୍ଲା ଭିସୁଟ୍‌ରେ ମେକାନିକାଲ ଇଞ୍ଜିନିୟରିଂ ପଢ଼ିଥିଲେ। ପରେ ବମ୍ବେରେ ମେରାଇନ ଇଞ୍ଜିନିୟରିଂ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ କରିଥିଲେ। ୧୯୯୯ ମସିହାରେ ସେ ଭାରତ ସରକାରଙ୍କ ଶିପିଂ କର୍ପୋରେଶନ୍ ଅଫ୍ ଇଣ୍ଡିଆରେ ଚାକିରି ଆରମ୍ଭ କରିଥିଲେ। ୨୦୧୦ ମସିହାରେ ପଦୋନ୍ନତି ପାଇ ଶିପିଂ କର୍ପୋରେଶନର ମୁଖ୍ୟଯନ୍ତ୍ରୀ ହୋଇ ୨୦୧୧ ପର୍ଯ୍ୟନ୍ତ ସେ ସେଠାରେ କାର୍ଯ୍ୟ କରିଥିଲେ। ପରେ ସିଙ୍ଗାପୁରର ଶିପ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀରେ ମେରାଇନ ଚିପ୍ ଇଞ୍ଜିନିୟର ଭାବେ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଦୀର୍ଘ ୧୯ ବର୍ଷ ଚାକିରି ଜୀବନରେ ସେ ଆମେରିକା, ରୁଷିଆ, ଆର୍ଜେଣ୍ଟିନା, ୟୁକ୍ରେନ୍, କୁଏତ, ଦୁବାଇ, ସିଙ୍ଗାପୁର ଭଳି ୭୦ ରୁ ୮୦ ବିଦେଶୀ ରାଷ୍ଟ୍ର ବୁଲିଛନ୍ତି। ଖାଇବା ତେଲ, ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ଏଲ୍‌ପିଜି ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଜାହାଜରେ ପରିବହନ କରିଛନ୍ତି। ତେବେ ବିଦେଶରେ ଲୋକଙ୍କ ଉଚ୍ଚମାନର ଜୀବନଶୈଳୀ ଦେଖି ସେ ସମାଜସେବା ଓ ନିଜ ଅଞ୍ଚଳର ଲୋକଙ୍କ ଉନ୍ନତି ପାଇଁ ସ୍ୱପ୍ନ ଦେଖିଥିଲେ। ଉଚ୍ଚ ବେତନର ଚାକିରିକୁ ତ୍ୟାଗ କରି ୨୦୧୮ରେ ସେ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ରାଜନୀତିରେ ନବାଗତ ହୋଇଥିଲେ ହେଁ ୨୦୧୯ରେ ସେ ବୀରମହାରାଜପୁର ସଂରକ୍ଷିତ ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୨୦୨୪ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ଇତିହାସରେ ଭାଜପା ପ୍ରଥମ ଥର ବିଧାନସଭା ନିର୍ବାଚନରେ ଖାତା ଖୋଲିବାରେ ସକ୍ଷମ ହୋଇଛି।

**ବିଧାୟକ କୁହନ୍ତି..**

ଲୋକଙ୍କ ସେବା କରିବା ତାଙ୍କ ଲକ୍ଷ୍ୟ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀ ତାଙ୍କୁ ଅନୁପ୍ରାଣିତ କରିଥିଲା। ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିକାଶ କରିବା ପାଇଁ ସେ ରାଜନୀତିରେ ପ୍ରବେଶ କରିଥିଲେ। ଭାଜପା ତାଙ୍କୁ ସୁଯୋଗ ଦେଲା। ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ତାଙ୍କ ପାଇଁ ସଫଳତା ଆଣିଦେଇଛି। ଅଞ୍ଚଳର ଯୁବତୀଯୁବକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ଏବଂ କୃଷିର ବିକାଶ ପାଇଁ ସେ ଅଗ୍ରାଧିକାର ଦେବେ। ଏଠାରୁ ଏକାଧିକ ଥର ବିଧାୟକ ନିର୍ବାଚିତ ହୋଇଥିବା ପଦ୍ମନାଭ ବେହେରା ତତ୍କାଳୀନ ସରକାରରେ ମନ୍ତ୍ରୀ ଥିଲେ । କିନ୍ତୁ ଏହି ନିର୍ବାଚନମଣ୍ଡଳୀରେ ଶିଳ୍ପ ନାହିଁ କି ଜଳସେଚନର ବ୍ୟବସ୍ଥା ହୋଇପାରିନି। ରାଜ୍ୟର ଭାଜପା ସରକାର ଟେକ୍ସଟାଇଲ ମିଲ୍, ଶୀତଳଭଣ୍ଡାର ଓ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଚଳାଇଛନ୍ତି ବୋଲି ଜଗଦଲା କହିଛନ୍ତି।

**ରିପୋର୍ଟ-ମୃତ୍ୟୁଞ୍ଜୟ ଶତପଥୀ**

# ୨୩୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨୫ ଲକ୍ଷ ଭୋଟର



ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ରାଜୌରୀ ଜିଲାର ନୌଶେରାରେ ମଙ୍ଗଳବାର ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟାନ୍ୟ ନିର୍ବାଚନ ସାମଗ୍ରୀ ସଂଗ୍ରହ କରିବା ପରେ ଯାଞ୍ଚ କରୁଛନ୍ତି। ସୁରକ୍ଷା କର୍ମୀମାନେ ଜାଗତିଆର ରହିଛନ୍ତି।

**ଆଜି କଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ**

ଶ୍ରୀନଗର,୨୪।୯ (ପି.ଟି.)

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ୫ ଜିଲାର ୨୬ ଆସନରେ ୨୫ ଲକ୍ଷ ମତଦାତା ୨୩୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନକୁ ଅବାଧ ଓ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ନିର୍ବାଚନ କମିଶନ ୩,୫୦୨ଟି ମତଦାନ କେନ୍ଦ୍ର ସ୍ଥାପନ କରିଛନ୍ତି। ସେଥିରୁ ୧,୦୫୬ଟି ସହରାଞ୍ଚଳରେ ହୋଇଥିବାବେଳେ ୨,୪୪୬ଟି ଗ୍ରାମାଞ୍ଚଳରେ ରହିଛି। ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତା ପାଇଁ ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଅଧିକ ସଂଖ୍ୟାରେ ଭୋଟର ଯେପରି ବୁଥ୍‌କୁ ଆସି ଭୋଟ ଦେବେ, ସେଥିପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୧୫୭ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ର କରାଯାଇଛି। ୨୬ଟି ପିଙ୍କ୍ ବୁଥ୍‌କୁ ମହିଳାମାନେ ପରିଚାଳନା କରୁଥିବାବେଳେ ଭିନ୍ନକ୍ଷମଙ୍କ ଦ୍ୱାରା ଅନ୍ୟ ୨୬ଟି ବୁଥ୍ ପରିଚାଳିତ ହେବ। ୩୧ଟି ସୀମାନ୍ତ ପୋଲିଂ ଷ୍ଟେଶନ ହୋଇଥିବାବେଳେ ୨୬ଟି ଗ୍ରୀନ୍ ଏବଂ ୨୨ଟି ଅନନ୍ୟ ପୋଲିଂ ଷ୍ଟେଶନ ଖୋଲାଯାଇଛି। ମତଦାନ ସକାଳ ୭ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଜେକେପିସିସି ସଭାପତି ତାରିକ୍ ହମିଦ କାରା ଏବଂ ଭାଜପା ଜମ୍ମୁ-କଶ୍ମୀର ସଭାପତି ରବୀନ୍ଦ୍ର ରାଇନା। ଓମାର ଗଣ୍ଡେରବାଲ ଏବଂ ବଡ୍‌ଗାମ ଆସନରୁ ଲଢୁଥିବାବେଳେ କାରା କେନ୍ଦ୍ରୀୟ ଶାଲତେଙ୍ଗରୁ ଏବଂ ରାଇନା ରାଜୌରୀ ଜିଲାର ନାଓଶେରା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜେଲରେ ଥିବା ବିଚ୍ଛିନ୍ନତାବାଦୀ ନେତା ସର୍ଜନ ଅହମଦ ୱାଗି ଓରଫ ବର୍‌କତି ଦୁଇଟି ଆସନ ବୀରୱା ଏବଂ ଗଣ୍ଡେରବାଲରୁ ଲଢୁଛନ୍ତି। ରଶିଦ ଇଞ୍ଜିନିୟର ଭାବେ ଜଣାଶୁଣା ଶେଖ୍ ଅବଦୁଲ ରଶିଦ ତିହାର ଜେଲରେ ଥାଇ ଲୋକ ସଭା ନିର୍ବାଚନରେ ବାରମୁଲ୍ଲା ଆସନରୁ ଲଢ଼ିଥିଲେ। ସେ ଓମାରଙ୍କୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

# ପୂର୍ବ ସରକାରଙ୍କ ଯୋଜନାକୁ ଆଗେଇନେଲେ ପ୍ରଗତି ହେବ: ବିଜେଡି

## ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଓଡ଼ିଶାର ଦୁଇ ଦଶନ୍ଧିର ପ୍ରଗତିକୁ ପ୍ରଶଂସା

ଭୁବନେଶ୍ୱର,୨୪।୯(ଅନିଲ ଦାସ)




ଶଙ୍ଖଭବନଠାରେ ଖବରଦାତା ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଓ ସସ୍ମିତ ପାତ୍ର।

ନିକଟରେ ପ୍ରକାଶିତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଦିଆଯାଇଛି ଯେ ଗତ ଦୁଇ ଦଶନ୍ଧିରେ ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି; ଯାହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ଏହି ରିପୋର୍ଟ ବିଜୁ ଜନତା ଦଳ(ବିଜେଡି) ଦ୍ୱାରା ପ୍ରସ୍ତୁତ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ। ଏଥିରେ ଓଡ଼ିଶାର ଦୁଇ ଦଶନ୍ଧିର ସଫଳତାକୁ ଭୂରିଭୂରି ପ୍ରଶଂସା କରାଯାଇଛି। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ରାଜ୍ୟରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି ଭାଜପା ତରଫରୁ ଲଗାତର କରାଯାଉଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ବିଜେଡି ଜାତୀୟ ମୁଖପାତ୍ର ତଥା ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର କହିଛନ୍ତି।

ଶଙ୍ଖଭବନଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସଂତୃପ୍ତ କହିଛନ୍ତି, ମୁଣ୍ଡପିଛା ଆୟବୃଦ୍ଧି କ୍ଷେତ୍ରରେ ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟ ତୁଳନାରେ ଓଡ଼ିଶାର ଅଭିବୃଦ୍ଧି ହାର ସର୍ବାଧିକ । ଏହି ଅଭିବୃଦ୍ଧି ଓଡ଼ିଶା ସରକାରଙ୍କ ପାରଦର୍ଶୀ ନୀତି ଯୋଗୁ ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି । ରାଜ୍ୟର ଆପେକ୍ଷିକ ମୁଣ୍ଡପିଛା ଆୟ ଯାହା ୨୦୦୦ରେ ୫୫% ଥିଲା, ୨୦୨୪ ବେଳକୁ ତାହା ୮୮%କୁ ବୃଦ୍ଧିପାଇଛି। ଏହି ସମୟ ମଧ୍ୟରେ ଦେଶର ଜିଡିପିକୁ ବଡ଼ ରାଜ୍ୟଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତର ବୃଦ୍ଧିପାଇଛି। ୨୦୦୦-୦୧ରେ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ରହିଥିବା ବେଳେ ୨୦୨୩-୨୪ ବେଳକୁ ଏହା ୨.୮%କୁ ବୃଦ୍ଧିପାଇଛି। ଅପରପକ୍ଷରେ, ପଞ୍ଜାବର ଅବଦାନ ୩.୯%ରୁ ୨.୪%କୁ, ମହାରାଷ୍ଟ୍ରର ଅବଦାନ ୧୪%ରୁ ୧୩.୩%କୁ, ଦିଲ୍ଲୀର ୩.୭%ରୁ ୩.୬%କୁ, ପଶ୍ଚିମବଙ୍ଗର ୮.୨%ରୁ ୫.୬%କୁ, ଉତ୍ତରପ୍ରଦେଶର ଅବଦାନ ୧୦.୯% ରୁ ୯.୫%କୁ ଖସିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ଓଡ଼ିଶାର ଅଭିବୃଦ୍ଧିକୁ ଏକ ବଡ଼ ଉପଲବ୍ଧି ବୋଲି ଦର୍ଶାଯାଇଛି । ୨୦୦୦ରେ ନବୀନବାବୁ ରାଜ୍ୟ ଶାସନ ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଆର୍ଥିକ ସ୍ଥିତି ଦେବାଳିଆ ସ୍ଥିତିରେ ଥିଲା। ସେହି ସମୟରେ ରିଜର୍ଭ ବ୍ୟାଙ୍କ ପାଖରେ ଓଡ଼ିଶାର ପ୍ରାୟ ୧୪୪ କୋଟି ଟଙ୍କାର ଓଭରଡ୍ରାଫ୍ଟ ଥିଲା। ରିଜର୍ଭ ବ୍ୟାଙ୍କ ଏହି ଓଭରଡ୍ରାଫ୍ଟକୁ ଆଉ ଅଧିକ କରିବା ପାଇଁ ଅନୁମତି ଦେଇ ନ ଥିଲେ, ଯାହାଫଳରେ ରାଜ୍ୟ ସରକାରଙ୍କ ନିକଟରେ କାର୍ଯ୍ୟରତ ପ୍ରାୟ ୬ଲକ୍ଷ କର୍ମଚାରୀ ଓ ପେନ୍‌ସନଧାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ବିଳମ୍ବ ହେଉଥିଲା। ୨୦୦୦ରେ ଏକ ଦେବାଳିଆ ରାଜ୍ୟ ଭାବେ ପରିଚୟ ପାଇଥିବା ଓଡ଼ିଶା ନବୀନବାବୁଙ୍କ ନେତୃତ୍ୱରେ ଆର୍ଥିକ ଶୃଙ୍ଖଳା, ପ୍ରଶାସନିକ ପାରଦର୍ଶିତା ଓ ନୂତନ ଶିଳ୍ପନୀତି ମାଧ୍ୟମରେ ଏକ ରାଜସ୍ୱ ନିଅଣ୍ଟିଆ ରାଜ୍ୟରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଥିଲା । ୨୦୦୦ରେ ଓଡ଼ିଶା ୧୮,୦୦୦ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟିଆ ଥିଲାବେଳେ ୨୦୨୪ ବେଳକୁ ୪୮,୦୦୦ କୋଟି ଟଙ୍କାର ରାଜସ୍ୱ ବଳକା ହୋଇଛି। ସେହିପରି ରାଜ୍ୟର ମୁଣ୍ଡପିଛା ଆୟ ମାତ୍ର ୧୦,୨୧୧ ଟଙ୍କା ଥିଲାବେଳେ ଏହା ୨୦୨୪ ବେଳକୁ ୧,୬୧,୪୩୭ ଟଙ୍କାକୁ ବୃଦ୍ଧି ପାଇଥିବା ସଂକ୍ରାନ୍ତ ରିପୋର୍ଟରେ ଦର୍ଶାଯାଇଛି ବୋଲି ସଂତୃପ୍ତ କହିଛନ୍ତି। କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ସ୍ପଷ୍ଟ ଯେ, ଗତ ଦୁଇ ଦଶନ୍ଧିରେ ଓଡ଼ିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ସୁଦୃଢ଼ ରଖି ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟରେ ଅନୁକୂଳ ବାତାବରଣର ଆବଶ୍ୟକତା ରହିଛି। ରାଜ୍ୟର ଅଭିବୃଦ୍ଧିକୁ ବଜାୟ ରଖିବାକୁ ହେଲେ କେବଳ ନାମ ଓ ରଙ୍ଗ ପରିବର୍ତ୍ତନରେ ସୀମିତ ନ ରହି ନବୀନଙ୍କ ଯୋଜନାକୁ ଆଗେଇ ନେଲେ ରାଜ୍ୟ ପ୍ରଗତି ଜାରି ରହିବ ବୋଲି ସେ କହିଛନ୍ତି।

# ନବୀନ ବୁଲିଥିଲେ ବିଜେଡି ହାରି ନ ଥାଆନ୍ତା: ବଦ୍ରି

ଭୁବନେଶ୍ୱର,୨୪।୯(ଅନିଲ ଦାସ)

ନବୀନ ପଟ୍ଟନାୟକ ନ ବୁଲିବା ଯୋଗୁ ବିଜେଡିର ପରାଜୟ ହେଲା ବୋଲି ବିଜେଡିର ବରିଷ୍ଠ ନେତା ତଥା ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ବିଜୁ ଜନତା ଦଳର ସବୁ ସ୍ଥାନରେ ଭୋଟ୍ ଅଛି। କିନ୍ତୁ ନବୀନ ପଟ୍ଟନାୟକ ବୁଲିଲେ ନାହିଁ କି ସମୟ ଦେଇ ପାରିଲେ ନାହିଁ। ସେହି ଦୃଷ୍ଟିରୁ କେତେକ ସ୍ଥାନରେ ସଙ୍ଗଠନ କ୍ଷତିଗ୍ରସ୍ତ ହେଲା ଓ ବିଜେଡିର ଫଳାଫଳ ଖରାପ ହେଲା। ବିଜେଡିର ଭୋଟ୍ ଅଛି। ନବୀନ ପଟ୍ଟନାୟକ ଆଉଥରେ ବୁଲିଲେ ସଙ୍ଗଠନ ଫେରିଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ସେହିପରି ବିଜେଡି ପରାଜୟର କାରଣ ସମ୍ପର୍କରେ ନବରଙ୍ଗପୁର ବିଜେଡିର ପରାଜିତ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ କହିଥିବା ବିଷୟକୁ ନେଇ ଦଳ ଭିତରେ ଆଲୋଚନା ଆରମ୍ଭ ହୋଇଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ଶଙ୍ଖ ଭବନରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ଡାକି ସମୀକ୍ଷା କରିଥିଲେ। ଏହି ୨ ଜିଲାରେ ବିଜେଡି ପରାଜୟର କାରଣ କ'ଣ ବୋଲି ନବୀନ ପଚାରିଥିଲେ। ନବୀନଙ୍କ ଆଗରେ ପ୍ରଦୀପ ନବରଙ୍ଗପୁର ଜିଲାରେ ପରାଜୟର ୩ ବଡ଼ କାରଣ ରଖିଥିଲେ। ପ୍ରଥମ କାରଣ ହେଉଛି, ମେଣ୍ଟ ପ୍ରଚାର ଯୋଗୁ ସଂଖ୍ୟାଲଘୁଙ୍କ ମଧ୍ୟରେ ଦଳ ବିଶ୍ୱସନୀୟତା ହରାଇଲା। ଦ୍ୱିତୀୟରେ ନେତାଙ୍କ ମଧ୍ୟରେ ଥିବା ଅନ୍ତଃକନ୍ଦଳ ଓ ତୃତୀୟରେ ଖରାପ ନିର୍ବାଚନ ପରିଚାଳନା। ନିର୍ବାଚନ ଜିତିବା ନେଇ ଆଦୌ କୌଣସି ମେକାନିଜମ୍ ନ ଥିଲା, ଯେଉଁଥିପାଇଁ ବିଜେଡି ନିର୍ବାଚନ ହାରିଲା ବୋଲି ବିଜେଡି ସଭାପତିଙ୍କ ସମ୍ମୁଖରେ ପ୍ରଦୀପ କହିଥିବା ସୂଚନା ମିଳିଛି। ଗତ କିଛିଦିନ ହେବ ନବୀନ ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କୁ ଶଙ୍ଖ ଭବନକୁ ଡାକି ପରାଜୟର କାରଣ ଖୋଜିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନ କିପରି ଆହୁରି ମଜଭୁତ ହୋଇପାରିବ ସେ ନେଇ ଆଲୋଚନା କରୁଛନ୍ତି।

# ରୋହିଲା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ

ପାଲଲହଡ଼ା,୨୪।୯ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ରୋହିଲା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ୧୦ ଜଣ ୱାର୍ଡମେମ୍ବର ଆଗତ କରିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ପ୍ରକାଶ ଯେ, ପଞ୍ଚାୟତର ୧୫ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୧୦ ଜଣ ଗତ ଶନିବାର ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତିଙ୍କ ଦ୍ୱାରସ୍ଥ ହୋଇ ସରପଞ୍ଚ ଦିବ୍ୟଲୋଚନ ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳ ଅଭିଯୋଗ ଗ୍ରହଣ କରି ତଦନ୍ତ କରିଥିଲେ ମଧ୍ୟ ଅଭିଯୋଗକାରୀ ୱାର୍ଡମେମ୍ବରମାନେ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିଲେ। ଏପରି କି ଉପଜିଲାପାଳ ସେମାନଙ୍କୁ ନିର୍ଦ୍ଦିଷ୍ଟ ବୈଠକର ବିବରଣୀ ମାଗିଥିଲେ। ମାତ୍ର ୱାର୍ଡମେମ୍ବରମାନେ ଠିକ୍ ସମୟରେ ବୈଠକର ବିବରଣୀ ଦାଖଲ ନ କରି ଅଭିଯୋଗ ଉଠାଇ ନେବାକୁ ଉପଜିଲାପାଳଙ୍କୁ ନିବେଦନ କରିଥିଲେ। ଫଳରେ ଉପଜିଲାପାଳ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଥିଲେ। ଘଟଣା ସମ୍ପର୍କରେ ବ୍ଲକ ବିଜେଡି ମୁଖପାତ୍ର ଦିଲୀପ କୁମାର ଉଦାବଳ କହିଛନ୍ତି, ରୋହିଲା ସରପଞ୍ଚ ଦିବ୍ୟଲୋଚନ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମିଲ ହୋଇଥିଲେ। ତେଣୁ ଶାସକ ଭାଜପା ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ମାତ୍ର ସଂଖ୍ୟା ଗରିଷ୍ଠତା ନ ଥିବାରୁ ଅଭିଯୋଗକୁ ଉଠାଇ ନିଆଯାଇଛି। ପାଲଲହଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅସ୍ଥିରତା ସୃଷ୍ଟି କରି ବିକାଶକୁ ଦିଗହରା କରିବା ପାଇଁ ଭାଜପା ପକ୍ଷରୁ ଏପରି ଉଦ୍ୟମ କରାଯାଉଛି। ଆଗକୁ ଏହିପରି କରାଗଲେ ଲୋକେ ଉପଯୁକ୍ତ ଜବାବ ଦେବେ। ଅନ୍ୟପକ୍ଷରେ ବିଜେଡି ନେତାଙ୍କ ଏପରି ଅଭିଯୋଗକୁ ଭାଜପା ପକ୍ଷରୁ ଖଣ୍ଡନ କରାଯାଇଛି। ବରିଷ୍ଠ ନେତା ସରୋଜ କୁମାର ସାହୁ କହିଛନ୍ତି, ଏହା ଉକ୍ତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କ ନିଜସ୍ୱ ନିଷ୍ପତ୍ତି ହୋଇଥାଇପାରେ। ଏଥିରେ ଭାରତୀୟ ଜନତା ପାର୍ଟିର କୌଣସି ଭୂମିକା ନାହିଁ। ସରପଞ୍ଚ ଦିବ୍ୟାଲୋଚନଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

ଅନ୍ୟାନ୍ୟ ଖବର

# ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ କମିଟି ନିକଟରେ ସମସ୍ତେ ଅଭିଯୋଗ ଆଣିପାରିବେ: ମନ୍ତ୍ରୀ

ଭୁବନେଶ୍ୱର, ୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସକ୍ରିୟ ଭାବେ କାର୍ଯ୍ୟକ୍ଷମ ହେବ ଆଭ୍ୟନ୍ତରୀଣ ଅଭିଯୋଗ କମିଟି। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ କମିଟି ଗଠନ ହେବ। ଯେଉଁଠି ପୂର୍ବରୁ କମିଟି ରହିଛି, ତାହା ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ। ଏ ସମ୍ପର୍କରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, କେବଳ ଅଧ୍ୟାପିକାଅଧ୍ୟାପକ ନୁହନ୍ତି, ଛାତ୍ରୀଛାତ୍ର ଓ ଅନ୍ୟ କର୍ମଚାରୀ ମଧ୍ୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ କରିପାରିବେ। ସମସ୍ତ ଅଭିଯୋଗ ଭବିଷ୍ୟତ ପାଇଁ ରେକର୍ଡ ହୋଇ ରହିବ। ଥାନା ହେଉ ଅବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମାଧ୍ୟମରେ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିକଟକୁ ଅଭିଯୋଗ ଆସୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଛି। ତେଣୁ ବିଭାଗ ଆଗ ଜାଣିଲେ ଶୀଘ୍ର ପଦକ୍ଷେପ ନିଆଯିବ ଓ ଶିକ୍ଷାନୁଷ୍ଠାନରେ ହେଉଥିବା ସ୍ୱର୍ଶକାତର ଘଟଣା କମିଯିବ। ଯେଉଁ ଘଟଣା ଲୁଚି ଯାଉଥିଲା, ସେସବୁ ଉପରେ ଛାତ୍ରୀଛାତ୍ର ନିର୍ଭୟରେ କମିଟି ଆଗରେ କହିପାରିବେ। ସୂଚନାଯୋଗ୍ୟ, ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୭ଦିନ ମଧ୍ୟରେ କମିଟି ଗଠନ କରିବାକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ୧୬ ବିଶ୍ୱବିଦ୍ୟାଳୟ ଓ ୮୨୨ ମହାବିଦ୍ୟାଳୟକୁ ଏ ନିର୍ଦ୍ଦେଶ ଦିଆଯାଇଛି। ୩୦ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ରାଜ୍ୟରେ ପ୍ରାୟ ୩୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ କମିଟି ନାହିଁ। ଯେଉଁଠି ବି ଅଛି ତାହା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଶିକ୍ଷାନୁଷ୍ଠାନରେ ଯୌନ ଶୋଷଣ ସମ୍ପର୍କିତ ମାମଲା ବାରମ୍ବାର ନଜରକୁ ଆସୁଥିବାରୁ କମିଟି ଗଠନ ନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାହାରିବେ ଛାତ୍ରଦ୍ୟୋଗୀ

## ନର୍ଥଇଷ୍ଟର୍ନ ୟୁନିଭର୍ସିଟି ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)



ନର୍ଥଇଷ୍ଟର୍ନ ୟୁନିଭର୍ସିଟି ସହ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ।

ଛାତ୍ରାବସ୍ଥାରୁ ହିଁ ପିଲାମାନେ ଉଦ୍ୟୋଗୀ ବନିବେ। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବେ। ଦକ୍ଷ, କର୍ମଠ ଓ କୁଶଳୀ ଉଦ୍ୟୋଗୀ ସୃଷ୍ଟି ପାଇଁ ନୂତନ ଶିକ୍ଷାନୀତି-୨୦୨୪ ଯେଉଁ ସମ୍ଭାବନା ସୃଷ୍ଟି କରିଛି, ସେ କ୍ଷେତ୍ରରେ ଆଉ ପାଦେ ଆଗେଇଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଆମେରିକାର ବୋଷ୍ଟନସ୍ଥିତ ନର୍ଥଇଷ୍ଟର୍ନ ୟୁନିଭର୍ସିଟି ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏହା ଛାତ୍ରଦ୍ୟୋଗୀ ସୃଷ୍ଟି ହେବା ନିମନ୍ତେ ପ୍ରୋତ୍ସାହିତ କରିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଚୁକ୍ତି ଅନୁଯାୟୀ, ପ୍ରତି ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୦ଜଣ ଛାତ୍ରୀଛାତ୍ରଙ୍କୁ ଅଧିକ ଜ୍ଞାନ ଆହରଣ ପାଇଁ ଶୈକ୍ଷିକ ଗସ୍ତ ବା ଷ୍ଟଡି ଟୁର୍‌ରେ ନର୍ଥଇଷ୍ଟର୍ନ ୟୁନିଭର୍ସିଟିକୁ ପଠାଯିବ। ସେମାନେ ସେଠାରେ ନୂତନ ଜ୍ଞାନକୌଶଳ ଓ ଅଭିଜ୍ଞତା ହାସଲ କରିପାରିବେ। ଏ ସମ୍ପର୍କରେ ସୂଚନା ଦେଇ ପ୍ରଫେସର ଆଚାର୍ଯ୍ୟ କହିଛନ୍ତି, ନୂତନ ଶିକ୍ଷାନୀତି ଆଧାରରେ ବ୍ୟାବସାୟିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ଛାତ୍ରାବସ୍ଥାରୁ ପିଲାମାନେ ଦକ୍ଷତା ହାସଲ କରିପାରିବେ। ଏହା ସେମାନଙ୍କୁ ଭବିଷ୍ୟତରେ ଉଦ୍ୟୋଗୀ ହେବାରେ ସହାୟକ ହେବ। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଉଚ୍ଚତର ଅଭିଯାନ (ରୁଷା) ୨.୦ ପାଣ୍ଠିରୁ ଏଥିନିମନ୍ତେ ଖର୍ଚ୍ଚ କରାଯିବ। ଏହି ଅଭିଯାନରେ ଦେଶର ମୋଟ ୯ଟି ବିଶ୍ୱବିଦ୍ୟାଳୟକୁ ସାମିଲ କରାଯାଇଥିବାବେଳେ ଓଡ଼ିଶାରୁ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ୩ହଜାର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ୍ୟ ଏହାର ଲାଭ ଉଠାଇ ପାରିବେ।

# ଓଡ଼ିଶାରୁ ୪୦ ହଜାର କୋଟିର ଇଭି ପ୍ରକଳ୍ପ ସ୍ଥାନାନ୍ତର ଚର୍ଚ୍ଚା

- ଖଣ୍ଡନ କଲା ଜେଏସ୍‌ଡବ୍ଲ୍ୟୁ
- ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନେଉଛୁ: ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୨୪।୯
(ଅନୁରାଧା ମହାରଣା)

ଓଡ଼ିଶାରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ହେବାକୁ ଥିବା ପ୍ରାୟ ୪୦ ହଜାର କୋଟି ଟଙ୍କାର ବୈଦ୍ୟୁତିକ ଯାନ (ଇଭି) ଏବଂ ବ୍ୟାଟେରି ନିର୍ମାଣ କାରଖାନା ମହାରାଷ୍ଟ୍ରକୁ ସ୍ଥାନାନ୍ତର କରାଯିବାକୁ ଉଦ୍ୟମ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚାକୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ମଙ୍ଗଳବାର ଖଣ୍ଡନ କରାଯାଇଛି। ସେହିପରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନେଉଛୁ ବୋଲି ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି।

ଗତ ଫେବୃଆରୀରେ ଉପରୋକ୍ତ ପ୍ରକଳ୍ପ ନିମନ୍ତେ ଜେଏସ୍‌ଡବ୍ଲ୍ୟୁ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁସାରେ ଓଡ଼ିଶାର ପ୍ରଥମ ବିଦ୍ୟୁତ୍‌ଚାଳିତ ଗାଡି କାରଖାନା କଟକର ନରାଜଠାରେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ୪୦ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏଥିରେ ୧୧ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ନରାଜଠାରେ କମ୍ପାନୀକୁ ୯ଶହ ଏକର ଜମି ଯୋଗାଇ ଦିଆଯାଇଛି। ସେହିପରି ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଇଭି ପାଇଁ ବ୍ୟାଟେରି ନିର୍ମାଣ କରିବ। ମାତ୍ର କମ୍ପାନୀ ଦୁଇ ପ୍ରକଳ୍ପକୁ ମହାରାଷ୍ଟ୍ରରେ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଥିବା ଗତ କିଛିଦିନ ହେଲା ଚର୍ଚ୍ଚା ହେଉଛି।

ଶିଳ୍ପମନ୍ତ୍ରୀ ସ୍ୱାଇଁ କହିଛନ୍ତି, କମ୍ପାନୀ ପ୍ରସ୍ତାବ ପ୍ରତ୍ୟାହାର କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ମାତ୍ର ଜେଏସ୍‌ଡବ୍ଲ୍ୟୁ ତା'ର ପ୍ରସ୍ତାବିତ ଇଭି ପ୍ରକଳ୍ପକୁ ସ୍ଥାନାନ୍ତର କରିବା ନେଇ ରାଜ୍ୟ ସରକାରଙ୍କୁ କିଛି ଅବଗତ କରିନାହିଁ। କମ୍ପାନୀର ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ସେମାନେ ପ୍ରକଳ୍ପରୁ ଓହରିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ପୁଞ୍ଜିନିବେଶକମାନେ ନିଜର ଆବଶ୍ୟକତା ଓ ସାମର୍ଥ୍ୟକୁ ଦେଖି ନିଷ୍ପତ୍ତି ନେଇଥାନ୍ତି। ଇଭି ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହୋଇଛି, ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ହେଉଥିବା ଚର୍ଚ୍ଚା ନେଇ ମଙ୍ଗଳବାର ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀର କାର୍ଯ୍ୟନିର୍ବାହୀ ଉପସଭାପତି (କର୍ପୋରେଟ୍ ଷ୍ଟ୍ରାଟେଜି) ରଞ୍ଜନ କୁମାର ନାୟକ କହିଛନ୍ତି, ଓଡ଼ିଶାରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଇଭି ଉତ୍ପାଦନ କେନ୍ଦ୍ର ପ୍ରକଳ୍ପ ପ୍ରସ୍ତାବକୁ ଜେଏସ୍‌ଡବ୍ଲ୍ୟୁ ପ୍ରତ୍ୟାହାର କରିନାହିଁ।

## ଶେୟାର ବଜାର ନିବେଶକ ନିରୁତ୍ସାହିତ

ମୁମ୍ବାଇ,୨୪।୯

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪.୫୭ ପଏଣ୍ଟ କମି ୮୪,୯୧୪.୦୪ ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧.୩୫ ପଏଣ୍ଟ ବୃଦ୍ଧି ଘଟି ୨୫,୯୪୦.୪୦ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ରତନ ଜିନ୍ଦଲଙ୍କୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏକ୍‌ଜିକ୍ୟୁଟିଭ୍ ଅଫ୍ ଦି ଇୟର ଆୱାର୍ଡ

ନୂଆଦିଲ୍ଲୀ,୨୪।୯


ରତନ ଜିନ୍ଦଲ

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧ୍ୟକ୍ଷ ରତନ ଜିନ୍ଦଲଙ୍କୁ ନିକଟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏକଜିକ୍ୟୁଟିଭ୍ ଅଫ୍ ଦି ଇୟର ଆୱାର୍ଡରେ ସମ୍ମାନିତ କରାଯାଇଛି। ଏପରିକି ବିଶ୍ୱସ୍ତରରେ ରତନଙ୍କ ଅସାଧାରଣ ନେତୃତ୍ୱ, ରଣନୀତିକ ଦୃଷ୍ଟିକୋଣ ଏବଂ ଅତୁଟ ପ୍ରତିବଦ୍ଧତା ସହ ଜିନ୍ଦଲ ଷ୍ଟେନ୍‌ଲେସର ସଫଳତା ଓ ଷ୍ଟେନ୍‌ଲେସ୍ ଷ୍ଟିଲ ଇଣ୍ଡଷ୍ଟ୍ରିରେ ଉଲ୍ଲେଖନୀୟ ଅବଦାନ ପାଇଁ ଷ୍ଟିଲ ଓ ମେଟାଲ ମାର୍କେଟ ରିସର୍ଚ୍ଚ (ଏସ୍‌ଏମ୍‌ଆର୍) ଜିଏମବିଏଚ୍ ଭଳି ଏକ ଅନ୍ତର୍ଜାତୀୟ ସ୍ୱାଧୀନ ବଜାର ଗବେଷଣା ସଙ୍ଗଠନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଇଟାଲୀର ରୋମ୍‌ଠାରେ ଆୟୋଜିତ ଏକ ୩ଦିନିଆ ଅନ୍ତର୍ଜାତୀୟ ଷ୍ଟେନ୍‌ଲେସ୍ ଆଣ୍ଡ ସ୍ପେଶାଲ ଷ୍ଟିଲ୍ ସମ୍ମିଳନୀ-୨୦୨୪ରେ ଏହି ପୁରସ୍କାର ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏ ନେଇ ରତନ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏକ୍‌ଜିକ୍ୟୁଟିଭ୍ ଅଫ୍ ଦି ଇୟର ପୁରସ୍କାର ଗ୍ରହଣକରି ମୁଁ ବେଶ୍ ଉତ୍ସାହିତ ଅଛି। ଏପରିକି ଏହା ମୋ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ଗତ ୫୪ ବର୍ଷର ଅବିଶ୍ୱସନୀୟ ଯାତ୍ରାର ଏହା ଏକ ପ୍ରତିଫଳନ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଏହି ଯାତ୍ରାରେ ସାମିଲ ହୋଇଥିବା ମୋ ଟିମ୍ ଏବଂ ସହକର୍ମୀ, ପାର୍ଟନର ଏବଂ ଗ୍ରାହକମାନଙ୍କୁ ମୁଁ ହୃଦୟରୁ କୃତଜ୍ଞତା ଜଣାଇବାକୁ ଚାହୁଁଛି। ଏହି ପୁରସ୍କାର ପାଇବା ପଛରେ ସେମାନଙ୍କର ବି ସେତିକି ଅବଦାନ ରହିଛି। ସେମାନଙ୍କ କଠିନ ପରିଶ୍ରମ, ନିଷ୍ଠା ଏବଂ ମିଳିତ କାର୍ଯ୍ୟଦକ୍ଷତା ଉପରେ ଦୃଢ଼ ବିଶ୍ୱାସ ଯୋଗୁ ଆମେ ଆଜି ଏଠାରେ ପହଞ୍ଚିପାରିଛୁ। ଏମାନେ ସମସ୍ତେ କେବଳ ମୋ ଯାତ୍ରାକୁ ସମ୍ଭବ କରିନାହାନ୍ତି ବରଂ ସଫଳ ମଧ୍ୟ କରିଛନ୍ତି।

## ଇ ପ୍ଲାଟ୍‌ଫର୍ମରେ ମିଳିବ ଦୁଇଚକିଆ ଯାନ

ନୂଆଦିଲ୍ଲୀ,୨୪।୯

ବର୍ତ୍ତମାନ ଗ୍ରାହକ ଘରେ ବସି ଇ ପ୍ଲାଟ୍‌ଫର୍ମ ଜରିଆରେ ଉଭୟ ପେଟ୍ରୋଲଚାଳିତ ଏବଂ ବୈଦ୍ୟୁତିକ (ଇଭି) ବ୍ରାଣ୍ଡର ଦୁଇଚକିଆ ଯାନଗୁଡ଼ିକୁ ଚୟନ କରିପାରିବେ। ଏ ନେଇ ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ଦୁଇଚକିଆ ଯାନର ଶପିଙ୍ଗ୍ ଅନୁଭୂତିକୁ ପୁନଃ ବ୍ୟାଖ୍ୟାକରି ପାର୍ବଣଋତୁ ପାଇଁ ପ୍ରସ୍ତୁତ ହୋଇଛି। ଏପରିକି ହିରୋ, ବଜାଜ, ଟିଭିଏସ୍, ଓଲା, ଚେତକ, ଜାୱା, ୟେଜ୍‌ଦି, ଭିଡା, ଆଥର ଭଳି ଅଗ୍ରଣୀ ବ୍ରାଣ୍ଡଗୁଡ଼ିକର ପେଟ୍ରୋଲ ଓ ବୈଦ୍ୟୁତିକ ଦୁଇଚକିଆ ଯାନଗୁଡ଼ିକର ଏକ ବିବିଧ ମିଶ୍ରଣ ପ୍ଲାଟ୍‌ଫର୍ମ ଜରିଆରେ ପ୍ରଦାନ କରୁଛି। ସେହିଭଳି ୭୦୦ରୁ ଅଧିକ ସହର ଏବଂ ୧୨,୦୦୦ରୁ ଊର୍ଦ୍ଧ୍ୱ ପିନ୍‌କୋଡ୍‌କୁ କଭର କରୁଥିବା ଏକ ବିସ୍ତୃତ ପହଞ୍ଚ ସହିତ ପ୍ଲାଟ୍‌ଫର୍ମ ଦେଶବ୍ୟାପୀ ଗ୍ରାହକଙ୍କୁ ଅତୁଳନୀୟ ସୁବିଧା,ସୁଲଭତା ଓ ନିର୍ଭରଶୀଳତା ପ୍ରଦାନ କରୁଛି। ଏପରିକି ଗ୍ରାହକମାନେ ଆକ୍ସିସ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଉପରେ ୫% ଅସୀମିତ କ୍ୟାଶ୍‌ବ୍ୟାକ ସମେତ ସୁଲଭ ଋଣ ବିକଳ୍ପ, ଅଗ୍ରଣୀ ବ୍ୟାଙ୍କଗୁଡ଼ିକରୁ ସ୍ୱତନ୍ତ୍ର ଡିଲ୍ ଓ ସୁପର କଏନ ମାଧ୍ୟମରେ ଲୟାଲ୍ଟି ଲାଭରୁ ଲାଭାନ୍ୱିତ ହୋଇପାରିବେ,ଯାହା ଏହି ପ୍ରକ୍ରିୟାକୁ ଅଧିକ ପ୍ରୋତ୍ସାହିତ କରୁଛି।

ଏ ସମ୍ପର୍କରେ ଫ୍ଲିପ୍‌କାର୍ଟ ଇଲେକ୍‌ଟ୍ରୋନିକ୍ସ ବିଭାଗର ଉପାଧ୍ୟକ୍ଷ ଜଗ୍‌ଜିତ ହାରୋଡେ କହିଛନ୍ତି, ଆମେ ଆମର ଗ୍ରାହକଙ୍କ ପାଇଁ ଦୁଇଚକିଆ ଯାନର ଶପିଙ୍ଗ୍ ଅନୁଭୂତିକୁ ରୂପାନ୍ତର କରିବା ପାଇଁ ଉତ୍ସର୍ଗୀକୃତ ରହିଛୁ। ଏପରିକି ସୁଲଭତା, ବିଶ୍ୱସନୀୟତା ଓ ଏକ ବିସ୍ତୃତ ଚୟନ ମାଧ୍ୟମରେ ଚମତ୍କାର ମୂଲ୍ୟ ପ୍ରଦାନ କରି ଫ୍ଲିପ୍‌କାର୍ଟ ଦୁଇଚକିଆ ଯାନ କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ଉତ୍କୃଷ୍ଟ ଗନ୍ତବ୍ୟସ୍ଥଳୀ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ସେହିଭଳି ଆମର ରେଞ୍ଜ ଉଭୟ ପେଟ୍ରୋଲ ଓ ଇଲେକ୍‌ଟ୍ରିକ ଦୁଇଚକିଆ ଯାନ ଉତ୍ସାହୀଙ୍କ ଆବଶ୍ୟକତାକୁ ପୂରଣ କରୁଛି। ଏପରିକି ଆମେ ଆମର ଗ୍ରାହକଙ୍କୁ ଆତ୍ମବିଶ୍ୱାସର ସହ ସୂଚିନ୍ତିତ ନିଷ୍ପତ୍ତି ନେବା ପାଇଁ ସଶକ୍ତ କରୁଥିବା ଅଭିନବ ଫିଚରଗୁଡ଼ିକର ଶୁଭାରମ୍ଭ କରିଛୁ। ଫ୍ଲିପ୍‌କାର୍ଟରେ କ୍ୟାଟାଗୋରି ଏକ୍ସପେରିଏନ୍ସେସ ପ୍ରଡକ୍ଟ ବିଭାଗର ମୁଖ୍ୟ ରବି କ୍ରିଷ୍ଣନ କହିଛନ୍ତି, ଆମର ପ୍ଲାଟ୍‌ଫର୍ମ ଗୋଟିଏ ସ୍ଥାନରେ ବୀମା ଓ ପଞ୍ଜୀକରଣ ସମେତ ବିସ୍ତୃତ ଓ ଉପଭୋକ୍ତା ଅନୁକୂଳ ଅନ୍-ରୋଡ୍ ମୂଲ୍ୟ ପ୍ରଦାନ କରୁଛି। ଗ୍ରାହକମାନେ ନିଜ ଘରର ଆରାମରୁ ବୀମା, ପଞ୍ଜୀକରଣ ଓ ଋଣ ଆଦି ସମଗ୍ର କ୍ରୟ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବେ। ଯାହାକି ଏକ୍ସପର୍ଟ ଅଡିଓ/ଭିଡିଓ ମାର୍ଗଦର୍ଶନ ଦ୍ୱାରା ସମର୍ଥିତ ରହିଛି, ଏହାଛଡା ୩ଡି ଓ ଅଗ୍‌ମେଂଟେଡ ରିୟଲିଟି ଭଳି ଆଡ୍‌ଭାନ୍ସଡ ଫିଚରଗୁଡ଼ିକ ଗ୍ରାହକଙ୍କୁ ନିଜ ପରିବେଶରେ ଦୁଇଚକିଆ ଯାନଗୁଡ଼ିକୁ ଦେଖିବାକୁ ସକ୍ଷମ କରିବ, ଯାହା ଏକ ଅଧିକ ସୂଚିନ୍ତିତ ଓ ଉନ୍ନତ ସପିଂ ଅନୁଭୂତି ସୁନିଶ୍ଚିତ କରିଥାଏ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଗଷ୍ଟ ମାସରେ ଫ୍ଲିପ୍‌କାର୍ଟରେ ଦୁଇଚକିଆ ଯାନଗୁଡ଼ିକ ପାଇଁ ଚାହିଦା ୬ଗୁଣ ବୃଦ୍ଧି ପାଇଛି। କମ୍ୟୁଟର,ସ୍କୁଟର ଓ ବିଶେଷ କରି ଇଲେକ୍‌ଟ୍ରିକ ସେଗ୍‌ମେଣ୍ଟରେ ପ୍ରିମିୟମ ଟୁହ୍ୱିଲରପାଇଁଅଭିବୃଦ୍ଧିଯଥେଷ୍ଟବୃଦ୍ଧିପାଉଛି।

## ରାଜ୍ୟରେ ବ୍ୟାଙ୍କିଙ୍ଗ୍ ସେବା ବିସ୍ତାର କରିବ ପିଏନ୍‌ବି




ଭୁବନେଶ୍ୱର,୨୪।୯(ଅଭୟ ଦାଶ)

ଗ୍ରାହକମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ତଥା ରାଜ୍ୟରେ ବ୍ୟାଙ୍କିଙ୍ଗ୍ ସେବାକୁ ବିସ୍ତାରକରିବା ପାଇଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ନିକଟରେ ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟକୁ ଦୁଇଦିନିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଯାଜପୁର ଜିଲାର ଗ୍ରାହକମାନଙ୍କ ସହ ଭାବାନୁପ୍ରଦାନ କାର୍ଯ୍ୟକ୍ରମ ସହ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା। ସେଠାରେ ସେ ଉଭୟ ବର୍ତ୍ତମାନ ଓ ସମ୍ଭାବ୍ୟ ଗ୍ରାହକଙ୍କ ସହ ଜଡ଼ିତ ହୋଇଥିଲେ ଓ ସମାଜ ସହିତ ଦୃଢ଼ ସମ୍ପର୍କ ସ୍ଥାପନ ପାଇଁ ପିଏନ୍‌ବିର ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲେ। ତାଙ୍କ ଗସ୍ତ ଅବସରରେ ସେ ଭଦ୍ରକ ଜିଲାର ଶାଖା କାର୍ଯ୍ୟାଳୟ ମତୋ ଓ ନାଲଗୁଣ୍ଡା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେଇ ୫୦ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୫ କୋଟିର ଋଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ସମ୍ବୋଧିତକରି କହିଥିଲେ, ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ସେମାନଙ୍କ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଏଚ୍‌ଜି ସଦସ୍ୟଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସେ ଅବଗତ କରାଇଥିଲେ। ରାଜେଶ କୁମାର ମଧ୍ୟ ବାଲେଶ୍ୱରଠାରେ ଆୟୋଜିତ ଏକ ଗ୍ରାହକ ସମ୍ମିଳନୀରେ ଯୋଗଦେଇ ପିଏନ୍‌ବିର ଗ୍ରାହକ କେନ୍ଦ୍ରିକ ପଦକ୍ଷେପ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ସେ ପତ୍ରୁଆଁପଡ଼ାଠାରେ ଏକ ନୂତନ ଏଟିଏମ୍‌ର ଉଦ୍‌ଘାଟନ କରିଥିଲେ ଏବଂ ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ। ତାଙ୍କ ଗସ୍ତର ଦ୍ୱିତୀୟ ଦିବସରେ ସେ ପ୍ରମୁଖ ସମୁଦ୍ର ଖାଦ୍ୟ ରପ୍ତାନିକାରୀମାନଙ୍କ ସହ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ଆକ୍ୱା କଲ୍‌ଚର କ୍ଲଷ୍ଟରର ସୁଯୋଗ ଉପରେ ଆଲୋଚନା କରିଥିଲେ। ସେ ମଧ୍ୟ ନୂତନ ବ୍ୟବସାୟିକ ସମ୍ଭାବନାରେ ବାସୁଦେବପୁର ଓ ଧାମରା ବନ୍ଦର ଗସ୍ତ କରିଥିଲେ। ପ୍ରମୁଖ ହିତାଧିକାରୀଙ୍କ ସହ ସମ୍ପର୍କ ବଜାୟ ରଖିବା ଓ ସ୍ଥାନୀୟ ଅଞ୍ଚଳରେ ପିଏନ୍‌ବିର ବ୍ୟବସାୟ ବୃଦ୍ଧି କରିବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ୟାଙ୍କର ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।ଆଞ୍ଚଳିକ ପ୍ରବନ୍ଧକଙ୍କ ଗସ୍ତ ବାଲେଶ୍ୱର ଅଞ୍ଚଳରେ ବ୍ୟବସାୟିକ ଅଭିବୃଦ୍ଧି ଆଣିବାରେ ସାହାଯ୍ୟ କରିବ ବୋଲି ବିଶ୍ୱାଳ ପ୍ରକାଶ କରିଥିଲେ।

## ଏଡିଟିର ଆକର୍ଷଣୀୟ ଟିଭି ଅଫର

ନୂଆଦିଲ୍ଲୀ,୨୪।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏୟାରଟେଲ ଗ୍ରୁପ୍‌ର ସହାୟକ କମ୍ପାନୀ ଏୟାରଟେଲ ଡିଜିଟାଲ ଟିଭି(ଏଡିଟି)ର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ଟିଭି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ଗ୍ରାହକମାନେ ଆମାଜନ ପ୍ରାଇମର ଅନେକ ସୁବିଧା ପାଇପାରିବେ।

ସେହିଭଳି ଏୟାରଟେଲ ଡିଜିଟାଲ ଟିଭି ଏବଂ ଆମାଜନ ପ୍ରାଇମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ସହଭାଗିତା) ନିକଟରେ ହୋଇଯାଇଛି। ଏପରିକି ଏହାର ଅଲ୍‌ଟିମେଟ୍ ତଥା ଆମାଜନ ପ୍ରାଇମ ଲାଇଟ ଯୋଜନାର ଅଂଶ ବିଶେଷ ଭାବେ ଟିଭି ଏବଂ ପ୍ରାଇମ ଲାଇଟର ଅନେକ ସୁବିଧା ପ୍ରଦାନ କରିବ। ଏହି ଯୋଜନାର ଗ୍ରାହକମାନେ ପ୍ରାଇମ ଭିଡିଓରୁ ଦୁଇଟି ଏଚ୍‌ଡି ମାନକର ଅତୁଳନୀୟ ଆମୋଦପ୍ରମୋଦର ଆନନ୍ଦ ତଥା ଅତିରିକ୍ତ ଭାବେ ଲିନର ଟିଭି ଚାନେଲଗୁଡ଼ିକୁ ଉପଭୋଗ କରିପାରିବେ।

ପ୍ରାଇମ ଲାଇଟର ଗ୍ରାହକମାନେ ମଧ୍ୟ ଏଥିରେ ଅନ୍ୟାନ୍ୟ ପ୍ରାଇମ ସୁବିଧା ଯଥା ମାଗଣାରେ ଅସୀମିତ ସେହି ଦିନର ୧୦ ଲକ୍ଷ ଉତ୍ପାଦନର ଆନନ୍ଦତା ତଥା ପରବର୍ତ୍ତୀ ଦିନରେ ୪୦ ଲକ୍ଷରୁ ଅଧିକ ଉତ୍ପାଦନର ଆନନ୍ଦତା ଆମାଜନ ମାଧ୍ୟମରେ ପାଇପାରିବେ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ସିଇଓ (ଏୟାରଟେଲ ଡିଜିଟାଲ ଟିଭି) ସିଦ୍ଧାର୍ଥ ଶର୍ମା କହିଛନ୍ତି, ମୋବାଇଲ ଆମୋଦପ୍ରମୋଦତାର ବୃଦ୍ଧି ପାଉଥିବା ଦାବି ଆମକୁ ଏହିଭଳି ଟିଭିର ଅଫର ଓ ଗ୍ରାହକମାନଙ୍କୁ ଯେକୌଣସି ସମୟ ଏବଂ ସ୍ଥାନରେ ସୁବିଧାଗୁଡ଼ିକୁ ପ୍ରଦାନ କରିବା ପାଇଁ ବାଧ୍ୟ କରି ଦେଉଛି। ଏପରିକି ଆମାଜନ ପ୍ରାଇମ ସହିତ ଆମର ସହଭାଗିତା ଏହି ପ୍ରସଙ୍ଗକୁ ଆହୁରି ଅଧିକ ଆଗକୁ ନେବା ସହ ଆମର ଘରୋଇ ଆମୋଦପ୍ରମୋଦର ବିବିଧତାକୁବହୁମାତ୍ରାରେ ବୃଦ୍ଧିକରିବା ସାଙ୍ଗକୁ ଏହି ସେବା ଲୋକମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଆମେ ଅତି ଉତ୍ସାହର ସହିତ ଆମର ପ୍ରିୟ ଗ୍ରାହକମାନଙ୍କୁ ଅତୁଳନୀୟ ଆମୋଦପ୍ରମୋଦର ଅଭିଜ୍ଞତା ସହ ବିଶେଷ ଭାବେ ଓଡ଼ିଆ ପ୍ରସଙ୍ଗ ପାଇଁ ଆମର ମୂଲ୍ୟ ସର୍ବନିମ୍ନ ୪୩୭ ଟଙ୍କାରୁ ଆରମ୍ଭ କରିଛୁ।

ଫୁର୍‌ସତ୍

# ପ୍ରତି ଘରେ ଆଇଏଏସ୍, ଆଇପିଏସ୍

ଲକ୍ଷ୍ନୌ

### ଚର୍ଚ୍ଚାରେ ଉତ୍ତରପ୍ରଦେଶର ମାଧୋପଟ୍ଟି ଗ୍ରାମ



ସମ୍ପ୍ରତି ସରକାରୀ ଚାକିରି ପାଇବା ଅନେକଙ୍କ ପାଇଁ କାଠିକର ହୋଇପଡ଼ିଛି। ଆଇଏଏସ୍ ଏବଂ ଆଇପିଏସ୍ ହେବାକୁ ବହୁ ଛାତ୍ରୀଛାତ୍ର ସ୍ୱପ୍ନ ଦେଖୁଥିଲେ ମଧ୍ୟ ପ୍ରତିଯୋଗିତାର ସ୍ତର ଦିନକୁ ଦିନ ବଢ଼ୁଥିବାରୁ ଅଧିକାଂଶ ଛାତ୍ରୀଛାତ୍ର ନିଜର ସ୍ୱପ୍ନ ପୂରଣ କରିବାରେ ବିଫଳ ହେଉଛନ୍ତି। ତେବେ ଉତ୍ତରପ୍ରଦେଶର ଯୌନପୁର ଜିଲା ମାଧୋପଟ୍ଟି ଗ୍ରାମ ଏଥିରେ ବ୍ୟତିକ୍ରମ ସାଜିଛି। ଆଇଏଏସ୍ ଓ ଆଇପିଏସ୍‌ଙ୍କ ଫ୍ୟାକ୍ଟ୍ରି କୁହାଯାଇଥିବା ଏହି ଗ୍ରାମରେ ପ୍ରାୟ ୧୦୦ ପରିବାର ରହୁଥିବାବେଳେ ସେଥିମଧ୍ୟରୁ ୫୧ ଜଣ ଆଇଏଏସ୍, ଆଇପିଏସ୍, ଆଇଆରଏସ୍ ଅଫିସର ଭାବେ ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଛନ୍ତି।

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରୁ ୩୦୦ କିଲୋମିଟର ଏବଂ ଯୌନପୁର ଜିଲା ମୁଖ୍ୟାଳୟରୁ ପ୍ରାୟ ୧୧ କିମି ଦୂରରେ ମାଧୋପଟ୍ଟି ଗ୍ରାମ ଅବସ୍ଥିତ। ୧୯୫୨ରେ ଡ. ଇନ୍ଦୁପ୍ରକାଶ ଏହି ଗ୍ରାମରେ ପ୍ରଥମ ଥର ପାଇଁ ଆଇଏଏସ୍ ପାଇଥିଲେ। ସେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଗାଁର ନାଁ ଗୌରବମୟ କରିଥିଲେ। ଇନ୍ଦୁପ୍ରକାଶ ଫ୍ରାନ୍ସ ସମେତ ଅନେକ ଦେଶର ରାଷ୍ଟ୍ରଦୂତ ଭାବରେ ରୂପେ କାର୍ଯ୍ୟ କରିଥିଲେ। ୧୯୬୪ରେ ଗ୍ରାମର ଛତ୍ରସାଲ ସିଂ ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସେ ପରବର୍ତ୍ତୀ ସମୟରେ ତାମିଲନାଡୁର ମୁଖ୍ୟ ସଚିବ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୯୫ରେ ଏହି ଗ୍ରାମର ବିନୟ ସିଂ ଆଇଏଏସ୍ ପାଇଲେ। ସର୍ବଭାରତୀୟ ସ୍ତରରେ ତାଙ୍କୁ ୧୩ତମ ର୍‍ୟାଙ୍କ୍ ମିଳିଥିଲା। ପରେ ସେ ବିହାରର ମୁଖ୍ୟ ସଚିବ ଭାବେ ମଧ୍ୟ ନିଯୁକ୍ତ ହୋଇଥିଲେ। ତେବେ କିଛି ବର୍ଷ ପରେ ବିନୟଙ୍କ ପରିବାରରୁ ୪ ଭାଇ ଆଇଏଏସ୍ ପାଇ ରେକର୍ଡ ସୃଷ୍ଟି କରିଥିଲେ । ତେବେ ଶିକ୍ଷା କ୍ଷେତ୍ରରେ ମାଧୋପଟ୍ଟି ଗ୍ରାମରେ କେବଳ ପୁରୁଷ ନୁହନ୍ତି ମହିଳାମାନେ ବେଶ୍ ସଫଳତା ଅର୍ଜନ କରିଛନ୍ତି। ଗ୍ରାମର ଏକାଧିକ ମହିଳା ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଗ୍ରାମର ଜଣେ ବୟସ୍କଙ୍କ କହିବା ଅନୁଯାୟୀ, ଏଠାକାର ଲୋକମାନଙ୍କର ବିଶେଷ ଜମିବାଡି ନ ଥିବାରୁ ସେମାନେ ଚାଷ ଅପେକ୍ଷା ପଢ଼ାପଢ଼ିରେ ଅଧିକ ଧ୍ୟାନ କେନ୍ଦ୍ରିତ କରିଥାନ୍ତି। ଏହି ଗ୍ରାମକୁ ଦେବୀ ସରସ୍ୱତୀଙ୍କର କୃପା ରହିଛି, ତେଣୁ ଏଠାକାର ପ୍ରତ୍ୟେକ ପିଲା ବଡ଼ ହୋଇ ଆଇଏଏସ୍, ଆଇପିଏସ୍ ଏବଂ ଡାକ୍ତର ହେବାନେଇ ସ୍ୱପ୍ନ ଦେଖିଥାନ୍ତି ବୋଲି ସେ କହିଛନ୍ତି। କେବଳ ଆଇଏଏସ୍, ଆଇପିଏସ୍ ଏବଂ ଆଇଆର୍‌ଏସ୍ ନୁହେଁ ମାଧୋପଟ୍ଟି ଗ୍ରାମରୁ ଅନେକ ବୈଜ୍ଞାନିକ ମଧ୍ୟ ସୃଷ୍ଟି ହୋଇଛନ୍ତି।

## ୬ରୁ ବିଗ୍‌ବସ୍ ୧୮


ସଲ୍‌ମାନ ଖାନ୍

**ମୁମ୍ବାଇ:** ଭାରତର ଲୋକପ୍ରିୟ ଟିଭି ଶୋ'ଗୁଡ଼ିକ ମଧ୍ୟରେ ବିଗ୍‌ବସ୍ ୧୮ ଅନ୍ୟତମ। ତେବେ ଖୁବଶୀଘ୍ର ବିଗ୍‌ବସ୍ ନିଜର ୧୮ତମ ସିଜନ୍ ଜରିଆରେ ଦର୍ଶକଙ୍କୁ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବାକୁ ଯାଉଛି। କଲର୍ସ ଟିଭି ପକ୍ଷରୁ ବିଗ୍‌ବସ୍ ସିଜନ ୧୮ର ପ୍ରୋମୋ ଜାରି କରାଯାଇ ଏହାର ପ୍ରିମିୟର୍ ତାରିଖକୁ ପ୍ରକାଶ କରାଯାଇଛି। ସୋସିଆଲ ମିଡିଆରେ ଜାରି ହୋଇଥିବା ଏହି ପ୍ରୋମୋରେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ଦେଖିବାକୁ ମିଳିଛି। ଏହାସହ ସଲ୍‌ମାନ ହିଁ ବିଗ୍‌ବସ୍ ୧୮କୁ ହୋଷ୍ଟ କରିବେ ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ଅକ୍ଟୋବର ୬ରୁ ରାତି ୯ଟାରେ ବିଗ୍‌ବସ୍ ୧୮ ଆରମ୍ଭ ହେବାକୁ ଯାଉଛି ବୋଲି ସଲ୍‌ମାନ ଏହି ପ୍ରୋମୋରେ ସୂଚନା ଦେଇଛନ୍ତି। କଲର୍ସ ଚ୍ୟାନେଲ ଏବଂ ଜିଓ ସିନେମା ଆପ୍‌ରେ ବିଗ୍‌ବସ୍ ୧୮ ପ୍ରସାରିତ ହେବ। ସେହିପରି ବିଗବସ୍ ୧୮ର ଥିମ୍ 'ଟାଇମ୍ କା ତାଣ୍ଡବ' ରହିବ ବୋଲି ପ୍ରୋମୋରେ ସଲ୍‌ମାନ ଘୋଷଣା କରିଛନ୍ତି। ତେବେ ବିଗ୍‌ବସ୍‌ର ୧୮ତମ ସିଜନରେ କେଉଁ କେଉଁ କଳାକାର ଏବଂ ବିଶିଷ୍ଟ ବ୍ୟକ୍ତି ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିବେ, ସେନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

## କ୍ରେନ୍‌ରୁ ଝୁଲି ବାର୍ଥଡେ ଫଟୋଶୁଟ୍

ଲାହୋର



ସୋସିଆଲ ମିଡିଆରେ କିଛି ଅଲଗା କରି ଭାଇରାଲ ହେବାରେ ନିଶାରେ ରେବେକା ଖାନ୍ ନାମ୍ନୀ ଜଣେ ପାକିସ୍ତାନୀ ଫେଶନ୍ ମଡେଲ ନିଜ ଜନ୍ମଦିନକୁ ଏକ ଭିନ୍ନ ଉପାୟରେ ପାଳନ କରିଛନ୍ତି, ଯାହା ଅନେକଙ୍କୁ ଚକିତ କରିଛି। ସେ ତାଙ୍କ ଜନ୍ମଦିନ ଅବସରରେ ଖୋଲା ଆକାଶରେ ଝୁଲୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଏହି ଅବସରରେ ରେବେକା କମଳା ରଙ୍ଗର ପୋଷାକ ପିନ୍ଧିଥିବା ସହ ହାତରେ ଅନେକ ବେଲୁନ୍ ଧରିଛନ୍ତି। ଏହି ବେଲୁନଗୁଡ଼ିକୁ ନେଇ ସେ ଏକ କ୍ରେନ୍ ସହଯୋଗରେ ଖୋଲା ଆକାଶରେ ଝୁଲି ରହି ନିଜର ନିଆରା ଫଟୋଶୁଟ୍ କରାଇଛନ୍ତି। ତେବେ କୌତୂହଳର ବିଷୟ ହେଉଛି, ସେ ଫଟୋ ଏଡିଟିଂ ମାଧ୍ୟମରେ ଉକ୍ତ ଭିଡିଓରୁ କ୍ରେନ୍‌କୁ ବାହାର କରିଦେଇଥିଲେ, ଫଳରେ ସେ ଆକାଶରେ ଉଡୁଥିବା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ନିଜର ୨୦ତମ ଜନ୍ମଦିନକୁ ସ୍ୱତନ୍ତ୍ର କରିବା ପାଇଁ ରେବେକା ଏଭଳି ଷ୍ଟଣ୍ଟକୁ କିଛି ୟୁଜର୍ସ ବିପଜ୍ଜନକ କହିବା ସହ ସମାଲୋଚନା କରିଛନ୍ତି।

## କୋଡିହ୍ନି ଗ୍ରାମରେ ୫୫୦ ଯାଆଁଳା

ଥିରୁଭାନନ୍ତପୁରମ



କେରଳର ମଲ୍ଲପୁରମ୍ ଜିଲ୍ଲା କୋଡିହ୍ନି ଗ୍ରାମର ପ୍ରାୟ ପ୍ରାତ୍ୟେକ ଘରେ ଯାଆଁଳା ଶିଶୁ ଜନ୍ମ ହୋଇଥାନ୍ତି। ତେଣୁ ଏହା ଯାଆଁଳା ଗ୍ରାମ ଭାବରେ ମଧ୍ୟ ଜଣାଶୁଣା। ଏହି ଗ୍ରାମର ସମୁଦାୟ ଜନସଂଖ୍ୟା ତୁଳନାରେ ଯାଆଁଳାଙ୍କର ଅନୁପାତ ଢେର ଅଧିକ। ରିପୋର୍ଟ ଅନୁଯାୟୀ, କୋଡିହ୍ନି ଗ୍ରାମରେ ୨ ହଜାର ପରିବାର ବସବାସ କରୁଥିବାବେଳେ ସେଥିମଧ୍ୟରୁ ୫୫୦ ଜଣ ଯାଆଁଳା ରହିଛନ୍ତି। ତେବେ କେବଳ ଯାଆଁଳା ଶିଶୁ ନୁହନ୍ତି କୋଡିହ୍ନି ଗ୍ରାମରେ ବହୁ ସଂଖ୍ୟାରେ ବୟସ୍କ ଯାଆଁଳାଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ। ସେହିପରି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୮୦ ଜଣ ଯାଆଁଳା ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୦୦୮ରେ କରାଯାଇଥିବା ଏକ ଆକଳନ ଅନୁଯାୟୀ, ଏହି ଗ୍ରାମରେ ୨୮୦ ଜଣ ଯାଆଁଳା ରହୁଥିଲେ। ତେବେ ଏହି ସଂଖ୍ୟା ଏବେ ଯଥେଷ୍ଟ ବୃଦ୍ଧି ପାଇ ୫୫୦ରେ ପହଞ୍ଚିଛି। କୌତୂହଳର ବିଷୟ ହେଉଛି, ସମଗ୍ର ଭାରତରେ ପ୍ରତି ହଜାର ନବ ଜାତକଙ୍କ ମଧ୍ୟରୁ କେବଳ ୯ ଜଣ ଯାଆଁଳା ଶିଶୁ ଜନ୍ମ ହେଉଥିବାବେଳେ କୋଡିହ୍ନି ଗ୍ରାମରେ ଏହି ସଂଖ୍ୟା ୪୫ ରହିଛି। ଏହାସହ ସର୍ବାଧିକ ହାରରେ ନବଜାତକ ଯାଆଁଳା ଜନ୍ମ ହେଉଥିବା ଶ୍ରେଣୀରେ କୋଡିହ୍ନି ବିଶ୍ୱର ଦ୍ୱିତୀୟ ଗ୍ରାମ ହୋଇପାରିଛି। ପ୍ରଥମ ସ୍ଥାନରେ ନାଇଜେରିଆର 'ଇଗ୍‌ବୋ-ଓରା' ଗ୍ରାମ ରହିଛି, ଯେଉଁଠାରେ ପ୍ରତି ୧ ହଜାର ନବଜାତକରେ ୧୪୫ ଜଣ ଯାଆଁଳା ଜନ୍ମ ହେଉଛନ୍ତି।

କୋଡିହ୍ନି ଗ୍ରାମରେ ଏତେ ସଂଖ୍ୟକ ଯାଆଁଳା ଜନ୍ମ ହେଉଥିବାକୁ ନେଇ ବୈଜ୍ଞାନିକମାନେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................


ଶୁଭଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ୟୁନି ଲାଇଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# କନ୍ଧମାଳ, କେଉଁଝର ବିଜୟୀ

**ଭୁବନେଶ୍ୱର, ୨୪।୯ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଚାମ୍ପିୟନଶିପ୍ ପ୍ରିଲିମିନାରୀ ଲିଗ୍ ୨୦୨୪ ମ୍ୟାଚରେ ମଙ୍ଗଳବାର କନ୍ଧମାଳ ଓ କେଉଁଝର ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ କଟକ 'ବି' ବନାମ ପୁରୀ, ମୟୂରଭଞ୍ଜ ବନାମ ଗଜପତି ଏବଂ ଖୋର୍ଦ୍ଧା ବନାମ ବରଗଡ଼ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଜଗତ୍‌ସିଂହପୁରକୁ ୬ଉଇକେଟରେ ହରାଇଛି କନ୍ଧମାଳ। ପ୍ରଥମେ ବ୍ୟାଟିଂ କରିଥିବା ଜଗତ୍‌ସିଂହପୁର ୨୪.୪ ଓଭରରେ ମାତ୍ର ୮୨ ରନ କରି ଅଲଆଉଟ ହୋଇଯାଇଥିଲା ଜବାବରେ କନ୍ଧମାଳ ୧୧.୪ ଓଭରରେ ୪ଉଇକେଟ ବିନିମୟରେ ୮୩ ରନ କରିଥିଲା। ନିମପୁର ଗ୍ରାଉଣ୍ଡରେ କେଉଁଝର ଡିଏଲ୍‌ଏସ୍ ପଦ୍ଧତିରେ ନବରଙ୍ଗପୁରକୁ ୫୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେଉଁଝର ୨୪.୩ ଓଭରରେ ୭୫ରନ କରି ଅଲଆଉଟ ହୋଇଯାଇଥିଲା। ବର୍ଷା କାରଣରୁ ନବରଙ୍ଗପୁର ପାଇଁ ୩୯ ଓଭରରେ ୭୧ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଦଳ ୧୫.୨ ଓଭରରେ ୧୮ ରନ କରି ଅଲଆଉଟ ହୋଇଯାଇଥିଲା।




ଧ-୭୫୫୭୦


# କ୍ୱାର୍ଟରରେ ଓଡିଏମ୍ ପବ୍ଲିକ୍ ସ୍କୁଲ

**ଭୁବନେଶ୍ୱର,୨୪।୯ (ସରୋଜ ଜେନା)**

### ୟୁନିଲାଇଟ୍ କପ୍ ଫୁଟବଲ୍

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ୟୁନି ଲାଇଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡିଏମ୍ ପବ୍ଲିକ୍ ସ୍କୁଲ। ମଙ୍ଗଳବାର ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡିଏମ୍ ୧୦-୧ ଗୋଲରେ ଜଟଣୀ ମିଳିତ ସ୍କୁଲ ଏକାଦଶକୁ ହରାଇଛି। ଓଡିଏମ୍ ପକ୍ଷରୁ ସିଜଲ କିସ୍‌କୁ ଏକାକୀ ୫ ଗୋଲ ସ୍କୋର କରିଥିଲେ। ରାଜୀବ ମହାନ୍ତି ୨, ପ୍ରୀତମ ଗୁଡ୍ଡୁ, ଦେବାଶିଷ ପ୍ରଧାନ ଓ ଆୟୁଷ୍ମାନ ପ୍ରଧାନ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଜଟଣୀ ମିଳିତ ସ୍କୁଲ ଏକାଦଶ ପକ୍ଷରୁ ଜଗନ ନାୟକ ଏକମାତ୍ର ଗୋଲ ଦେଇଥିଲେ। ସିଜଲ ବିବେକାନନ୍ଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କିସ୍‌କୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ମହାନ୍ତି, ପ୍ରଶାନ୍ତ ପ୍ରଧାନ, ଦେବାଶିଷ ନାୟକ, ଆଲୋକ ମହାପାତ୍ର, ମହେଶ୍ୱର ସିଂ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟି. ମୋହନ ରାଓ, ସରୋଜ ମହାରଣା, ସୁଦୀପ ଦାସ ଓ ଅମିୟ ନାୟକ ଖେଳ ପରିଚାଳନା କରିଥିଲେ।

# ସାହାଣୀ କପ୍ ଫୁଟ୍‌ବଲ ଆଜିଠାରୁ

**ଭୁବନେଶ୍ୱର, ୨୪।୯ (ବିଜୟ ରଣା)**

ସମ୍ମାନଜନକ ୬୩ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ଜିଲା ଆଥଲେଟିକ୍ ଆସୋସିଏଶନ ବରଗଡ଼, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏଶନ, ସୁନ୍ଦରଗଡ଼ ଜିଲା ଆଥଲେଟିକ୍ ଆସୋସିଏଶନ ଓ ପାରାଦୀପ ପୋର୍ଟ ଟ୍ରଷ୍ଟର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟର ମ୍ୟାଚଗୁଡ଼ିକ ଚାରେଟି ଜୋନ୍ ବରଗଡ଼, ମୟୂରଭଞ୍ଜ, ପାରାଦୀପ ଓ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଓ ବାରିପଦାଠାରେ ଖେଳାଯିବାକୁଥିବା ମ୍ୟାଚଗୁଡ଼ିକ ଫାଓର ଓଡ଼ିଶା ୟୁଟ୍ୟୁବ୍ ଚାନେଲ ଜରିଆରେ ଦେଖି ହେବ। ବରଗଡ଼ ଜୋନ୍‌ରେ ଗ୍ରୁପ୍ 'ଏ'ର ବରଗଡ଼, ସମ୍ବଲପୁର, କେଉଁଝର, ମାଲକାନଗିରି ଏବଂ ଗ୍ରୁପ୍ 'ବି'ର କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ମ୍ୟାଚଗୁଡ଼ିକ ଖେଳିବେ। ସେହିପରି ସୁନ୍ଦରଗଡ଼ ଜୋନ୍‌ରେ ଗ୍ରୁପ୍ 'ଏ'ର ସୁନ୍ଦରଗଡ଼, ନବରଙ୍ଗପୁର, ନୟାଗଡ଼ ଓ ଗଜପତି ଏବଂ ଗ୍ରୁପ୍ 'ବି'ର ଝାରସୁଗୁଡ଼ା, ସୁବର୍ଣ୍ଣପୁର, ରାଉରକେଲା ଷ୍ଟିଲପ୍ଲାଣ୍ଟ ଓ କୋରାପୁଟର ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। ପାରାଦୀପ ଜୋନ୍‌ରେ ଗ୍ରୁପ୍ 'ଏ'ର କଟକ, ଗଞ୍ଜାମ, ଜଗତ୍‌ସିଂହପୁର ଓ ପୁରୀ ଏବଂ ଗ୍ରୁପ୍ 'ବି'ର ଖୋର୍ଦ୍ଧା, ଭୁବନେଶ୍ୱର, ପାରାଦୀପ ଓ କେନ୍ଦ୍ରାପଡ଼ା ସେମାନଙ୍କ ମ୍ୟାଚ ଖେଳିବେ। ସେହିପରି ବାରିପଦାରେ ଗ୍ରୁପ୍ 'ଏ'ର ବୌଦ୍ଧ, ମୟୂରଭଞ୍ଜ, ଭଦ୍ରକ ଓ ଅନୁଗୋଳ ଏବଂ ଗ୍ରୁପ୍ 'ବି'ର ବାଲେଶ୍ୱର ଦେଓଗଡ଼, ଯାଜପୁର ଓ ଢେଙ୍କାନାଳ ସେମାନଙ୍କ ମ୍ୟାଚଗୁଡ଼ିକ ଖେଳିବେ। ଅକ୍ଟୋବର ୬ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।


# Classified Everyday

**0674-2580101, 2549949**




**GROOM WANTED**

42ବର୍ଷ, Govt. School Clark, ମହିଳା ପାଇଁ ବର ଆବଶ୍ୟକ। ଦରମା- 56,380/- (ବିଧବା, ଛାଡ଼ପତ୍ର, ଅବିବାହିତ, ଘରଜ୍ୱାଇଁ, ଅବସରପ୍ରାପ୍ତ, ସନ୍ତାନ ଥିବା ପୁଅ ପ୍ରାଥମିକତା)। 9109535676. D-1408

**BRIDE WANTED**

Plot N6-44, Nayapally ସନ୍ତୋଷ- ବିବାହ ପାଇଁ ଚାକିରି କରିଥିବା ଝିଅ ଦରକାର। Ph. 7656942771. D-1440




**SALE**

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

ପୁରୀ-ଚନ୍ଦନପୁର ବାଇପାସ୍‌ରେ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ବିକ୍ରି କରାଯିବ, ଘରବାରି (65 ଡିସିମିଲ) ଜାଗା ସହିତ । ଯୋଗାଯୋଗ- 9090404090. D-1444

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121.** D-75994

ପୁରୀ, ଭୁବନେଶ୍ୱର, କଟକ ମଝିରେ High cost, Land, Building, Hotel, Sharingରେ, Apartment ପାଇଁ ଇଚ୍ଛୁକଥିବା ବ୍ୟକ୍ତି ଆମକୁ ଯୋଗାଯୋଗ କରନ୍ତୁ। 7855874811. D-1442

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448




**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449




Newly open health benefits SPA special offer @ 799 Bapujinagar. 8018429809. D-76156

**AFFIDAVIT**

By virtue of an affidavit I, Haseebur Rahamaan, aged 60 years, S/o Habib Ali, At- Khetmahallah, P.O.- Rajgangpur, P.S.- Rajgangpur, Dist.- Sundargarh, Odisha-770017 have changed my name from Haseebur Rahamaan to Haseebur Rahman. Henceforth, I shall be known as Haseebur Rahman, S/o Habib Ali for all future purposes. D-76158

By the virtue of an affidavit before Executive Magistrate, Danagadi on 23.09.24, I, Som Jena, S/o Surendra Kumar Jena, R/o- Danagadi, Jajpur Road, Jajpur has permanently changed my name from JK SOM, J.K SOM and J. K SOM to Som Jena. I further declare that all the names mentioned herein above belongs to one and the same person. I shall be known as Som Jena for all future purposes. D-1446

I, Mehul Kamalesh Nanda, aged about 27 years, S/o Kamalesh Kumar Nanda, resident of Plot No.: 4355/4949/696, Pandav Nagar, Badagada Brit Colony, Bhubaneswar, Dist.- Khurda, Odisha, state that my name was wrongly written as Mehul Kamlesh Nanda instead of Mehul Kamalesh Nanda in my passport vide No.: M4128780. Therefore I declare by Affidavit No CF-81, dated 13/09/2024 that Mehul Kamlesh Nanda and Mehul Kamalesh Nanda is one and same person who is myself. D-75823

**LEGAL NOTICE**

**THE COURT OF CIVIL JUDGE JUNIOR DIVISION, KAMAKHYANAGAR**
**C.S. No.16 of 2024**

Rabinarayana Mallik & another ... ... Plaintiffs
Vrs.
Srikant Mallik & another ... ... defendants

**NOTICE U/O.1 R.8 of C.P.C.**

Whereas Rabinarayana Mallik and Ajaya Kumar Mallik of Village: Godaribili, P.S.: Tumusingha, Dist.: Dhenkanal, representing all the villagers of their village have instituted the above suit for injuction against alienation of any portion of land of Khata No.57 of Mouza: Godaribili having A.62.78 decimals against two persons namely Srikant Mallik and Bibhuti Mallik of Vill.: Godaribili, P.S.: Tumusingha, Dist.: Dhenkanal. It is hereby noticed to all villagers of Vill.: Godaribili, who are interested to be added as parties in this suit and to file their pleadings, to appear in this suit on dated 21.10.24 at 10.30 O' Clock failing which the trial of the suit will begin as per law.

Given under my hand and seal of the Court on this 2nd day of Sept. 2024.

**Sd./- C.J.J.D.**
**KAMAKHYANAGAR**

D-75456

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**୰ବିରଞ୍ଚି ନାରାୟଣ ଦାସ**
ବମିଖାଲ, ଭୁବନେଶ୍ୱର
ଆବିର୍ଭାବ - ୧୯୫୬
ତିରୋଧାନ - ୨୦୧୧
ପ୍ରତିଟି ସ୍ମୃତିରେ ତୁମ ସ୍ନେହ ଭରି ରହିଛି।
ତୁମ କଥା ମନେ ପଡ଼ି ଆଖି ମୋ ଭିଜି ଯାଉଛି।
ତୁମେ ଯେ ଥିଲ ମୋ ଜୀବନର ସଖା,
ଚାଲିଗଲ ମୋତେ କରି ଏକାଏକା।
ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୭୫୭୮୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ରବିନ୍ଦ୍ର ପ୍ରଧାନ**
ବଡ଼ବାଣପୁର, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ: ୦୫।୦୩।୧୯୬୨
ତିରୋଧାନ: ୨୫।୦୯।୨୦୧୯
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସାନଭାଇ: ବିଷି ପ୍ରଧାନ, ପୁଅ- ଚନ୍ଦ୍ରନ, ଲାଲୁ, ଅନିରୁଦ୍ଧ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୧୪୫୩


# ଜୀବନ, ବିଜୟ ଜିତିଲେ ହାଙ୍ଗଝୋ ଓପନ

**ନୂଆଦିଲ୍ଲୀ, ୨୪।୯ (ପି.ଟି.)**

### ଚେଙ୍ଗଡୁରେ ୟୁକି-ଓଲିଭେଟି ରନର ଅପ୍



ହାଙ୍ଗଝୋ ଓପନ ଚାମ୍ପିୟନ ଜୀବନ ନେଦୁନଚେଝିଆନ ଓ ବିଜୟ ସୁନ୍ଦର ପ୍ରଶାନ୍ତ।

ଭାରତର ଜୀବନ ନେଦୁନଚେଝିଆନ ଓ ତାଙ୍କ ପାର୍ଟନର ବିଜୟ ସୁନ୍ଦର ପ୍ରଶାନ୍ତ ହାଙ୍ଗ୍‌ଝୋ ପୁରୁଷ ଡବଲ୍ସ ଇଭେଣ୍ଟ ଜିତି ଏକତ୍ର ସେମାନଙ୍କର ପ୍ରଥମ ଏଟିପି ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୟୁକି ଭାମ୍ବ୍ରି ତାଙ୍କ ଫ୍ରେଞ୍ଚ୍ ପାର୍ଟନର ଅଲବାନୋ ଓଲିଭେଟି ଚେଙ୍ଗ୍‌ଡୁ ଓପନରେ ରନର-ଅପ୍ ହୋଇଛନ୍ତି। ଅଣସିଡ୍ ଭାରତୀୟ ଯୋଡ଼ି ଜୀବନ ଓ ବିଜୟ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଅଣସିଡ୍ ଜର୍ମାନୀ ଟିମ୍ କନଷ୍ଟାନ୍‌ଟିନ ଫ୍ରାଞ୍ଜେନ ଓ ହେଣ୍ଡ୍ରିକ୍ ଜେବେନ୍ସଙ୍କୁ ୪-୬, ୭-୬(୫), ୧୦-୭ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୪୯ ମିନିଟ ଧରି ଚାଲିଥିଲା। ୩୫ ବର୍ଷୀୟ ଜୀବନଙ୍କର ଏହା ହେଉଛି ଦ୍ୱିତୀୟ ଏଟିପି ଟୁର୍ ଟାଇଟଲ। ଏହା ପୂର୍ବରୁ ୨୦୧୭ରେ ସେରୋହନ ବୋପାନ୍ନାଙ୍କୁ ସାଥୀ କରି ସେ ଚେନ୍ନାଇ ଓପନ ଜିତିଥିଲେ। ବିଜୟଙ୍କର କିନ୍ତୁ ଏହା ହେଉଛି ପ୍ରଥମ ଏଟିପି ଟୁର୍ ଟାଇଟଲ। ଅନ୍ୟପକ୍ଷରେ ଚେଙ୍ଗ୍‌ଡୁ ଓପନରେ ୟୁକି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଓଲିଭେଟି ଅଳ୍ପକେ ଚଳିତବର୍ଷ ତାଙ୍କ ତୃତୀୟ ଟୁର୍ ଟାଇଟଲ ହାତଛଡ଼ା କରିଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେମାନେ ଟପ୍ ସିଡ୍ ଫ୍ରେଞ୍ଚ ଯୋଡ଼ି ସାଡିଓ ଡୋମ୍ବିଆ ଓ ଫାବିଏନ୍ ରିବୋଲଙ୍କଠାରୁ ୪-୬, ୬-୪, ୪-୧୦ରେ ହାରିଯାଇଥିଲେ। ଭାମ୍ବ୍ରି ଓ ଓଲିଭେଟି ଦ୍ୱିତୀୟ ସେଟ ଜିତିବା ପରେ ମ୍ୟାଚ ଟାଇବ୍ରେକରକୁ ଚାଲିଯାଇଥିଲା। ଏହି ମ୍ୟାଚ ୧ ଘଣ୍ଟା ୩୦ ମିନିଟରୁ ଅଧିକ ସମୟ ଧରି ଚାଲିଥିଲା। ଫ୍ରେଞ୍ଚ ଯୋଡ଼ିଙ୍କର ୟୁକି-ଓଲିଭେଟିଙ୍କ ବିପକ୍ଷରେ ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ସେମାନେ ଏଟିପି ଲିଅନ ଓପନ ପ୍ର-କ୍ୱାର୍ଟର ରାଉଣ୍ଡରେ ଇଣ୍ଡୋ-ଫ୍ରେଞ୍ଚ ଯୋଡ଼ିଙ୍କଠାରୁ ପରାଜିତ ହୋଇଥିଲେ। ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଡବଲ୍ସ ଯୋଡ଼ି ଇଭାନ ଡୋଗିଗ୍ ଓ ରାଫାଲ ମାଟୋସଙ୍କୁ ପରାସ୍ତ କରିଥିବା ୟୁକି-ଓଲିଭେଟି ଚଳିତବର୍ଷ ଦୁଇ ଏଟିପି ଟାଇଟଲ ଜିତିଥିଲେ। ସେମାନେ ଜୁଲାଇରେ ସୁଇସ୍ ଓପନ ଜିଷ୍ଟାଡ୍ ଏବଂ ଏପ୍ରିଲରେ ମ୍ୟୁନିକ୍‌ଠାରେ ବିଏମ୍‌ଡବ୍ଲ୍ୟୁ ଓପନ ଚାମ୍ପିୟନ ହୋଇଥିଲେ। ଉଭୟ କ୍ଲେ-କୋର୍ଟ ଟୁର୍ନାମେଣ୍ଟ ଥିଲା।

# ରିଲିଜ ହୋଇପାରନ୍ତି ସର୍ଫରାଜ, ଜୁରେଲ, ଦୟାଲ

**ନୂଆଦିଲ୍ଲୀ, ୨୪।୯ (ପି.ଟି.)**

କାନପୁରରେ ସେପ୍ଟେମ୍ବର ୨୭ରୁ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଖେଳାଯିବ। ଏଥିଲାଗି ପ୍ରିମିୟର ମିଡଲ ଅର୍ଡର ବ୍ୟାଟର ସର୍ଫରାଜ ଖାନ୍, ଉଇକେଟକିପର ଧ୍ରୁବ ଜୁରେଲ ଓ ପେସ୍‌ର ୟଶ ଦୟାଲଙ୍କୁ ଚୂଡ଼ାନ୍ତ ଏକାଦଶ ପାଇଁ ଯଦି ମନୋନୟନ କରା ନ ଯାଏ ତେବେ ଇରାନୀ ଟ୍ରଫିରେ ଖେଳିବା ଲାଗି ସେମାନଙ୍କୁ ଭାରତୀୟ ଦଳରୁ ରିଲିଜ କରାଯାଇପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ମଙ୍ଗଳବାର ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ଅବଶିଷ୍ଟ ଭାରତୀୟ ଏକାଦଶ ଘୋଷଣା କରାଯାଇଛି। ଏହି ଦଳ ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଇରାନୀ ଟ୍ରଫି ମ୍ୟାଚରେ ରଣଜୀ ଟ୍ରଫି ଚାମ୍ପିୟନ ମୁମ୍ବାଇ ସହ ମୁକାବିଲା କରିବ। ଧ୍ରୁବ ଜୁରେଲ ଓ ୟଶ ଦୟାଲଙ୍କୁ ଅବଶିଷ୍ଟ ଏକାଦଶ ଦଳରେ ସ୍ଥାନ ମିଳିଛି। ହେଲେ କାନପୁରରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସେମାନଙ୍କୁ ଯଦି ନ ଖେଳାଯାଏ ତେବେ

### ଇରାନୀ କପ୍

ଇରାନୀ ଟ୍ରଫି ପାଇଁ ସେମାନଙ୍କୁ ରିଲିଜ କରାଯିବ ବୋଲି ମଙ୍ଗଳବାର ବିସିସିଆଇ ତରଫରୁ ଏକ ବିବୃତିରେ କୁହାଯାଇଛି। ଖବର ଅନୁସାରେ ଗତ ଟେଷ୍ଟରେ ରିଷଭ ପନ୍ତ ଆଘାତପ୍ରାପ୍ତ ହୋଇଛନ୍ତି। ତାଙ୍କ ସ୍ଥାନରେ କେ.ଏଲ୍ ରାହୁଲଙ୍କୁ ନିଆଯାଇପାରେ। ସର୍ଫରାଜ ଘରୋଇ କ୍ରିକେଟ ମୁମ୍ବାଇରୁ ପ୍ରତିନିଧିତ୍ୱ କରିଥାନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ତାଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରେ ସାମିଲ କରା ନ ଯାଏ ତେବେ ସେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ମୁମ୍ବାଇ ଦଳରୁ ଖେଳିପାରନ୍ତି। ଦ୍ୱିତୀୟ ଟେଷ୍ଟ ପାଇଁ ସର୍ଫରାଜ ଖାନ୍ ଟିମ୍ ଇଣ୍ଡିଆ ଦଳରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି, ହେଲେ ଦ୍ୱିତୀୟ ଟେଷ୍ଟରେ ଯଦି ଖେଳା ନ ଯାଏ ତେବେ ତାଙ୍କୁ ମୁମ୍ବାଇରୁ ଖେଳିବା ପାଇଁ ରିଲିଜ କରାଯାଇପାରେ। ଇରାନୀ କପ୍‌ରେ ମୁମ୍ବାଇ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ପ୍ରଥମ ଶ୍ରେଣୀ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବେ। ଅସ୍ତ୍ରୋପଚାର ପାଇଁ ସେ କିଛି ସମୟ କ୍ରିକେଟରୁ ଦୂରେଇ ରହିଥିଲେ। ଖବର ଅନୁସାରେ ଶ୍ରେୟସ ଆୟର, ମୁଶିର ଖାନ୍, ଶାମ୍ସ ମୁଲାନୀ ଓ ତନୁଶ କୋଟିଆନ ମଧ୍ୟ ମୁମ୍ବାଇ ତରଫରୁ ଖେଳିବେ। ଆହୁରି ମଧ୍ୟ ଜଣାଯାଇଛି ଯେ, ଭାରତର ଟି୨୦ ଅଧିନାୟକ ମୁମ୍ବାଇ ଷ୍ଟଲୱାର୍ଟ ସୂର୍ଯ୍ୟକୁମାର ଯାଦବ, ଅଲରାଉଣ୍ଡର ଶିବମ ଦୁବେ ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇବା ସ୍ୱାଭାବିକ। ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ଅକ୍ଟୋବର ୬ରୁ ଆରମ୍ଭ ହେବାକୁ ଥିବା ବେଳେ ସେମାନଙ୍କୁ ଅକ୍ଟୋବର ୩ରେ ଗ୍ୱାଲିୟରରେ ରିପୋର୍ଟ କରିବାକୁ କୁହାଯାଇଛି।

**ଅବଶିଷ୍ଟ ଭାରତ ଏକାଦଶ:** ଋତୁରାଜ ଗାଏକ୍ୱାଡ (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ (ଉପଅଧିନାୟକ), ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ (ଉଇକେଟ କିପର)*, ଈଶାନ କିଶନ (ଉଇକେଟକିପର), ମାନବ ସୁଥର, ସାରାଂଶ ଜୈନ, ପ୍ରସିଦ୍ଧ କ୍ରିଷ୍ଣ, ମୁକେଶ କୁମାର, ୟସ ଦୟାଲ*, ରିକି ଭୁଇ, ଶାଶ୍ୱତ ରାଓ୍ୱତ, ଖଲିଲ ଅହମ୍ମଦ, ରାହୁଲ ଚହର।

**ମୁମ୍ବାଇ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ପୃଥ୍ୱୀ ଶ', ଆୟୁଷ ମାହାତ୍ରେ, ମୁଷିର ଖାନ୍, ସର୍ଫରାଜ ଖାନ୍, ଶ୍ରେୟସ ଆୟର, ସିଦ୍ଧେଶ ଲାଡ୍, ସୂର୍ଯ୍ୟାଂଶ ସେଗ୍‌ଡେ, ହାର୍ଦ୍ଦିକ ତୋମାରେ (ଉଇକେଟକିପର), ସିଦ୍ଧାନ୍ତ ଆଧାତ୍ରାଓ (ଉଇକେଟକିପର), ଶାମ୍ସ ମୁଲାନି, ତନୁଷ କୋଟିଆନ, ହିମାଂଶୁ ସିଂ, ଶାର୍ଦ୍ଦୁଳ ଠାକୁର, ମୋହିତ ଅବସ୍ତି, ମହମ୍ମଦ ଜୁନେଦ ଖାନ୍, ରୟଷ୍ଟନ ଡାଏସ୍।

## ଫଳ ଚାଷ

**ଅ**ମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍)୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟିଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟିଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ। ପିଜୁଳି ଓ ଲେମ୍ବୁର ପାଣିକୁଆଁ ସବୁ କାଟି ଦିଅନ୍ତୁ।





## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଲାଗିଲେ...

**ସୂ**ର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କୁ ଫାଟୁଆ ରୋଗ



ଡା. ବୀରକିଶୋର ପରିଡ଼ା

**ଫା**ଟୁଆ ରୋଗ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭାଇରସ୍ ପିକର୍ନା ପରିବାର ଏବଂ ଆପ୍ଥୋ ଭୂତାଣୁ ଜାତିର ଅନ୍ତର୍ଭୁକ୍ତ । ୧୯୯୨ ମସିହାରେ ପ୍ରସିଦ୍ଧ ବୈଜ୍ଞାନିକ ଲଫ୍ଲର ଏହି ଭୂତାଣୁକୁ ସବୁଠାରୁ ପ୍ରଥମ କ୍ଷୁଦ୍ର ଭୂତାଣୁ ରୂପରେ ଚିହ୍ନଟ କରିଥିଲେ । ୧୮୩୯ ମସିହାରେ ଇଂଲଣ୍ଡର ଷ୍ଟାଟ୍ଫୋର୍ଡଠାରେ ଏହି ଭୂତାଣୁ ସର୍ବପ୍ରଥମେ ଦେଖାଦେଇଥିଲା। ତା'ପରେ ଏହା ସ୍କଟ୍ଲାଣ୍ଡ, ଆୟର୍ଲାଣ୍ଡ ଭଳି ଦେଶରେ ବ୍ୟାପି ଯାଇଥିଲା । ବର୍ତ୍ତମାନ ପୃଥିବୀର ସବୁ ଦେଶରେ ଏହା ଏକ ମାରାତ୍ମକ ସଂକ୍ରାମକ ରୋଗ ରୂପେ ଦେଖାଦେଇ ଡେଏରୀ ଶିଳ୍ପରେ ଏକ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହା ଏକ ଗୋଟିକିଆ ସୂତାକୃତିର ଆର୍.ଏନ୍. ଏ. ଭୂତାଣୁ ।

ଏହା ସାଧାରଣତଃ ସମସ୍ତ ଖୁରାଯୁକ୍ତ ରୋମନ୍ଥନକାରୀ ଉଭୟ ଗୃହପାଳିତ ଓ ବନ୍ୟପ୍ରାଣୀଙ୍କଠାରେ ଦେଖାଯାଏ। ଗୋରୁ ସବୁଠାରୁ ବେଶି ଆକ୍ରାନ୍ତ ହୋଇଥାନ୍ତି । ଘୁଷୁରି, ଛେଳି ଏହି ରୋଗରେ କମ୍ ଆକ୍ରାନ୍ତ ହୁଅନ୍ତି । ବନ୍ୟପ୍ରାଣୀ ଯଥା – ହରିଣ, ମୃଗ, ନୀଳଗାଈ ଆଦି ପ୍ରାଣୀ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ବେଳେବେଳେ ହାତୀ ମଧ୍ୟ ଉକ୍ତ ରୋଗରେ ସଂକ୍ରମିତ ହେବା ଦେଖାଯାଏ । ଆମ ଦେଶ ଭାରତ ଓ ଏସିଆ ମହାଦେଶରେ ସାଧାରଣତଃ ୫ ପ୍ରକାର ଫାଟୁଆ ଭୂତାଣୁ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା – ଓ, ଏ, ସି, ଏସିଆଟିକ୍ –୧ ଏବଂ ଏ –୨୨ । ସେହିପରି ଆଫ୍ରିକା ମହାଦେଶରେ ଆଉ ୩ ପ୍ରକାର ଭୂତାଣୁ ଯଥା – ସ୍ୟାଟ୍ –୧,୨,୩ ଦେଖିବାକୁ ମିଳେ । ଉପରୋକ୍ତ ବିଭିନ୍ନ ପ୍ରକାର ଭୂତାଣୁ ମଧ୍ୟରେ ବିଭିନ୍ନ ଉପଜାତିର ଭୂତାଣୁ ବା ସବ୍ଟାଇପସ୍ ଦେଖାଯାଏ। ସେଗୁଡ଼ିକର ସଂଖ୍ୟା ହେଲା – ଓ –୧୧, ଏ–୩୭, ସି–୮, ଏସିଆଟିକ୍ – ୧୩, ସ୍ୟାଟ୍ – ୧–୭, ସ୍ୟାଟ୍ ୨–୩ ଏବଂ ସ୍ୟାଟ୍ ୩–୪ । ଯଦିଓ ଏ–୨୨ ହେଉଛି ଏକ ଉପଜାତି, ଏହାକୁ ଏକ ପ୍ରକାର ଜାତି ଭାବେ ବ୍ୟବହାର କରାଯାଉଛି । ଏ ପର୍ଯ୍ୟନ୍ତ ମୋଟ ୭୪ ପ୍ରକାରରୁ ଊର୍ଦ୍ଧ୍ୱ ଫାଟୁଆ ଉପଜାତିର ଭୂତାଣୁ ପୃଥିବୀର ବିଭିନ୍ନ ସ୍ଥାନରେ ଚିହ୍ନଟ କରାଯାଇଛି । ଫାଟୁଆ ଭୂତାଣୁର ଆକାର ୨୭–୨୯ ନାନୋମିଟା । ଏହା ଏକ ଖୋଲା, ଷଡ଼କୋଣୀ, ସୂତାଖିଅ ପରି ଗୋଟିକିଆ ଆର୍ଏନ୍ଏ ଭୂତାଣୁ । ପିଏଚ୍ ୭–୭.୪ ରେ ସ୍ଥିର ରୁହନ୍ତି ଏବଂ ପିଏଚ୍ ୫–୬.୯ରେ କର୍ମଠ ହୁଅନ୍ତି । ଅମ୍ଳ ଓ କ୍ଷାର ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଖୁବ୍ ଶୀଘ୍ର ମରିଯାଆନ୍ତି। ଭୂତାଣୁ ସଂକ୍ରମିତ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ମାସ ଏବଂ ଶୀତ ଦିନରେ ୨ମାସ ପର୍ଯ୍ୟନ୍ତ ଅତିକମ୍‌ରେ ସଂକ୍ରମିତ ଅବସ୍ଥାରେ ବଞ୍ଚିରହିଥାନ୍ତି। ସଦ୍ୟ କ୍ଷୀରରେ ଏହି ଭୂତାଣୁ ୭୬ ଡିଗ୍ରୀ ସେଲ୍‌ସିୟସ୍‌ରେ ୧୫ ସେକେଣ୍ଡ, ୬୫ଡିଗ୍ରୀ ସେଲ୍‌ସିୟସ୍‌ରେ ୩୦ ସେକେଣ୍ଡ, ୩୭ଡିଗ୍ରୀ ସେଲ୍‌ସିୟସ୍‌ରେ ୨୪ ଘଣ୍ଟା, ସାଧାରଣ ରୁମ୍‌ର ଉତ୍ତାପ ୧୮–୨୨ ଡିଗ୍ରୀ ସେଲ୍‌ସିୟସ୍‌ରେ ୬ଦିନ ଏବଂ ରେଫ୍ରିଜେରେଟର ଉତ୍ତାପ ୪–୭ ଡିଗ୍ରୀ ସେଲ୍‌ସିୟସ୍‌ରେ ୧୨ଦିନ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି । ଏହି ଭୂତାଣୁ ଲାଳରେ ୩୭ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ ଦୁଇ ଦିନ ବଞ୍ଚିଥାନ୍ତି। ପାଣି ଓ ପବନ ଦ୍ୱାରା ଏମାନେ ଖୁବ୍ ଶୀଘ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ମାଡ଼ି ଯାଆନ୍ତି ଏବଂ ଖୁବ୍ ଶୀଘ୍ର ସେମାନଙ୍କର ରୂପ ଓ ଗୁଣ ବଦଳାନ୍ତି। ଫାଟୁଆ ରୋଗର ଭୂତାଣୁ ମଧ୍ୟ ଗୋରୁଙ୍କ ଶରୀରରେ ରୋଗର ଲକ୍ଷଣ ନ ଦେଖାଇ ବାହକ ଅବସ୍ଥାରେ ବହୁଦିନ ପର୍ଯ୍ୟନ୍ତ ରହିଥାଆନ୍ତି ଏବଂ ଅନ୍ୟ ଏକ ସୁସ୍ଥ ଗୋରୁର ସଂସ୍ପର୍ଶରେ ଆସିଲେ ଭୂତାଣୁ ରୋଗ ସୃଷ୍ଟି କରାନ୍ତି । ଏହି ଭୂତାଣୁର କ୍ୟାପ୍‌ସିଡ୍‌ରେ ୪ ପ୍ରକାର ଦୃଶ୍ୟ ପ୍ରୋଟିନ୍ ଉପାଦାନ ଯଥା – ଭି.ପି. – ୧, ଭି.ପି. – ୨, ଭି.ପି. – ୩, ଭି.ପି. – ୪ ନିହିତ ଥାଏ । ଭି.ପି. – ୧, ସର୍ବାଧିକ ଗୁଣାତ୍ମକ ଆଣ୍ଟିଜେନିକ୍ ଧର୍ମ ଶରୀରରେ ପାଳନକରି ଆଣ୍ଟିବଡି ତିଆରି କରାଇଥାଏ ।



**ରୋଗ ବ୍ୟାପେ କିପରି :** ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଜରେ ବ୍ୟାପିଯାଇଥାଏ ।

**ପ୍ରତ୍ୟକ୍ଷ ସଂସ୍ପର୍ଶ ଦ୍ୱାରା :** ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ ସୃଷ୍ଟି କରିଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ, ଝାଡ଼ା, ପରିସ୍ରା ଓ ଗୋଡ଼ ଖୁରାର ବକଳାରେ ଏହି ରୋଗର ଭୂତାଣୁ ଭରପୂର ବା ବର୍ଜ୍ୟପଦାର୍ଥରେ ଥାଆନ୍ତି । ତେଣୁ ସୁସ୍ଥ ଗୋରୁ ସଂକ୍ରମିତ ଗୋରୁର ଉପରୋକ୍ତ ନିଷ୍କାସିତ ସଂସ୍ପର୍ଶରେ ପ୍ରତ୍ୟକ୍ଷ ଭାବେ ଆସିଲେ ଏହି ରୋଗ ସହଜରେ ବ୍ୟାପିଥାଏ। ଏହାକୁ ଡ୍ରପ୍‌ଲେଟ୍ ସଂକ୍ରମଣ କହନ୍ତି । ଏହି ରୋଗରୁ ଆରୋଗ୍ୟ ହେବା ପରେ ମଧ୍ୟ ଗୋରୁ ଓ ମେଣ୍ଢାମାନଙ୍କର ଅଧିଜିହ୍ୱା, ପାଟିର ଉପର ତାଲୁ ଏବଂ ପାଟି ଭିତର ଫାରିଙ୍ଗସ୍ ବା ଅଧିଜିହ୍ୱାରେ ରୋଗର ଭୂତାଣୁମାନେ ବହୁଦିନ ପର୍ଯ୍ୟନ୍ତ ଶରୀରରେ ବାହକ ଅବସ୍ଥାରେ ରହିଥାନ୍ତି ଏବଂ ସୁସ୍ଥ ପ୍ରାଣୀମାନେ ଏହି ବାହକ ପ୍ରାଣୀମାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ରୋଗ ବ୍ୟାପିବା ସମ୍ଭାବନା ଥାଏ ।

**ପରୋକ୍ଷ ସଂସ୍ପର୍ଶ ଦ୍ୱାରା :** ଫାଟୁଆ ରୋଗ ବ୍ୟାପିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ । ସୁସ୍ଥ ଗୋରୁ ସଂକ୍ରମିତ ଗୋଚର ବା ଚାରଣ ଭୂମିରେ ଚରି ବୁଲିଲେ କିମ୍ବା ସଂକ୍ରମିତ ଖାଦ୍ୟ,ପାଣି, ବେଡିଂ ଇତ୍ୟାଦି ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ସହଜରେ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟିକରିଥାନ୍ତି। ପରୀକ୍ଷାକରି ଦେଖାଯାଇଛି ଯେ, ଏହି ଭୂତାଣୁ ଗୁହାଳରେ ବ୍ୟବହୃତ ଜୋତା, ଦଉଡ଼ି, ଲୁଗାପଟା, ନଡ଼ା ବା କୁଟା, ଘାସ, ପ୍ରାଣୀମାନଙ୍କର ପଶମ ଓ ଲୋମ, ପକ୍ଷୀର ପରରେ ଅନେକ ଦିନ ଧରି ବଞ୍ଚି ରହିଥାନ୍ତି । ଉପଯୁକ୍ତ ଅନୁକୂଳ ଅବସ୍ଥାରେ ଏହି ଭୂତାଣୁଗୁଡ଼ିକ ବାୟୁ ବା ପବନ ସାହାଯ୍ୟରେ ସଂକ୍ରମିତ ସ୍ଥାନରୁ ୬୦ମାଇଲ୍‌ରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ବ୍ୟାପିଯାଇଥାଏ । ସର୍କସ ବା ଚିଡ଼ିଆଖାନାରେ ଖେଳ ପାଇଁ ବାହାରୁ ଆସିଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାରେ ଅନେକ ସହାୟତା କରିଥାଏ । ମୁଖ୍ୟତଃ ଏହି ଭୂତାଣୁମାନେ ଖାଦ୍ୟପେୟ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ବାୟୁ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାନ୍ତି।

**ରୋଗ କିପରି ସୃଷ୍ଟି ହୁଏ :** ଭୂତାଣୁମାନେ ପ୍ରାଣୀଙ୍କ ଶରୀରରେ ବିଭିନ୍ନ ବାଟ ମାଧ୍ୟମ ଦେଇ ପ୍ରବେଶ କଲାପରେ ଲସିକା ଗ୍ରନ୍ଥିରେ ବଂଶବୃଦ୍ଧି କରନ୍ତି । ତା'ପରେ ଭୂତାଣୁ ଲସିକା ଗ୍ରନ୍ଥିରୁ ଲସିକା ନଳୀ ଦେଇ ରକ୍ତରେ ମିଶି 'ଭାଇରେସିଆ' ଅବସ୍ଥା ସୃଷ୍ଟିକରେ । ଫଳରେ ଶରୀରର ଉତ୍ତାପ ବୃଦ୍ଧିପାଏ । ରକ୍ତରୁ ଏହି ଭୂତାଣୁ ଶରୀରର ବିଭିନ୍ନ ଜୀବକୋଷରେ ପହଞ୍ଚି ବଂଶବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାଟି ଭିତର, ପହ୍ଲା ବା ଚିରର ଉପରିଭାଗ କିମ୍ବା ଖୁରାର ଲୋମବିହୀନ ମଝି ଅଂଶରେ ଲାଲ କ୍ଷୁଦ୍ର ଫୋଟକା ଧୀରେ ଧୀରେ ବଡ଼ ହୋଇ ୨/୩ ଦିନ ମଧ୍ୟରେ ଫାଟିଯାଇ ପାଣି ବାହାରେ ଏବଂ ପରେ ଘା' ସୃଷ୍ଟି ହୁଏ । ପାଟିରେ ଘା' ବା କ୍ଷତ ସୃଷ୍ଟିହେବା ପୂର୍ବରୁ ଲାଳଗ୍ରନ୍ଥିରେ ଭୂତାଣୁର ବଂଶ ବୃଦ୍ଧି ଘଟିଥାଏ । ଜିଭର ସଂକ୍ରମିତ ଉପର ସ୍ତର, ପାଟିର ଫୋଟକାରେ ଥିବା ପାଣି, ଲାଳ କିମ୍ବା ଖୁରାର ବକଳାରେ ପ୍ରତି ୧ ମି.ମି.ରେ ଲକ୍ଷାଧିକ ଭୂତାଣୁ ଦେଖିବାକୁ ମିଳେ। (କ୍ରମଶଃ...)

–ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ), ସହକାରୀ ଅଧ୍ୟାପକ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

> "ଫାଟୁଆ ଭୂତାଣୁର ଆକାର ୨୭-୨୯ ନାନୋମିଟା । ଏହା ଏକ ଖୋଲା, ଷଡ଼କୋଣୀ, ସୂତାଖିଅ ପରି ଗୋଟିକିଆ ଆର୍ଏନ୍ଏ ଭୂତାଣୁ । ପିଏଚ୍ ୭-୭.୪ ରେ ସ୍ଥିର ରୁହନ୍ତି ଏବଂ ପିଏଚ୍ ୫-୬.୯ରେ କର୍ମଠ ହୁଅନ୍ତି । ଅମ୍ଳ ଓ କ୍ଷାର ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଖୁବ୍ ଶୀଘ୍ର ମରିଯାଆନ୍ତି । ଭୂତାଣୁ ସଂକ୍ରମିତ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ମାସ ଏବଂ ଶୀତ ଦିନରେ ୨ମାସ ପର୍ଯ୍ୟନ୍ତ ଅତିକମ୍‌ରେ ସଂକ୍ରମିତ ଅବସ୍ଥାରେ ବଞ୍ଚିରହିଥାନ୍ତି । ସଦ୍ୟ କ୍ଷୀରରେ ଏହି ଭୂତାଣୁ ୭୬ ଡିଗ୍ରୀ ସେଲ୍‌ସିୟସ୍‌ରେ ୧୫ ସେକେଣ୍ଡ, ୬୫ଡିଗ୍ରୀ ସେଲ୍‌ସିୟସ୍‌ରେ ୩୦ ସେକେଣ୍ଡ, ୩୭ଡିଗ୍ରୀ ସେଲ୍‌ସିୟସ୍‌ରେ ୨୪ ଘଣ୍ଟା, ସାଧାରଣ ରୁମ୍‌ର ଉତ୍ତାପ ୧୮-୨୨ ଡିଗ୍ରୀ ସେଲ୍‌ସିୟସ୍‌ରେ ୬ଦିନ ଏବଂ ରେଫ୍ରିଜେରେଟର ଉତ୍ତାପ ୪-୭ଡିଗ୍ରୀ ସେଲ୍‌ସିୟସ୍‌ରେ ୧୨ଦିନ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି ।"

## ଡାଲିଜାତୀୟ ଫସଲରେ କୋଡ଼ାଖୁସା



**ମୁ**ଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲୁପି + କାର୍ବେଣ୍ଡାଜିମ୍ ୧୨% ଡବ୍ଲୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ପନିପରିବାରେ ଝାଉଁଳା ରୋଗର ପ୍ରତିକାର



**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଟା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ।

## ମାଛଙ୍କ ଖାଦ୍ୟ

ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କି.ଗ୍ରା. ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍‌ପି ୩ କି.ଗ୍ରା.)କୁ ୩–୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତିଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କି.ଗ୍ରା. ହିସାବରେ ମାଛମାନଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କି.ଗ୍ରା. କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କି.ଗ୍ରା. ବାଦାମ/ସୋରିଷ/ରାଶି /ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।



## ଭେଣ୍ଡି ବିହନ ଲଗାଇବା ସମୟରେ...



**ଭେ**ଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସାକରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ଦୁଇ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି– ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪ । ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ ।

# ଢିପଜମିରେ ଧାନଚାଷ



**ଢି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗକରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୫/୨୦୨୪ Bhubaneswar, Wednesday, September 25/ 2024

# ଘରକୁ ଫେରିଲେ ଚେସ୍ ଚାମ୍ପିୟନ

ଚେନ୍ନାଇ,୨୪।୯(ପି.ଟି.)

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଐତିହାସିକ ପ୍ରଦର୍ଶନ ପରେ ଭାରତୀୟ ଦଳ ମଙ୍ଗଳବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚେନ୍ନାଇ ବିମାନବନ୍ଦରରେ ଡି.ଗୁକେଶ, ଆର. ପ୍ରଜ୍ଞାନନ୍ଦ, ଆର. ବୈଶାଳୀ ଓ କ୍ୟାପଟେନ୍ ଶ୍ରୀନାଥ ନାରାୟଣ ଓହ୍ଲାଇବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ମିଳିଥିଲା। ଭାରତ ଚେସ୍ ଅଲିମ୍ପିଆଡ୍ ଇତିହାସରେ ପ୍ରଥମ ଥର ପାଇଁ ଓପନ ଓ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପୁରୁଷ ଦଳ ପୂର୍ବରୁ ୨୦୧୪ ଓ ୨୦୨୨ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ମହିଳା ଦଳ ଚେନ୍ନାଇରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ବ୍ରୋଞ୍ଜ ଜିତି ଏହାର ଏକମାତ୍ର ପଦକ ହାସଲ କରିଥିଲା। ୪ ଜଣ ବିମାନ ବନ୍ଦରରୁ ବାହାରିବା ସମୟରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଥିଲା। ଭାରତୀୟ ପୁରୁଷ ଦଳର ସ୍ୱର୍ଣ୍ଣ ବିଜୟରେ ଗୁକେଶଙ୍କ ବଡ ଭୂମିକା ରହିଥିଲା। ୧୮ ବର୍ଷୀୟ ଗୁକେଶ ବୋର୍ଡ-୧ରେ ଖେଳି ୧୦ ମ୍ୟାଚ୍‌ରୁ ୮ ବିଜୟ ହାସଲ କରିଥିଲେ। ଚେସ୍ ଇତିହାସରେ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ଗୁକେଶ ଆସନ୍ତା ନଭେମ୍ବରରେ ଚାଇନାର ଡିଙ୍ଗ ଲିରେନଙ୍କୁ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବେ। ଉଭୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଏହା ଆମ ପାଇଁ ବେଶ୍ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି।

ପୁରୁଷ ଦଳର ଅନ୍ୟତମ ସଦସ୍ୟ ଆର. ପ୍ରଜ୍ଞାନନ୍ଦ ମଧ୍ୟ ସମାନ ମତ ରଖିଛନ୍ତି। ଗତ ସଂସ୍କରଣରେ ଆମେ ବ୍ରୋଞ୍ଜ ଜିତିଥିବା ବେଳେ ହଙ୍ଗେରୀରେ ସ୍ୱର୍ଣ୍ଣ ବିଜୟ ପାଇଁ ମୁଁ ନିଜକୁ ଗର୍ବିତ ମନେକରୁଛି ବୋଲି କହିଛନ୍ତି ପ୍ରଜ୍ଞାନନ୍ଦ। ଚେସ୍ ଅଲିମ୍ପିଆଡ ଏକମାତ୍ର ଇଭେଣ୍ଟ ଯେଉଁଥିରେ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କୁ ଏକତ୍ରିତ ହୋଇ ଖେଳିବାକୁ ପଡିଥାଏ। ସେ ଦୃଷ୍ଟିରୁ ଏହି ଇଭେଣ୍ଟ ବେଶ୍ ସ୍ୱତନ୍ତ୍ର ବୋଲି କହିଛନ୍ତି ପ୍ରଜ୍ଞାନନ୍ଦ।

ମହିଳା ଗ୍ରାଣ୍ଡମାଷ୍ଟର ଆର.ବୈଶାଳୀ ସ୍ୱର୍ଣ୍ଣ ପଦକ ବିଜୟ ଆତ୍ମସନ୍ତୁଷ୍ଟି ପ୍ରଦାନ କରିଛି ବୋଲି କହିଛନ୍ତି। ଚେନ୍ନାଇରେ ମହିଳା ଦଳ ସ୍ୱର୍ଣ୍ଣ ଦୌଡରେ ଥିଲେ ମଧ୍ୟ ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲା। ଚଳିତ ସଂସ୍କରଣରେ ଭାରତୀୟ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିପାରିଛି ବୋଲି କହିଛନ୍ତି ବୈଶାଳୀ। ଟିମ୍ କ୍ୟାପ୍‌ଟେନ ରହିଥିବା ନାରାୟଣନ ଶ୍ରୀନାଥ ମଧ୍ୟ ସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ତ ଖେଳାଳି ପ୍ରଫେଶନାଲ ଥିବାରୁ ସେମାନଙ୍କୁ ବିଶେଷ ପରାମର୍ଶର ଆବଶ୍ୟକତା ନ ଥିଲା। ସମସ୍ତେ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ ଥିଲେ। ୨୦୧୬ରେ ଆମେ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଯୁବ ଖେଳାଳିମାନେ ଚେସ୍‌ର ଭବିଷ୍ୟତ ପରିବର୍ତ୍ତନ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି।



ଚେନ୍ନାଇ ବିମାନବନ୍ଦରରେ ପଦକ ଦେଖାଉଛନ୍ତି ଡି. ଗୁକେଶ।

## ପାରାଲିମ୍ପିକ ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର

ନୂଆଦିଲ୍ଲୀ, ୨୪।୯ (ପି.ଟି.)

ଗତମାସରେ ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିଥିବା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କ ଲାଗି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ମଙ୍ଗଳବାର ମୋଟ ୫୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ପ୍ୟାରିସ ଗେମ୍ସରେ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ମୋଟ ୫ ପଦକ (୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ) ଜିତିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୩ କାଟେଗୋରିରେ ସ୍ୱର୍ଣ୍ଣ ଜିତିଥିବା ନୀତେଶ କୁମାର ୧୫ ଲକ୍ଷ ଟଙ୍କା ପାଇବେ। ଦୁଇ ରୌପ୍ୟ ବିଜେତା ସୁହାସ ଯତିରାଜ (ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ-୪) ଓ ତୁଳସୀମାଥି ମୁରୁଗେସାନ (ମହିଳା ସିଙ୍ଗଲ୍ସ ଏସ୍‌ୟୁ-୫) ୧୦ ଲକ୍ଷ ଟଙ୍କା ଲେଖାଏ ପାଇବେ। ସେହିପରି ଦୁଇ ବ୍ରୋଞ୍ଜ ବିଜେତା ମନୀଷା ରାମାଦାସ (ମହିଳା ସିଙ୍ଗଲ୍ସ ଏସ୍‌ୟୁ୫) ଓ ନିଥ୍ୟା ଶ୍ରୀ ସିଭାନ (ମହିଳା ସିଙ୍ଗଲ୍ସ ଏସ୍‌ଏଚ୍-୬ କାଟେଗୋରି) ୭.୫ ଲକ୍ଷ ଟଙ୍କା ଲେଖାଏଁ ପାଇବେ। ପାରାଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପଦକ ଜିତି ତୁଳସୀମାଥି, ମନୀଷା ଓ ନିଥ୍ୟା ଇତିହାସ ସୃଷ୍ଟି କରିଛନ୍ତି। ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରରେ କ୍ରମାଗତ ଭଲ ପ୍ରଦର୍ଶନ କରି ଆସିବା ସହ ଦେଶ ପାଇଁ ପଦକ ଜିତୁଛନ୍ତି। ସେମାନଙ୍କ ଦକ୍ଷତାକୁ ସ୍ୱୀକୃତି ଦେବା ପାଇଁ ଏହି ପୁରସ୍କାର ବ୍ୟବସ୍ଥା କରାଯାଇଥିବା ବାଇ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି।

# ଆଜି କ୍ୟାପିଟାଲ୍ସ-ସୁପରଷ୍ଟାର୍ସ ଲଢ଼େଇ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ଯୋଧପୁର,୨୪।୯

ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ବୁଧବାର ପରସ୍ପରକୁ ଭେଟିବେ ଇଣ୍ଡିଆ କ୍ୟାପିଟାଲ୍ସ ଓ ସଦର୍ନ ସୁପରଷ୍ଟାର୍ସ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିଥିବା ବେଳେ ବିଜୟ ହାସଲ କରିଛନ୍ତି। ସୁପରଷ୍ଟାର୍ସ ଦଳ ନେଟ୍ ରନରେଟରେ ଆଗୁଆ ରହି ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେ ଶୀର୍ଷ ସ୍ଥାନ ହାସଲ କରିବ। ସୁପରଷ୍ଟାର୍ସ ଏହାର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଗ୍ରେଟ୍ସକୁ ୨୬ ରନ୍‌ରେ ହରାଇଥିଲା। ଅନ୍ୟ ପକ୍ଷରେ ତୋୟାମ ହାଇଦ୍ରାବାଦ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୧ ରନରେ ବିଜୟ ହାସଲ କରିଥିଲା କ୍ୟାପିଟାଲ୍ସ। ଦଳ ପକ୍ଷରୁ ବେନ୍ ଡଙ୍କ ଚମତ୍କାର ବ୍ୟାଟିଂ କରିଥିବା ବେଳେ କଲିନ୍ ଡି ଗ୍ରାଣ୍ଡହୋମ ଓ ଆସଲେ ନର୍ସ ତାଙ୍କୁ ସହାୟତା କରିଥିଲେ। ସେହିପରି ବୋଲିଂରେ ରାହୁଲ ଶର୍ମା ଓ ଧୱଲ କୁଲକର୍ନି ଚମତ୍କାର ପ୍ରଦର୍ଶନ ଦେଇଥିଲେ।

ଅନ୍ୟ ପକ୍ଷରେ ସଦର୍ନ ଷ୍ଟ୍ରାଇକର୍ସ ଏହାର ବୋଲରଙ୍କ ପ୍ରଦର୍ଶନ ବଳରେ ଦମଦାର ବିଜୟ ହାସଲ କରିଥିଲା। ଲୋ ସ୍କୋରିଂ ମ୍ୟାଚ୍‌ରେ ମନନ ଶର୍ମା ୬ ଉଇକେଟ ନେବାରୁ ଗୁଜରାଟ ଗ୍ରେଟ୍ସକୁ ୨୬ ରନ୍‌ରେ ହରାଇଥିଲା ଏହି ଦଳ।




# ଏଆଇଟିଏକୁ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ,୨୪।୯(ପି.ଟି.)

ଭାରତର ପୂର୍ବତନ ଡେଭିସ୍ କପ୍ ଟେନିସ୍ ଖେଳାଳି ସୋମଦେବ ଦେବବର୍ମନଙ୍କ ପିଟିଶନ୍ ଆଧାରରେ ସର୍ବଭାରତୀୟ ଟେନିସ୍ ଆସୋସିଏଶନ୍ (ଏଆଇଟିଏ)କୁ ମଙ୍ଗଳବାର ନୋଟିସ୍ ଜାରି କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ସ୍ପୋର୍ଟ୍ସ କୋଡ୍‌ର ଉଲ୍ଲଂଘନ ମାମଲାରେ ଉଭୟ ଏଆଇଟିଏ ଓ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ପୁରୁଷେନ୍ଦ୍ର କୁମାର କୌରବ ନୋଟିସ୍ ପଠାଇଛନ୍ତି। ସୋମଦେବ ଓ ପୂର୍ବତନ ଡବଲ୍ସ ଖେଳାଳି ପୂରବ ରାଜାଙ୍କ ପକ୍ଷରୁ ଏହି ପିଟିଶନ୍ ଦାଖଲ କରାଯାଇଥିଲା। ଏହା ସହ ସେପ୍ଟେମ୍ବର ୨୮ ତାରିଖରେ ହେବାକୁ ଥିବା ନିର୍ବାଚନ ଉପରେ ମଧ୍ୟ ଆଂଶିକ ରୋକ ଲାଗିଛି। ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେଲେ ମଧ୍ୟ କୋର୍ଟଙ୍କ ରାୟ ନ ଆସିବା ଯାଏ ଫଳାଫଳ ଘୋଷଣା କରାଯିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଆଇଟିଏ ନିର୍ବାଚନରେ ଅନିୟମିତତା କାରଣରୁ ଏହି ପିଟିଶନ୍ ଦାଖଲ କରିଥିବା ଜଣାପଡିଛି।



ସୋମଦେବ ଦେବବର୍ମନ

**ମାକାଉ ଓପନ ବ୍ୟାଡ୍‌ମିଣ୍ଟନ**

## ତ୍ରିସା-ଗାୟତ୍ରୀ ଦ୍ୱିତୀୟ ରାଉଣ୍ଡରେ

ମାକାଉ, ୨୪।୯ (ପି.ଟି.)

ତୃତୀୟ ସିଡ୍ ଭାରତୀୟ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏଠାରେ ଚାଲିଥିବା ମାକାଉ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚରେ ସେମାନେ ଜାପାନିଜ ଯୋଡ଼ି ଆକାରି ସାତୋ ଓ ମାୟା ତାଗୁଚିଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଭାରତୀୟ ଯୋଡ଼ି ଓପନିଂ ଗେମ୍ ହାରିଯିବା ପରେ ୧୫-୨୧, ୨୧-୧୬, ୨୧-୧୪ରେ ବିଜୟ ହାସଲ କରିଥିଲେ। ସେହିପରି ମହିଳା ଡବଲ୍ସ କ୍ୱାର୍ଟରଫାଇନାଲ କ୍ୱାଲିଫିକେଶନ ମ୍ୟାଚରେ ଭାରତର ସିକ୍କି ରେଡ୍ଡୀ ଓ ରତ୍ୱିକା ଶିବାନୀ ହଂକଂ-ଚାଇନାର ଚେଉଙ୍ଗ ୟାନ ୟୁ ଓ ଟୁ ୱିଙ୍ଗ୍ ଟିଙ୍ଗ୍‌କୁ ୨୧-୧୫, ୨୧-୧୦ରେ ପରାସ୍ତ କରିଛନ୍ତି।

# ଜର୍ମାନୀ ବିପକ୍ଷରେ ୨ ମ୍ୟାଚ୍ ଖେଳିବ ଭାରତ



ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।

ନୂଆଦିଲ୍ଲୀ,୨୪।୯(ପି.ଟି.)

ଭାରତୀୟ ପୁରୁଷ ହକି ଦଳ ଜର୍ମାନୀ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ହକି ଟେଷ୍ଟ ସିରିଜ୍ ଖେଳିବ। ଆସନ୍ତା ଅକ୍ଟୋବର ୨୩ ଓ ୨୪ ତାରିଖରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଉଭୟ ଦଳ ଶେଷ ଥର ପାଇଁ ପ୍ୟାରିସ୍ ଅଲିମ୍ପିକ୍ସର ସେମି ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଜର୍ମାନୀ ସେମି ଫାଇନାଲ ମ୍ୟାଚ୍‌କୁ ୩-୨ରେ ଜିତି ନେଇଥିବା ବେଳେ ଭାରତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ସ୍ପେନ୍‌କୁ ପରାସ୍ତ କରିଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଙ୍ଗଳବାର ଏହି ସିରିଜ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଜର୍ମାନୀ ବିପକ୍ଷ ଏହି ଦ୍ୱିପାକ୍ଷିକ ସିରିଜ୍‌ରେ ବିଶ୍ୱସ୍ତରୀୟ ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ତିର୍କୀ କହିଛନ୍ତି। ଉଭୟ ଭାରତ ଓ ଜର୍ମାନୀରେ ହକିର ଏକ ଭିନ୍ନ ସଂସ୍କୃତି ରହିଛି। ଉଭୟ ଦଳକୁ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଏହି ସିରିଜ୍‌ରେ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଭାରତକୁ ଏହି ଇଭେଣ୍ଟ ଆୟୋଜନ କରିବା ନେଇ ଗର୍ବିତ ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି। ଉଭୟ ରାଷ୍ଟ୍ର ମଧ୍ୟରେ କ୍ରୀଡ଼ା ମାଧ୍ୟମରେ ରାଜନୈତିକ ଓ ବାଣିଜ୍ୟିକ ସମ୍ପର୍କକୁ ଦୃଢ଼ କରିହେବ ବୋଲି ସେ ମତ ଦେଇଛନ୍ତି।

**ହକି ଟେଷ୍ଟ ସିରିଜ୍**

ହକି ଇଣ୍ଡିଆ ମହାସମ୍ପାଦକ ଭୋଳାନାଥ ସିଂ ମଧ୍ୟ ଜର୍ମାନୀ ସହ ମୁକାବିଲା ବେଶ ରୋଚକ ହେବ ବୋଲି ମତ ଦେଇଛନ୍ତି। ଜର୍ମାନୀ ପରି ଏକ ଦକ୍ଷ ଦଳ ବିପକ୍ଷରେ ଖେଳିବା ପାଇଁ ଆମ ଖେଳାଳିମାନେ ଉତ୍ସାହିତ ଥିବା କହିଛନ୍ତି ଭୋଳାନାଥ। ଉଭୟ ଦଳ ପାଇଁ ଏହା ଏକ ଭଲ ସୁଯୋଗ ବୋଲି ମଧ୍ୟ ସେ କହିଛନ୍ତି। ଭାରତୀୟ ପରିବେଶର ଚ୍ୟାଲେଞ୍ଜ ପାଇଁ ଜର୍ମାନୀ ଦଳ ପ୍ରସ୍ତୁତ ବୋଲି କହିଛନ୍ତି ଜର୍ମାନୀ ହକି ଫେଡେରେଶନ ସଭାପତି ହେନିଙ୍ଗ ଫାଷ୍ଟ୍ରିଚ୍।

# ୟୁଏଇ ଗସ୍ତ କଲା ଭାରତ



ଖବରଦାତା ସମ୍ମିଳନୀରେ ହରମନପ୍ରୀତ୍ କୌର ଓ ଅମୋଲ ମଜୁମଦାର।

**ମହିଳା ଟି୨୦ ବିଶ୍ୱକପ୍**

ମୁମ୍ବାଇ,୨୪।୯(ପି.ଟି.)

ମହିଳା ଟି୨୦ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ୟୁଏଇ ଅଭିମୁଖେ ଯାତ୍ରା କରିଛି। ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଭାରତ ଛାଡିବା ଆଗରୁ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ମୁଖ୍ୟ କୋଚ୍ ଅମୋଲ ମଜୁମଦାର, ମୁଖ୍ୟ ଚୟନକର୍ତ୍ତା ନୀତୁ ଡେଭିଡ୍ ଓ ହରମନ୍‌ପ୍ରୀତ୍। ଭାରତୀୟ ଦଳ ବିଗତ କିଛିବର୍ଷ ଧରି ଆଇସିସି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଛି। ୨୦୧୭ ଦିନିକିଆ ବିଶ୍ୱକପ ଓ ୨୦୨୦ ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିବା ବେଳେ ଉଭୟ ଥର ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା। ସେହିପରି ଶେଷ ଥର ପାଇଁ ୨୦୨୩ରେ ମଧ୍ୟ ଭାରତୀୟ ଦଳ ସେମି ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଦଳ ନିକଟରେ ଦକ୍ଷତାର ଅଭାବ ନ ଥିଲେ ମଧ୍ୟ ବଡ ମ୍ୟାଚ୍‌ରେ ଖେଳାଳିମାନେ ବିଫଳ ହେଉଛନ୍ତି। ଚଳିତ ବିଶ୍ୱକପ ପାଇଁ ଦଳର ପ୍ରସ୍ତୁତି ଜୋରଦାର ରହିଥିବା କହିଛନ୍ତି ହରମନ୍‌ପ୍ରୀତ। ଏସିଆ କପ୍‌ରେ ଦଳ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ସମସ୍ତେ ଭଲ ଫର୍ମରେ ରହିଛନ୍ତି। ଭାରତ ଇତିମଧ୍ୟରେ ଏକାଧିକ ବିଶ୍ୱକପ ଖେଳିଛି। ତେବେ ପ୍ରଥମ ଥର ଖେଳିବା ବେଳେ ଯେଉଁ ଉତ୍ସାହ ଥିଲା ୩୫ ବର୍ଷ ବୟସରେ ମଧ୍ୟ ସମାନ ଭାବରେ ସେ ଉତ୍ସାହିତ ଥିବା କହିଛନ୍ତି ହରମନପ୍ରୀତ୍। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବରେ ରହିବେ ବୋଲି ମଧ୍ୟ କୌର ସୂଚନା ଦେଇଛନ୍ତି। ବର୍ତ୍ତମାନ ଦଳର ଶକ୍ତି ଓ ସାମର୍ଥ୍ୟକୁ ଦେଖିଲେ ଆମେ ବିଶ୍ୱର କୌଣସି ଦଳକୁ ହରାଇବାରେ ସକ୍ଷମ। ପୂର୍ବରୁ ଟୁର୍ନାମେଣ୍ଟ ବାଂଲାଦେଶରେ ହେବାର ଥିଲା। ରାଜନୈତିକ ଅସ୍ଥିରତା କାରଣରୁ ଏହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟ ସ୍ଥାନର ପରିବେଶ ମଧ୍ୟରେ ବିଶେଷ ଫରକ ନ ଥିବାରୁ ଏହା ଆମକୁ ସହାୟକ ହେବ ବୋଲି ମଧ୍ୟ ସେ କହିଛନ୍ତି। ବେଙ୍ଗାଲୁରୁସ୍ଥିତ ଏନ୍‌ସିଏରେ ଦଳର ସମସ୍ତ ଖେଳାଳି ଜୋରଦାର ପ୍ରସ୍ତୁତି କରିଥିବା କହିଛନ୍ତି ମୁଖ୍ୟ କୋଚ୍ ଆମୋଲ ମଜୁମଦାର।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ